# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୮/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, September 8 / 2019 ★★

୧୫ଶ ଭାଗ ୨୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

## ବହୁ-ଗ୍ରହୀୟ ଜୀବନ

**ଆଜିର ମନ୍ତବ୍ୟ**

"ଆଗାମୀ ୧୪ ଦିନ ମଧ୍ୟରେ ଲ୍ୟାଣ୍ଡର ସହ ଯୋଗାଯୋଗ ଲାଗି ପ୍ରୟାସ ଜାରି ରହିବା

-କେ. ଶିବନ୍, ଇସ୍ରୋ ଅଧ୍ୟକ୍ଷ


ଗଗନଯାନରେ ମହାକାଶ ଯିବେ ବଲାଙ୍ଗୀରର ନିଖିଲ ....... ୫ .......

୩ ଭଉଣୀଙ୍କ ଆତ୍ମହତ୍ୟା ଉଦ୍ୟମ ....... ୫ .......

ପୁରୀରେ ଉଚ୍ଛେଦର ସ୍ଥିତି ପରଖିଲେ ଆମିକସ୍ କ୍ୟୁରି ....... ୪ .......


■ ଦଶଗୁଣା ଜରିମାନାକୁ ନେଇ ତାତିଲେ ଲୋକେ

# ପୋଲିସ-ଜନତା ଖଣ୍ଡଯୁଦ୍ଧ

**ରାଜମହଲ ରଣକ୍ଷେତ୍ର**

- ବଡ଼ବଡ଼ିଆଙ୍କ ଗାଡ଼ି ଛାଡ଼ି ଆମ୍ବୁଲାନ୍ସ ଅଟକାଇ ଜରିମାନା ନେଉଥିଲେ
- ଥାନା ଗାଡ଼ି କାଗଜପତ୍ର ଦେଖାଇଲେନି, ମଦ୍ୟପ ଡ୍ରାଇଭରଙ୍କୁ ଛାଡ଼ିଦେଲେ
- ପିସିଆର୍ ଭ୍ୟାନ୍‌ରୁ ବିୟର କେନ୍ ବାହାରିବା ପରେ ବଢ଼ିଲା ଉତ୍ତେଜନା
- ପୋଲିସକୁ ଆକ୍ରମଣ, ଲାଠି ଚାର୍ଜ ପରେ ପଥର, ବୋତଲ ମାଡ଼
- ୫ ପୋଲିସ ସମେତ ୧୦ ଆହତ, ୫ ଅଟକ

ଭୁବନେଶ୍ୱର,୭।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନ ଲାଗୁହେବା ପରେ ପୋଲିସ ଏବଂ ଆର୍‌ଟିଓ ଯାଞ୍ଚକୁ କଡ଼ାକଡ଼ି କରିଛି। ୧୦ଗୁଣା ଅଧିକ ଜରିମାନାକୁ ନେଇ ଲୋକେ ଅତିଷ୍ଠ ହୋଇପଡିଥିବାବେଳେ ଯାଞ୍ଚ ସମୟରେ ଜୁଲମ୍‌ର ଫଳ ଶନିବାର ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସକୁ ଅଟକାଇ ଜରିମାନା ଆଦାୟ କରିଥିବା ପୋଲିସ ନିଜ ଭ୍ୟାନ୍‌ର କାଗଜପତ୍ର ଦେଖାଇ ନ ପାରିବାରୁ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ପୋଲିସ-ଜନତା ମୁହାଁମୁହିଁ ହେବା ସହ ୫ ଘଣ୍ଟା ଧରି ରାଜମହଲ ଛକ ରଣକ୍ଷେତ୍ର ପାଲଟିଥିଲା। ଉତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କରିବା ସହ ଟେକାପଥର ମାଡ଼ କରିଥିବାବେଳେ ପୋଲିସ ଲାଠି ଚାର୍ଜ କରିଥିଲା। ଏଥିରେ ୫ ଜଣ ପୋଲିସ, ୩ ଖବରଦାତା ଓ ୨ ସାଧାରଣ ଲୋକ ଆହତ ହୋଇଛନ୍ତି। ଜରିମାନାକୁ ନେଇ ପ୍ରଥମଥର ପାଇଁ ଏଭଳି ଖଣ୍ଡଯୁଦ୍ଧ ହୋଇଥିବାବେଳେ ଏହା ଏବେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।

ଅପରାହ୍ନ ପ୍ରାୟ ୧୨ଟା ୪୫ ହେବ। ରାଜମହଲ ଛକରେ କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ଘରୋଇ ଆମ୍ବୁଲାନ୍ସ ମୃତଦେହ ନେଇ ରାଜମହଲରୁ ଶିଶୁ ଭବନ ଅଭିମୁଖେ ଯାଉଥିଲା। ଡ୍ରାଇଭର ସିଟ୍ ବେଲ୍ଟ ପିନ୍ଧି ନ ଥିବାରୁ ପୋଲିସ ଅଟକାଇଥିଲା। ବ୍ୟସ୍ତତା ମଧ୍ୟରେ ସିଟ୍ ବେଲ୍ଟ ବାନ୍ଧିବାକୁ ମନ ନ ଥିବା ଡ୍ରାଇଭର ଜଣକ କହିବା ସହ ଛାଡ଼ି ଦେବାକୁ କାକୁତି ମିନତି ହୋଇଥିଲେ। କିନ୍ତୁ ପୋଲିସ କିଛି ନ ଶୁଣି ତାଙ୍କଠାରୁ ୧୦୦୦ଟଙ୍କା ଜରିମାନା କାଟିଥିଲେ। ହେଲେ ଏହିସମୟରେ ସେହିବାଟ ଦେଇ ଯାଉଥିବା ଏକ ବିଏମ୍‌ଡବ୍ଲ୍ୟୁ ଗାଡ଼ି ଓ ବିଏମ୍‌ସିର ଅଳିଆବୁହା ଗାଡ଼ିକୁ ପୋଲିସ ଛାଡ଼ି ଦେଉଥିବା ଦେଖି ପ୍ରଥମେ ଶିଶୁପାଳଗଡ଼ର ରାଜେଶ ସାହୁ ପ୍ରତିବାଦ କରିଥିଲେ। ଇତିମଧ୍ୟରେ ଜଣେ ମହିଳା ଖବରଦାତା ସିଟ୍ ବେଲ୍ଟ ପିନ୍ଧି ନ ଥିବାରୁ ତାଙ୍କୁ ମଧ୍ୟ ପୋଲିସ ଅଟକାଇ କାଗଜପତ୍ର ମାଗିଥିଲେ। କିନ୍ତୁ ସେ ନିଜ ଗାଡ଼ିର କାଗଜପତ୍ର ଦେଖାଇବା ପୂର୍ବରୁ ପୋଲିସ ଭ୍ୟାନ୍‌ର କାଗଜପତ୍ର ମାଗିଥିଲେ। ଏହାକୁ ଲୋକେ ସମର୍ଥନ ଜଣାଇ କାଗଜପତ୍ର ଦେଖାଇବାକୁ ଜିଦ୍ ଧରିବାରୁ ପୋଲିସ ଅଡୁଆରେ ପଡିଯାଇଥିଲା। ସେପଟେ ଆଉ କିଛି ଲୋକ ବିଏମ୍‌ସି ଟ୍ରକ୍‌କୁ ରାସ୍ତା ମଝିରେ ଅଟକାଇଥିଲେ। ଡ୍ରାଇଭର ଜଣକ ମଦ ପିଇଥିବାବେଳେ ଗାଡ଼ିର ପରମିଟ ଓ ପଲ୍ୟୁଶନ ସାର୍ଟିଫିକେଟ ନ ଥିବା ଜଣାପଡିଥିଲା। ଲୋକେ ପୋଲିସକୁ ଏହାର ଉତ୍ତର ମାଗିଥିଲେ। ଡିଏଲ୍, ପଲ୍ୟୁଶନ ସାର୍ଟିଫିକେଟ, ଇନ୍ସ୍ୟୁରାନ୍ସ ଓ ଅନ୍ୟ କାଗଜପତ୍ର ତୁରନ୍ତ ଦେଖାଅ ଦାବି କରି ହୋହଲ୍ଲା କରିଥିଲେ। ଏଥିସହ ଉକ୍ତ ଟ୍ରକ୍‌ରୁ ଜରିମାନା ଆଦାୟ କରିବାକୁ ପୋଲିସକୁ କହିଥିଲେ। ମାତ୍ର ପୋଲିସ ଜରିମାନା ନ ଆଣି ମଦ୍ୟପ ଡ୍ରାଇଭରଙ୍କୁ ଛାଡ଼ି ଦେଇଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ଧୀରେ ଧୀରେ ମୁହାଁମୁହିଁ ପରିସ୍ଥିତିକୁ ଯାଇଥିଲା। ଉତ୍ତେଜନା ଖବର ପାଇ ସେଠାରେ ଆଉ ଏକ ପୋଲିସ ଭ୍ୟାନ୍ ପହଞ୍ଚିଥିଲା। ହେଲେ ଭ୍ୟାନ୍‌ର ଡ୍ରାଇଭର ସିଟ୍ ବେଲ୍ଟ ପିନ୍ଧି ନ ଥିବା ଦେଖି ଲୋକେ ପ୍ରଶ୍ନ କରିବା ସହ ଘେରିଯାଇ କାଗଜପତ୍ର ମାଗିଥିଲେ। ଏପରିକି ଭ୍ୟାନ୍ ଭିତରେ ବିୟର କେନ୍ ☞ପୃଷ୍ଠା-୪



ଜଣେ ଯୁବକଙ୍କୁ ପୋଲିସ ପିଟୁଛି।
(ଫଟୋ ଫିଚର ପୃଷ୍ଠା-୭)





# ଗ୍ରାହକଙ୍କୁ ମନ୍ତ୍ରମୁଗ୍ଧ କରିଛି ଲାଲ୍‌ଚାନ୍ଦ୍‌ର ଫ୍ଲାଗ୍‌ସିପ୍ ସୋରୁମ୍

# ଆଜି ରିହାତି ଅଫରର ଶେଷ ଦିନ

ଲାଲ୍‌ଚାନ୍ଦର ଫ୍ଲାଗସିପ୍ ସୋରୁମ୍ ଗ୍ରାହକମାନଙ୍କୁ ମନ୍ତ୍ରମୁଗ୍ଧ କରିଛି । ବିଶ୍ୱସ୍ତରୀୟ ଅଳଙ୍କାର ଡିଜାଇନ୍ ଓ ଆକର୍ଷଣୀୟ ରିହାତି ଅଫରର ସୁଯୋଗ ନେବା ପାଇଁ ସଭିଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକମାନଙ୍କୁ ବିଶୁଦ୍ଧ ଅଳଙ୍କାର ସୁଲଭ ମୂଲ୍ୟରେ ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ଲାଲ୍‌ଚାନ୍ଦ୍ ଦୀର୍ଘ ଦଶନ୍ଧି ଧରି ନିଜର ପ୍ରତିଶ୍ରୁତି ବଜାୟ ରଖିଛନ୍ତି । ଗତ ୨ ତାରିଖ ଠାରୁ ୪ ତାରିଖ ବିଶେଷ ରିହାତି ଅଫର ଘୋଷଣା କରାଯାଇଥିଲା । କିନ୍ତୁ ଗ୍ରାହକମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ଅଫରର ସମୟସୀମା ୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା । ଆଜି ହେଉଛି ରିହାତି ଅଫର ଗୁଡ଼ିକର ସୁଯୋଗ ନେବା ପାଇଁ ଶେଷ ଦିନ ।

ରିହାତି ଅଫର ଗୁଡ଼ିକ ମଧ୍ୟରେ ରହିଛି - ''ସୁନା ଅଳଙ୍କାରର ଗଢା ମଜୁରୀ ଗ୍ରାମ୍ ପ୍ରତି ଫ୍ଲାଟ୍ ୨୯୯ ଟଙ୍କା, ହୀରା ଅଳଙ୍କାର ଓ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ଫ୍ଲାଟ୍ ୨୦% ରିହାତି, ରୂପା ଅଳଙ୍କାର ଗଢ଼ା ମଜୁରୀରେ ୫୦ ପ୍ରତିଶତ ରିହାତି, ଫ୍ୟାଶନ୍ ଜୁଏଲାରୀ ଉପରେ ୩୦ ପ୍ରତିଶତ ରିହାତି ଓ ଲାଇଫଷ୍ଟାଇଲ୍ ଆଇଟମ୍ ଉପରେ ୧୦ ପ୍ରତିଶତ ରିହାତି । ତା' ସହିତ ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର ରୂପାବାସନ କ୍ରୟ କଲେ ଏକ ସ୍ୱର୍ଣ୍ଣମୁଦ୍ରା ମାଗଣା ।ଏହି ଅଫର କେବଳ ଲାଲ୍‌ଚାନ୍ଦ୍‌ର ରଘୁନାଥପୁର ସୋରୁମ୍‌ରେ ଉପଲବ୍ଧ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହଜାର ହଜାର ଗ୍ରାହକଙ୍କ ଉପସ୍ଥିତିରେ ବଲିଉଡ୍ ଷ୍ଟାଇଲ୍ ଆଇକନ୍ ସୋନମ୍ କାପୁର୍ ଆହୂଜା ଗତ ୨ ତାରିଖରେ ରିବନ କାଟି ଏହି ସୋରୁମ୍ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଫାଉଣ୍ଡର୍ ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ, ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଅନଭିତା ହଂସ ଏବଂ ଦୀର୍ଘ ସମୟ ଧରି ଲାଲ୍‌ଚାନ୍ଦ୍ ଜୁଏଲର୍ସର ବ୍ରାଣ୍ଡ୍ ଆମ୍ବାସଡର୍ ରହିଥିବା ତଥା ଓଲିଉଡ୍ ଜଗତର କୁଇନ୍ ଶ୍ରୀମତୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ ।






ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସୋନମ କପୁର କହିଥିଲେ - ''ମୁଁ ସର୍ବଦା ଓଡିଶାରେ ଥିବା ମନ୍ଦିର, ସ୍ଥାପତ୍ୟ, ଓଡିଶୀ ନୃତ୍ୟ ଦେଖିବା ପାଇଁ ଓଡିଶା ପରିଭ୍ରମଣ କରିବାକୁ ଚାହୁଁଥିଲି ଏବଂ ଲାଲ୍‌ଚାନ୍ଦ୍ ଆଜି ମତେ ସେହି ସୁଯୋଗ ପ୍ରଦାନ କରିଛି । ମୁଁ ଅନେକ ଅଳଙ୍କାର ସୋରୁମ୍ ଦେଖିଛି, ମାତ୍ର ଏଭଳି ସୋ'ରୁମ୍ କେଉଁଠି ଦେଖିନଥିଲି । ଏଠାକାର ଅଳଙ୍କାରର କାରିଗରୀ ବିଶ୍ୱସ୍ତରୀୟ ।''

ଯାହାଙ୍କ ଯୋଗୁଁ ଲାଲ୍‌ଚାନ୍ଦ୍ ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ସଫଳତାର ଏକ ନୂତନ ଶିଖର ସ୍ପର୍ଶ କରିପାରିଛି, ସେ ହେଉଛନ୍ତି, ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସଂଜୟ ହଂସ । ଗଣମାଧ୍ୟମକୁ ସମ୍ବୋଧିତ କରିବା ଅବସରରେ ସେ କହିଥିଲେ - ''ଗ୍ରାହକ-ମାନଙ୍କର ଆମ ପ୍ରତି ଆସ୍ଥା ଓ ବିଶ୍ୱାସଯୋଗୁଁ ଆମେ ଆଜି ଏହି ସ୍ଥାନରେ ପହଂଚି ପାରିଛୁ । ସେଥିପାଇଁ ମୁଁ ସମସ୍ତ ଗ୍ରାହକ ବନ୍ଧୁଙ୍କୁ ଧନ୍ୟବାଦ ଜଣାଉଛି । ଲାଲ୍‌ଚାନ୍ଦ୍ ପ୍ରତି ସେମାନଙ୍କର ଅତୁଟ ବିଶ୍ୱାସ ହିଁ ଆମକୁ ଆଗକୁ ବଢ଼ିବା ପାଇଁ ସାହସ ଯୋଗାଇଛି ।''

ଲାଲ୍‌ଚାନ୍ଦ୍ ଜୁଏଲର୍ସର ନିର୍ଦ୍ଦେଶକ ଶ୍ରୀଯୁକ୍ତ କିଷନ୍ ଲାଲ୍ ଗୁପ୍ତା କହିଥିଲେ - ''ଗଣେଶ ଚତୁର୍ଥୀ ପରି ପବିତ୍ର ଦିନରେ ବଲିଉଡ୍ ଷ୍ଟାଇଲ୍ ଆଇକନ୍ ସୋନମ କପୁର ଆହୁଜା ଏବଂ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶ୍ରୀଯୁକ୍ତ ସଂଜୟ ହଂସଙ୍କ ଉପସ୍ଥିତିରେ ଏହି ବୃହତ୍ ସୋ ରୁମ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଗର୍ବର କଥା । ୩୦ହଜାର ବର୍ଗଫୁଟ ପରିମିତ ଚାରି ମହଲା ବିଶିଷ୍ଟ ଏହି ସୋ ରୁମ୍ ଉକ୍ତ ଅଞ୍ଚଳ ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିଛି'' ।

ଆକର୍ଷଣୀୟ ଅଫର୍‌ଗୁଡିକ ନିମନ୍ତେ ଆଜି ହିଁ ଶେଷ ଦିନ ଥିବାରୁ ଗ୍ରାହକମାନଙ୍କୁ ନନ୍ଦନକାନନ ରୋଡ୍ ସ୍ଥିତ ସୋରୁମ୍ ପରିଦର୍ଶନ କରି ଏହି ଅଫରର ସୁଯୋଗ ନେବା ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ତରଫରୁ ଅନୁରୋଧ କରାଯାଇଛି ।




ଉଦ୍‌ଘାଟନୀ ଉତ୍ସବ ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ ଓ ବଲିଉଡ୍ ଅଭିନେତ୍ରୀ ସୋନମ କାପୁର ଆହୁଜା




LALCHND
Odisha's Most Trusted Jeweller



"ଜମ୍ମୁ-କଶ୍ମୀରରେ ମାନବାଧିକାର ସୁରକ୍ଷା ଲାଗି ଶୀଘ୍ର ନିର୍ବାଚନ କରାଯିବାର ଆବଶ୍ୟକତା ରହିଛି।
-ମୋର୍ଗାନ ଓର୍ଟାଗସ୍,
ଆମେରିକା ପରରାଷ୍ଟ୍ର ବିଭାଗର ମୁଖପାତ୍ର



### ■ ଚନ୍ଦ୍ରଯାନ-୨: ଲକ୍ଷ୍ୟଠାରୁ ଦୁଇପାଦ ଦୂରରେ

# ବିକ୍ରମଙ୍କୁ ଠାବ ଉଦ୍ୟମ ଜାରି

**ବେଙ୍ଗାଲୁରୁ,୭।୯(ପି.ଟି.)**

ଭାରତର ଦ୍ୱିତୀୟ ଚନ୍ଦ୍ର ଅଭିଯାନ ଚନ୍ଦ୍ରୟାନ-୨ ଲକ୍ଷ୍ୟଠାରୁ ଦୁଇପାଦ ପଛରେ ରହିଯାଇଛି। ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠକୁ ଛୁଇଁବା ପାଇଁ ୨.୧ କି.ମି. ଦୂରତା ଥିବାବେଳେ ଏହା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ତେବେ ଏଥିରେ ନିରାଶ ନ ହୋଇ ଆଗକୁ ସାହସର ସହ ପ୍ରଚେଷ୍ଟା ଜାରି ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ବୈଜ୍ଞାନିକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହା ନିଶ୍ଚୟ ଏକ ନୂଆ ସକାଳ ତଥା ଉଜ୍ଜ୍ୱଳ ଭବିଷ୍ୟତ ଆଣିବ ବୋଲି ମୋଦି ଦୃଢ଼ୋକ୍ତି କରିଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲେ ମଧ୍ୟ ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ପାଇଁ ବୈଜ୍ଞାନିକମାନେ ଉଦ୍ୟମ ଅବ୍ୟହତ ରଖିଛନ୍ତି।

ପ୍ରଥମ ଥର ପାଇଁ ଚନ୍ଦ୍ରର ଅନାବିଷ୍କୃତ ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମକୁ ସୂକ୍ଷ୍ମ ଅବତରଣ କରାଇବା ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଯେଉଁ ଲକ୍ଷ୍ୟ ରଖିଥିଲା ତାହା ପୂରଣ ହୋଇପାରିଲା ନାହିଁ। ଶେଷ ମୁହୂର୍ତ୍ତରେ ଗ୍ରାଉଣ୍ଡ ଷ୍ଟେଶନ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା। ଏଥିପାଇଁ ମନ ଊଣା ନ କରିବାକୁ ପ୍ରଧାନମନ୍ତ୍ରୀ ଇସ୍ରୋ



ପରିସରରେ ବୈଜ୍ଞାନିକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ। ରାଷ୍ଟ୍ର ସେମାନଙ୍କ ପାଇଁ ଗର୍ବିତ ଏବଂ ସେମାନଙ୍କ ପଛରେ ରହିଛି। ଆଜି ଯେଉଁ ଶିକ୍ଷା ମିଳିଲା ତାହା ଆମକୁ ଅଧିକ ସୁଦୃଢ଼ ଏବଂ ଉନ୍ନତ କରିବ। ଆମକୁ ଆହୁରି ଆଗକୁ ଯିବାକୁ ହେବ ବୋଲି ମୋଦି କହିଥିଲେ।

ବିଫଳତାକୁ ନେଇ ଦୁଃଖିତ ଥିବା ବୈଜ୍ଞାନିକମାନଙ୍କ ମନକୁ ହାଲୁକା କରିବା ପାଇଁ ପ୍ରଧାନମନ୍ତ୍ରୀ କହିଥିଲେ, ଆମର କାବ୍ୟ ସାହିତ୍ୟରେ ଚନ୍ଦ୍ରକୁ ଏଭଳି ରୋମାଣ୍ଟିକ୍ କରାଯାଇଛି ଯେ, ଚନ୍ଦ୍ରଯାନ ଏହାକୁ କୋଳାଗ୍ରତ କରିବା ଦୌଡ଼ର ଶେଷ

**■ ନିରୁତ୍ସାହ ନ ହେବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ**

**■ ସବୁ ମହଲରୁ ଇସ୍ରୋକୁ ପ୍ରଶଂସା**

ପାଦରେ ରହିଯାଇଛି। 'ଭାରତ ମାତା କୀ ଜୟ'ରୁ ମୋଦି ତାଙ୍କର ଉଦ୍‌ବୋଧନ ଆରମ୍ଭ କରି ବୈଜ୍ଞାନିକମାନଙ୍କ ନିରାଶାଭାବ ଦୂରକରିବା ଲାଗି ବିଭିନ୍ନ ପରାମର୍ଶ ଦେଇଥିଲେ। ସେ ଭାବବିହ୍ୱଳ ଇସ୍ରୋ ଅଧ୍ୟକ୍ଷ କେ. ଶିବନଙ୍କୁ କୁଣ୍ଢାଇ ଧରିବା ସହ ଅନ୍ୟ ବୈଜ୍ଞାନିକମାନଙ୍କୁ ଜଣ ଜଣ କରି ଭେଟି କରମର୍ଦ୍ଦନ କରିଥିଲେ। ଇସ୍ରୋର ଅତୀତରେ ଚନ୍ଦ୍ର ଓ ମଙ୍ଗଳ ଅଭିଯାନ ସହ ଅନେକ ମିଶନ ସଫଳ ହୋଇଛି। ବିଜ୍ଞାନରେ ବିଫଳତା ନାହିଁ, କେବଳ ଅଭିଜ୍ଞତା ଓ ଉଦ୍ୟମରେ ତାହା ରହିଥିବା ମୋଦି କହିଥିଲେ।

କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ଦଳମତ ନିର୍ବିଶେଷରେ ବିଭିନ୍ନ ନେତା ଇସ୍ରୋକୁ ପ୍ରଶଂସା କରିବା ସହ ଉତ୍ସାହିତ କରିଛନ୍ତି। ଲ୍ୟାଣ୍ଡର ସହ ଶେଷ ମୁହୂର୍ତ୍ତରେ ସମ୍ପର୍କ ଛିନ୍ନ ହେବାକୁ ନେଇ ମନସ୍ତାପ ନ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଇସ୍ରୋ ପାଇଁ ଦେଶ ଗର୍ବିତ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଇସ୍ରୋର କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଆହୁରି ବଡ଼ ମିଶନ ପାଇଁ ଏହା ଭିତ୍ତିଭୂମି ବୋଲି ସୋନିଆ କହିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ଅଧ୍ୟକ୍ଷ ଅମିତ୍ ଶାହ କହିଛନ୍ତି, ଇସ୍ରୋର ଉଦ୍ୟମ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଦେଶ ତା'ର ପ୍ରତିବଦ୍ଧ ଓ କର୍ତ୍ତବ୍ୟନିଷ୍ଠ ବୈଜ୍ଞାନିକମାନଙ୍କ ପଛରେ ଛିଡ଼ା ହୋଇଥିବା ସେ କହିଛନ୍ତି। ଯେଉଁମାନେ ଉଦ୍ୟମ କରନ୍ତି ସେମାନେ କେବେ ହାରନ୍ତିନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଇସ୍ରୋ ବୈଜ୍ଞାନିକମାନଙ୍କୁ ସେମାନଙ୍କ ଅବିଶ୍ୱସନୀୟ କାର୍ଯ୍ୟ ପାଇଁ ଉଚ୍ଚପ୍ରଶଂସା କରିଛି। ସେମାନଙ୍କ ତ୍ୟାଗ କେବେ ବ୍ୟର୍ଥ ଯିବ ନାହିଁ। ଭବିଷ୍ୟତର ବଡ଼ ମହାକାଶ ମିଶନ ପାଇଁ ଏହା ମୂଳଦୁଆ ପକାଇଥିବା ରାହୁଲ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ବୈଜ୍ଞାନିକମାନଙ୍କୁ ମନ ଊଣା ନ କରିବାକୁ ପରାମର୍ଶ ଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ଇସ୍ରୋର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ପରବର୍ତ୍ତୀ ପଦକ୍ଷେପ ନିଶ୍ଚୟ ସଫଳ ଓ ଅଧିକ ସନ୍ତୋଷଜନକ ହେବ ବୋଲି ସିପିଆଇ-ଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି।

ଜୁଲାଇ ୨୨ରେ ଲଞ୍ଚ ହୋଇଥିବା ଚନ୍ଦ୍ରୟାନ-୨ ଶୁକ୍ରବାର ରାତି ୧ଟା ୫୩ରେ ଜହ୍ନର ଦକ୍ଷିଣ ମେରୁକୁ ସ୍ପର୍ଶ କରିବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ 'ବିକ୍ରମ' ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଚନ୍ଦ୍ରରେ ସୂକ୍ଷ୍ମ ଅବତରଣର ଶେଷ ୧୫ ମିନିଟ ଅତିକ୍ରମ କରିବା ପରେ ମଧ୍ୟ କଣ୍ଟ୍ରୋଲ ରୁମ୍‌କୁ କୌଣସି ସୂଚନା ମିଳି ନ ଥିଲା। ୯୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚନ୍ଦ୍ରୟାନ-୨ର ସଫଳତା ଉପରେ କେବଳ ଭାରତ ନୁହେଁ, ସାରା ବିଶ୍ୱର ବୈଜ୍ଞାନିକମାନଙ୍କ ନଜର ରହିଥିଲା।

## ମିଶନ ୯୫ ପ୍ରତିଶତ ସଫଳ

**ନୂଆଦିଲ୍ଲୀ,୭।୯**

ଇସ୍ରୋ ଚନ୍ଦ୍ରୟାନ-୨କୁ ନେଇ ସବୁ ଆଶା ହରାଇନାହିଁ। ଆଗାମୀ ୧୪ ଦିନ ମଧ୍ୟରେ ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ସ୍ଥାପନ ପାଇଁ ଉଦ୍ୟମ କରାଯିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ ଗଣମାଧ୍ୟମକୁ କହିଛନ୍ତି। ବିକ୍ରମର ଆୟୁଷ ୧୪ ଦିନ ହୋଇଥିବାରୁ ଏହା ମଧ୍ୟରେ ବୈଜ୍ଞାନିକମାନେ ଯୋଗାଯୋଗ ଲାଗି ଉଦ୍ୟମ ଜାରି ରଖିବେ। ଭାରତର ପରବର୍ତ୍ତୀ ମହାକାଶ କାର୍ଯ୍ୟକ୍ରମ ପ୍ରଭାବିତ ହେବ ନାହିଁ ବୋଲି ଶିବନ ସ୍ପଷ୍ଟ କରିଛନ୍ତି। ଇସ୍ରୋର ଗଗନୟାନ ଯୋଜନା ୨୦୨୦ ସୁଦ୍ଧା ଶେଷ ହେବ ବୋଲି ସେ କହିଛନ୍ତି। ଚନ୍ଦ୍ରୟାନ-୨ ମିଶନ୍‌ରେ ଇସ୍ରୋକୁ ୯୫ ପ୍ରତିଶତ ସଫଳତା ମିଳିଛି। ଲ୍ୟାଣ୍ଡର ବିକ୍ରମ ଅବତରଣ କରିଥିଲେ ଏଥିରେ ଥିବା ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠର କେତେକ ଫଟୋ ପଠାଇଥାନ୍ତା। ଏହାଦ୍ୱାରା ଚନ୍ଦ୍ରର ପୃଷ୍ଠଭାଗ ସମ୍ପର୍କରେ କେତେକ ଅଜଣା ତଥ୍ୟ ମିଳିଥାନ୍ତା। ତେବେ ଏହି ମିଶନରେ ରୋଭରର କାର୍ଯ୍ୟ ମାତ୍ର ୫ ପ୍ରତିଶତ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଅର୍ବିଟର ଆସନ୍ତା ଏକବର୍ଷ ପର୍ଯ୍ୟନ୍ତ ଚନ୍ଦ୍ରକୁ ପରିକ୍ରମା କରିବ। ଏହା ସହାୟତାରେ ମଧ୍ୟ



**୧୪ ଦିନରେ ସଂଯୋଗ ସ୍ଥାପନ ଉଦ୍ୟମ କରିବୁ:ଇସ୍ରୋ ଅଧ୍ୟକ୍ଷ**

ଇସ୍ରୋର ଚନ୍ଦ୍ର ମିଶନ ଆଗେଇ ପାରିବ। ବିକ୍ରମ ଚନ୍ଦ୍ରପୃଷ୍ଠଠାରୁ ୨.୧ କିଲୋମିଟର ଉଚ୍ଚତାରେ ଥିବା ସମୟରେ ଇସ୍ରୋ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହା ଧ୍ୱଂସ ହୋଇଯାଇଛି କିମ୍ବା ଅନ୍ୟ କିଛି ହୋଇଛି ସେନେଇ କୌଣସି ତଥ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ତେବେ ଅର୍ବିଟର ଚନ୍ଦ୍ରର ପରିକ୍ରମା କରିବା ସମୟରେ ବିକ୍ରମର ପ୍ରକୃତ ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରେରଣ କରିବାର ଆଶା ଥିବା ଇସ୍ରୋ ମହାକାଶ ବିଜ୍ଞାନୀ କହିଛନ୍ତି। ଏନେଇ ଅନୁଧ୍ୟାନ କରାଯାଉଛି ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

### ■ ବିଦେଶୀ ଗଣମାଧ୍ୟମର ପ୍ରତିକ୍ରିୟା

## ମିଶନ ବିଫଳ ହୋଇନି

**ୱାଶିଂଟନ/ ଲଣ୍ଡନ, ୭।୯(ପି.ଟି.)**

ଭାରତର ଚନ୍ଦ୍ରୟାନ-୨କୁ ନେଇ ବିଦେଶୀ ଗଣମାଧ୍ୟମର ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଭାରତକୁ ସ୍ପେସ୍ ସୁପର୍‌ପାୱାର କରିବା ଲାଗି ପ୍ରୟାସ କରୁଥିବା ଦର୍ଶାଯାଇଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାର ୨ କି.ମି. ପୂର୍ବରୁ ଲ୍ୟାଣ୍ଡର ବିକ୍ରମର ସିଗ୍‌ନାଲ ଫେଲ୍ ମାରିବା ମିଶନର ବିଫଳତା ନୁହେଁ ବରଂ ଏକ ସଫଳ ପ୍ରୟାସ ବୋଲି ବିଦେଶୀ ଗଣମାଧ୍ୟମରେ କୁହାଯାଇଛି। ଦ ନ୍ୟୁୟର୍କ ଟାଇମ୍ସ, ଦ ୱାଶିଂଟନ ପୋଷ୍ଟ, ଦ ବିବିସି ଓ ଦ ଗାର୍ଡିଅନ୍ ପ୍ରମୁଖ ବିଦେଶୀ ଗଣମାଧ୍ୟମ ଭାରତର ଚନ୍ଦ୍ର ଅଭିଯାନକୁ ଗୁରୁତ୍ୱ ଦେଇଛନ୍ତି।

ଆମେରିକାନ୍ ମାଗାଜିନ୍ 'ୱେୟାର' ପକ୍ଷରୁ ଚନ୍ଦ୍ରୟାନ-୨ କାର୍ଯ୍ୟକ୍ରମକୁ ଭାରତର ସବୁଠାରୁ ମହତ୍ତ୍ୱାକାଂକ୍ଷୀ ମହାକାଶ ମିଶନ ଭାବେ ଦର୍ଶାଯାଇଛି। ବିକ୍ରମ ଲ୍ୟାଣ୍ଡର ସିଗ୍‌ନାଲ ହରାଇବା ଭାରତୀୟ ମହାକାଶ ଅଭିଯାନକୁ ଶକ୍ତ ଧକ୍କା ଦେଇଛି ବୋଲି ଏଥିରେ ଦର୍ଶାଯାଇଛି। ହେଲେ ମିଶନ ସବୁକିଛି ହରାଇନି ବୋଲି କୁହାଯାଇଛି।

'ଦ ନ୍ୟୁୟର୍କ ଟାଇମ୍ସ' ଭାରତର ଚନ୍ଦ୍ର ମିଶନ ଓ ଇଞ୍ଜିନିୟରଙ୍କ ଜ୍ଞାନକୌଶଳକୁ ପ୍ରଶଂସା କରିଛି। ବ୍ରିଟିଶ ଖବରକାଗଜ 'ଦ ଗାର୍ଡିଅନ୍' ଭାରତର ଚନ୍ଦ୍ର ଅଭିଯାନକୁ ଶେଷ ମିନିଟ୍‌ରେ ଝଟକା ଲାଗିଲା ବୋଲି ଦର୍ଶାଇଛି। 'ୱାଶିଂଟନ ପୋଷ୍ଟ' ଭାରତର ପ୍ରଥମ ଚନ୍ଦ୍ର ମିଶନ ବିଫଳ ହୋଇଥିବା ଦର୍ଶାଇଛି। ଅନ୍ୟ ବିଭିନ୍ନ ବିଦେଶୀ ଗଣମାଧ୍ୟମରେ ଭାରତର ପ୍ରୟାସକୁ ପ୍ରଶଂସା କରାଯାଇଥିବାବେଳେ ଶେଷ ମୁହୂର୍ତ୍ତରେ ଯୋଗାଯୋଗ ସମ୍ଭବ ନ ହେବାରୁ ଏଥିରେ ବ୍ରେକ ଲାଗିଲା ବୋଲି କୁହାଯାଇଛି।

## ୪୦% ଚନ୍ଦ୍ର ଅଭିଯାନ ବିଫଳ: ନାସା

**ନୂଆଦିଲ୍ଲୀ,୭।୯(ପି.ଟି.)**

ଗତ ୬ ଦଶନ୍ଧି ମଧ୍ୟରେ ୬୦ ପ୍ରତିଶତ ଚନ୍ଦ୍ର ଅଭିଯାନ ମିଶନ ବିଫଳ ହୋଇଥିବା ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର 'ମୁନ୍ ଫ୍ୟାକ୍ଟ ଶିଟ୍'ରୁ ଜଣାପଡିଛି। ଏହି ସମୟ ମଧ୍ୟରେ ମୋଟ ୧୦୯ଟି ଚନ୍ଦ୍ର ଅଭିଯାନ ମିଶନ ହାତକୁ ନିଆଯାଇଥିବାବେଳେ ସେଥିରୁ ୬୧ଟି ସଫଳ ଓ ୪୮ଟି ବିଫଳ ହୋଇଛି। ଇସ୍ରୋ ପଠାଇଥିବା ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ଯୋଜନା ଅନୁଯାୟୀ ସଫ୍ଟ ଲ୍ୟାଣ୍ଡିଂ କରିପାରିନାହିଁ ଓ ଗ୍ରାଉଣ୍ଡ ଷ୍ଟେଶନ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତବର୍ଷ ଇସ୍ରାଏଲ୍ ଚନ୍ଦ୍ରକୁ ପଠାଇଥିବା 'ବେରେଶିଟ୍' ଲ୍ୟାଣ୍ଡିଂ ବେଳେ ଚନ୍ଦ୍ରପୃଷ୍ଠରେ ମାଡ଼ ହୋଇଥିଲା। ୧୯୫୮ରୁ ୨୦୧୯ ମଧ୍ୟରେ ଭାରତ ସମେତ ଆମେରିକା, ରୁଷିଆ, ଜାପାନ, ୟୁରୋପୀୟ ସଂଘ, ଚାଇନା ଓ ଇସ୍ରାଏଲ୍ ବିଭିନ୍ନ ସମୟରେ ଚନ୍ଦ୍ର ଅଭିଯାନ କରିଛନ୍ତି। ୧୯୫୮ ଅଗଷ୍ଟ ୧୭ରେ ଆମେରିକାର ପ୍ରଥମ ଚନ୍ଦ୍ର ମିଶନ ବିଫଳ ହୋଇଥିଲା। ୧୯୫୯ରେ ତତ୍କାଳୀନ ସୋଭିଏଟ୍ ରୁଷ୍ (ୟୁଏସ୍‌ଏସ୍‌ଆର)ର ମୁନ୍ ମିଶନ 'ଲୁନା ୧' ପ୍ରଥମ ସଫଳ ଚନ୍ଦ୍ର ଅଭିଯାନ। ୧୯୬୬ ଜାନୁୟାରୀରେ ଚନ୍ଦ୍ରରେ ସୂକ୍ଷ୍ମ ଅବତରଣରେ ୟୁଏସ୍‌ଏସ୍‌ଆର ସଫଳ ହୋଇଥିଲା। ଏହାର ୫ ମାସ ପରେ ଆମେରିକାର ସର୍ଭେୟର-୧ ସଫ୍ଟଲ୍ୟାଣ୍ଡିଂ କରିଥିଲା। ଏହା ପରେ ଆମେରିକାର ଆପୋଲୋ ୧୧ ମିଶନ ସବୁଠୁ ସଫଳ ହୋଇଥିଲା। ନୀଲ୍ ଆର୍ମଷ୍ଟ୍ରଙ୍ଗଙ୍କ ନେତୃତ୍ୱରେ ଆମେରିକାର ୩ ମହାକାଶଚାରୀ ଚନ୍ଦ୍ର ଅଭିଯାନରେ ଯାଇଥିଲେ। ଚନ୍ଦ୍ର ପୃଷ୍ଠରେ ମାନବ ପାଦ ରଖିବା ଏହା ଥିଲା ପ୍ରଥମ ସଫଳତା। ୧୯୭୯ ପର୍ଯ୍ୟନ୍ତ କେବଳ ଆମେରିକା ଓ ରୁଷିଆ ଚନ୍ଦ୍ର ଅଭିଯାନରେ ସାମିଲ ଥିଲେ। ସେମାନେ ୨୧ ବର୍ଷରେ ୯୦ ଥର ଚନ୍ଦ୍ର ଅଭିଯାନ କରିଥିଲେ। ୧୯୯୦ରେ ଜାପାନ ପ୍ରଥମେ ଚନ୍ଦ୍ରକୁ ଅର୍ବିଟର ପଠାଇଥିଲା। ୨୦୦୦-୨୦୦୯ ମଧ୍ୟରେ ୟୁରୋପ(ସ୍ମାର୍ଟ-୧), ଜାପାନ (ସେଲେନ୍), ଚାଇନା (ଚେଙ୍ଗ୍ ୧), ଭାରତ (ଚନ୍ଦ୍ରୟାନ-୧) ଏବଂ ଆମେରିକା ଯାନ ପଠାଇଥିଲେ। ୨୦୦୯ରୁ ୨୦୧୯ ମଧ୍ୟରେ ୫ଟି ମିଶନ ମଧ୍ୟରୁ ଆମେରିକାର ୩ଟି ଥିବାବେଳେ ଭାରତ ଓ ଇସ୍ରାଏଲ୍‌ର ଗୋଟିଏ ଲେଖାଏ ଥିଲା।



ଉଜ୍ଜ୍ୱଳା ଯୋଜନାରେ ଦେଶର ୮ କୋଟି ମହିଳାଙ୍କୁ ଏଲ୍‌ପିଜି ଗ୍ୟାସ ସଂଯୋଗ ଲାଗି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଔରଙ୍ଗାବାଦର ସେନ୍ଦ୍ରାଠାରେ ଜଣେ ମହିଳାଙ୍କୁ ଶେଷ ଗ୍ୟାସ ସଂଯୋଗ ପ୍ରଦାନ କରୁଛନ୍ତି।

## ମୁମ୍ବାଇରେ ମେଟ୍ରୋ କୋଚ୍ ଉଦ୍‌ଘାଟିତ

**ମୁମ୍ବାଇ, ୭।୯(ପି.ଟି.):** ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମୁମ୍ବାଇ ମେଟ୍ରୋ କୋଚ୍‌କୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ସେ ଇସ୍ରୋ ବୈଜ୍ଞାନିକଙ୍କ ଭଳି ସାହସୀ ହେବା ଲାଗି ପରାମର୍ଶ ଦେଇଛନ୍ତି। ଚନ୍ଦ୍ରୟାନ-୨ ରେ ତ୍ରୁଟି ସତ୍ତ୍ୱେ ସେମାନଙ୍କ ମନରେ ଦୃଢ ଇଚ୍ଛା ଓ ପ୍ରୟାସ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଉପସ୍ଥିତିରେ ମୋଦି କୋଚ୍‌କୁ ଉଦ୍‌ଘାଟନ କରିଥିଲେ। ଆଗାମୀ ୧୦ ବର୍ଷ ମଧ୍ୟରେ ଏଭଳି ୧୪ଟି ମେଟ୍ରୋ କରିଡର ପ୍ରତିଷ୍ଠା କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୧୦ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ୩ ମେଟ୍ରୋ ଲାଇନ୍‌କୁ ମଧ୍ୟ ସେ ଉଦ୍‌ଘାଟନ କରିଥିଲେ। ଏହାର କାର୍ଯ୍ୟ ୨୦୨୬ ସୁଦ୍ଧା ଶେଷ କରାଯିବ ବୋଲି ସେ କହିଥିଲେ।ଏହା ପରେ ସେ ମେଟ୍ରୋ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ପାକ୍ ଆକାଶରେ ଉଡ଼ିବନି ରାଷ୍ଟ୍ରପତିଙ୍କ ବିମାନ

**ଇସ୍‌ଲାମାବାଦ, ୭।୯(ପି.ଟି.)**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାରଠାରୁ ଆଇସ୍‌ଲାଣ୍ଡ, ସୁଇଜରଲାଣ୍ଡ ଓ ସ୍ଲୋଭେନିଆ ଗସ୍ତରେ ଯିବାକୁ ଥିବାବେଳେ ତାଙ୍କ ବିମାନ ପାକିସ୍ତାନ ଆକାଶରେ ଉଡ଼ିପାରିବ ନାହିଁ। ରାଷ୍ଟ୍ରପତିଙ୍କ ବିମାନ ପାଇଁ ବାୟୁସୀମା ବ୍ୟବହାର ଅନୁମତି ଦେବା ଲାଗି ଭାରତ କରିଥିବା ଅନୁରୋଧକୁ ଇସ୍‌ଲାମାବାଦ ପ୍ରତ୍ୟାଖ୍ୟାନ କରିଦେଇଛି।

ପୁଲୱାମା ଆକ୍ରମଣ ସମେତ ଚଳିତବର୍ଷ ଭାରତ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କରେ ନୂଆଦିଲ୍ଲୀର ଉଦ୍‌ବେଗକୁ ରାଷ୍ଟ୍ରପତି ଉପରୋକ୍ତ ରାଷ୍ଟ୍ରର ଶୀର୍ଷ ନେତାମାନଙ୍କୁ ଜଣାଇବେ। ତେବେ କଶ୍ମୀରରେ ଉତ୍ତେଜନା ସ୍ଥିତି ଜାରି ରହିଥିବାରୁ ଏହାକୁ



**ଅନୁମତି ଦେଲାନି ଇସ୍‌ଲାମାବାଦ**

ଦୃଷ୍ଟିରେ ରଖି ବାୟୁସୀମା ବ୍ୟବହାର ଲାଗି ଅନୁମତି ନ ଦେବା ନିଷ୍ପତ୍ତିକୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଅନୁମୋଦନ କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ବାଲକୋଟର ଜେଇଏମ୍ ଆତଙ୍କବାଦୀ ଶିବିର ଉପରେ ଭାରତୀୟ ବାୟୁସେନା ଏୟାରଷ୍ଟ୍ରାଇକ୍ କରିବା ପରେ ପାକ୍ କର୍ତ୍ତୃପକ୍ଷ ଏହାର ବାୟୁସୀମାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଏହାର ମାସକ ପରେ ମାର୍ଚ୍ଚ ୨୭ରେ ବିମାନ ପାଇଁ ପାକିସ୍ତାନ ବାୟୁସୀମା ଆଂଶିକ ଖୋଲିଥିଲା। ଜୁଲାଇ ୧୬ରେ ସମସ୍ତ ବେସାମରିକ ବିମାନ ଚଳାଚଳ ପାଇଁ ପାକ୍ ଅନୁମତି ଦେଇଥିଲା। ତେବେ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏହାର ପ୍ରତିବାଦରେ ପାକିସ୍ତାନ ଭାରତ ସହ ବାଣିଜ୍ୟ ଓ କୂଟନୈତିକ ସମ୍ପର୍କ ଛିନ୍ନ କରିବା ସହ ବସ୍ ଓ ଟ୍ରେନ୍ ସେବା ମଧ୍ୟ ବାତିଲ କରିଥିଲା।

## ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଇସ୍ତଫା

**ନୂଆଦିଲ୍ଲୀ,୭।୯(ପି.ଟି.)**

ମେଘାଳୟକୁ ବଦଳି କରାଯିବାରୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ବିଜୟ କେ. ତାହିଲରମଣୀ ଇସ୍ତଫା ଦେଇଛନ୍ତି। ବଦଳିର ପୁନର୍ବିଚାର ପାଇଁ ସେ କରିଥିବା ଅନୁରୋଧକୁ ସୁପ୍ରିମକୋର୍ଟ କଲେଜିୟମ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ତାହିଲରମଣୀ ଶୁକ୍ରବାର ରାତିରେ ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପାଖକୁ ପଠାଇଦେବା ସହ ଏହାର ଏକ ନକଲ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ପାଖକୁ ପଠାଇଛନ୍ତି। ଗତବର୍ଷ ଅଗଷ୍ଟ ୮ରେ ଜଷ୍ଟିସ୍ ତାହିଲରମଣୀଙ୍କୁ ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଥିଲା। ଗତ ମାସ ୨୮ରେ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୋଗୋଇଙ୍କ ଅଧ୍ୟକ୍ଷତାରେ କଲେଜିୟମ ତାଙ୍କୁ ମେଘାଳୟ ହାଇକୋର୍ଟକୁ ବଦଳି କରିବା ପାଇଁ ସରକାରଙ୍କୁ ସୁପାରିସ କରିଥିଲେ। କଲେଜିୟମ ନିଷ୍ପତ୍ତିକୁ ବିରୋଧ କରିବା ସହ ତାଙ୍କ ଅନୁରୋଧକୁ ଅଗ୍ରାହ୍ୟ କରାଯିବାରୁ ସେ ଇସ୍ତଫା ଦେଇଛନ୍ତି। ୨୦୨୦ ଅକ୍ଟୋବର ୨ରେ ସେ ଅବସର ନେଇଥାନ୍ତେ।



ବିଜୟ କେ. ତାହିଲରମଣୀ

ମାଡ୍ରାସ ହାଇକୋର୍ଟ ବିଚାରପତିଙ୍କ ବଦଳି ଓ ଇସ୍ତଫା ଦୁଃଖଦାୟକ। ଏହା ତାଙ୍କ ପ୍ରତି ଅପମାନ। ଏହାକୁ ନିୟମିତ କାର୍ଯ୍ୟ ବିବେଚନା କରାଯାଇପାରିବ ନାହିଁ ବୋଲି ସିପିଆଇ(ଏମ୍) ପଲିଟ୍ ବ୍ୟୁରୋ ସଦସ୍ୟ ବ୍ରିନ୍ଦା କରାଟ କହିଛନ୍ତି।

### ଇତିହାସର ଆଇନାରେ

**ସେପ୍ଟେମ୍ବର ୮ର ପ୍ରମୁଖ ଘଟଣା**

୧୯୯୧ ସେପ୍ଟେମ୍ବର ୮ରେ ଦକ୍ଷିଣ-ପୂର୍ବ ୟୁରୋପୀୟ ଦେଶ ମାସିଡୋନିଆ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ପାଇଥିଲା। ୟୁଗୋସ୍ଲୋଭିଆ କବଳରୁ ମୁକ୍ତହେବା ପରେ ସଂସଦୀୟ ଗଣତନ୍ତ୍ରକୁ ଏହି ରାଷ୍ଟ୍ର ଗ୍ରହଣ କରିଥିଲା।

୨୦୧୯ ସେପ୍ଟେମ୍ବର ୮ରେ ପ୍ରତିବର୍ଷ ଭଳି ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯିବ। ମାନବିକ ଅଧିକାରର ସୁରକ୍ଷା ଓ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ସାକ୍ଷରତାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୯୬୬ ଅକ୍ଟୋବର ୨୬ରେ ୟୁନେସ୍କୋର ୧୪ତମ ସାଧାରଣ ଅଧିବେଶନରେ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରିବା ଲାଗି ଘୋଷଣା କରାଯାଇଛି। ଚଳିତ ବର୍ଷ ସାକ୍ଷରତା ଦିବସରେ ସାକ୍ଷର ହେବା ସହ ବହୁଭାଷାବାଦୀ ହୋଇ ବିକାଶ କ୍ଷେତ୍ରକୁ ପ୍ରଶସ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ସ୍କୁଲ ଛାତ ଭୁଶୁଡ଼ି ୧୨ ପିଲା ଆହତ




**ମିରଟ୍, ୭।୯(ପି.ଟି.) :** ଉତ୍ତରପ୍ରଦେଶର ମିରଟ୍ ଅନ୍ତର୍ଗତ ଦାବଥୁଆରେ ଥିବା ସରସ୍ୱତୀ ଜ୍ଞାନମନ୍ଦିର ସ୍କୁଲର ଛାତ ଶନିବାର ଭୁଶୁଡ଼ି ପଡ଼ିଛି। ଫଳରେ ୧୨ ପିଲା ଆହତ ହୋଇଛନ୍ତି। ୬ ଜଣ ଗୁରୁତର ଅଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପିଲାମାନେ ଶ୍ରେଣୀକୁ ଯିବା ପରେ ହଠାତ୍ ଛାତଟି ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳେ ରହିଥିବା ଛାତ୍ରୀଛାତ୍ରଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ସ୍ଥିତି ସୁଧାରିଥିଲେ। ଏହି ଅଘଟଣ ଲାଗି ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ରାମ ଆର୍ଯ୍ୟ ପ୍ରକାଶ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

## '୩୭୦ ଉଚ୍ଛେଦ ସପକ୍ଷରେ ଅଧିକାଂଶ କଶ୍ମୀରୀ'

**ନୂଆଦିଲ୍ଲୀ, ୭।୯(ପି.ଟି.)**

ଜମ୍ମୁ-କଶ୍ମୀରର ଅଧିକାଂଶ ଲୋକ ୩୭୦ ଧାରା ଉଚ୍ଛେଦକୁ ସମର୍ଥନ କରୁଛନ୍ତି ବୋଲି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ଶନିବାର ପ୍ରକାଶ କରିଛନ୍ତି। ପାକିସ୍ତାନର ହୀନ ଚକ୍ରାନ୍ତ ଓ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା ଲାଗି ସେଠାରେ କଟକଣା ବଳବତ୍ତର ରହିଛି ବୋଲି ସେ କହିଛନ୍ତି। ୩୭୦ର ଅର୍ଥ ସ୍ୱତନ୍ତ୍ର ପାହ୍ୟା ନୁହେଁ ବରଂ ଏହା ସ୍ୱତନ୍ତ୍ର ଭେଦଭାବ ଥିଲା। ଲାଗିଥିବା କଟକଣା କ୍ରମଶଃ ଉଠାଇ ଦିଆଯିବ ବୋଲି ଖବରଦାତାଙ୍କ ସହ ଆଲୋଚନାବେଳେ ସେ ପ୍ରକାଶ କରିଛନ୍ତି। ଜମ୍ମୁ, କଶ୍ମୀର ଓ ଲଦାଖର ୧୯୯ ପୋଲିସ ଜିଲା ମଧ୍ୟରୁ କେବଳ ୧୦ଟିରେ ନିଷେଧାଦେଶ ଜାରିରହିଛି।

**■ ସେନାର ମାନବାଧିକାର ଉଲ୍ଲଂଘନକୁ ଡୋଭାଲଙ୍କ ଖଣ୍ଡନ**

**■ ଅନୁପ୍ରବେଶ ଅପେକ୍ଷାରେ ୨୩୦ ପାକ୍ ଆତଙ୍କବାଦୀ**

**■ ପାକ୍‌ର ବ୍ୟବହାର ବଦଳିଲେ କଶ୍ମୀରରୁ କଟକଣା ହଟିବ**



ଏହି ୩ଟି ଅଞ୍ଚଳରେ ଟେଲିଫୋନ ସେବା ସଚଳ କରାଯାଇଥିବା ଡୋଭାଲ କହିଛନ୍ତି। ଅଟକ ଥିବା ରାଜନେତାଙ୍କୁ ଆଇନଗତ ଭାବେ ସମ୍ପର୍କୀୟଙ୍କୁ ଦେଖାକରିବାର ସୁଯୋଗ ଦିଆଯାଉଛି। ଆଇନଗତ ଭାବେ ସବୁ କାର୍ଯ୍ୟ କରାଯାଉଥିବା ସେ ସୂଚନା ଦେଇଛନ୍ତି। କଶ୍ମୀରବାସୀଙ୍କ ବିକାଶ ଓ ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଲାଗି ସରକାର ସଚେତନ ଅଛନ୍ତି। କେତେକ ସଂଖ୍ୟାଲଘୁ ଏଭଳି ପ୍ରକ୍ରିୟାକୁ ବିରୋଧ କରୁଥିବା ନେଇ ହେଉଥିବା ପ୍ରଚାରରେ କୌଣସି ସତ୍ୟତା ନାହିଁ। ପାକିସ୍ତାନ କଶ୍ମୀରରେ ଅସ୍ଥିରତା ସୃଷ୍ଟିକରିବା ଲାଗି ପ୍ରୟାସ କରୁଛି। ଭାରତ ବିରୋଧରେ ବିଭିନ୍ନ ମିଛ ପ୍ରଚାର ଚଳାଇଛି। କଶ୍ମୀର ଭିତରକୁ ଆତଙ୍କବାଦୀଙ୍କୁ ଛାଡ଼ି ଶାନ୍ତି ଭଙ୍ଗ କରିବାକୁ ଚାହୁଁଛି। ଅନୁପ୍ରବେଶ ଲାଗି ସୀମାରେ ୨୩୦ ଆତଙ୍କବାଦୀ ପ୍ରସ୍ତୁତ ଅଛନ୍ତି। କାର୍ଯ୍ୟରେ ସଫଳ ନ ହେଲେ ପାକିସ୍ତାନ ସେମାନଙ୍କ ଲାଗି ଚୁଡ଼ି ପଠାଇବ ବୋଲି କହି ତାଚ୍ଛଲ୍ୟ କରୁଛି। ଅଘଟଣ ଘଟାଇବା ଲାଗି ସେମାନଙ୍କ ପ୍ରୟାସ ଜାରି ରହିଛି। ଏହା କେବେ ସମ୍ଭବ ହେବାକୁ ଦିଆଯିବନି ବୋଲି ଡୋଭାଲ ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ପାରାମିଲିଟାରି ଫୋର୍ସ ଓ ସ୍ଥାନୀୟ ପୋଲିସ ସେଠାରେ ନିୟୋଜିତ ଥିବାବେଳେ ସେମାନଙ୍କ ବିରୋଧରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ କରାଯାଉଛି। ଏଥିରେ କୌଣସି ସତ୍ୟତା ନାହିଁ। ସେଠାରେ ଆଇନଶୃଙ୍ଖଳା ରକ୍ଷା ଓ ଶାନ୍ତି ପ୍ରତିଷ୍ଠା ସେମାନଙ୍କ କାମ। ଏଥିରେ ବ୍ୟତିକ୍ରମ ଘଟିଲେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# Building **Trust** has been the biggest satisfaction for us !

For us, nothing is more gratifying than seeing our Students (& their Parents) repose their Trust, Conviction & Belief in us.

This unshakable bond has been built over a period of 27 years, where we have transformed thousands of aspirations & dreams into realities. **What makes this all the more satisfying is to see our Students who are our alumni, pass on the same baton of faith & confidence to their younger brothers & sisters.**

## Our satisfaction knows no bounds seeing younger siblings of our alumni studying with us



**Harshvardhan Aggarwal**
Currently in Class XII and Studying in FIITJEE's **Three Year Classroom Program** for JEE 2020

*"I and my elder brother joined FIITJEE in 2017. With FIITJEE's guidance and hard work, my brother achieved great success in JEE Advanced 2019 and now I want to emulate the same success story for myself"*

Harshvardhan is younger brother of **Manan Aggarwal** who studied in FIITJEE's Two Year Classroom Program and secured **AIR - 14 in JEE Advanced 2019**



**Shreyan Dhar**
Currently in Class VI and Studying in FIITJEE's **LITTLE GENIE - One Year Foundation Program**

*"I always wanted to join FIITJEE as my elder brother was also a FIITJEE Student and because of FIITJEE he secured AIR - 51 in JEE Advanced 2019 and was also the State Topper"*

Shreyan is younger brother of **Sayantan Dhar** who studied in FIITJEE's Four Year Classroom Program and secured **AIR - 51 in JEE Advanced 2019**



**Anagh Miglani**
Currently in Class IX and Studying in FIITJEE's **Four Year Classroom Program** for JEE 2023

*"My brother's belief in FIITJEE and his success inspired me to join it. And today studying consistently under FIITJEE's guidance, I am confident of getting great success in JEE & all the milestone exams"*

Anagh is younger brother of **Kaustubh Miglani** who studied in FIITJEE's Four Year Classroom Program and secured **AIR - 106 in JEE Advanced 2019**



**Asad Ul Haque**
Currently in Class XII and Studying in FIITJEE's **Three Year Classroom Program** for JEE 2020

*"What truly inspired me was my brother's preparation strategy under FIITJEE's guidance. Just like my brother, FIITJEE coupled with my efforts, is steadily taking me towards becoming an IITian"*

Asad is younger brother of **Shaan Ul Haque** who studied in FIITJEE's Two Year Classroom Program and secured **AIR - 111 in JEE Advanced 2018**



**Manas Thakur**
Currently in Class X and Studying in FIITJEE's **Four Year Classroom Program** for JEE 2022

*"Teachers at FIITJEE are not simply teachers but also great motivators. They helped a lot in growth of my aptitude & liking for Science & Mathematics subjects and allowed me to realize my full potential"*

Manas is younger brother of **Mohit Thakur** who studied in FIITJEE's Three Year Classroom Program and secured **AIR - 173 in JEE Advanced 2019**



**Rishit Singla**
Currently in Class XI and Studying in FIITJEE's **Four Year Classroom Program** for JEE 2021

*"Joining FIITJEE in 2017 was the best thing to have happened to me & my elder brother. His success is a clear proof of that. Now, I want to follow in the footsteps of my brother and realize my dreams just the way he did"*

Rishit is younger brother of **Devanshu Singla** who studied in FIITJEE's Two Year Classroom Program and secured **AIR - 191 in JEE Advanced 2019**



**C Sriya**
Currently in Class XII and Studying in FIITJEE's **Four Year Classroom Program** for JEE 2020

*"What makes me really comfortable is the small batch size of the class at FIITJEE. There is not much commotion and I can easily ask the questions and clear my doubts"*

Sriya is younger sister of **C Nikhil** who studied in FIITJEE's Four Year Classroom Program and secured **AIR - 251 in JEE Advanced 2018**



**Rishabh Goel**
Currently in Class XI and Studying in FIITJEE's **Two Year Classroom Program** for JEE 2021

*"Can't thank my brother enough for giving me the right advice of joining FIITJEE". With FIITJEE's support I am gradually mastering the fundamentals and my understanding has seen a drastic improvement"*

Rishabh is younger brother of **Aditya Goel** who studied in FIITJEE's Three Year Classroom Program and secured **AIR - 262 in JEE Advanced 2019**



**Jaivardhan Singh**
Currently in Class XI and Studying in FIITJEE's **Four Year Classroom Program** for JEE 2021

*"Seeing my elder brother's transformation, the decision of choosing FIITJEE over any other Institute was obvious for me and my parents. And now, with each passing day I am finding myself closer to my goals"*

Jaivardhan is younger brother of **Shaurya Raj Singh** who studied in FIITJEE's Four Year Classroom Program and secured **AIR - 292 in JEE Advanced 2018**

*These are few examples of siblings of our alumni (who secured Ranks in Top 5000 AIR in JEE Advanced 2019 & 2018).*

**There are thousands more who have contributed in building this bond of trust in last 27 years !**

## Upholding the Trust

of not only Top Students but of each & every Student joining FIITJEE !

| Our Alumni from Long Term Classroom Program | All India Rank in JEE Advanced (2019 / 2018) | Sibling presently studying with us in a Long Term Classroom Program |
|---|---|---|
| Gurpreet Singh | **293** in JEE (A) 2018 | **Harpreet Singh** for JEE 2022 |
| Apar Ahuja | **297** in JEE (A) 2019 | **Muskan Ahuja** for JEE 2021 |
| Shashvat Gupta | **376** in JEE (A) 2019 | **Advait Gupta** for JEE 2024 |
| Prashant Mishra | **427** in JEE (A) 2019 | **Vinay Mishra** for JEE 2021 |
| Harsh Srivastava | **436** in JEE (A) 2018 | **Aditya Srivastava** for JEE 2022 |
| Tanmay Mandal | **468** in JEE (A) 2018 | **Taniya Mandal** for JEE 2022 |
| Bhasker Goel | **469** in JEE (A) 2018 | **Keshav Goel** for JEE 2021 |
| Aman Kumar Singh | **478** in JEE (A) 2018 | **Aryan Kumar Singh** for JEE 2023 |
| Varenyam Bakshi | **502** in JEE (A) 2019 | **Siddharth Bakshi** for JEE 2023 |
| Pranav Gupta | **514** in JEE (A) 2018 | **Suryansh Gupta** for JEE 2021 |
| Yash Malik | **580** in JEE (A) 2018 | **Kartik Malik** for JEE 2020 |
| Raghav Garg | **720** in JEE (A) 2019 | **Shivam Garg** for JEE 2022 |
| Manan Goyal | **870** in JEE (A) 2018 | **Vritika** for JEE 2020 |
| Suyash Singh | **944** in JEE (A) 2018 | **Ashwin Singh** for JEE 2023 |
| Arush Sharma | **992** in JEE (A) 2019 | **Vanshika Sharma** for JEE 2020 |
| Divyam Singla | **1085** in JEE (A) 2019 | **Saksham Singla** for JEE 2023 |
| Anurag Mohanty | **1120** in JEE (A) 2018 | **Abinash Mohanty** for JEE 2022 |
| Piyush Gupta | **1134** in JEE (A) 2018 | **Kartik Gupta** for JEE 2020 |
| Abhinav Saini | **1162** in JEE (A) 2019 | **Manan Saini** for JEE 2024 |
| Anurag Patra | **1197** in JEE (A) 2019 | **Anusha Patra** for JEE 2021 |
| Madhav Rabin Bipin | **1332** in JEE (A) 2019 | **Madhav Rahul** for JEE 2021 |
| Arunim Joarder | **1371** in JEE (A) 2018 | **Reeshan Joarder** for JEE 2022 |
| Joe V Akkara | **1538** in JEE (A) 2018 | **Jessica V Akkara** for JEE 2020 |
| Yash Kumar Jha | **1579** in JEE (A) 2019 | **Ayush Kumar Jha** for JEE 2021 |
| Eshaan Sharma | **1597** in JEE (A) 2019 | **Rehaan Sharma** for JEE 2022 |
| Jalend Bantupalli | **1603** in JEE (A) 2018 | **Jaisuraj Bantupalli** for JEE 2020 |
| Kritika Gupta | **1630** in JEE (A) 2018 | **Anika Gupta** for JEE 2023 |
| Kunal Maan | **1646** in JEE (A) 2019 | **Khushi Maan** for JEE 2023 |
| Rohan Mallick | **1678** in JEE (A) 2019 | **Yuvraj Mallick** for JEE 2022 |
| Subham Das | **1755** in JEE (A) 2018 | **Subhrasree** for JEE 2021 |
| Rwit Panda | **2185** in JEE (A) 2018 | **Isaan Panda** for JEE 2021 |
| Saksham Srivastava | **2243** in JEE (A) 2018 | **Aman Srivastava** for JEE 2021 |
| Nitika Singhvi | **2331** in JEE (A) 2019 | **Puru Singhvi** for JEE 2021 |
| T. V. Satyanarayana | **2625** in JEE (A) 2019 | **Nayanasri Dusanapudi** for JEE 2022 |
| Vyom Goel | **2690** in JEE (A) 2018 | **Shreya Goel** for JEE 2020 |
| Soham Kundu | **2717** in JEE (A) 2018 | **Ritam Kundu** for JEE 2022 |
| Arnab Sinha | **2769** in JEE (A) 2018 | **Neha Sinha** for JEE 2022 |
| Yerra Gowri Pratyusha | **2965** in JEE (A) 2018 | **Sobha Pavitra Yerra** for JEE 2020 |
| Akshat Gautam | **2987** in JEE (A) 2019 | **Anoushka Gautam** for JEE 2023 |
| Aditya Das | **3037** in JEE (A) 2019 | **Araghya Das** for JEE 2022 |
| Shriyansh Thakur | **3115** in JEE (A) 2019 | **Siddharth Thakur** for JEE 2023 |
| Sreerag EP | **3535** in JEE (A) 2018 | **Anurag** for JEE 2021 |
| Harsh Kumar Suman | **3694** in JEE (A) 2019 | **Shreeya Suman** for JEE 2022 |
| Kshitij Anand | **3790** in JEE (A) 2018 | **Pawas Anand** for JEE 2022 |
| Aditya Mishra | **3916** in JEE (A) 2018 | **Ashwani Mishra** for JEE 2021 |
| Raj Vaibhav Yadav | **4101** in JEE (A) 2019 | **Swarnim Yadav** for JEE 2023 |
| Khushi Gosalia | **4538** in JEE (A) 2019 | **Vatsal Gosalia** for JEE 2022 |
| Shreyashi Saha | **4814** in JEE (A) 2019 | **Subhraneel Saha** for JEE 2023 |
| Adarsh Pankaj | **4915** in JEE (A) 2018 | **Aishwarya** for JEE 2022 |

*Dear Students, You need to study with the Best. Can You afford to take Chances, when Your Career is at Stake ?*

# Big Bang Edge Test – 20th October 2019

**For Students Presently in Class V, VI, VII, VIII, IX, X & XI** (aspiring for JEE Advanced, JEE Main, KVPY, Olympiads, NSEJS & NTSE)

For Online Registration, visit **www.bigbangedge.com**

For Offline Registration, get the Paper Registration Form from your nearest FIITJEE centre.

Last Date to Register : Till **13th Oct. 2019** with Rs. 500/-*, and from **14th to 17th Oct. 2019** with Rs. 700/-* and on **18th & 19th Oct. 2019** with Rs. 1000/-* (*inclusive of GST)

***Where winning is a habit !***

**FIITJEE**
FORUM FOR IIT-JEE

**Bhubaneswar (Unit - IX) Centre :** Bharat Scouts & Guides Complex, Scouts Bhawan, 1st & 2nd Floor, C - IX / 8, Unit - 3, Bhubaneswar - 751 022 Ph.: 0674 - 2392022, 2396725, 2394925
**Bhubaneswar (Infocity) Centre :** E3, Infinia Tower, Ist Floor, Near Infocity Square, Patia, Bhubaneswar Ph: 8117084613, 0674 - 2744725
**Cuttack Centre :** Shri Kailash Plaza, 3rd Floor, Opp. BSNL Bhawan, Link Road, Cuttack Ph: 0671 - 2367105, 9040032630

**National Admissions Office:** FIITJEE House, 29-A, Kalu Sarai, Sarvapriya Vihar, New Delhi Toll Free No. 1800 11 4242 Web: www.fiitjee.com www.facebook.com/fiitjeeindia123 www.twitter.com/fiitjee www.youtube.com/fiitjeeltd

**FIITJEE - THE PREMIER INSTITUTE FOR IIT-JEE and More...**

In NTSE 2019 Scholarships, total 1028 Students (from General Category) have been selected, out of which **467** are FIITJEE Students.



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।

- ସତ୍ୟସାଇବାବା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ମନୋଜ
ପରିବାରବର୍ଗ



ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





### କିଛି ତଥ୍ୟ

ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶରୁ ୯୮,୮୭୧ ଟନ୍ ସୋୟାବିନ ରପ୍ତାନି ହୋଇଛି।

– ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର ଆସୋସିଏଶନ ଅଫ୍ ଇଣ୍ଡିଆ

# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଆମିକସ୍ କ୍ୟୁରି

### ୪୦ ପୃଷ୍ଠାର ପରାମର୍ଶପତ୍ର ଦେଲେ ଜଗଦ୍‌ଗୁରୁ

**ପୁରୀ ଅଫିସ, ୭।୯**

ଆମିକସ୍ କ୍ୟୁରି ରଞ୍ଜିତ କୁମାର ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଶନିବାର ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିର ପରମ୍ପରା, ସଂସ୍କୃତି, ପରିଚାଳନା ଆଦି ବିଭିନ୍ନ ପ୍ରସଙ୍ଗରେ ୪୦ ପୃଷ୍ଠାର ପରାମର୍ଶପତ୍ର ଆମିକସ୍ କ୍ୟୁରିଙ୍କୁ ପ୍ରଦାନ କରିଛନ୍ତି।

ଆମିକସ୍ କ୍ୟୁରିଙ୍କ ସହ ପ୍ରାୟ ୪୦ମିନିଟ୍ ଧରି ଅନୁଷ୍ଠିତ ରୁଦ୍ଧଦ୍ୱାର ଆଲୋଚନା ପରେ ଶଙ୍କରାଚାର୍ଯ୍ୟ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଦି ଶଙ୍କରାଚାର୍ଯ୍ୟ ପୁନଃ ପ୍ରତିଷ୍ଠା କରିଥିଲେ। ଶ୍ରୀମନ୍ଦିର ଓ ପୁରୁଷୋତ୍ତମ କ୍ଷେତ୍ରର ପରିଚାଳନା ଦାୟିତ୍ୱ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟଙ୍କୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ଏବେ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ କରାଯାଇଛି। ସୁପ୍ରିମ୍‌କୋର୍ଟ ମଧ୍ୟ କୌଣସି ସେକୁଲାର ତନ୍ତ୍ର ଧର୍ମପୀଠ ଉପରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି କହିଛନ୍ତି। ଶ୍ରୀମନ୍ଦିରର ପରିଚାଳନା ଆଧ୍ୟାତ୍ମିକ ଓ ଧାର୍ମିକ ବିଚାରଧାରାରେ ହେବା ଉଚିତ। ଶ୍ରୀମନ୍ଦିରର ସଂସ୍କାର ଲାଗି ବି.ପି. ଦାସ କମିଶନ ପ୍ରସ୍ତୁତ କରିଥିବା ରିପୋର୍ଟରେ ଶଙ୍କରାଚାର୍ଯ୍ୟଙ୍କ ମତ ନେଇନାହାନ୍ତି। ଶ୍ରୀମନ୍ଦିରର କୌଣସି ଲିଖିତ ସମ୍ବିଧାନ ନାହିଁ। ସମ୍ବିଧାନ ବିହୀନ ମନ୍ଦିରର ବିକାଶ କଥା କିପରି ଉଠୁଛି। ସ୍କନ୍ଦ ଓ ବେଦ ପୁରାଣର ଆଚାର ସଂହିତା ଅନୁଯାୟୀ ଶ୍ରୀମନ୍ଦିର ପରିଚାଳନା କରାଯାଉ। ଏଭଳି ଅନେକ ପ୍ରସଙ୍ଗରେ ଆମିକସ୍ କ୍ୟୁରିଙ୍କ ସହିତ ଆଲୋଚନା ହୋଇଛି। କିନ୍ତୁ ଗୋବର୍ଦ୍ଧନ ମଠର ଜମି ସଂକ୍ରାନ୍ତରେ କୌଣସି ପ୍ରକାର କଥା ହୋଇ ନ ଥିବା ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ପୁରୀରେ ଉଚ୍ଛେଦର ସ୍ଥିତି ପରଖିଲେ ଆମିକସ୍ କ୍ୟୁରି

# ସରକାରଙ୍କ ନିଷ୍ପତ୍ତି ଠିକ୍, ରୋକାଯିବା ଅନୁଚିତ

**ପୁରୀ ଅଫିସ, ୭।୯**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଠିକ୍, ଏଠାରେ ଯେଉଁ ଉଚ୍ଛେଦ ଚାଲିଛି ସମସ୍ତଙ୍କ ଭଲ ପାଇଁ କରାଯାଉଛି। ଏହାକୁ ରୋକାଯିବା ଅନୁଚିତ। ସରକାର ଉତ୍ତମ ପରିକଳ୍ପନା କରିଛନ୍ତି। ସମସ୍ତେ ଏଥିରେ ସହଯୋଗ କରନ୍ତୁ ବୋଲି କହିଛନ୍ତି ଆମିକସ୍ କ୍ୟୁରି ରଞ୍ଜିତ କୁମାର। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଓ ଏହାକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷର ବାସ୍ତବ ସ୍ଥିତି ପରଖିବାକୁ ପୁରୀ ଆସିଥିବା ଆମିକସ୍ କ୍ୟୁରି ଶନିବାର ଗଣମାଧ୍ୟମ ଆଗରେ ଏଭଳି ମନ୍ତବ୍ୟ ରଖିଛନ୍ତି।

ଆମିକସ୍ କ୍ୟୁରି କହିଛନ୍ତି, ରାଜ୍ୟ ସରକାର ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ଗଢିବା ପାଇଁ ଯେଉଁ କାମ କରୁଛନ୍ତି ତାହା ଠିକ୍ ହେଉଛି ନା ଲୋକଙ୍କୁ ଅସୁବିଧାରେ ପକାଉଛି ତାହା ଅନୁଧ୍ୟାନ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆସିଥିଲୁ। ଶ୍ରୀମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିବା ସହ ନିଜେ ଜାଗା ବୁଲିଲୁ। ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ମଧ୍ୟ କଲୁ। ଆସନ୍ତା ବର୍ଷ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ପାଇଁ ପୁରୀରେ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଉଚିତ ବ୍ୟବସ୍ଥା ହେବା ଦରକାର। କାହାକୁ ଜବରଦସ୍ତ ଉଚ୍ଛେଦ କରାଯାଉନି। ସମସ୍ତଙ୍କ ସହ ଆଲୋଚନା କରି ଉଚ୍ଛେଦ କରାଯାଉଛି। ଏହାଦ୍ୱାରା ସହର ଆହୁରି ସୁନ୍ଦର ଓ ପରିଷ୍କାର ହେବ। ଐତିହ୍ୟ, ସଂସ୍କୃତି ଆଗକୁ ବଢିବ। ପୁରୀକୁ ଅଧିକ ଶ୍ରଦ୍ଧାଳୁ ଆସିବେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସରକାର ଯେଉଁ ପରିକଳ୍ପନା କରିଛନ୍ତି ସେଥିପାଇଁ ସମସ୍ତଙ୍କ ସହଯୋଗ ଦରକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହାଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର, ପ୍ରସାର ଆହୁରି ସୁଦୂର ପ୍ରସାରୀ ହୋଇପାରିବ ବୋଲି ଆମିକସ୍ କ୍ୟୁରି ପ୍ରକାଶ କରିଛନ୍ତି।

ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ଆମିକସ୍ କ୍ୟୁରି। ସକାଳ ୭ଟା ୧୦ରେ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଓ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସେମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ମା' ବିମଳା, ଲକ୍ଷ୍ମୀ ପ୍ରଭୃତି ଦେବଦେବୀଙ୍କ ମନ୍ଦିର ସମେତ ଆନନ୍ଦବଜାର, ସ୍ନାନବେଦି, କୋଇଲି ବୈକୁଣ୍ଠ, ଉପବନ, ରୋଷଆଡ଼ ଆଦି ବୁଲି ଦେଖିଥିଲେ। ଭିତର ବେଢାରୁ ବାହାର ଚିତ୍ର ଦେଖିଥିଲେ। ଚାହାଣି ମଣ୍ଡପରେ ଏମାର ମଠକୁ ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ସମେତ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲଙ୍କୁ ଏମାର ମଠର ଉଚ୍ଛେଦ ସ୍ଥଳ ଦେଖାଇଥିଲେ। ଆମିକସ୍ କ୍ୟୁରି ପ୍ରାୟ ୧ଘଣ୍ଟା ୧୫ ମିନିଟ୍ ମନ୍ଦିର ଭିତରେ ରହିଥିଲେ।

ଏହାପରେ ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଆମିକସ କ୍ୟୁରି ଓ ସଲିସିଟର ଜେନେରାଲ ଆଲୋଚନା କରିଥିଲେ। ଏହି ସମୟରେ ଏଜି ଅଶୋକ କୁମାର ପରିଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଉପସ୍ଥିତ ଥିଲେ। ପ୍ରାୟ ୩୫ ମିନିଟ୍ ଧରି ଚାଲିଥିଲା ରୁଦ୍ଧଦ୍ୱାର ବୈଠକ। ଏଥିରେ ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ୭୫ମିଟର ଉଚ୍ଛେଦ ପ୍ରସଙ୍ଗରେ ଆଲୋଚନା ହୋଇଥିବା କୁହାଯାଉଛି। ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସେମାନେ ମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୧ଘଣ୍ଟା ଧରି ବୈଠକ ବସିଥିଲା। ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲଙ୍କୁ ଶ୍ରୀମନ୍ଦିର ସୁରକ୍ଷା, ପୁରୀର ବିକାଶ ଓ କ୍ଷତିଗ୍ରସ୍ତଙ୍କୁ ପ୍ୟାକେଜ ବିଷୟରେ ଅବଗତ କରାଯାଇଥିଲା। କେନ୍ଦ୍ରାଞ୍ଚଳ ଡିଆଇଜି ଶ୍ରୀମନ୍ଦିର ସୁରକ୍ଷା, ରଥଯାତ୍ରା, ସୁନାବେଶ ପ୍ରସଙ୍ଗରେ ତଥ୍ୟ ରଖିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାୱାର ପ୍ରେଜେଣ୍ଟେଶନ ମାଧ୍ୟମରେ ଶ୍ରୀସେତୁ, ମୃଷାନଈର ପୁନରୁଦ୍ଧାର, ଜଗନ୍ନାଥ ବଲ୍ଲଭ ପରିସରରେ ମାର୍କେଟ କମ୍ପ୍ଲେକ୍ସ ଆଦି ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଦେଖାଇଥିଲେ। ଜିଲାପାଳ ୭୫ମିଟର ମଧ୍ୟରେ କ୍ଷତିଗ୍ରସ୍ତ ହେବାକୁ ଥିବା ମଠ, ମନ୍ଦିର, ବାସଗୃହ, ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପର୍କରେ ସୂଚନା ଦେବା ସହ ରାଜ୍ୟ ସରକାର କ୍ଷତିଗ୍ରସ୍ତଙ୍କ ପାଇଁ ଘୋଷଣା କରିଥିବା ପ୍ୟାକେଜ ଓ ଥଇଥାନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟପକ୍ଷେ ବୈଠକ ପରେ ଆମିକସ୍‌କ୍ୟୁରିଙ୍କୁ କ୍ଷତିଗ୍ରସ୍ତ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଭେଟି ନ ପାରି ମନଦୁଃଖରେ ଫେରିଯାଇଥିଲେ।



ଶ୍ରୀମନ୍ଦିର ଚାହାଣି ମଣ୍ଡପ ନିକଟରୁ ଏମାର ମଠକୁ ଅନୁଧ୍ୟାନ କରୁଛନ୍ତି ଆମିକସ୍ କ୍ୟୁରି ରଞ୍ଜିତ କୁମାର ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା।

- ନାଗାର୍ଜୁନ ବେଶ ପାଇଁ ବ୍ୟବସ୍ଥା ହେବା ଦରକାର
- ଚାହାଣି ମଣ୍ଡପରୁ ଦେଖିଲେ ଏମାର ମଠର ଚିତ୍ର
- ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କଲେ
- ସୁରକ୍ଷା, ବିକାଶ ଓ ପ୍ୟାକେଜ ବିଷୟରେ ବୁଝିଲେ
- ଗୁହାରି ଜଣାଇବାକୁ କ୍ଷତିଗ୍ରସ୍ତଙ୍କୁ ସୁଯୋଗ ମିଳିଲାନି

## ଜିଲା ଚିଠି
### ବଲାଙ୍ଗୀର



# ମରୁଡ଼ି ପରେ ବନ୍ୟା ଚିନ୍ତା

ବଲାଙ୍ଗୀର ଏକ ମରୁଡ଼ିପ୍ରବଣ ଜିଲା ଭାବେ ପରିଚିତ। ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଜିଲାରେ କ୍ରମାଗତ ମରୁଡ଼ି ଓ ଜଳସଙ୍କଟ ଏକ ସାଧାରଣ କଥା। ଖରାଦିନରେ ଗାଁ ଓ ସହର ଉତ୍ତପ୍ତ କଡ଼େଇରେ ପରିଣତ ହୋଇଯାଏ। ଲୋକେ ଅସହ୍ୟ କଷ୍ଟ ଭୋଗନ୍ତି। ଟିଟିଲାଗଡ଼ ଓ ବଲାଙ୍ଗୀରର ତାପମାତ୍ରାକୁ କିଏ ନ ଜାଣେ। ଅସ୍ୱାଭାବିକ ବର୍ଷା, ଜଳସଙ୍କଟ ଓ କ୍ରମାଗତ ମରୁଡ଼ି ଜିଲାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଆସିଛି। ଏହି କାରଣରୁ ଜିଲାର ପ୍ରଧାନ ଅବଲମ୍ବନ କୃଷିକ୍ଷେତ୍ର ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଆସିଛି। ସରକାରୀ ତଥ୍ୟ ଅନୁସାରେ ୧୯୭୪ରୁ ୨୦୧୭ ମସିହା ଗତ ୪୩ ବର୍ଷ ମଧ୍ୟରେ ଜିଲାରେ ୧୬ ବର୍ଷ ମରୁଡ଼ି ଓ ୪ ବର୍ଷ ବନ୍ୟା ବିପ୍ଳବ ଦେଖାଦେଇଛି। ବେସରକାରୀ ଆକଳନ ଅନୁସାରେ ଏହି ତଥ୍ୟ ଆହୁରି ସାଂଘାତିକ। ୧୯୬୧ ମସିହାରୁ ଜିଲାରେ ପ୍ରାୟ ପ୍ରତି ଦୁଇବର୍ଷରେ ଥରେ ମରୁଡ଼ି ଦେଖାଯାଉଛି। ଏହା ସହିତ ବନ୍ୟା, ରୋଗପୋକ ଉପଦ୍ରବ ଓ ପ୍ରାକୃତିକ ବିପର୍ଯ୍ୟୟରୁ ଫସଲହାନି ମଧ୍ୟ ଏକ ସାଧାରଣ କଥା ହୋଇଛି। କ୍ରମାଗତ ମରୁଡ଼ି, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଜିଲାର ଦାରିଦ୍ର୍ୟ, ଦାଦନ ସମସ୍ୟା ଓ ଅର୍ଥନୈତିକ ପଛୁଆପଣର ମୁଖ୍ୟ କାରଣ ବୋଲି ଚର୍ଚ୍ଚିତ ହୋଇଆସିଛି। ତେବେ ଜିଲାରେ ମରୁଡ଼ି ଓ ପ୍ରାକୃତିକ ବିପର୍ଯ୍ୟୟର ଏକ ଦୀର୍ଘ ଇତିହାସ ରହିଥିଲେ ମଧ୍ୟ ଜଳସେଚନ ମାତ୍ର ୩ ପ୍ରତିଶତରେ ସୀମିତ ରହିଛି। ଏଭଳି କାହିଁକି ହୋଇଛି ଏହାରି ଉତ୍ତର କାହାରି ପାଖରେ ନାହିଁ। ମରୁଡ଼ି ସମସ୍ୟାରୁ ନିସ୍ତାର ମିଳି ନ ଥିବାବେଳେ ବଲାଙ୍ଗୀର ଜିଲାରେ ଏବେ ଅସ୍ୱାଭାବିକ ବର୍ଷା ଓ ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଜିଲାବାସୀଙ୍କୁ ଏକ ନୂଆ ଅନୁଭୂତି ଆଣି ଦେଇଛି। ପ୍ରସିଦ୍ଧ ହରିଶଙ୍କର ପୀଠର ସେଲାପଥର ଝରଣାରେ ଅତଡା ଖସିବା ଭିଡିଓ ଭାଇରାଲ ହୋଇଛି। ମଠଖାଇ ପାହାଡରୁ ମାଟି ଅତଡା ଖସିବା ଦେଖାଯାଇଛି। ବିଶେଷକରି ନଦୀବିହୀନ ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳରେ ଅଗଷ୍ଟ ୧୨, ୧୩ ଓ ୧୪ ତାରିଖରେ ଅତି ପ୍ରବଳ ବର୍ଷା ଯୋଗୁ ପ୍ରଳୟଙ୍କରୀ ବନ୍ୟା ଦେଖାଯାଇଥିଲା। ଗୋଟିଏ ଦିନରେ କେବଳ ବଲାଙ୍ଗୀରରେ ୫୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ସୀମିତ ସମୟରେ ଏକ ବୃହତ୍ ଅଞ୍ଚଳରେ ଅତିପ୍ରବଳ ବର୍ଷା କାରଣରୁ ଏଠାରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବନ୍ୟାରେ ବଲାଙ୍ଗୀର ସହର ଓ ଆଖପାଖ ବ୍ଲକ୍‌ର ଶତାଧିକ ଗାଁରେ ସାଂଘାତିକ କ୍ଷୟକ୍ଷତି ହୋଇଛି। ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ମଧ୍ୟ ଏଭଳି ଅତିପ୍ରବଳ ବର୍ଷା ଜାରି ରହିଛି। ବଲାଙ୍ଗୀର ଭଳି ମରୁଡ଼ିପ୍ରବଣ ଓ ଅତ୍ୟନ୍ତ ଉତ୍ତପ୍ତ ଜିଲାରେ ଏଭଳି ଅପ୍ରତ୍ୟାଶିତ ବର୍ଷା ଓ ଆକସ୍ମିକ ବନ୍ୟାର କାରଣ ସମ୍ପର୍କରେ ଏଯାଏ ଠୋସ୍ କିଛି କୁହାଯାଇନାହିଁ। କିଛି ତଥ୍ୟାଭିଜ୍ଞ ଲୋକେ ଏହାକୁ ଜଳବାୟୁ ପରିବର୍ତ୍ତନର ସାଂଘାତିକ ରୂପ କହୁଛନ୍ତି। ବନ୍ୟା ପରେ ରାଜସ୍ୱ ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଜିଲାର ଏମ୍‌ପି ଓ ବିଧାୟକମାନେ ଏକାଧିକ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ୧ ହଜାର କୋଟିର ସହାୟତା ଓ କେନ୍ଦ୍ର ସରକାରଙ୍କଠାରୁ ସ୍ୱତନ୍ତ୍ର ପ୍ୟାକେଜ ଦାବି କରିଛନ୍ତି। ତେବେ ବନ୍ୟା କ୍ଷତିଗ୍ରସ୍ତମାନେ ଠିକ୍ ଭାବେ ରିଲିଫ୍ ଓ ସହାୟତା ପାଇନାହାନ୍ତି। ଅରେଞ୍ଜ ଆଲର୍ଟ ସତ୍ତ୍ୱେ ସରକାର ଆକସ୍ମିକ ବନ୍ୟା ମୁକାବିଲାରେ ଫେଲ୍ ମାରିଛନ୍ତି। ତେବେ ଆକସ୍ମିକ ବନ୍ୟା ପରଠାରୁ ବଲାଙ୍ଗୀରରେ ତୁ ତୁ ମେ ମେ ରାଜନୀତି ଜୋର ଧରିଛି। ବନ୍ୟାର ଅସଲ କାରଣ ଖୋଜି ସରକାରଙ୍କଠାରୁ କ୍ଷତିଗ୍ରସ୍ତଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଆଣିବା, ଜିଲାର ଭିତ୍ତିଭୂମି ସଜାଡିବା ଓ ଭବିଷ୍ୟତ ପାଇଁ ଦୃଢ଼ ପ୍ରତିକାର ବ୍ୟବସ୍ଥା କରିବା ଛାଡି କିଛି ସହରୀ ତୋଷାମଦକାରୀ ଚଷୁକୁଟା ରାଜନୀତିରେ ମାତିଛନ୍ତି। ସେମାନେ ଜିଲାବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଏଭଳି ତତ୍ତ୍ୱମାନଙ୍କ କାରଣରୁ କ୍ରମାଗତ ମରୁଡ଼ିର ଦୀର୍ଘ ଇତିହାସ ସତ୍ତ୍ୱେ ଜିଲାରେ ଯେଭଳି ସଫଳ ମରୁଡ଼ି ମୁକାବିଲା ହୋଇପାରିନାହିଁ, ଠିକ୍ ସେହିଭଳି ଦଶା ଏବେ ଆକସ୍ମିକ ବନ୍ୟା ପରେ ବି ହେବ ତାହା ଜଳଜଳ ଦେଖାଗଲାଣି।

– ବୀରେନ୍ଦ୍ର କୁମାର ଝାଙ୍କର

# କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଭାରତ ମସଲା ପ୍ରେରଣାର ଉତ୍ସ

**ନରାଜ, ୭।୯ (ଡି.ଏନ୍.ଏ.)**

ରାଜ୍ୟର କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କ ପାଇଁ ଭାରତ ମସଲା ଶିଳ୍ପ ସଂସ୍ଥା ପ୍ରେରଣାର ଉତ୍ସ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ବାରଙ୍ଗ ବ୍ଲକ ଅନ୍ତର୍ଗତ ରାମଦାସପୁରଠାରେ ପ୍ରତିଷ୍ଠିତ ଅତ୍ୟାଧୁନିକ କାରିଗରି କୌଶଳ ଓ ପ୍ରଦୂଷଣମୁକ୍ତ ପଦ୍ଧତିରେ ନିର୍ମିତ ଭାରତ ମସଲାର ନୂତନ କାରଖାନାରୁ ବ୍ୟବସାୟିକ ଉତ୍ପାଦନର ଶୁଭ ଉଦ୍‌ଘାଟନ କରି ଶନିବାର ରାଜ୍ୟପାଳ ଏହା କହିଛନ୍ତି। ଆହୁରି ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ବୃହତ ଶିଳ୍ପ ସହିତ କ୍ଷୁଦ୍ର ଓ ମଧ୍ୟମଧରଣର ଶିଳ୍ପର ବିକାଶ ଉପରେ ଯେପରି ଗୁରୁତ୍ୱ ଦେଉଛନ୍ତି ତାହା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ହଜାର ହଜାର ଯୁବତୀଯୁବକ ନିଯୁକ୍ତିର ସୁଯୋଗ ପାଇବେ। ଭାରତ ମସଲା ଉତ୍ପାଦନ ବୃଦ୍ଧି ସହିତ ବିଭିନ୍ନ ଜନହିତକର କାର୍ଯ୍ୟରେ ଅର୍ଥ ବିନିଯୋଗ କରିବା ପ୍ରଶଂସନୀୟ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ଏହି ଅବସରରେ କାରଖାନା ପରିସରରେ ସୁଉଚ୍ଚ ସ୍ତମ୍ଭର ମନୁମେଣ୍ଟ ଫ୍ଲାଗ ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଜାତୀୟ ପତାକାର କ୍ରମବିକାଶ ଇତିହାସ ଓ ଏହାର ମହନୀୟତା ଉପରେ ଆଲୋକପାତ କରିବା ସହିତ ୭୦ କୋଟି ଟଙ୍କା ବ୍ୟୟରେ ଏହି ନୂତନ ଶିଳ୍ପର ପ୍ରତିଷ୍ଠା ଦ୍ୱାରା ଆଖପାଖ ଅଞ୍ଚଳର ବହୁ ଯୁବପିଢ଼ି ନିଯୁକ୍ତିର ସୁଯୋଗ ପାଇବେ। ନିଜର ନିଷ୍ଠା ଓ କଠିନ ପରିଶ୍ରମ ବଳରେ ଏହାର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା ସଫଳତାର ପାହାଚ ଅତିକ୍ରାନ୍ତ କରିଚାଲିଛନ୍ତି ବୋଲି ବିଧାୟକ କହିଥିଲେ। ରେଭେନ୍ସା ମହାବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, ଲେଖକ ଡ. ସୋମାଚାନ୍ଦ, ଖବରଦାତା ଡ. ସତ୍ୟ ରାୟ, ଶ୍ରୀ ଗୋବିନ୍ଦରାଜ ଜୀ, ପ୍ରକାଶ ଜୀ, ଆଲାମ ଜୀ , ଓଡ଼ିଶା ଶିଳ୍ପସଂଘର ଅଧ୍ୟକ୍ଷ ଶିଳ୍ପପତି ଅବନୀ କାନୁନ୍‌ଗୋ, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡ. ସୁବ୍ରତ କୁମାର ବେହେରା, ନୂଆବଜାରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ଏବଂ ଭାରତ ମସଲାର କର୍ମଚାରୀ ସ୍ନେହଲତା ରାଉତଙ୍କୁ ସଂସ୍ଥା ପକ୍ଷରୁ ରାଜ୍ୟପାଳ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ପୋଲିସ-ଜନତା...

ପ୍ରଥମ ପୃଷ୍ଠାରୁ...

ପଡିଥିବା ସେମାନେ ଦେଖିବା ପରେ ଉତ୍ତେଜନା ଆହୁରି ବଢ଼ିଯାଇଥିଲା। ଏ ପରିସ୍ଥିତି ଦେଖି ଭ୍ୟାନ୍‌ରେ ବସିଥିବା ପୋଲିସ କର୍ମଚାରୀ ଭୟରେ ବାହାରକୁ ବାହାରି ନ ଥିଲେ। ଫଳରେ ଲୋକେ ପୋଲିସ ଭ୍ୟାନ୍‌କୁ ଗୋଇଠାବିଧା ମାରିବା ସହ କାଚ ଭାଙ୍ଗି ଦେଇଥିଲେ। ଏଥିସହ ଡ୍ରାଇଭର ଓ ଦୁଇଜଣ କର୍ମଚାରୀଙ୍କୁ ଘୋଷାରି ଆଣି ମାଡ଼ ମାରିଥିଲେ। ଡିସିପି ଅନୁପ କୁମାର ସାହୁ, ଏସିପି ଅନୁପ କାନୁନ୍‌ଗୋ, ଏସିପି ଅମରେଶ ପଣ୍ଡା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ସ୍ଥିତି ବିଗିଡି ଯାଉଥିବାବେଳେ ରିଜର୍ଭ ପୋଲିସ ଲାଠି ଚାର୍ଜ ଆରମ୍ଭ କରିଥିଲା। ଏହାଦେଖି ଲୋକେ ଏଣେତେଣେ ଧାଇଁବା ସହ ଦୂରରେ ରହି ପଥର ଓ କାଚ ବୋତଲ ମାଡ଼ କରିଥିଲେ। ଫ୍ଲାଏ ଓଭରରୁ ମଧ୍ୟ ଲୋକେ ପାଣିବୋତଲ, ବାଲିକୁ ପଲିଥିନରେ ପୂରାଇ ପୋଲିସ ଉପରକୁ ଫିଙ୍ଗିଥିଲେ। ତେବେ ଲାଠି ମାଡ଼ରେ ୩ଜଣ ଖବରଦାତା ଓ ୨ଜଣ ସାଧାରଣ ଲୋକ ଆହତ ହୋଇଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଉଥିବାବେଳେ ଏସିପି କାନୁନ୍‌ଗୋଙ୍କୁ ଲୋକେ ଧକ୍କା ମାରି ତଳେ ପକାଇ ଚଢ଼ିଯାଇଥିଲେ। ସେହିଭଳି ଅନ୍ୟ ଦୁଇଜଣ ପୋଲିସ କର୍ମଚାରୀ ମଧ୍ୟ ପଥର ମାଡ଼ରେ ଆହତ ହୋଇଥିଲେ। ଇତିମଧ୍ୟରେ ପୋଲିସ ରାଜମହଲକୁ ଚାରିଆଡୁ ଘେରାବନ୍ଦୀ କରି ଲୋକଙ୍କୁ ଘଟଣାସ୍ଥଳରୁ ଦୂରେଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଉତ୍ତେଜନା ଜାରି ରହିଥିଲା। ରିଜର୍ଭ ପୋଲିସ ଧୀରେ ଧୀରେ ନିଷ୍କ୍ରିୟ ହେଉଥିବାବେଳେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଟ୍ରାଫିକ ଡିସିପି ସାଗରିକା ନାଥ ରାପିଡ୍ ଆକ୍ସନ ଫୋର୍ସ, କୁଇକ୍ ଆକ୍ସନ ଟିମ୍ ଓ ବ୍ଲାକ୍ କମାଣ୍ଡୋ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସଂଖ୍ୟା ବଢ଼ିଯିବାରୁ ଲୋକେ ଧୀରେ ଧୀରେ ଛତ୍ରଭଙ୍ଗ ଦେଇଥିଲେ। କଳ୍ପନା ଓ ରାଜମହଲରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାକୁ ପୋଲିସ ସିଲ୍ କରିଦେଇଥିଲା। ଏହି ସମୟରେ ଡିସିପି ଅନୁପ ସାହୁ ୧୪୪ ଧାରା ଲାଗୁ ହେଲା ବୋଲି କହିବା ପରେ ମାଇକ୍ ଯୋଗେ ଲୋକଙ୍କୁ ଅବଗତ କରାଯାଇଥିଲା। କିଛି ସମୟ ପାଇଁ ସ୍ଥିତି ଶାନ୍ତ ପଡିଥିବାବେଳେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। କିନ୍ତୁ ଅପରାହ୍ନ ୪ଟାରେ ହଠାତ୍ ଲୋକେ ମୋ ବସ୍‌କୁ ଅଟକାଇ ଡ୍ରାଇଭରର ଲାଇସେନ୍ସ, ଗାଡି ପରମିଟ ଆଦି କାଗଜପତ୍ର ମାଗିବା ସହ ମଦ ପିଇଚ ନା ନାହିଁ ପଚାରିଥିଲେ। ଏହାକୁ ନେଇ ପୁଣି ଉତ୍ତେଜନା ଆରମ୍ଭ ହୋଇଥିଲା। ପୋଲିସ ୩ଜଣ ଯୁବକଙ୍କୁ ସେଠାରୁ ଉଠାଇ ନେଇଥିଲା। କିଛି ସମୟ ଅନ୍ତରରେ ଲୋକେ ପୋଲିସକୁ ଚ୍ୟାଲେଞ୍ଜ ଦେବାଭଳି ହୋହଲ୍ଲା, ଗାଡିମୋଟର ଅଟକାଇ କାଗଜପତ୍ର ମାଗିବା ଆଳରେ ଚାଳକଙ୍କୁ ଦୁର୍ବ୍ୟବହାର ଜାରି ରଖିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ୧୪୪ଧାରା ବଳବତ୍ତର ରହିଥିବାବେଳେ ରିଜର୍ଭ, କୁଇକ୍ ଆକ୍ସନ, ସ୍ଥାନୀୟ ପୋଲିସ ସହ ଟ୍ରାଫିକ ପୋଲିସ ସେଠାରେ ମୁତୟନ ଥିଲା। କ୍ରମଶଃ ସ୍ଥିତି ସ୍ୱାଭାବିକ ହୋଇ ଗାଡ଼ିମୋଟର ଚଳାଚଳ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାରିବାରିକ ପରିସ୍ଥିତି ବିଗିଡି ଯାଇଥିବା କାରଣରୁ ମନ ଖରାପରୁ କୌଣସି ନୂତନ କାମ ଆରମ୍ଭ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଯାତ୍ରା, ପରିବହନ, ବାଣିଜ୍ୟରେ ଆଶାନୁରୂପ ସଫଳତା ମିଳିବ। ପଡ଼ୋଶୀଙ୍କ ସହ ଉପୁଜିଥିବା ସମସ୍ୟା ସମାଧାନ ହୋଇଯାଇପାରେ।

**ବୃଷ**
ସୁସମ୍ପର୍କ ଥିବା ବନ୍ଧୁଙ୍କ ମାଧ୍ୟମରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ଅର୍ଥର ଆବଶ୍ୟକତା ପଡିପାରେ। ଆତ୍ମୀୟ ସ୍ୱଜନଙ୍କ ଅସହଯୋଗ ଅଭିଳାଷ ପୂରଣରେ ପ୍ରତିବନ୍ଧକ ସାଜିବ।

**ମିଥୁନ**
ସମ୍ପର୍କୀୟମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଗୋଳମାଳିଆ ପରିସ୍ଥିତି ଦେଖା ଦେବ ନାହିଁ।

**କର୍କଟ**
ଆନୁଷଙ୍ଗିକ ସାହାଯ୍ୟ, ସହଯୋଗରୁ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ଆର୍ଥିକ ଅଭିବୃଦ୍ଧି ଓ ପାରିବାରିକ ସଦ୍‌ଭାବ ମନକୁ ଖୁସି କରାଇବାରେ ସାହାଯ୍ୟ କରିବ। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆତ୍ମୀୟମାନଙ୍କ ଅସହଯୋଗ ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହେବେ।

**ସିଂହ**
ଗ୍ରହମାନଙ୍କ ଅନୁକୂଳ ସ୍ଥିତିରୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। କାମ ହାସଲ ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ। ସଭାସମିତିରେ ବୁଦ୍ଧିଜୀବୀମାନଙ୍କ ଆଦରଣୀୟ ହେବେ।

**କନ୍ୟା**
ଆଶା ପୂରଣ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ନୂତନ କିଛି ଯୋଡିବା ସକାଶେ ଚିନ୍ତା କରିପାରନ୍ତି। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା**
ଭୁଲ୍ ବୁଝାମଣାଜନିତ ପରିବାରରେ ଅଶାନ୍ତିର ବାତାବରଣରୁ ଦୁଃଖୀ ହୋଇ ପାରନ୍ତି। ସାମାଜିକ ସ୍ତରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁମାନେ ନିଜର ଫାଇଦା ହାସଲ ମତଲବରେ ସମ୍ପର୍କ ସ୍ଥାପନ କରିବା ପାଇଁ ଆଗେଇ ଆସିପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା ଲାଗିପାରେ।

**ବିଛା**
ଠିକ୍ ନିଷ୍ପତ୍ତିର ଅଭାବ ଓ ଅପରିଣାମଦର୍ଶିତା କାରଣରୁ ବହୁତ ଝଡ଼ଝଞ୍ଜା ମଧ୍ୟ ଦେଇ ଗତି କରିବାକୁ ପଡ଼ିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ**
ବିଜାତୀୟବ୍ୟକ୍ତିଙ୍କ ସହ ବିଶେଷ ସଂସର୍ଗତାରୁ ଦୂରେଇ ନ ରହିଲ ସମାଲୋଚିତ ହେବାକୁ ପଡ଼ିପାରେ। ଜମିଜମା କିଣାବିକା, ପ୍ରକଳ୍ପ କାର୍ଯ୍ୟ, ସମସ୍ୟା ସମାଧାନ କ୍ଷେତ୍ରରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ରପ୍ତାନି ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତ ସାଧନା କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ମକର**
ବନ୍ଧୁଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଲାଗି ରହିଥିବା ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିଯିବ। ପୁରାତନ ରୋଗ ପୀଡ଼ାରୁ କଷ୍ଟ ପାଇପାରନ୍ତି। ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ। ଜମିଜମା କିଣାବିକା, ପରିବହନ, ବାଣିଜ୍ୟ ପାଇଁ ଦିନଟି ଭଲ। ଆର୍ଥିକ ସ୍ଥିତି ପୂର୍ବ ପରି ସନ୍ତୋଷଜନକ ରହିବ ନାହିଁ।

**କୁମ୍ଭ**
ଆଜିର ସଭାସମିତରେ ବନ୍ଧୁମିଳନ, ପରିବହନ, ପ୍ରଶାସନିକ କ୍ଷେତ୍ରାଦିରେ ସଫଳତା ପାଇପାରିବେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଖୁସି ହୋଇପାରନ୍ତି। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ**
କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବା କାରଣରୁ ପାରିବାରିକ ସଦ୍ଭାବ କ୍ରମଶଃ ବୃଦ୍ଧି ପାଇବ। ପରିବାରରେ ଭୁଲ୍ ବୁଝାମଣାଜନିତ ସୁସମ୍ପର୍କରେ ଅବନତି ଘଟିପାରେ। ବ୍ୟବସାୟରେ ଭାଗୁଆଳମାନଙ୍କ ସହ ମାନମନାନ୍ତର ଦେଖା ଦେବାର ଆଶଙ୍କା ରହିଛି। ସ୍ୱର୍ଣ୍ଣାଦି ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ଦଶମୀ ରବିବାର, ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଦୈନିକ ଧରିତ୍ରୀର ପୂର୍ବତନ ସମ୍ପାଦକ ଓ ପୂର୍ବତନ ଏମ୍‌ପି ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ, ଖୁଦୁରୁକୁଣୀ ଓଷା ଶେଷ ପାଳି, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ମେଷ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା୬।୫୩ମି. ମଧ୍ୟେ ଘ୪।୫୭ମି. ଗତେ, ଘ୬।୧୮ମି. ମଧ୍ୟେ ଅମୃତବେଳା। ଦିବା ଘ୮।୩୦ମି. ଗତେ, ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୨୦ମି. ଗତେ ଘ୫।୫୩ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୮/୨୦୧୯ | Sambalpur, Sunday, September 8/2019 | ପୃଷ୍ଠା-୫




**ନାଡାଲ ଫାଇନାଲରେ**

ରାଫାଲ ନାଡାଲ ୫ମ ଥର ୟୁଏସ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। **୧୮**

**୧୩** **ମା’ ହେବା ପାଇଁ ପ୍ରିୟଙ୍କା ବ୍ୟଗ୍ର**

ସ୍ୱାମୀ ନିକ୍ ଜୋନସଙ୍କ ସହିତ ଲସ୍‌ଏଞ୍ଜେଲ୍ସରେ ରହୁଥିବା ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ମା’ ହେବା ପାଇଁ ବ୍ୟଗ୍ର।



■ ଶୀର୍ଷ ୧୦ ଦେଶରେ ଅଟୋମୋବାଇଲ ସେକ୍ଟରକୁ ମାନ୍ଦାବସ୍ଥା ମାଡ଼

# ଭାରତ ସର୍ବାଧିକ ପ୍ରଭାବିତ

**ନୂଆଦିଲ୍ଲୀ,୭।୯**

ଗତ କିଛିବର୍ଷ ହେବ ବିଶ୍ୱ ପାସେଞ୍ଜର ଗାଡ଼ି ମାର୍କେଟ ଅଭିବୃଦ୍ଧିରେ ଭାରତର ଯୋଗଦାନ ଅଧିକ ରହିଆସିଛି। ତେବେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଉତ୍ପାଦନ ହ୍ରାସ ଦୃଷ୍ଟିରୁ ୧୦ ଶୀର୍ଷ ଦେଶଙ୍କ ମଧ୍ୟରେ ଭାରତ ସର୍ବାଧିକ ପ୍ରଭାବିତ ବୋଲି ଜଣାପଡିଛି। ପରୋକ୍ଷରେ କହିବାକୁ ଗଲେ ଭାରତୀୟ ଅଟୋ ଶିଳ୍ପ ଉପରେ ମାନ୍ଦାବସ୍ଥାର ପ୍ରଭାବ ଅନ୍ୟ ଦେଶ ତୁଳନାରେ ସବୁଠାରୁ ଅଧିକ ପଡିଛି ବୋଲି ଇନ୍‌ଫର୍ମେଶନ ସର୍ଭିସ ପ୍ରୋଭାଇଡର ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

ଚଳିତ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ଦେଶରେ ଲାଇଟ୍ ଭେହିକିଲ୍ ବା ହାଲୁକା ଯାନ ଅର୍ଥାତ୍ ୬ ଟନ ପର୍ଯ୍ୟନ୍ତ କ୍ଷମତା ବିଶିଷ୍ଟ ଯାତ୍ରୀ ଏବଂ କ୍ଷୁଦ୍ର ବାଣିଜ୍ୟିକ ଗାଡ଼ି ଉତ୍ପାଦନ ୧୧.୪% ବା ୪୧.୮ ଲକ୍ଷ ୟୁନିଟକୁ ଖସିଆସିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସବୁଠାରୁ ବଡ଼ ମାର୍କେଟ ଚାଇନାର ଉତ୍ପାଦନ ଏହି ଅବଧିରେ -୭.୩% ରହିଛି। ଚଳିତ ବର୍ଷ ଭାରତୀୟ ଅଟୋ ଶିଳ୍ପ ଅଭିବୃଦ୍ଧି ଦ୍ୱିଅଙ୍କ ସ୍ତରରେ ହ୍ରାସ ପାଇଲେ ଗାଡ଼ି ଉତ୍ପାଦନ ଦୃଷ୍ଟିରୁ ଜର୍ମାନୀ ପଛରେ ରହି ଭାରତ ୫ମ ସ୍ଥାନକୁ ଖସି ଆସିବ। ସୂଚନାଥାଉ କି, ୨୦୧୫ରୁ ୨୦୧୮ ମଧ୍ୟରେ ବିଶ୍ୱ ହାଲୁକା ଯାନ ମାର୍କେଟରେ ଭାରତ ପ୍ରଭୁତ୍ୱ ବିସ୍ତାର କରିଥିଲା। ଅନ୍ୟ ଦେଶ ତୁଳନାରେ ଏହାର ଅଭିବୃଦ୍ଧି ଯଥେଷ୍ଟ ଅଧିକ ରହିଥିଲା। ଆଇଏଚ୍‌ଏସ୍ ମାର୍କିଟର ହାଲୁକା ଗାଡ଼ି ଅନୁମାନର କଣ୍ଟ୍ରି ମୁଖ୍ୟ ଗୌରବ ବାଙ୍ଗଲ୍ କହିଛନ୍ତି



ଯେ, ବର୍ଷର ଆରମ୍ଭରେ ଦେଶୀ ଲାଇଟ୍ ଭେହିକିଲ୍ ବଜାର ଅଭିବୃଦ୍ଧି ହାର ଅନୁମାନ ୫% ରଖାଯାଇଥିଲା। ତେବେ ପାଣି ଅଭାବ, ଆର୍ଥିକ ଗତିବିଧି ଧିମା ହେବା ଓ ବେକାରି ସମସ୍ୟା ବୃଦ୍ଧି ଯୋଗୁ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ସେ କହିଛନ୍ତି ଯେ, ଅଟୋ ଶିଳ୍ପକୁ ବିଏସ୍ ୪ରୁ ବିଏସ୍ ୬କୁ ପରିବର୍ତ୍ତନ କଲାବେଳେ କମ୍ପାନୀଗୁଡ଼ିକୁ ଷ୍ଟକ୍ ଆଡଜଷ୍ଟମେଣ୍ଟ କରିବାକୁ ହେବ। ରିପୋର୍ଟରେ କୁହାଯାଇଛି ଯେ, ଚାଇନା ଓ ଭାରତୀୟ ଅଟୋ ବଜାରରେ ବଡ଼ ହ୍ରାସ ଦେଖାଦେବା ଅର୍ଥ ବିଶ୍ୱ ପାସେଞ୍ଜର ଗାଡ଼ି ମାର୍କେଟ ଅଭିବୃଦ୍ଧି ମଧ୍ୟ ୭-୯ ପ୍ରତିଶତ କମିବ। ୨୦୦୮-୦୯ରେ ଦେଖାଦେଇଥିବା ଲିମେନ୍ ବ୍ରଦର୍ସ ସଙ୍କଟ ପରେ ଚଳିତବର୍ଷ ସବୁଠାରୁ ବଡ଼ ହ୍ରାସ ପରିଲକ୍ଷିତ ହେବ। ସେହିପରି କମ୍ ସମୟ ମଧ୍ୟରେ ନିୟମରେ ବାରମ୍ବାର ପରିବର୍ତ୍ତନ କରାଯିବା କାରଣରୁ ଦେଶରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି ବୋଲି ଅଟୋମୋଟିଭ ବିଜ୍‌ନେସ୍ ଇଣ୍ଟେଲିଜେନ୍ସ ପ୍ରୋଭାଇଡର ଜେଟୋ ଡାଇନାମିକ୍ସ ପ୍ରେସିଡେଣ୍ଟ ରବି ଭାଟିଆ କହିଛନ୍ତି। ସେ ନୂଆ ସୁରକ୍ଷା ନିୟମର ଉଦାହରଣ ଦେଇ କହିଛନ୍ତି ଯେ, ଏହାଦ୍ୱାରା ଗାଡି ମୂଲ୍ୟ ବଢ଼ିଛି ଏବଂ ନ୍ୟାଶନାଲ ଗ୍ରିନ୍ ଟ୍ରିବ୍ୟୁନାଲ୍ ଡିଜେଲ ଗାଡ଼ି ପ୍ରଚଳନ ଉପରେ କଟକଣା ଲଗାଇବା ଆରମ୍ଭ କଲେଣି। ଏହାଛଡ଼ା ଇଲେକ୍ଟ୍ରିକ୍ ଗାଡ଼ି ପ୍ରଚଳନ ଲାଗି ସରକାରଙ୍କ ବ୍ୟଗ୍ରତା ଅଟୋ ଶିଳ୍ପରେ ମାନ୍ଦାବସ୍ଥା ମାଡି ଆସିବାର ଅନ୍ୟତମ କାରଣ ବୋଲି ସେ କହିଛନ୍ତି। ଜେଟୋ ଡାଇନାମିକ୍ସ ମୁତାବକ, ବିଶ୍ୱରେ ଗାଡ଼ି ବଜାର(ପାସେଞ୍ଜର, ଲାଇଟ ଭେହିକିଲ୍) ଉତ୍ପାଦନ ୨୦୧୯ରେ ୬ରୁ୮ ପ୍ରତିଶତ ହ୍ରାସ ପାଇବାକୁ ଯାଉଛି। ଜେଟୋ ଡାଇନାମିକ୍ସର ସିନିୟର ଆନାଲିଷ୍ଟ ଫିଲିପ୍ ମୁନୋଜ କହିଛନ୍ତି ଯେ, ବିଶ୍ୱର ଶୀର୍ଷ ୧୦ ଅଟୋ ମାର୍କେଟ ଏବେ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛି। ଲୋକେ ଗାଡ଼ି କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ବିଶ୍ୱ ଅର୍ଥନୀତି ବିଗିଡିବାରେ ଲାଗିଛି। ଭୂରାଜନୈତିକ ଉତ୍ତେଜନା କାରଣରୁ ସମସ୍ୟା ବଢ଼ିବାରେ ଲାଗିଛି। ଏକ ଆକଳନରୁ ଜଣାପଡିଛି ଯେ, ଚାଇନାରେ ଗାଡ଼ି ଉତ୍ପାଦନ ଅଭିବୃଦ୍ଧି ହାର -୭.୩% ରହିଥିବା ବେଳେ ଆମେରିକାରେ ଏହା ମାତ୍ର -୨.୨% ରହିଛି। ଜାପାନରେ ଏହା ୦.୫%, ଜର୍ମାନୀରେ -୫.୫%, ଭାରତରେ -୧୧.୪%, ଦକ୍ଷିଣ କୋରିଆରେ ୦.୧%, ମେକ୍ସିକୋରେ -୧.୩%, ବ୍ରାଜିଲରେ ୫.୬%, ସ୍ପେନ୍‌ରେ -୧.୪% ଓ ଫ୍ରାନ୍ସରେ -୩.୪% ଉତ୍ପାଦନ ଅଭିବୃଦ୍ଧି ହ୍ରାସ ପାଇଛି। ମୁନୋଜ କହିଛନ୍ତି ଯେ, ଚାଇନାର ଘରୋଇ ଡାଟା ସ୍ତର ସମସ୍ତ ରେକର୍ଡ ଭାଙ୍ଗିଛି। ଆମେରିକାରେ ଚାଲିଥିବା ସମସ୍ୟା ପରିସ୍ଥିତିକୁ ଆହୁରି ଖରାପ କରିସାରିଲାଣି। ୟୁରୋପର ଅବସ୍ଥା ନ କହିଲେ ଭଲ। ସେଠାରେ ପଞ୍ଜୀକରଣ କ୍ରମାଗତ ହ୍ରାସ ପାଇଚାଲିଛି। ଅର୍ଥାତ୍ ବିକ୍ରି କମୁଛି। ଆଗାମୀ ଦିନରେ ଅଙ୍ଗାରକାମ୍ଳ ନିୟମ ଲାଗୁ ହେବା ପରେ ବଜାରକୁ ଆହୁରି କ୍ଷତିଗ୍ରସ୍ତ କରିବ।

■ ଉଦନ୍ତୀ ନଦୀରେ ବନ୍ୟାଜଳ ମାଡି ଆସିଲା

# ଟାପୁରେ ଫସିଥିବା ୧୦ ଉଦ୍ଧାର

- ■ ୫ ଶହରୁ ଊର୍ଦ୍ଧ୍ୱ ଗୋରୁ ଟାପୁରେ ଅଛନ୍ତି
- ■ ଅଗ୍ନିଶମ, ଓଡ୍ରାଫ ଜୀବନ ବଞ୍ଚାଇଲା
- ■ ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ

**ସିନାପାଲି, ୭।୯ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ଫୁରସୁଣ୍ଡ ଗ୍ରାମର ୧୦ ଜଣ ବ୍ୟକ୍ତି ଗାଁ ପାଖ ଉଦନ୍ତୀ ନଦୀର ଏକ ଟାପୁରେ ଶନିବାର ମଧ୍ୟାହ୍ନରୁ ଫସି ରହିଥିବାବେଳେ ରାତିରେ ସେମାନଙ୍କୁ ଅଗ୍ନିଶମ ଏବଂ ଓଡ୍ରାଫ ଟିମ୍ ଉଦ୍ଧାର କରିଛନ୍ତି। ହେଲେ ସେମାନେ ଚରାଇବାକୁ ନେଇଥିବା ୫ ଶହରୁ ଅଧିକ ଗୋରୁ ଉକ୍ତ ଟାପୁରେ ଅଛନ୍ତି। ଏଥିରୁ କିଛି ଭାସି ଯାଇଥିବା ଅନୁମାନ କରାଯାଉଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହଠାତ୍ ପାଣି ମାଡି ଆସିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇଲା ପରେ ସିନାପାଲି ଦମକଳ କେନ୍ଦ୍ରର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଟାପୁରେ ଫସି ରହିଥିବା ଘୁଚାଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଫୁରସୁଣ୍ଡ ଗ୍ରାମର ଡିଙ୍ଗର ସା (୬୦), ଜଗନ୍ନାଥ ରଣା (୩୫), ବିହାରୀ ସା (୩୫), ଛବିଲାଲ ସା (୪୫), ଗୟାରାମ ସା (୩୦),ମକରଧ୍ୱଜ ସା (୫୦), ସୁରତ ସା (୪୦), ମନିକା ସା (୧୮), ଗୌରୀଶଙ୍କର ରଣା (୩୫), ତିରନ ରଣା (୩୬)ଙ୍କୁ ଉଦ୍ଧାର କରାଯାଇଛି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସିନାହାନ୍ତି।



ଟାପୁରେ ଫସିଥିବା ଲୋକଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ କର୍ମଚାରୀମାନେ ନଦୀକୁ ଏୟାର ଟ୍ୟୁବ୍ ଧରି ଯାଉଛନ୍ତି।

# ବ୍ରାହ୍ମଣୀରେ ଡଙ୍ଗା ବୁଡ଼ି ୧୦ ନିଖୋଜ

**ପରଜଙ୍ଗ, ୭।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ବ୍ରାହ୍ମଣୀ ନଦୀରେ ଶନିବାର ରାତିରେ ଡଙ୍ଗାବୁଡ଼ି ୧୦ ନିଖୋଜ ହୋଇଥିବା ଜଣାପଡ଼ିଛି। ସୂଚନା ପାଇ ଅଗ୍ନିଶମ ବିଭାଗ, ବନ ବିଭାଗ ଏବଂ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଯାଇଛନ୍ତି। ଖବର ଲେଖାଯିବା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଡଙ୍ଗାଟି ଖଡଗପ୍ରସାଦ ଘାଟରୁ ରୋଡ୍ ପଞ୍ଚାୟତ ଅଧୀନ କୁନ୍ଦନଦେଇପୁର ଘାଟକୁ ଆସୁଥିଲା। କୌଣସି କାରଣରୁ ନଦୀ ମଝିରେ ଡଙ୍ଗାଟି ଓଲଟି ପଡ଼ିଥିଲା। ଏଥିରେ ୧୨ଜଣ ଯାତ୍ରୀ ଥିବାବେଳେ ୨ଜଣ କୂଳକୁ ପହଁରି ପହଁରି ଆସିଥିଲେ। ସେମାନଙ୍କଠାରୁ ସୂଚନା ପାଇ ପ୍ରଶାସନ ଉଦ୍ଧାର ପାଇଁ ପହଞ୍ଚିଛି। ନଦୀ ଅବବାହିକାରେ ହାତୀପଲ ରହିଥିବାରୁ ବନ ବିଭାଗ ଟିମ୍ ମଧ ଘଟଣା ସ୍ଥଳରେ ପହଞ୍ଚିଛି।


**APPOINTMENT**

An IBA Approved **Transport Co.** Requires **Branch Manager & Loading Supervisor** for Jharsuguda Office. Having Minimum Experience of 3 Years in Transport Line. Send Resume with Expected Salary to

**Email:-**
**nhtckol@gmail.com**


# ମାନସ ମଙ୍ଗରାଜଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା



ମାନସ ମଙ୍ଗରାଜ



ସୁସ୍ମିତା ବାଗ୍‌ଚୀ



ଆକାଶ ଦାସନାୟକ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୮ରେ ମାନସଙ୍କୁ ରାଜ୍ୟ ସରକାର(ଗଣମାଧ୍ୟମ ଓ ଲୋକସମ୍ପର୍କ)ଙ୍କ ବ୍ୟାପାର ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଥିଲା। ଓଡ଼ିଆ ଗଣମାଧ୍ୟମରେ ମାନସ ପୂର୍ବରୁ କାର୍ଯ୍ୟ କରିସାରିଛନ୍ତି। ବିଭିନ୍ନ ସରକାରୀ ଯୋଜନା, ବାର୍ତ୍ତାର ପ୍ରଚାର ପ୍ରସାର ସହ ମାନସ ଗଣମାଧ୍ୟମ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡିଛି। ନୂତନ ନିଯୁକ୍ତି ସହ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇଥିବାରୁ ମାନସ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନୁରୂପ ଭାବେ ‘ମୋ ସ୍କୁଲ’ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, ‘ମୋ କଲେଜ’ ଅଧ୍ୟକ୍ଷ ଆକାଶ ଦାସ ନାୟକଙ୍କୁ ମଧ୍ୟ ରାଷ୍ଟ୍ରପାହ୍ୟା ପ୍ରଦାନ କରାଯାଇଛି। ଅଗଷ୍ଟ ୧୬ରେ ଆକାଶ ଏବଂ ସୁସ୍ମିତାଙ୍କୁ ଯଥାକ୍ରମେ ‘ମୋ କଲେଜ’ ଓ ‘ମୋ ସ୍କୁଲ’ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇବା ପରେ ଆକାଶ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ସୁସ୍ମିତା ବାଗ୍‌ଚୀ, ଆକାଶଙ୍କୁ ମଧ୍ୟ ସମତୁଲ୍ୟ ପଦବୀ**



ବୈତରଣୀ ନଦୀ ଆଖୁଆପଦା ଆନିକଟରେ ବନ୍ୟାଜଳ।

■ ଆର୍ଥିକ ଅନଟନ ସହ ବାପାଙ୍କ ନିର୍ଯାତନା ଅସହ୍ୟ ହେଲା

# ୩ ଭଉଣୀଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଉରକେଲା ଅଫିସ,୭।୯**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ପୋଥଲକାଣ୍ଡ ଗାଁର ଗୋଟିଏ ପରିବାରର ୩ ଝିଅ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଶନିବାର ସନ୍ଧ୍ୟାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତେ ବିପଦ ମୁକ୍ତ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ଆର୍ଥିକ ଅନଟନ ଓ ବାପାଙ୍କ ନିର୍ଯାତନା ଅସହ୍ୟା ହେବାରୁ ସେମାନେ ଏପରି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି।

ବୀରମିତ୍ରପୁର ଥାନା ଅନ୍ତର୍ଗତ ପୋଥଲକାଣ୍ଡ ଗାଁର ଏହି ୩ ଭଉଣୀ ଶନିବାର ଅପରାହ୍ନ ୩ଟାରେ ପାରିବାରିକ ସମସ୍ୟା ବିଷ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ସେମାନଙ୍କୁ ଆରଜିଏଚ୍‌କୁ ଅଣାଯାଇଥିଲା। ଏହି ୩ ଜଣଙ୍କ ମଧ୍ୟରୁ ବଡ ଭଉଣୀ ଯୁକ୍ତ ୨ରେ ପଢୁଥିବା ବେଳେ ଜଣେ ଦଶମ ଓ ଅନ୍ୟ ଜଣେ ନବମ ଶ୍ରେଣୀର ଛାତ୍ରୀ। ସେମାନଙ୍କ ମା’ ଦୀର୍ଘଦିନ ହେବ ଘର ଛାଡି କୁଆଡେ ଚାଲିଯାଇଛନ୍ତି। ବାପା ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ରହୁଥିବାରୁ ସେମାନଙ୍କୁ ଅଣଦେଖା କରୁଛନ୍ତି । ଏଥିଯୋଗୁ ଘରର ଆର୍ଥିକ ସ୍ଥିତି ଦୁର୍ବଳ । ଏପରି ଅବସ୍ଥାରେ ବାପା ନିଶାସକ୍ତ ଅବସ୍ଥାରେ ଝିଅମାନଙ୍କୁ ମାରପିଟ୍ କରୁଥିବାରୁ ଘରେ ବାରମ୍ବାର ଅଶାନ୍ତି ଲାଗି ରହୁଛି । ବହୁ ବୁଝାସୁଝା ପରେ ବି ବାପା ନିଜକୁ ପରିବର୍ତ୍ତନ କରୁ ନାହାନ୍ତି । ଫଳରେ ୩ ଝିଅ ଦୀର୍ଘ ଦିନ ହେବ ମାନସିକ ଚାପରେ ରହୁଥିଲେ। ଏସବୁ ଅସହ୍ୟ ହେବାରୁ ଶେଷରେ ସେମାନେ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ସମ୍ପର୍କୀୟମାନେ କହିଛନ୍ତି।






# ଗଗନୟାନରେ ମହାକାଶ ଯିବେ ବଲାଙ୍ଗୀରର ନିଖିଲ

■ ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ଯାତ୍ରା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୭।୯**



ୱିଙ୍ଗସ କମାଣ୍ଡର ଫାଇଟର ପାଇଲଟ୍ ନିଖିଲ ରଥ।

ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ଯାତ୍ରା କାର୍ଯ୍ୟକ୍ରମ ମିଶନ୍ ଗଗନୟାନ ପାଇଁ ଭାରତୀୟ ବାୟୁସେନା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି । ମିଶନ୍ ଗଗନୟାନର ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ପ୍ରକ୍ରିୟାରେ ବଲାଙ୍ଗୀରର ୱିଙ୍ଗସ କମାଣ୍ଡର ଫାଇଟର ପାଇଲଟ୍ ନିଖିଲ ରଥ ମନୋନୀତ ହୋଇଛନ୍ତି। ଭାରତୀୟ ବାୟୁସେନାରେ ୱିଙ୍ଗ୍‌ସ କମାଣ୍ଡର ଭାବେ କାର୍ଯ୍ୟରତ ନିଖିଲ ହେଉଛନ୍ତି ବଲାଙ୍ଗୀର ସହରର ଆଡଭୋକେଟ୍ ତଥା ରାଜନେତା ଅଶୋକ ରଥ ଏବଂ ମହିଳା କମିଶନ୍ ସଦସ୍ୟା କୁସୁମ ରଥଙ୍କ ସୁପୁତ୍ର। ମିଶନ୍ ଗଗନୟାନ ପାଇଁ ମନୋନୀତ ନିଖିଲ ପ୍ରଥମ ଓଡ଼ିଆ ଭାବେ ଏଭଳି ଗୌରବର ଅଧିକାରୀ ହୋଇଛନ୍ତି।

ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟରୁ ୧୯୯୮ରେ ସଫଳତାର ସହ ସ୍କୁଲ ଶିକ୍ଷା ଶେଷ ପରେ ନିଖିଲ ଦିଲ୍ଲୀସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ୨୦୦୦ରେ ଯୁକ୍ତ୨ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ହିନ୍ଦୁ କଲେଜରେ ଯୁକ୍ତ ୩ ପାଠ ପଢ଼ିବା ବେଳେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପାଇଁ ମନୋନୀତ ହୋଇଥିଲେ। ୨୦୦୩ରେ ସଫଳତାର ସହ ଏନ୍‌ଡିଏରୁ ଉତ୍ତୀର୍ଣ୍ଣ ହେବା ପରେ ସେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ବର୍ତ୍ତମାନ ଫାଇଟର ପାଇଲଟ୍ ଭାବେ କାର୍ଯ୍ୟରତ ୱିଙ୍ଗ୍‌ସ କମାଣ୍ଡର ନିଖିଲଙ୍କୁ ମିଶନ୍ ଗଗନୟାନ ପାଇଁ ମନୋନୀତ କରାଯାଇଛି। ଭାରତୀୟ ବାୟୁସେନା ପକ୍ଷରୁ ଏହି ମିଶନ୍ ଗଗନୟାନ୍‌ର ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ପ୍ରକ୍ରିୟାକୁ ନେଇ ସୂଚନା ଦିଆଯିବା ପରେ ଏହା ଜଣାପଡିଛି।

ବାଙ୍ଗାଲୋରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋସ୍ପେସ୍ ମେଡିସିନ୍‌ରେ ଏହି ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ସରିଛି। ଚୟନ ପ୍ରକ୍ରିୟାରେ ଅତ୍ୟନ୍ତ କଠିନ ଶାରୀରିକ ପରୀକ୍ଷା, ଲାବ୍ ଇନ୍‌ଭେଷ୍ଟିଗେଶନ୍, ରେଡିଓଲଜି ଓ କ୍ଲିନିକାଲ ଟେଷ୍ଟ ସହ ମନୋବୈଜ୍ଞାନିକ ପରୀକ୍ଷା କରାଯାଇଛି । ଚଳିତବର୍ଷ ମେ’ରେ ଭାରତୀୟ ବାୟୁସେନା ଇସ୍ରୋ ସହ ଏକ ଚୁକ୍ତି କରି ମିଶନ୍ ଗଗନୟାନ ଲାଗି ମହାକାଶଚାରୀ ଚୟନ ଓ ପ୍ରଶିକ୍ଷଣ ଦେବା ସ୍ଥିର ହୋଇଥିଲା । ମିଶନ୍ ଗଗନୟାନରେ ୨୦୨୧ ସୁଦ୍ଧା ଇସ୍ରୋ ପକ୍ଷରୁ ମହାକାଶଚାରୀଙ୍କ ସହ ମହାକାଶ ଯାନ୍ ଉତ୍‌କ୍ଷେପଣର ଲକ୍ଷ୍ୟ ରହିଛି। ଅତି କମ୍‌ରେ ୩ଜଣ ସଦସ୍ୟ ମହାକାଶରେ ୭ ଦିନ କଟାଇବେ ବୋଲି କୁହାଯାଇଛି। ଏନେଇ ଜିଏସ୍‌ଏଲ୍‌ଭି ମ୍ୟାକ୍-୩କୁ ବ୍ୟବହାର କରାଯିବ ବୋଲି କୁହାଯାଇଛି। ୨୦୧୮ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଗନୟାନ ସମ୍ପର୍କରେ ଘୋଷଣା କରିଥିଲେ । ଏହି ମିଶନ୍‌ରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ବହୁ ଆକାଂକ୍ଷିତ ମିଶନ୍ ଗଗନୟାନ ପାଇଁ ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀରର ୱିଙ୍ଗ୍‌ସ କମାଣ୍ଡର ଫାଇଟର ପାଇଲଟ ନିଖିଲ ମନୋନୀତ ହେବାପରେ ଓଡିଶା ଓ ବଲାଙ୍ଗୀର ପାଇଁ ଏକ ବିରଳ ଗୌରବ ଆଣି ଦେଇଛନ୍ତି।


**Government College (Auto), Angul**
www.gaca.nic.in

**Admission Notice: 2019-20**

The College offers 5-Year I-MBA, 2-Yr. MBA (LE) & 2-Yr. M.Com. (F&C) Self-Financing (PPP Mode) Courses and Applications are invited for Admission into the following Courses for the Session 2019-20

| Course | Annual Fee | Eligibility |
|---|---|---|
| 5-Yr. I-MBA | Rs. 15,000/- | +2 in Any Stream with 40% |
| 2-Yr. MBA (Lateral entry) | Rs. 50,000/- | +3 in Any Stream with 40% |
| 2-Year M.Com. (Finance & Control) | Rs. 22,500/- | |

Scholarship: Available for eligible SC, ST, OBC & Minority category.

The Application form can be obtained from the College on all working days on payment of Rs. 100/- and the form duly filled in all respect should reach the Principal on or before 16.09.2019. PRINCIPAL

Phone: 06764-237370
I-MBA: 9437374360, MBA (LE): 9853590609, M.Com.(F&C): 9040717438

ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ।

–ଶ୍ରୀମା

# ବହୁ–ଗ୍ରହୀୟ ଜୀବନ



ଆକାର ପଟେଲ

ବିବର୍ତ୍ତନୀୟ ମାନଦଣ୍ଡରେ ଆମେ ଯଦି ଜୀବନକୁ ଦେଖିବା, ତେବେ ତା'ର ମୁଖ୍ୟ ମାଇଲ୍‌ଷ୍ଟୋନ୍‌ଗୁଡ଼ିକ କ'ଣ ହେବ? ପ୍ରଥମେ ଆସିବ ପ୍ରାୟ ୩୫୦ କୋଟି ବର୍ଷ ତଳେ ଦେଖାଯାଇଥିବା ଏକକୋଷୀ ପ୍ରାଣୀ। ତା'ପରେ ଆସିବେ ବହୁକୋଷୀ ପ୍ରାଣୀ, ସ୍ତନ୍ୟପାୟୀ ପ୍ରାଣୀ ଓ ଅନ୍ୟ ଉନ୍ନତ ପ୍ରାଣୀ। ପୁଣି ଜୀବନର ଗତି ସମୁଦ୍ରରୁ ଆରମ୍ଭ ହୋଇ ଭୂମି ଉପରକୁ ଆସିଛି ଏବଂ ତା'ପରେ ଚେତନାର ବିକାଶ ଘଟିଛି। ଶେଷରେ ଏହି ବିବର୍ତ୍ତନର ଧାରା ମଣିଷକୁ ବର୍ତ୍ତମାନର ଅବସ୍ଥାରେ ପହଞ୍ଚାଇଛି। ଏହି ମାନଦଣ୍ଡ ଉପରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ?

ଏହା ସ୍ପଷ୍ଟ ଯେ, ଯେତେବେଳେ ବିବର୍ତ୍ତନୀୟ ମାନଦଣ୍ଡରେ ଆମେ ଜୀବନକୁ ଦେଖିବା, ସେତେବେଳେ କଳା, ସଂସ୍କୃତି, ଭାଷା ପ୍ରଭୃତି ଅପ୍ରାସଙ୍ଗିକ ହୋଇପଡ଼ିବ। ମଣିଷ ସମାଜ ଆଜି ଯାଏ ଯେତେ ଯୁଦ୍ଧ ଲଢ଼ିଛି, ତାକୁ ନେଇ ଯେତେ ଇତିହାସ ଲେଖା ଓ ପଢ଼ା ହୋଇଛି, ତା'ର କିଛି ଗୁରୁତ୍ୱ ରହିବ ନାହିଁ। ଇତିହାସର ସମସ୍ତ ମହାପୁରୁଷ ଓ ମହୀୟସୀ ନାରୀ ମଧ୍ୟ ଅପ୍ରାସଙ୍ଗିକ ହୋଇପଡ଼ିବେ। ଏହି ମାନଦଣ୍ଡରେ ପରବର୍ତ୍ତୀ ପଦକ୍ଷେପ ହେବ ଜୀବନ ଓ ଚେତନାକୁ ବହୁ–ଗ୍ରହୀୟ (multi–planetary) କରିତୋଳିବା। ଅର୍ଥାତ୍ ପୃଥିବୀରୁ ଜୀବନକୁ ନେଇ ଅନ୍ୟ ଗ୍ରହଗୁଡ଼ିକରେ ପହଞ୍ଚାଇବା ଏବଂ ସେଠାରେ ମାନବ ସଭ୍ୟତାର ବିକାଶ ଘଟାଇବା। ଏହା ପ୍ରଥମେ ହେବ ଆମ ସୌରଜଗତ ଅନ୍ତର୍ଗତ ଅନ୍ୟ ଗ୍ରହରେ, ତା'ପରେ ଆମ ଛାୟାପଥ (ନୀହାରିକା) ଅନ୍ତର୍ଗତ ସୌରଜଗତଗୁଡ଼ିକରେ ଏବଂ ଶେଷରେ ମହାକାଶରେ ଥିବା ଅନ୍ୟାନ୍ୟ ନୀହାରିକାରେ।

ଯେତେବେଳେ ଆମେ ଇତିହାସ ଓ ବିବର୍ତ୍ତନ ଉପରେ ଦୃଷ୍ଟି ପକାଉ ଏବଂ ଏହି ଧାରାରେ ଉଚ୍ଚାଭିଳାଷ ପୋଷଣ କରୁ, ସେତେବେଳେ ଅନେକ ଜିନିଷ ଅର୍ଥହୀନ ହୋଇଯାଏ। ଆମର ପରସ୍ପର ଭିତରେ ଥିବା ସମସ୍ୟା ଏବଂ ଅନ୍ୟ ଦେଶ ଓ ଅନ୍ୟ ଧର୍ମ ଭିତରେ ରହିଥିବା ମତପାର୍ଥକ୍ୟ ଅତି ଛୋଟ ଓ ଅର୍ଥହୀନ ହୋଇପଡ଼େ। ଏହି ଦୃଷ୍ଟିରୁ ଚନ୍ଦ୍ରଯାନ–୨ର ବିଫଳତାକୁ ଆମେ ଦେଖିବା ଉଚିତ। ଚନ୍ଦ୍ରରେ ବରଫ ଆକାରରେ କେତେ ପାଣି ଅଛି, ତାହା ଦେଖିବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ। ଚନ୍ଦ୍ରରେ ମଣିଷର ଭିତ୍ତି– ଯାହା ହେବ ବହୁ–ଗ୍ରହୀୟ ଜୀବନଯାତ୍ରାର ପ୍ରଥମ ପଦକ୍ଷେପ– ତାହା ହେଉଛି ଚନ୍ଦ୍ରରେ ଥିବା ପାଣିକୁ ଠାବ କରିବା ଓ ତାକୁ ବ୍ୟବହାର କରିବାର କ୍ଷମତା ହାସଲ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏତେ ଅଧିକ ଯେ ପୃଥିବୀପୃଷ୍ଠରୁ ସବୁ ଜିନିଷ ବୁହାଇ ନେଇ ଗ୍ରହାନ୍ତରକୁ ମହାକାଶୀୟ ଯାତ୍ରା କରିବା ସହଜ ନୁହେଁ। ଗୋଟିଏ ରକେଟ୍‌ର ଓଜନ ଯେତିକି ତା'ର ୧୦ ପ୍ରତିଶତରୁ କମ୍ ଜିନିଷ ବହନ କରି ପୃଥିବୀର କକ୍ଷରେ ପ୍ରବେଶ କରିହେବ। ଅନ୍ୟ ୯୦ ପ୍ରତିଶତ ହେଉଛି ପ୍ରଥମ କିଛି ମିନିଟ ପାଇଁ ଇନ୍ଧନ ଓ ଧାରକ। କାରଣ କକ୍ଷପଥ ଭିତରକୁ ଯିବା ମାନେ ଘଣ୍ଟାକୁ ୨୮,୦୦୦ କିମି ବେଗ ହାସଲ କରିବା। ଯଦି କୌଣସି ବସ୍ତୁ ଏହାଠାରୁ କମ୍ ବେଗରେ ଗତି କରେ, ତେବେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ତାକୁ ପୁଣି ନିଜ ଆଡ଼କୁ ଟାଣିଆଣିବ। ଯଦି ଆମେ ୪ ବର୍ଷ ବା ଅଧିକ କାଳ ଯାତ୍ରା କରିବାକୁ ଚାହୁଁ (ମଙ୍ଗଳକୁ ଯିବା ଓ ଫେରିବା ପାଇଁ ଅତି କମ୍‌ରେ ସେତିକି ସମୟ ଦରକାର), ତେବେ ଆବଶ୍ୟକ ଖାଦ୍ୟ, ଜଳ ଓ ଇନ୍ଧନ ସାଙ୍ଗରେ ନେଇ ହେବ ନାହିଁ। ତାକୁ ଅନ୍ୟ କୋଉଠୁ ସଂଗ୍ରହ କରିବାକୁ ହେବ ବା ତିଆରି କରିବାକୁ ପଡ଼ିବ। ଗରିବ ଦେଶଗୁଡ଼ିକରେ ସରକାର ଅବାସ୍ତବ ପ୍ରକଳ୍ପଗୁଡ଼ିକ ପାଇଁ ଯେଉଁ ବିପୁଳ ଟଙ୍କା ଖର୍ଚ୍ଚ କରନ୍ତି, ତାକୁ ଆମ ଭିତରୁ ଅନେକେ ପସନ୍ଦ କରନ୍ତି ନାହିଁ। ଅନ୍ୟ ଜିନିଷଗୁଡ଼ିକ ଉପରେ ଧ୍ୟାନ ଦେବା ଉଚିତ ବୋଲି ସେମାନେ ମତପୋଷଣ କରନ୍ତି। ଏହା ପୂର୍ବରୁ ମୁଁ ଲେଖିଥିଲି ଯେ ଆମେ ମହାକାଶୀୟ ଗବେଷଣା ଓ ଅନୁସନ୍ଧାନକୁ ଖୋଲା ମନରେ ବିଚାର କରିବା ଉଚିତ।

ଏକ ବିଫଳ ପ୍ରୟାସ ହେଉଛି ଏକ ବିଫଳତା ଏବଂ ଏକ କ୍ଷତି, ଯଦି ଆମେ ଏଥିରୁ କିଛି ଶିକ୍ଷା ନ କରୁ। ମହାକାଶ ହେଉଛି ବିପଜ୍ଜନକ ଏବଂ ଆମେ ପରବର୍ତ୍ତୀ ପଦକ୍ଷେପ ନେବାକୁ ଗଲାବେଳେ ଅନେକ ବିଫଳ ପ୍ରୟାସର ସାମ୍ନା କରିବାକୁ ପଡ଼ିପାରେ। ବିଶ୍ୱର ବୃହତ୍ତମ ସ୍ପେସ୍ କମ୍ପାନୀ ସ୍ପେସ୍‌ଏକ୍ସ ହେଉଛି ପ୍ରଥମ ଘରୋଇ କମ୍ପାନୀ ଯିଏ ପ୍ରାୟ ୧୦ ବର୍ଷ ତଳେ ପୃଥିବୀର କକ୍ଷପଥରେ ରକେଟ ସଂସ୍ଥାପନ କରିଥିଲା। ଏହା ପ୍ରଥମ ତିନିଥର ଏଥିରେ ବିଫଳ ହୋଇଥିଲା ଏବଂ ପାଖରେ ଯଥେଷ୍ଟ ଟଙ୍କା ଥିବାରୁ ଏହା ଚତୁର୍ଥ ଥର ପାଇଁ ଚେଷ୍ଟା କରି ସଫଳ ହୋଇଥିଲା। ବର୍ତ୍ତମାନ ୧୦ ବର୍ଷ ପରେ ମହାକାଶ ଗବେଷଣା କ୍ଷେତ୍ରରେ ଅନେକ ବିକାଶ ହେବା ପରେ ଏହା ମଙ୍ଗଳଗ୍ରହକୁ ମଣିଷକୁ ନେବା ପାଇଁ ବିରାଟ ବିରାଟ ରକେଟ୍ ପ୍ରସ୍ତୁତ କରୁଛି। କମ୍ପ୍ୟୁଟରର ଶକ୍ତି ଯୋଗୁ ଏବେ ଦ୍ରୁତଗତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବିକାଶ ଘଟିଚାଲିଛି। ଆମ ଜୀବନକାଳ ଭିତରେ ଏବଂ ବାସ୍ତବରେ ଅଳ୍ପ କିଛି ବର୍ଷ ଭିତରେ ବହୁ ବଡ଼ ବଡ଼ ସଫଳତା ମିଳିବାର ସମ୍ଭାବନା ଅଛି, ଯାହା ଆମେ ଏବେ କଳ୍ପନା ବି କରିପାରିବା ନାହିଁ। ପରିଶେଷରେ ପୃଥିବୀରେ ଜୀବନଧାରଣ କଷ୍ଟକର ହୋଇପାରେ। ପୃଥିବୀ ସହ କୌଣସି ଗ୍ରହାଣୁ ମାଡ଼ ହୋଇ ବା ପ୍ରାକୃତିକ ମହାବିପର୍ଯ୍ୟୟ ଯୋଗୁ ଜୀବସତ୍ତା ଲୋପ ପାଇଯାଇପାରେ। ତାହା ଯଦି ନ ହୁଏ, ତେବେ କିଛି ବିଲିୟନ ବର୍ଷ ପରେ ସୂର୍ଯ୍ୟ ତା'ର ଶକ୍ତି ହରାଇ ଏକ ଲୋହିତ ତାରକାରେ ପରିଣତ ହେବ ଏବଂ ପୃଥିବୀ ଧ୍ୱଂସ ପାଇଯିବ। ତେଣୁ ମଣିଷ ଓ ଚେତନଶୀଳ ଜୀବ ବଞ୍ଚିବାର ଏକମାତ୍ର ରାସ୍ତା ହେଉଛି ପୃଥିବୀ ଛାଡ଼ି ମହାକାଶରେ ଅନ୍ୟ କେଉଁଠିକୁ ପଳାଇବା। ବର୍ତ୍ତମାନ ଇସ୍ରୋ, ନାସା, ଚାଇନିଜ୍ ସ୍ପେସ୍ ଏଜେନ୍ସି ଏବଂ ସ୍ପେସ୍‌ଏକ୍ସର ପ୍ରଚେଷ୍ଟାକୁ ଆମେ ମାନବଜଗତର ଏହି ପ୍ରଚେଷ୍ଟାର ଅଂଶବିଶେଷ ଭାବେ ଦେଖିବା ଉଚିତ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୯୪

- ଭାରତ ଓ ଭିଏତ୍‌ନାମ ମଧ୍ୟରେ ପ୍ରତିରକ୍ଷା ସମେତ ୪ଟି ରାଜିନାମା ସ୍ୱାକ୍ଷରିତ।
- ଭଦ୍ରକ ଓ ଯାଜପୁର ମଧ୍ୟଦେଇ ପ୍ରବାହିତ ଗେଙ୍ଗୁଟି ନଦୀରେ ନୌକା ଦୁର୍ଘଟଣା ଘଟି ୧୦ ଜଣ ଲୋକ ଭାସିଯାଇ ପ୍ରାଣ ହରାଇଛନ୍ତି।
- ଶିଳ୍ପମନ୍ତ୍ରୀ ଦିଲୀପ ରାୟ ମନ୍ତ୍ରିପଦରୁ ଇସ୍ତଫା ପ୍ରଦାନ କରିଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | 2 | | | | | | 4 | | | | 5 | |
| | 8 | | A | | 0 | 4 | | | | 7 | | 1 | | 3 |
| | D | | | | | | 6 | 8 | 3 | 5 | | | C | |
| | 3 | | | | | | | | | E | | | | 9 |
| | | | | 5 | 9 | | | B | | C | | 7 | | 2 |
| 6 | | C | 4 | | | | 0 | | 8 | 9 | | | | 7 |
| | | | 1 | | | 2 | B | | | | | | 6 | |
| 1 | A | | | 9 | | | | | 2 | | | E | | |
| | 4 | | | E | 5 | | | | | 3 | | 0 | 2 | |
| 5 | 0 | 9 | 3 | 7 | | | | A | C | | B | 4 | | D |
| | 1 | | C | 6 | D | | | | B | | | | | |
| | | 4 | | B | | | | 3 | | | 5 | | | 6 |
| 7 | | E | | | 1 | 9 | | | | | | | | |
| | | | 7 | | | | | | A | | | 2 | | |
| | | | 5 | 0 | | C | | | | 4 | | A | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | 6 | 0 | 3 | D | 9 | 4 | A | B | 5 | E | 8 | C | 7 |
| B | 5 | D | 2 | 7 | 9 | E | 1 | 8 | 4 | C | 6 | A | 0 | 3 |
| 9 | E | C | 4 | 5 | 1 | 0 | D | 7 | 3 | 8 | A | 2 | B | 6 |
| 8 | 4 | 0 | 6 | B | A | C | 5 | 3 | 2 | 1 | 7 | D | E | 9 |
| 3 | A | 7 | E | C | 8 | B | 2 | 6 | D | 0 | 9 | 4 | 1 | 5 |
| E | 8 | 4 | D | 1 | C | 2 | 7 | 5 | 6 | A | B | 3 | 9 | 0 |
| A | 0 | 1 | B | 2 | 7 | 8 | 3 | C | E | 9 | D | 6 | 5 | 4 |
| 5 | 3 | 2 | A | 8 | E | 6 | 9 | D | 0 | 4 | 1 | C | 7 | B |
| 6 | C | B | 9 | 4 | 3 | A | E | 0 | 5 | 7 | 8 | 1 | 2 | D |
| D | 7 | 9 | 5 | 6 | 0 | 4 | B | 1 | C | 3 | 2 | E | 8 | A |
| C | 1 | E | 7 | D | 5 | 3 | 0 | 9 | 8 | 6 | 4 | B | A | 2 |
| 7 | 9 | 3 | C | E | B | 1 | 6 | 4 | A | 2 | 0 | 5 | D | 8 |
| 2 | B | 8 | 3 | 0 | 4 | 5 | A | E | 7 | D | C | 9 | 6 | 1 |
| 0 | 6 | 5 | 1 | A | 2 | D | 8 | B | 9 | E | 3 | 7 | 4 | C |
| 4 | D | A | 8 | 9 | 6 | 7 | C | 2 | 1 | B | 5 | 0 | 3 | E |

ଗତକାଲି ପ୍ରକାଶିତ ଉତ୍ତର

# ଅଧାଗ୍ଲାସ୍ ପାଣି



ପ୍ରକାଶ ତ୍ରିପାଠୀ

ଆପଣଙ୍କୁ ଯେତିକି ଶୋଷ ଲାଗୁଛି, ସେତିକି ପାଣି ଗ୍ଲାସ୍‌ରେ ଢାଳି ପିଅନ୍ତୁ। ଅଯଥା ନଷ୍ଟ କରନ୍ତୁ ନାହିଁ। ଏଭଳି ଉପଦେଶ ଯଦି କେହି ଦିଅନ୍ତି, ତେବେ ପ୍ରଥମେ ତ ଆପଣଙ୍କୁ ଏହା ଅଜବ ଲାଗିପାରେ। ମାତ୍ର ଟିକେ ଗଭୀରିଆ ଚିନ୍ତା କଲେ ଏହାର ମର୍ମ ବୁଝିପାରିବେ। ଏବେ ଏହାର ମର୍ମ ଠିକ୍ ବୁଝିଛନ୍ତି ରାଜସ୍ଥାନବାସୀ। ରାଜସ୍ଥାନରେ ସାଧାରଣତଃ ବର୍ଷାର ପରିମାଣ କମ୍ ହୋଇଥାଏ। ସେଥିପାଇଁ ଏଠାରେ ବିସ୍ତୀର୍ଣ୍ଣ ମରୁଭୂମିମାନ ଦେଖାଯାଇଥାଏ। ଜନସାଧାରଣ ପାଣି ବାଲ୍‌ଟିଏ ପାଇଁ ମାଇଲ ମାଇଲ ଦୂରକୁ ଯାଇଥାନ୍ତି। ଏଭଳି କ୍ଷେତ୍ରରେ ପିଇବା ପାଣିର ମୂଲ୍ୟ ବୁଝିଛନ୍ତି ରାଜସ୍ଥାନର ଭିଲୱାଡା ଜିଲାର ଜିଲାପାଳ। ଆରମ୍ଭ କରିଛନ୍ତି ହାଫ୍ ଗ୍ଲାସ୍ ୱାଟର ବା 'ଅଧାଗ୍ଲାସ୍ ପାଣି' ଅଭିଯାନ। ଯଦି ଅଧାଗ୍ଲାସ୍ ପାଣି ପିଇ ଆମ ତୃଷ୍ଣା ମେଣ୍ଟିପାରୁଛି, ତେବେ ଗୋଟିଏ ପୂରା ଗ୍ଲାସ୍ ପାଣି କାହିଁକି ମଗାଇବା। ପ୍ରାଥମିକ ସ୍ତରରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି। କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ପଚାରି ପିଇବା ପାଇଁ ପାଣି ଦିଅନ୍ତୁ ଏବଂ ଅଧାଗ୍ଲାସ୍ ପାଣି ଦିଅନ୍ତୁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ଯେଭଳି ଭାବେ ମଧୁର ଜଳ ପୃଥିବୀପୃଷ୍ଠରୁ କମି କମି ଯାଉଛି, ଆଜିଠାରୁ ଏହାର ସଞ୍ଚୟ ତଥା ବ୍ୟର୍ଥ ଉପଯୋଗକୁ ରୋକା ନ ଗଲେ ପରବର୍ତ୍ତୀ ପିଢିଙ୍କ ପାଇଁ ଏହା ଚରମ ସଙ୍କଟ ସୃଷ୍ଟିକରିବ। ଜଣେ ଶୋଷ ମେଣ୍ଟିଲା ପର୍ଯ୍ୟନ୍ତ ପାଣି ପିଇବାକୁ ମନା ନାହିଁ। ମାତ୍ର ଟୋପାଏ ପାଣି ବି ନଷ୍ଟ ନ କରିବା ହିଁ ଏହି ଅଧାଗ୍ଲାସ୍ ପାଣି ଅଭିଯାନର ମୂଳ ଲକ୍ଷ୍ୟ।

ଅଧାଗ୍ଲାସ୍ ପାଣି ଅଭିଯାନକୁ ଅଧିକ ସକ୍ରିୟ କରିବା ପାଇଁ ସୋସିଆଲ ମିଡିଆକୁ ଆୟୁଧ କରିଛନ୍ତି ଗୁରୁଗାଓଁର ଆୟୁର୍ବେଦ ଡାକ୍ତର ପରମେଶ୍ୱର ଆରୋଡା। ସେ ଏକ ଭିଡିଓ ମାଧ୍ୟମରେ ପିଇବା ପାଣିର ସଂରକ୍ଷଣ ତଥା ଅପଚୟ ନ କରିବାକୁ ନିବେଦନ କରିଛନ୍ତି। ସାଧାରଣତଃ ଦେଖାଯାଇଥାଏ, ଘରକୁ ଅତିଥି ଆସିଲେ ପ୍ରଥମେ ଆମେ ତାଙ୍କୁ ପାଣି ଗ୍ଲାସ୍‌ଟିଏ ପିଇବାକୁ ଦେଇଥାଉ। ଯଦି ଶୋଷ ଲାଗୁଥିବ, ତେବେ ଅତିଥି ପାଣି ଗ୍ଲାସ୍‌ଟିକୁ ପିଇ ତୃପ୍ତି ଲାଭ କରିଥାନ୍ତି। ଶୋଷ ଲାଗୁ ନ ଥିଲେ ଢୋକେ ଦି ଢୋକ ପିଇ ଅବଶିଷ୍ଟ ପାଣି ଛାଡି ଦେଇଥାନ୍ତି। କେହି କେହି ଶୋଷ ଲାଗୁ ନ ଥିଲେ ବି ସୌଜନ୍ୟ ଦୃଷ୍ଟିରୁ ବାଧହୋଇ ଗ୍ଲାସ୍‌ର ସମସ୍ତ ପାଣି ପିଇ ଦିଅନ୍ତି। ଢୋକେ ପିଇଥିବା ଗ୍ଲାସ୍‌ର ଅବଶିଷ୍ଟ ପାଣିକୁ ଫିଙ୍ଗା ଯାଇଥାଏ। ସେହିପରି ଶୋଷ ନ ଥାଇ ପାଣି ପିଇଥିବା ଅତିଥି କିଛି ସମୟ ପରେ ପରିସ୍ରାଗାର ଯିବାକୁ ବାଧ ହୋଇଥାନ୍ତି ଓ ଟଏଲେଟ ଫ୍ଲସ୍ କରି ଆହୁରି ଛଅ ଲିଟର ପାଣି ଅଧିକ ଖର୍ଚ୍ଚ କରିଥାନ୍ତି। ଏହିଭଳି ପାଣିର ଅପବ୍ୟବହାର ଯୋଗୁ ଭାରତରେ ଦିନକୁ ପ୍ରାୟ ୩୦୦ କୋଟି ଲିଟର ପାଣି ନଷ୍ଟ ହେଉଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି। ଘରକୁ ଅତିଥି ଆସିଲେ ସେମାନଙ୍କ ପାଇଁ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ଯଦି ଖାଇବା ଟେବୁଲରେ ସେମାନେ ପ୍ଲେଟ୍‌ରେ କିଛି ଖାଦ୍ୟ ଛାଡି ଉଠିଯାଆନ୍ତି, ତେବେ ଆପଣଙ୍କୁ ଏହା ଖୁବ୍ କଷ୍ଟ ଦିଏ। ଯଦି ଢୋକେ ବା ଦି ଢୋକ ପାଣି ପିଇ ଗ୍ଲାସ୍‌ରେ ବଳକା ପାଣି ଛାଡି ଉଠିଯାଆନ୍ତି, ତେବେ ଆପଣଙ୍କୁ ବା ଆପଣଙ୍କ ଅତିଥିଙ୍କୁ ବିଶେଷ କିଛି ଫରକ ପଡେନି। କାରଣ ପିଇବା ପାଣିର ମୂଲ୍ୟ ନା ଆପଣ ନା ଆପଣଙ୍କ ଅତିଥି ବୁଝିପାରୁଛନ୍ତି। ସେ ସମୟ ଆଉ ବେଶି ଡେରି ନାହିଁ ଯେତେବେଳେ କି ପିଇବା ପାଣି ମୁନ୍ଦେ ପାଇଁ ଆମକୁ ଚିତ୍କାର କରିବାକୁ ପଡିବ।

ଅଧାଗ୍ଲାସ୍ ପାଣି ଅଭିଯାନକୁ ଆଉ ପାଦେ ଆଗକୁ ନେଇଛି ଦୈନିକ ହିନ୍ଦୀ ଖବରକାଗଜ ଜାଗରଣ। ଜଳ ହିଁ ଜୀବନ। ଜଳକୁ ନେଇ ଆଗାମୀ ଦିନର ସଙ୍କଟରୁ ବଞ୍ଚିବା ପାଇଁ ଆଜି ହିଁ ଠୋସ୍ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛି ଦୈନିକ ଜାଗରଣ। 'ବରବାଦ କରନା ମୋତେ ମନେରଖ ଏତିକି, ଶୋଷେ ତୁମେ ରହିଯିବ ମୋତେ ଟୋପେ ନ ପାଇକି। କେତେ ବରବାଦ କରି ତାମସା ଦେଖିବ, ସଙ୍କଟ ଆସିଲେ ଦିନେ ନିଶ୍ଚେ ମୋତେ ଭାବିବ।' ଏଭଳି ଏକ ସ୍ଲୋଗାନ ମାଧ୍ୟମରେ ଜଳ ସଚେତନତା ସୃଷ୍ଟି କରୁଛି ଦୈନିକ ଜାଗରଣ। ଅଧାଗ୍ଲାସ୍ ପାଣି ଅଭିଯାନର ପ୍ରକୃତ ସୃଷ୍ଟିକର୍ତ୍ତା ହେଉଛନ୍ତି ବାଙ୍ଗାଲୋରର କଲେଜ ଛାତ୍ରୀ ଗର୍ବିତା ଗୁଲାଟି। ଏଥିପାଇଁ ଗତବର୍ଷ ବିଶ୍ୱ ପରିବର୍ତ୍ତନକାରୀ ବା ଗ୍ଲୋବାଲ୍ ଚେଞ୍ଜମେକର୍ ସମ୍ମାନରେ ସମ୍ମାନିତ ହୋଇଥିବା ଗର୍ବିତା ୪୨ ଦେଶର ୬୦ ଜଣ ବିଜେତାଙ୍କ ମଧ୍ୟରେ ଏକମାତ୍ର ଭାରତୀୟ। ବାଙ୍ଗାଲୋରର ଏକ ରେସ୍ତୋରାଁରେ ପାଣିର ଅପବ୍ୟବହାର ଦୃଶ୍ୟ ଦେଖିବା ପରେ ତାଙ୍କ ମନ ଆନ୍ଦୋଳିତ ହୋଇଥିଲା। ଗରାଖଙ୍କ ଟେବୁଲରେ ଥିବା ଗ୍ଲାସ୍‌ରେ ସର୍ଭିସ୍ ବୟଟି ବାରମ୍ବାର ପାଣି ଭର୍ତ୍ତି କରୁଥିବା ଓ ଶେଷରେ ପାଣି ତକ ନଷ୍ଟ ହେଉଥିବା ସେ ଦେଖିବା ପରେ ପାଣିର ସଞ୍ଚୟ ଓ ଠିକ୍ ଉପଯୋଗ ଉପରେ ସେ ତାଙ୍କର ଅଭିଯାନ ଆରମ୍ଭ କଲେ। ଗରାଖଙ୍କୁ ପଚାରି ତାଙ୍କ ଟେବୁଲରେ ଥିବା ଗ୍ଲାସ୍‌ରେ ପାଣି ଭରିବାକୁ ସେ ବିଭିନ୍ନ ହୋଟେଲ ଓ ରେସ୍ତୋରାଁରେ ସଚେତନତା ସୃଷ୍ଟି କରିବାକୁ ଲାଗିଲେ। ପାଠ ପଢିବା ପରିବର୍ତ୍ତେ ଏପରି ଫାଲ୍‌ତୁ କାମରେ ମନୋନିବେଶ ନ କରିବାକୁ ତାଙ୍କୁ ଅନେକେ ପରାମର୍ଶ ଦେଲେ। ହେଲେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ ଗର୍ବିତା। ଏଥିରେ ତାଙ୍କୁ ସହଯୋଗ କରିଥିଲେ ତାଙ୍କ ସହପାଠୀ ପୂଜା ତନୱାଡେ। ପରେ ସେମାନଙ୍କୁ ସହାୟତାର ହାତ ବଢାଇଥିଲା ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥା ଓ ତା'ପରେ ଆରମ୍ଭ ହୋଇଥିଲା ଏକ ସୋସିଆଲ ଗ୍ରୁପ୍ ଯାହାର ନାମ ଥିଲା change.org। ଏହାର ପ୍ରଥମ ସ୍ଲୋଗାନ ଥିଲା 'କାହିଁକି ଅପଚୟ'। ଗର୍ବିତାଙ୍କୁ ଗ୍ଲୋବାଲ ଚେଞ୍ଜମେକର ନେଟ୍‌ୱର୍କ ପକ୍ଷରୁ ସମ୍ମାନ ମିଳିବା ପରେ ଦେଶବ୍ୟାପୀ ହାଫ୍ ଗ୍ଲାସ୍ ୱାଟର ବା ଅଧାଗ୍ଲାସ୍ ପାଣି ଅଭିଯାନ ବେସରକାରୀ ସ୍ତରରୁ ସରକାରୀ ସ୍ତରକୁ ବ୍ୟାପିଲାଣି।

ଜଳ ସଂରକ୍ଷଣ ତଥା ଏହାର ଅପଚୟକୁ ରୋକିବା ଦିଗରେ କାର୍ଯ୍ୟ କରୁଥିବା ମଣିଷଙ୍କ ଭିତରେ ଆଉ ଜଣେ ନିଆରା ମଣିଷ ହେଉଛନ୍ତି ମୁମ୍ବାଇର ଆବିଦ୍ ସୁର୍ତ୍ତୀ। ୮୫ ବର୍ଷୀୟ ଆବିଦ୍‌ଙ୍କ ଦ୍ୱାରା ସ୍ଥାପିତ ଡ୍ରପ୍ ଡେଡ୍ ଫାଉଣ୍ଡେଶନ ସମ୍ପ୍ରତି ବିନା ମୂଲ୍ୟରେ ଅର୍ଥାତ୍ ମାଗଣାରେ ବୁନ୍ଦା ବୁନ୍ଦା କ୍ଷରଣ ହେଉଥିବା ପାଣି ଟ୍ୟାପ୍‌ଗୁଡିକୁ ମରାମତି କରୁଛନ୍ତି। ମୁମ୍ବାଇରେ ପାଣିର ସଙ୍କଟକୁ ପିଲାଟି ଦିନରୁ ଅଙ୍ଗେ ନିଭାଇଛନ୍ତି ଆବିଦ୍। ମଧ୍ୟବିତ୍ତ ପରିବାରଗୁଡିକରେ ଲିକ୍ କରୁଥିବା ପାଣିଟ୍ୟାପ୍ ଅଧିକ ଦେଖିବାକୁ ମିଳିଥାଏ। ପାଇପ ମିସ୍ତ୍ରିଙ୍କ ମଜୁରି ଦେବାକୁ ପସନ୍ଦ କରୁ ନ ଥିବା ଏହି ପରିବାରଗୁଡିକ ସାଧାରଣତଃ ଖର୍ଚ୍ଚାନ୍ତ ହେବା ଅପେକ୍ଷା ବୁନ୍ଦା ବୁନ୍ଦା ପାଣି କ୍ଷରଣକୁ ଗ୍ରହଣ କରିନିଅନ୍ତି। ଏକ ସର୍ବେକ୍ଷଣ କୁହେ ପାଣି ଲିକ୍ କରୁଥିବା ଗୋଟିଏ ଟ୍ୟାପ୍‌ରୁ ମାସିକ ପ୍ରାୟ ଏକ ହଜାର ଲିଟର ପାଣି ବରବାଦ ହୋଇଥାଏ। ଏହା ଜାଣିବା ପରେ ପାଣି ଟ୍ୟାପ୍ ମରାମତି ପାଇଁ ଆଗେଇ ଆସନ୍ତି ଆବିଦ୍ ସୁର୍ତ୍ତୀ। ୨୦୦୭ ମସିହାରୁ ମାଗଣାରେ ପାଣି ଟ୍ୟାପ୍ ମରାମତି କାମକୁ ସେ ଅବ୍ୟାହତ ରଖିଛନ୍ତି। ପ୍ରତି ସୋମବାର ସେ ବିଭିନ୍ନ ଆପାର୍ଟମେଣ୍ଟ, ବସ୍ତି ଓ ସାହି ଆଦି ବୁଲି ସେଠାକାର ମୁଖିଆଙ୍କ ସହ ଆଲୋଚନା କରନ୍ତି ଓ ଯେଉଁମାନଙ୍କ ଘରେ ଟ୍ୟାପ୍ ଖରାପ ଅଛି ତା'ର ଚିଠା ପ୍ରସ୍ତୁତ କରିବାକୁ ନିବେଦନ କରିଥାନ୍ତି। ଶନିବାର ସେହି ଚିଠା ସଂଗ୍ରହ କରାଯିବା ପରେ ରବିବାର ସକାଳୁ ମରାମତି କାର୍ଯ୍ୟ ଆରମ୍ଭ ହୁଏ। ନିଜେ ଆବିଦ୍ ଜଣେ ପାଇପ ମିସ୍ତ୍ରିଙ୍କୁ ନିଜ ମୋଟରସାଇକେଲରେ ବସାଇ ସେହିସବୁ ସ୍ଥାନରେ ପହଞ୍ଚନ୍ତି ଓ ଖରାପ ଥିବା ପାଣି ଟ୍ୟାପ୍‌ଗୁଡିକୁ ସଜାଡି ଦିଅନ୍ତି ବା ନୂଆ ଲଗାଇଦିଅନ୍ତି। ଗତ ବାରବର୍ଷ ଭିତରେ ସେ ତେର ହଜାରରୁ ଊର୍ଦ୍ଧ୍ୱ ଘରକୁ ଯାଇ ପାଣି ଟ୍ୟାପ୍ ମରାମତି କରିସାରିଲେଣି। ୮୦ଟି ପୁସ୍ତକର ରଚୟିତା ତଥା ଜଣେ ଚିତ୍ରକର ଓ କାର୍ଟୁନିଷ୍ଟ ଭାବେ ଆବିଦ୍ ସମ୍ମାନିତ ହେବା ସହ ଗ୍ରହଣ କରିଥିବା ପୁରସ୍କାର ରାଶି ସେ ତାଙ୍କ ସମାଜସେବାରେ ବ୍ୟୟ କରିଥାନ୍ତି। ପ୍ରଥମେ ପ୍ରଥମେ ପାଇପ ମିସ୍ତ୍ରିମାନେ ଆବିଦ୍‌ଙ୍କଠାରୁ ପାରିଶ୍ରମିକ ନେଉଥିଲେ। ହେଲେ ଆବିଦ୍‌ଙ୍କର ନିଃସ୍ୱାର୍ଥପର ସେବା ଦେଖି ସେମାନେ ମଧ୍ୟ ଏବେ ବିନାମୂଲ୍ୟରେ ସେବା ପ୍ରଦାନ କରୁଛନ୍ତି।

ଭିଲୱାଡା ଜିଲାପାଳ, ଦୈନିକ ଜାଗରଣ, ପରମେଶ୍ୱର ଆରୋଡା, ଗର୍ବିତା ଗୁଲାଟି ଓ ଆବିଦ୍ ସୁର୍ତ୍ତୀ– ଏମାନେ ସମସ୍ତେ ଆମ ପରବର୍ତ୍ତୀ ବଂଶଧରଙ୍କ ପାଇଁ ପାଣି ସଞ୍ଚୟ କରିବାକୁ ଅଣ୍ଟା ଭିଡିଛନ୍ତି। ଆମେ ବି ଏ ଦିଗରେ ଟିକେ ଚିନ୍ତାକରି ପଦକ୍ଷେପ ନେଲେ କେମିତି ହୁଅନ୍ତା! ପାଣି ଅପଚୟର ଏହା ଛୋଟ ଛୋଟ କାରଣ ହୋଇପାରେ। ବୁନ୍ଦା ବୁନ୍ଦା ପାଣି ସଂରକ୍ଷଣ କାହାକୁ ହାସ୍ୟାସ୍ପଦ ଲାଗିପାରେ। ମାତ୍ର ଏହି ଛୋଟ ଛୋଟ ଅପଚୟକୁ ରୋକିବାରେ ସଫଳ ହୋଇପାରିଲେ ଆସନ୍ତାକାଲି ବହୁଳ ଜଳ ଅପଚୟ ରୋକିବାକୁ ଏହା ନିଶ୍ଚିତଭାବେ ପ୍ରେରଣା ଯୋଗାଇବ।

ମୋ–୯୪୩୭୨୩୨୪୬୩,
ଇମେଲ–prakas.tripathy09@gmail

# ଶାନ୍ତିର ଆଲୋକବର୍ତ୍ତିକା

## ବ୍ୟକ୍ତିତ୍ୱ



ମହମ୍ମଦ ୟୁନୁସ୍

ବିଶ୍ୱରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ଦିଗରେ ଇଟାଲୀୟ କ୍ୟାଥଲିକ୍ ଧର୍ମ ପ୍ରଚାରକ ସେଣ୍ଟ ଫ୍ରାନ୍ସିସ୍‌ଙ୍କ ଭୂମିକା ସ୍ମରଣୀୟ। ଭାଟିକାନ୍ ପକ୍ଷରୁ ତାଙ୍କ କାର୍ଯ୍ୟ ଓ ଦିଗ୍‌ଦର୍ଶନକୁ ଉଜ୍ଜୀବିତ କରି ରଖିବା ପାଇଁ 'ଲ୍ୟାମ୍ପ ଅଫ୍ ପିସ୍ ଅଫ୍ ସେଣ୍ଟ ଫ୍ରାନ୍ସିସ୍' ସମ୍ମାନ ପ୍ରଦାନ କରାଯାଇଆସୁଛି। ପୋଲାଣ୍ଡର ଟ୍ରେଡ୍ ୟୁନିୟନ ନେତା ଲେଚ୍ ୱାଲେସାଙ୍କୁ ୧୯୮୧ରେ ପ୍ରଥମେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା, ସୋଭିଏଟ୍ ୟୁନିୟନର ପୂର୍ବତନ ଟାଣୁଆ ନେତା ମିଖାଇଲ ଗୋର୍ବାଚେଭ୍, ଜର୍ମାନ୍ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ଭଳି ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଲୋକଙ୍କ ମଧ୍ୟରେ ବ୍ୟକ୍ତିଗତ ସ୍ତରରେ ଶାନ୍ତି ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିବା ବାଂଲାଦେଶର ନୋବେଲ ଶାନ୍ତି ପୁରସ୍କାର ବିଜେତା ପ୍ରଫେସର ମହମ୍ମଦ ୟୁନୁସଙ୍କୁ ନିକଟରେ ଏହି ସମ୍ମାନରେ ଭୂଷିତ କରାଯାଇଛି। ତାଙ୍କ ଅର୍ଥନୈତିକ ଚିନ୍ତାଧାରା ବାଂଲାଦେଶରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ନୂଆ ବାଟ ଦେଖାଇପାରିଥିଲା। ଜନସାଧାରଣଙ୍କ ପାଇଁ ତାଙ୍କ ଏକନିଷ୍ଠ କାର୍ଯ୍ୟଶୈଳୀ ନୋବେଲ କମିଟିର ଦୃଷ୍ଟି ଆକର୍ଷଣ କରିଥିଲା ଓ ସେଥିପାଇଁ ସେ ୨୦୦୬ରେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ସାମଗ୍ରିକ କୃତି, ଦୂରଦୃଷ୍ଟି ଓ ସମାଜସେବା ଲାଗି ତାଙ୍କୁ ୧୯୮୪ରେ ରେମନ୍ ମାଗ୍‌ସେସ, ୧୯୯୪ରେ ୱାର୍ଲଡ୍ ଫୁଡ୍ ପ୍ରାଇଜ୍, ୨୦୦୦ରେ ଗାନ୍ଧୀ ଶାନ୍ତି ପୁରସ୍କାର, ୨୦୦୩ରେ ଭୋଲ୍‌ଭୋ ପରିବେଶ ପୁରସ୍କାର ଭଳି ଅସଂଖ୍ୟ ସମ୍ମାନ ମିଳିଛି। ତେବେ ନୋବେଲ ପୁରସ୍କାର ପାଇବା ସତ୍ତ୍ୱେ ବାଂଲାଦେଶର ଏହି ସୋସିଆଲ୍ ଏଣ୍ଟରପ୍ରିନ୍ୟୁୟର, ବ୍ୟାଙ୍କର, ଅର୍ଥନୀତିଜ୍ଞ ଓ ଭଦ୍ର ସମାଜର ନେତାଙ୍କୁ ହଟହଟା ହେବାକୁ ପଡ଼ିଥିଲା। ଗ୍ରାମୀଣ ବ୍ୟାଙ୍କ ଜରିଆରେ ସେ ସେଠାରେ ଅର୍ଥନୈତିକ ସଂସ୍କାର ଆଣିଥିଲେ ମଧ୍ୟ ଏହି ଆର୍ଥିକ ସଂସ୍ଥାର ସମୀକ୍ଷା କରାଯିବା ଲାଗି ୨୦୧୧ରେ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିଥିଲା। ବାଂଲାଦେଶ ସରକାରଙ୍କ ସେହି ନିଷ୍ପତ୍ତିକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ଏବେ ଲ୍ୟାମ୍ପ ଅଫ୍ ପିସ୍ ଅଫ୍ ସେଣ୍ଟ ଫ୍ରାନ୍ସିସ୍ ସମ୍ମାନ ମିଳିବା ପରେ ୟୁନୁସଙ୍କ ଉପରେ ସବୁଆଡୁ ପ୍ରଶଂସା ଅଜାଡ଼ି ହୋଇପଡୁଛି।

ୟୁନୁସ୍ ୨୮ ଜୁନ୍ ୧୯୪୦ରେ ବାଂଲାଦେଶର ତତ୍‌କାଳୀନ ବେଙ୍ଗଲ ପ୍ରେସିଡେନ୍ସିର ଚିଟ୍ଟାଗଙ୍ଗ ଅନ୍ତର୍ଗତ ବାଥୁଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମାତାପିତାଙ୍କ ସେ ୯ମ ସନ୍ତାନ। ପିତା ହାଜି ଦୁଲା ମିଅ ସୌଦାଗର ଜଣେ ଅଳଙ୍କାର ଦୋକାନୀ ଥିବା ବେଳେ ମା' ଥିଲେ ସୁଫିଆ ଖାତୁନ୍। ତାଙ୍କ ପିଲାଦିନ ବାଥୁଆ ଗ୍ରାମରେ କଟିଥିଲା। ପରେ ତାଙ୍କ ପରିବାର ଚିଟ୍ଟାଗଙ୍ଗ ପଳାଇଯିବା ପରେ ସେଠାରେ ସେ ଉଚ୍ଚ ଶ୍ରେଣୀରେ ପଢ଼ିଥିଲେ। ଚିଟ୍ଟାଗଙ୍ଗ କଲେଜରେ ପଢ଼ିବା ବେଳେ ସେ ନାଟକରେ ଅଂଶଗ୍ରହଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୫୭ରେ ଢାକା ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗରେ ନାମ ଲେଖାଇବା ପରେ ତାଙ୍କର ବାସ୍ତବ ଜୀବନଯାତ୍ରା ଆରମ୍ଭ ହୋଇଥିଲା। ପରେ ୟୁନୁସ୍ ଖ୍ୟାତନାମା ପ୍ରଫେସର ନୁରୁଲ ଇସ୍‌ଲାମ ଓ ରେହେମନ୍ ଶୋଭନ୍‌ଙ୍କ ଅଧୀନରେ ଅର୍ଥନୀତିରେ ଗବେଷଣା କରିଥିଲେ। ୧୯୬୧ରେ ସେ ଚିଟ୍ଟାଗଙ୍ଗ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ତେବେ ୧୯୬୫ରେ ସେ ଫୁଲ୍‌ବ୍ରାଇଟ୍ ସ୍କଲାରଶିପ୍ ପାଇବା ପରେ ଆମେରିକାରେ ପଢ଼ିବାର ସୁଯୋଗ ପାଇଥିଲେ। ଭନ୍ଦେରବିଲ୍ଟ ୟୁନିଭର୍ସିଟିରୁ ପିଏଚ୍‌ଡି ଡିଗ୍ରୀ କରିବା ପରେ ସେ ମିଡିଲ୍ ଟେନିଜ୍‌ଷ୍ଟେଟ୍ ୟୁନିଭର୍ସିଟିରେ ଆସିଷ୍ଟାଣ୍ଟ ପ୍ରଫେସର ହୋଇଥିଲେ। ୧୯୭୧ରେ ଯେତେବେଳେ ବାଂଲାଦେଶ ମୁକ୍ତି ସଂଗ୍ରାମ ଚାଲିଥିଲା, ସେତେବେଳେ ସେ ଆମେରିକାରେ ବାସ କରୁଥିବା ଅନ୍ୟ ବାଂଲାଦେଶୀ ନାଗରିକଙ୍କ ସହ ମିଶି 'ସିଟିଜେନ୍ସ କମିଟି' ଗଠନ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିଜ ଦେଶକୁ ସମୃଦ୍ଧ କରିବା। ସେତେବେଳେ ସେ ବାଂଲାଦେଶ ନ୍ୟୁଜ୍‌ଲେଟର ପ୍ରକାଶ କରିଥିଲେ। ଯୁଦ୍ଧ ଶେଷ ପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ସରକାରଙ୍କ ଯୋଜନା କମିଶନରେ ନିଯୁକ୍ତ ହୋଇଥିଲେ। ସେତେବେଳେ ନୁରୁଲ ଇସ୍‌ଲାମ ଏହି କମିଶନର ମୁଖ୍ୟ ଥିଲେ। ସେହି କାର୍ଯ୍ୟ ତାଙ୍କୁ ସନ୍ତୋଷ ନ ଦେବାରୁ ସେ ସେଠାରୁ ଇସ୍ତଫା ଦେଇ ଚିଟ୍ଟାଗଙ୍ଗ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଭାବେ ଯୋଗ ଦେଇଥିଲେ। ୧୯୭୪ରେ ଦେଶରେ ଦୁର୍ଭିକ୍ଷ ପଡ଼ିବା ପରେ ସେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରାମୀଣ ବ୍ୟାଙ୍କର ଉନ୍ନତି ଓ ମାଇକ୍ରୋ କ୍ରେଡିଟ୍ ବ୍ୟବସ୍ଥା ଦେଶର ଅସଂଖ୍ୟ ଧନହୀନ ବ୍ୟକ୍ତିଙ୍କୁ ନୂଆ ରାହା ଦେଖାଇଥିଲା। ଗରିବଙ୍କ ଆର୍ଥିକ ଉନ୍ନତିରେ ତାଙ୍କ ଅଭିନବ ଚିନ୍ତାଧାରା ନିଜ ଦେଶରେ ସୀମିତ ନ ରହି ବିଶ୍ୱକୁ ସେ ଅର୍ଥନୀତି ମାଧ୍ୟମରେ ଦେଉଛନ୍ତି ଶାନ୍ତିର ବାର୍ତ୍ତା।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସାରା ଦେଶରେ ଟ୍ରାଫିକ୍ ନିୟମ କଡ଼ାକଡି ହେବା ପରେ ପୋଲିସ ଦ୍ୱାରା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଜରିମାନା କରାଯାଉଛି। ଗୋଟିଏ ଗାଡି ଉପରେ ଯେଭଳି ଜରିମାନା ଆଦାୟ କରାଯାଉଛି ତାହା ଚାଳକଙ୍କ ହୋସ୍ ଉଡାଇଦେଉଛି। ଏମିତିକି ଜରିମାନା ଅଧଲକ୍ଷ ପାଖାପାଖି ବି ହୋଇଯାଉଛି। ଖାଲି ଚାଳକ କାହିଁକି ଖୋଦ ଜରିମାନା ଆଦାୟ କରୁଥିବା ଟ୍ରାଫିକ୍ ପୋଲିସ ବି ଏଥିରେ ପଡ଼ିଗଲେଣି। ଏହା ଜାଣିବା ପରେ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଘଟଣାଟି ପୂରା ସତ। ଧିବର ମାଛ ଧରିବ କ'ଣ ନିଜେ ଜାଲରେ ପଡିଗଲା ଭଳି ଜରିମାନା ଜାଲରେ ପଡିଯାଇଛନ୍ତି ରାଞ୍ଚିର ଟ୍ରାଫିକ୍ ପୋଲିସ ରାକେଶ କୁମାର। ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି ପ୍ରମାଣ କରିଛନ୍ତି ସେଠାକାର ଟ୍ରାଫିକ୍ ଅଧୀକ୍ଷକ ଅଜିତ୍ ପିଟର ଡୁଙ୍ଗ୍‌ଡୁଙ୍ଗ୍। ରାକେଶ ରାତିରେ ତାଙ୍କ ବାଇକ୍‌ରେ ରାଞ୍ଚିର ପ୍ଲାଜା ଚୌକ ଟ୍ରାଫିକ୍ ପୋଷ୍ଟରୁ ମିଶନଚୌକକୁ ଯାଉଥିବା ସମୟରେ ଟ୍ରାଫିକ୍ ଅଧୀକ୍ଷକଙ୍କ ହାବୁଡ଼ରେ ପଡିଯାଇଥିଲେ। ଭୁଲ୍‌ଥିଲା, ରାକେଶଙ୍କ ବାଇକ୍ ପଛରେ ବସିଥିବା ଏଏସ୍‌ଆଇ ରାମେଶ୍ୱର ରାୟ ହେଲ୍‌ମେଟ୍ ପିନ୍ଧି ନ ଥିଲେ। ଟ୍ରାଫିକ୍ ଅଧୀକ୍ଷକ ଦୁଇଜଣଙ୍କୁ ଅଫିସ୍‌କୁ ଡକାଇ ରାକେଶଙ୍କୁ ବାଇକ୍‌ର ସବୁ କାଗଜପତ୍ର ମାଗିଥିଲେ। କିନ୍ତୁ ରାକେଶଙ୍କ ପାଖରେ ନା ଥିଲା ଡ୍ରାଇଭିଂ ଲାଇସେନ୍ସ, ନା ପଲ୍ୟୁସନ୍ ସାର୍ଟିଫିକେଟ କି ଇନ୍‌ସ୍ୟୁରାନ୍ସ। ଏଥିପାଇଁ ୧୭ ହଜାର ଟଙ୍କା ଜରିମାନା ଦେବା କଥା। କିନ୍ତୁ ଯେହେତୁ ରାକେଶ ଜଣେ ଟ୍ରାଫିକ୍ ପୋଲିସ୍ ସେଥିପାଇଁ ଏହି ଜରିମାନାକୁ ଦୁଇଗୁଣ କରିଦିଆଯାଇ ୩୪ ହଜାର ଟଙ୍କା ଚାଲାଣ କଟାଯାଇଛି।

### ଚିରନ୍ତନୀ

ସତ୍ୟର ପ୍ରକାଶ ଆଶେ ଯେ କରଇ ପ୍ରାଣାନ୍ତ ସାଧନା,
ମରମେ ବୁଝଇ ସେହୁ ସୃଜନର ନିଗମ ବେଦନା।
ଯେ ବାସନା ବହୁ ଯୁଗୁଁ ପରାଣେ ସଞ୍ଚିତ
କଳ୍ପନାର ଭୂଷଣେ ବ୍ୟଞ୍ଜିତ। (ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗାଡି ଯାଞ୍ଚ ଆତଙ୍କ ସୃଷ୍ଟି କରୁଛି

ମହାଶୟ,

ସଡକ ସୁରକ୍ଷାର ନୂତନ ନିୟମ ପ୍ରଚଳନ ପରେ ଗତ କିଛିଦିନ ମଧ୍ୟରେ କେତେ ନିୟମ ଉଲ୍ଲଂଘନକାରୀ, ଅଟୋ, ବାଇକ ତଥା ଅନ୍ୟ ଗାଡି ଇତ୍ୟାଦିର ଚାଳକମାନଙ୍କ ଉପରେ ମୋଟା ଅଙ୍କର ଦଣ୍ଡବିଧାନ ଖବର ସର୍ବସାଧାରଣରେ ଆତଙ୍କ ସୃଷ୍ଟି କରିଛି। ଗୋଟିଏ ପଟେ ସଡକ ସୁରକ୍ଷା ନିୟମର ପାଳନ ପୂର୍ବକ ବ୍ୟାପକ ଧରପଗଡ ଏବଂ ଅନ୍ୟପଟେ ତଥାକଥିତ ଆଇନ ରକ୍ଷାକାରୀଙ୍କ ଅବହେଳାଜନିତ ଟ୍ରକ୍ ଦୁର୍ଘଟଣାରେ ଗୋଟିଏ ନିରୀହ ଝିଅର ମର୍ମନ୍ତୁଦ ମୃତ୍ୟୁ ଯୋଗୁ ଛାତ୍ର ଜନତାଙ୍କ ଧର୍ମଘଟ, ରାସ୍ତା ଅବରୋଧ ସାଧାରଣ ଜନତାଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ରାଜଧାନୀ ଆର୍‌ଟିଓ ଅଫିସ ସମ୍ମୁଖ ଜାତୀୟ ରାଜପଥର କିଛି ଅଂଶରେ ବାଲି, ମେଟାଲ ଗଦାହୋଇ ତା' ପାର୍ଶ୍ୱରେ ଦୁଇଟି ଲାଇନରେ ଅନେକ ଯାନବାହନ ପାର୍କିଂ ଯୋଗୁ ଗମନାଗମନରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ପ୍ରତି ଟ୍ରାନ୍ସପୋର୍ଟ ତଥା ପୋଲିସ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡିବା ଦୁର୍ଭାଗ୍ୟଜନକ। ୨୫୦୦୦ ଟଙ୍କାରେ ପୁରୁଣା ଅଟୋ କିଣି ଗୁଜୁରାଣ ମେଣ୍ଟାଇବା ପାଇଁ ଦୈନିକ ୫୦୦ରୁ ୭୦୦ଟଙ୍କା ରୋଜଗାର କରୁଥିବା ଏକ ଅଟୋଚାଳକ ଯିଏ କି ଲାଇସେନ୍ସ ଇତ୍ୟାଦି ନ ଥିବାରୁ ୪୭,୫୦୦ ଟଙ୍କା ଜରିମାନା କଲେ ଏତେ ଟଙ୍କା ସେ କେଉଁଠୁ ଆଣି ଦେବ। ତେଣୁ ସରକାରଙ୍କ ମୁଣ୍ଡ ପିଛା ଆୟ ନିର୍ଦ୍ଧାରଣ ପଦ୍ଧତି ଅନୁଯାୟୀ ଦୈନିକ ମଜୁରୀ ହାର ନିର୍ଦ୍ଧାରଣ ପ୍ରକ୍ରିୟା ସହ ସମତାଳ ରକ୍ଷାକରି ଜରିମାନା ଧାର୍ଯ୍ୟ କରାଗଲେ ଦଣ୍ଡିତ ବ୍ୟକ୍ତି ଜରିମାନା ଅର୍ଥ ଭରଣା କରିବାକୁ ସମର୍ଥ ହୁଅନ୍ତେ।

ଗୌରାଙ୍ଗ ଚରଣ ବେହେରା, ବମିଖାଲ, ଭୁବନେଶ୍ୱର

### ଶିଶୁ ଶ୍ରମିକ ଚିହ୍ନଟ କରାଯାଉ

ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଶିଶୁଶ୍ରମିକଙ୍କୁ କାମରେ ଲଗାଇ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଛି। ଗ୍ୟାରେଜ, ହୋଟେଲ, କଳକାରଖାନା କିମ୍ବା ମାଲିକଙ୍କ ଘରେ ଅଧିକ ସମୟ କାମ କରାଇ କମ୍ ମଜୁରି ଦେଇଥାନ୍ତି। ଏପରି କି ଯୌନ ନିର୍ଯାତନାର ଶିକାର ହେବାକୁ ମଧ୍ୟ ପଡିଥାଏ। ସରକାର ପର୍ଯ୍ୟାୟକ୍ରମେ ଜିଲାସ୍ତରରେ ଶିଶୁ ଶ୍ରମିକ ଚିହ୍ନଟ ଅଭିଯାନ ଆରମ୍ଭ କରନ୍ତୁ।

ରମେଶଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜମହଲ ଛକ ରଣକ୍ଷେତ୍ର

ନୂଆ ମୋଟର ଯାନ ଆଇନ ଲାଗୁହେବା ପରେ ଆଦାୟ କରାଯାଉଛି ଦଶଗୁଣା ଜରିମାନା। ଏହାକୁ ଅନେକେ ସ୍ୱାଗତ କରୁଥିଲେ ମଧ୍ୟ ପୋଲିସ ପାତରଅନ୍ତର ନୀତି, ବଟି ଆଦାୟ ଓ ଜୁଲମ କରୁଥିବା ଅଭିଯୋଗ ରାଜ୍ୟର ବିଭିନ୍ନ ସ୍ଥାନରୁ କରାଯାଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ହେବା ସହ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଛି, ଯାହାର ଏକ ଉଗ୍ରରୂପ ଶନିବାର ଭୁବନେଶ୍ୱର ରାଜମହଲ ଛକରେ ଦେଖିବାକୁ ମିଳିଥିଲା। ସରକାରୀ ଗାଡ଼ି ଓ ବଡ଼ବଡ଼ିଆଙ୍କୁ ଯାଞ୍ଚ ଛାଡ଼ କୁ ପ୍ରତିବାଦ କରି ତାତିଥିଲେ ଲୋକେ। ସେଠାରେ ଗୁରୁତର ଟ୍ରାଫିକ୍ ଜାମ୍ ହେବା ସହ ପୋଲିସ-ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଶେଷରେ ପୋଲିସ ଲାଠିଚାର୍ଜ କରି ଲୋକଙ୍କୁ ହଟାଇଥିଲା...


ଘଟଣାସ୍ଥଳରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ।


ଭୁବନେଶ୍ୱର ରାଜମହଲ ଛକରେ ଶନିବାର ପୋଲିସ ଭ୍ୟାନ୍ ଓ କର୍ମଚାରୀଙ୍କୁ ଘେରିବା ସହ ହୋଇଥିବା ମାରପିଟ୍।


ଜରିମାନା ଆଦାୟ ପ୍ରକ୍ରିୟାକୁ ବିରୋଧ କରି ପୋଲିସ ସହ ଯୁକ୍ତିତର୍କ ।


ଡିସିପି ଅନୁପ ସାହୁଙ୍କୁ ଘେରି ଯୁକ୍ତିତର୍କ କରୁଥିବା ସାଧାରଣ ଲୋକେ।


ଘଟଣାସ୍ଥଳରେ 'ମୋ ବସ୍'କୁ ଘେରି ରହିଥିବା ଲୋକମାନେ।


ସୃଷ୍ଟି ହୋଇଥିବା ଟ୍ରାଫିକ୍ ଜାମ୍।


ବିଏମ୍‌ସି ଗାଡ଼ିରୁ ଜରିମାନା ଆଦାୟ କରିବା ଦାବିରେ ଲୋକେ ତାହାକୁ ଅଟକ ରଖିଛନ୍ତି।



ମୁତୟନ ପୋଲିସ ଫୋର୍ସ।


ସ୍ଥାନ ଛାଡ଼ି ଯିବାକୁ ପୋଲିସର ସୂଚନା








ଆହତ ପୋଲିସ କର୍ମଚାରୀ

## ଲାଠିଚାର୍ଜ ଓ ଗିରଫଦାରି









ଲୋକଙ୍କ ଅଭିଯୋଗ: ପୋଲିସ ଭ୍ୟାନ୍‌ରୁ ମିଳିଥିବା ବିୟର କେନ୍

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଝସକେତନ


ଭାରତ


ମନୋହର


କାମକ୍ରାନ୍ତୀ


ସଚିନ୍

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଆଜି କ'ଣ କେଉଁଠି

ସମ୍ବଲପୁର

- ମାରୱାଡି ମହିଳା ସମିତି ଆୟୋଜିତ ରାଷ୍ଟ୍ରୀୟ ଉଦ୍ୟୋଗ ମେଳା, ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ପୂର୍ବାହ୍ନ ୯ଟା।
- ସମ୍ବଲପୁର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକ ସାଧାରଣ ଅଧିବେଶନ, ବୁଢ଼ାରଜାସ୍ଥିତ ହୋଟେଲ ଗ୍ରାଣ୍ଡ ଶିବା ସଭାକକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା।

ପଡ଼ିଆବାହାଲ

- ଭାଗବତ ସପ୍ତାହ ପାରାୟଣ ଆରମ୍ଭ, ପଡ଼ିଆବାହାଲ ନିକଟ ଖଲିଆପାଲି ଜଗନ୍ନାଥ ମନ୍ଦିର, ସକାଳ ୮ଟା।

ଲୋଇସିଂହା

- ସଂଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିର, ସକାଳ ୮ଟା।

ନୂଆପଡ଼ା

- ନବନିର୍ମାଣ କୃଷକ ସଂଗଠନର ବୈଠକ, କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

ସୁନ୍ଦରଗଡ଼

- ଅନୁସୂଚିତ ଜାତି ଓ ଜନଜାତି ଜିଲାସ୍ତରୀୟ ବୈଠକ, ଭୂୟାଁ ସମାଜ ବିକାଶ ଭବନ, ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାହାବେଳେ କେତେ ସାଜସଜ୍ଜା ଆଜ୍ଞା
ବାହା ସରିଗଲେ ବେଦୀ ମୁହଁ ପୋଡ଼ା ।**

ବାହାଘର ବେଳେ ବେଦୀର ଆବଶ୍ୟକତା ପଡ଼ିଥାଏ। ଯେଉଁଥିପାଇଁ ତା'ର ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ। ସାଧାରଣତଃ ବେଦୀ ଉପରେ ହାତଗଣ୍ଠି ପଡ଼ିବା ସହ ବିବାହର ନାନାଦି କର୍ମମାନ ଅନୁଷ୍ଠିତ ହୋଇଥାଏ। ପରନ୍ତୁ ବାହାଘର ସରିଗଲା ପରେ ବେଦୀର ଗୁରୁତ୍ୱ କମିଯାଇଥାଏ। ସମୟକ୍ରମେ ତାହା ଅଣଦେଖା ଓ ଅବହେଳିତ ହୋଇଯାଇଥାଏ। ପରୋକ୍ଷରେ ଉପକୃତ ହେବା ପରେ ଉପକାରୀ ବ୍ୟକ୍ତିକୁ ଆଉ କେହି ସେତେ ଖୋଜୁ ବା ଲୋଡ଼ୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଜାରି, ହଟାରି, ସୁନାରି, ଦାରୀ
ଏ ନୁହନ୍ତି କେଭେଁ କାହାରି ।**

ଉପରୋକ୍ତ ବର୍ଣ୍ଣିତ ବ୍ୟକ୍ତିଙ୍କ ଚରିତ୍ର ଓ ମନୋବୃତ୍ତି ଆଦୌ ସନ୍ତୋଷଜନକ ହୋଇ ନ ଥାଏ। ଏମାନେ ସବୁବେଳେ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାନ୍ତି। ଯେଉଁଠି ଦି' ପଇସା ଅଧିକା ପାଇଥାନ୍ତି ସେଠିକି ଯିବାକୁ ଉଚିତ ମଣିଥାନ୍ତି। ଏମାନଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ମହିଳାଙ୍କ ମୁଣ୍ଡ କାଟି ହତ୍ୟା

**ଠାକୁରମୁଣ୍ଡା, ୭।୯(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ମିରିଗିନେଣ୍ଡି ପଞ୍ଚାୟତର ପଟୁଳିଡ଼ିହି ବନ୍ଧସାହିରେ ଶୁକ୍ରବାର ରାତିରେ ଘରେ ଏକୁଟିଆ ଥିବା ଜଣେ ବିଧବା ମହିଳାଙ୍କ ମୁଣ୍ଡ କାଟି ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ଘରଠାରୁ ୧୦୦ ମିଟର ଦୂରରୁ ମହିଳାଙ୍କ ଗଣ୍ଡି ମିଳିଥିବା ବେଳେ ନିକଟରେ ଥିବା ନଦୀପଠାରୁ କଟାମୁଣ୍ଡ ମିଳିଛି। ମୃତ ମହିଳା ଜଣକ ସେହି ଗ୍ରାମର ଜିରାମଣି ସୟ ବୋଲି ଜଣାପଡ଼ିଛି। କରଞ୍ଜିଆ ଥାନା ପୋଲିସ ଏକ ମାମଲା(ନଂ.୧୧୮/୧୯) ରୁଜୁକରି ତଦନ୍ତ ଜାରି ରଖିଛି। ଜିରାମଣିଙ୍କ ଦୁଇ ପୁଅ ଥିବାବେଳେ ସ୍ୱାମୀଙ୍କ ମୃତ୍ୟୁ ପରେ ସେହି ଗ୍ରାମର ରସାନନ୍ଦ ସୟଙ୍କ ଘରେ ସେ ରହୁଥିଲେ। ତେବେ ୩ ମାସ ତଳେ ରସାନନ୍ଦଙ୍କ ମୃତ୍ୟୁ ଘଟିବାରୁ ବନ୍ଧସାହି ନଦୀକୂଳରେ ଥିବା ଘରେ ସେ ଏକୁଟିଆ ରହୁଥିଲେ।

## ଗାଡ଼ି ଯାଞ୍ଚ ନାଁରେ ଚାନ୍ଦା ଆଦାୟ
# ନିଲମ୍ବିତ ହେଲେ ଏଏସ୍‌ଆଇ

**ବ୍ରହ୍ମପୁର ଅଫିସ,୭।୯**

ଟ୍ରାଫିକ ନିୟମ ଅନୁସାରେ ପୋଲିସ ଯାନବାହନଗୁଡ଼ିକର କାଗଜପତ୍ର ଯାଞ୍ଚ କରୁଛି। ହେଲେ ଗାଡ଼ି ଯାଞ୍ଚ ନାଁରେ ଚାନ୍ଦା ଆଦାୟ କରିବା ଜଣେ ଟ୍ରାଫିକ ଏଏସ୍‌ଆଇଙ୍କୁ ମହଙ୍ଗା ପଡ଼ିଛି। ଅଭିଯୋଗ ପରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଏହାର ତଦନ୍ତ କରିଥିଲେ। ପ୍ରମାଣ ମିଳିବାରୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସମ୍ପୃକ୍ତ ପୋଲିସ ଏଏସ୍‌ଆଇ ସୁଗୁ.ନାରାୟଣଙ୍କୁ ଡିଓ ନମ୍ବର ୧୭୫୪/୧୯ରେ ଶୁକ୍ରବାର ନିଲମ୍ବିତ କରିଛନ୍ତି। ପ୍ରକାଶ ଯେ, ହିଞ୍ଜିଳିକାଟୁ ଥାନା ସାରୁ ଗ୍ରାମର ଭଦ୍ରିନାଥ ପଣ୍ଡା ଗତ ୨୭ ତାରିଖରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ନିମନ୍ତେ ବ୍ରହ୍ମପୁର ଆସିଥିଲେ। ଫାଷ୍ଟ ଗେଟ ନିକଟରେ ଯାନବାହନ ଯାଞ୍ଚ କରୁଥିବା ଟ୍ରାଫିକ ଏଏସ୍‌ଆଇ ସୁଗୁ.ନାରାୟଣ ଭଦ୍ରିନାଥଙ୍କ ବାଇକ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚବେଳେ ତ୍ରୁଟି ଦର୍ଶାଇ ଚାଳକଙ୍କୁ ୨୦୦ ଟଙ୍କା ଦେବାକୁ କହିଥିଲେ। ଭଦ୍ରିନାଥ ଉକ୍ତ ଏଏସ୍‌ଆଇଙ୍କୁ ୨୦୦ ଟଙ୍କା ଦେବା ପରେ ଏହାର ରସିଦ ମାଗିଥିଲେ। ତେବେ ସେ ରସିଦ ନ ଦେଇ ତାଙ୍କୁ ସେଠାରୁ ଚାଲିଯିବାକୁ ଧମକ ଦେଇଥିଲେ। ପରେ ଭଦ୍ରିନାଥ ଏନେଇ ଟ୍ରାଫିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟ୍ରାଫିକ ଡିଏସ୍‌ପି ଦାୟିତ୍ୱରେ ଥିବା ରାମକୃଷ୍ଣ ପତି ଘଟଣାର ତଦନ୍ତ କରି ଏସ୍‌ପି ପିନାକ ମିଶ୍ରଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ଘଟଣାର ସତ୍ୟତା ଓ ଡିଏସ୍‌ପିଙ୍କ ରିପୋର୍ଟକୁ ଆଧାର କରି ଏସ୍‌ପି ମିଶ୍ର ଉକ୍ତ ଟ୍ରାଫିକ ଏଏସ୍‌ଆଇ ନାରାୟଣଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।


ସୁଗୁ.ନାରାୟଣ


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

BUSINESS

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

DHARITRI Career appointment Every Wednesday and Saturday

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



# ବର୍ଷା ବିପ୍ରାତ, ତଳି ଅଞ୍ଚଳରେ ପାଣି




ସୁନାପାଲି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଯାଇଛି (ବାମ)। ସୁନାପାଲି ରିଲିଫ କ୍ୟାମ୍ପରେ ଜରୁରୀକାଳୀନ ଅଧିକାରୀ।

- ଜଣେ ମୃତ
- ଖୋଲିଲା ୧୯ ଅସ୍ଥାୟୀ ଆଶ୍ରୟସ୍ଥଳୀ
- ୭୦ ଜଣଙ୍କୁ ରିଲିଫ କ୍ୟାମ୍ପରେ ଆଶ୍ରୟ

ସମ୍ବଲପୁର,୭।୯(ବ୍ୟୁରୋ)

ରାଜ୍ୟରେ ଦୁଇଦିନ ହେଲା ପ୍ରବଳ ବର୍ଷା ଲାଗି ରହିଛି। ସମ୍ବଲପୁର ଜିଲାରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ବିଭିନ୍ନ ସ୍ଥାନରେ ଘର ଭାଙ୍ଗିବା ସହ ତଳି ଅଞ୍ଚଳରେ ପାଣି ପଶିଛି। ସୁନାପାଲି ଅଞ୍ଚଳରେ ପାଣି ପଶିବାରୁ ଘର ଭାଙ୍ଗିଛି। ଏଥିରେ ପ୍ରାୟ ୨୫ ପରିବାର ପ୍ରଭାବିତ ହୋଇଛନ୍ତି। ଜିଲା ପ୍ରଶାସନ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ କ୍ଲବରେ ଆଶ୍ରୟ ଦେଇଛି। ଶୁଖିଲା ଖାଦ୍ୟ ଓ ଔଷଧ ବଣ୍ଟନ କରାଯାଇଛି। ଧନୁପାଲି ଥାନା ବୁଥାପଡ଼ାର ଭାଲୁମତୀ ମୁଣ୍ଡା ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଭାଲୁମତୀ ଘରେ ଶୋଇଥିବାବେଳେ ରାତି ୨ଟାରେ କାନ୍ଥ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଜିଲା ଜରୁରୀକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର ରିଲିଫ କ୍ୟାମ୍ପରେ ରହିଥିବା ଲୋକଙ୍କୁ ଭେଟିଛନ୍ତି। ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳ ଶୁଭମ ସକସେନା ମହାନଗର ନିଗମ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟ ବିଭାଗ ସହ ଅନ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଗର ନିଗମ ପକ୍ଷରୁ ହେଲ୍‌ପ ଲାଇନ ନମ୍ବର ଜାରି କରାଯାଇଛି। ବିଭିନ୍ନ ସ୍ଥାନରେ ୧୯ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ କରାଯାଇଛି। ମହାନଗର ନିଗମ କାର୍ଯ୍ୟାଳୟରେ ଶନିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ୟା ମୁକାବିଲା ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ବୁର୍ଲାରେ ୧୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବୁର୍ଲାର ଭୋଇଟିକ୍ରା ଗ୍ରାମରେ ମଧ୍ୟ ଘର ଭାଙ୍ଗିଥିବା ସୂଚନା ମିଳିଛି।

## ଘରେ ପଶିଲା ପାଣି, ରାସ୍ତାରେ ଖଇରାପଡ଼ାବାସୀ

ସମ୍ବଲପୁର,୭।୯(ବ୍ୟୁରୋ)

ପ୍ରବଳ ବର୍ଷାରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ ଖଇରାପଡ଼ାର ପ୍ରାୟ ୮ ଘରେ ପାଣି ପଶିଛି। ଫଳରେ ସେମାନଙ୍କ ଖାଇବା ଓ ଅନ୍ୟ ସାମଗ୍ରୀ ଭାସିଯାଇଛି। ଏହାର ପ୍ରତିବାଦରେ ସେମାନେ ଜାତୀୟ ରାଜପଥକୁ ଓହ୍ଲାଇଥିଲେ। ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ସେମାନେ ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସ୍ଥାନୀୟ ବିଜେଡି ନେତା ପ୍ରଦୀପ ପରିଡ଼ା ଓ ସୁଶୀଲ ବେହେରା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ତହସିଲଦାର ସୁକାନ୍ତ ନାଏକ ଆସି ପ୍ରଭାବିତଙ୍କ ସହ ଆଲୋଚନା କରି ଖାଦ୍ୟପେୟ ଓ ରହିବା ବ୍ୟବସ୍ଥା କରିଥିଲେ। ସ୍ଥାନୀୟ ପାହାଡ଼ରୁ ପାଣି ଆସି ଲୋକଙ୍କ ଘରେ ପଶୁଛି। ଗତବର୍ଷ ମଧ୍ୟ ଏଭଳି ହୋଇଥିଲା। ପଡ଼ାରେ ପ୍ରାୟ ୨୦ ପରିବାର ଅଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଘରେ ପାଣି ପଶି ଘର ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏକମାତ୍ର ନଳକୂପ ପାଣିରେ ବୁଡ଼ି ରହିଛି। ଫଳରେ ଲୋକେ ଖାଦ୍ୟ ଓ ପାଣି ପାଇଁ ହଇରାଣ ହେଉଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ବିଭ୍ରାଟ, ଲୋକେ ହନ୍ତସନ୍ତ

ପଡ଼ିଆବାହାଲ,୭।୯(ଡି.ଏନ୍.ଏ.): ପଡ଼ିଆବାହାଲ ଓ ଏହାର ଆଖପାଖ ଅଞ୍ଚଳରେ ଏବେ ବିଦ୍ୟୁତ ବିଭ୍ରାଟ ଚରମସୀମାରେ ପହଞ୍ଚିଛି। ସପ୍ତାହେରୁ ଉର୍ଦ୍ଧ୍ୱ ସମୟ ହେବ ପ୍ରତିଦିନ ଅଘୋଷିତ ବିଦ୍ୟୁତ କାଟ ସହ ପ୍ରତି ୫ରୁ ୧୫ ମିନିଟରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେଉଥିଲା। ଦୁଇଦିନ ହେଲା ପୂର୍ବାହ୍ନ ୧୦ଟା ୧୧ଟାରୁ ଲାଇନ ଯାଇ ରାତି ୧୧ଟା ପରେ ଆସୁଛି। ଘଣ୍ଟାକ ଭିତରେ ୪ରୁ ୫ ବା ତାଠାରୁ ଅଧିକ ଥର ବିଦ୍ୟୁତ ଅପ୍‌ଡାଉନ ହେଉଥିବାରୁ ଲୋକଙ୍କ ଘରେ ଲାଗିଥିବା ବୈଦ୍ୟୁତିକ ସରଞ୍ଜାମ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ପଡ଼ିଆବାହାଲ ଗ୍ରୀଡ୍ ଶୁଭାରମ୍ଭ ହୋଇଥିବା ବିଭାଗ ପକ୍ଷରୁ ଘୋଷଣା କରାଗଲା। ମାତ୍ର ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ସୁଧୁରୁନାହିଁ। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ରାମଚନ୍ଦ୍ରନଗର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ରେଙ୍ଗାଲି, ୭।୯ (ଡି.ଏନ.ଏ) ସମ୍ବଲପୁର ଜିଲା ରେଙ୍ଗାଲି ରାମଚନ୍ଦ୍ରନଗର ଦୁର୍ଗା ମଣ୍ଡପରେ ଆଗାମୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏବର୍ଷ କିପରି ସୁଚାରୁରୂପରେ ଦୁର୍ଗାପୂଜା କରାଯିବ ସେ ବିଷୟରେ ଆଲୋଚନା କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ମୁଖ୍ୟ ଉପଦେଷ୍ଟା ଭାବରେ ସୁଧାଂଶୁ ମେହେର, ସଭାପତି କୈଳାଶ ମେହେର, ଉପସଭାପତି ମନୋଜ ମେହେର, ସମ୍ପାଦକ ସରୋଜ କୁମାର ମେହେର ଏବଂ କୋଷାଧ୍ୟକ୍ଷ ଭାବରେ ଝସକେତନ ମେହେରଙ୍କୁ ଚୟନ କରାଯାଇଛି।

### ରାସ୍ତା ମଝିରେ ଓଲଟିଲା ଟ୍ରକ୍ ଯାତାୟାତ ବାଧାପ୍ରାପ୍ତ

ସମ୍ବଲପୁର,୭।୯(ବ୍ୟୁରୋ) ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ଗ୍ରାମ ନିକଟରେ ଶନିବାର ଭୋର୍ ସମୟରେ ଏକ କୋଇଲା ବୋଝେଇ ଟ୍ରକ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଫଳରେ ୫୫ନଂ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଧନୁପାଲି ପୋଲିସ ପହଞ୍ଚି ହାଇଡ୍ରା ଓ ଜେସିବି ସହାୟତାରେ ଟ୍ରକରୁ କୋଇଲା ଖାଲି କରିଥିଲା। ପୂର୍ବାହ୍ନ ୧୦ଟାରେ ରାସ୍ତା ଅବରୋଧ ହଟିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଓଡ଼ି୩୫-ସି୩୮୧୨ନଂ ତାଳଚେରରୁ କୋଇଲା ନେଇ ସମ୍ବଲପୁର ଆଡ଼କୁ ଆସୁଥିବା ସମୟରେ ଭାରସାମ୍ୟ ଓଲଟି ପଡ଼ିଥିଲା। ତେବେ ଏହାର ଡ୍ରାଇଭର ଓ ହେଲପର ସୁରକ୍ଷିତ ଥିବା ପୋଲିସ କହିଛି।

# ଉଦ୍ୟାନ କୃଷି ବିଭାଗରେ ଦୁର୍ନୀତି ଅଭିଯୋଗ

ଧମା,୭।୯(ଡି.ଏନ୍.ଏ.)

ମାନେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶିକୁ ନେଇ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଡକରା ପଞ୍ଚାୟତ ଆମ୍ବକୁନି ଗ୍ରାମର ସଞ୍ଜୀବ ପୂଜାରୀ ସୂଚନା ଅଧିକାର ଆଇନ ବଳରେ ବିଭାଗକୁ ତଥ୍ୟ ମାଗିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ ଦେଓଗାଁ, ଡକରା, ସୁବନପୁର ଓ ଆମ୍ବକୁନି ଗ୍ରାମରେ ଦୁର୍ନୀତି ହୋଇଥିବା ସେ ଦାବି କରିଛନ୍ତି। ଏ ନେଇ ସଞ୍ଜୀବ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଭାଗ ପକ୍ଷରୁ ଗୋଟିଏ ହେକ୍ଟର ଜମିରେ ଆମ୍ବ ଚାରା ରୋପଣ ସକାଶେ ୪୦୦ ଗଛ ପାଇଁ ୩ ବର୍ଷିଆ ଯୋଜନାରେ ଜଣେ ଚାଷୀଙ୍କୁ ୩ଲକ୍ଷ ୪୦ ହଜାର ଅନୁଦାନ ପ୍ରଦାନ କରାଯାଏ। ଦେଓଗାଁର ଚାଷୀ ଦୁତିଆ ବାରିକଙ୍କର ମାତ୍ର ୬୧ ଡିସିମିଲ ଜମି ଥିବାବେଳେ ସରକାରୀ କାଗଜପତ୍ରରେ ୨ ଏକର ଜମି ଦର୍ଶାଯାଇଛି। ସେହିପରି ଆମ୍ବକୁନି ଗ୍ରାମର ସେବାରାମ ଦୀପ ଓ ବଳରାମ ଦୀପଙ୍କର ଖାତା ନଂ. ୯୬ ପ୍ଲଟ ନଂ. ୧୨୮/୧୦ ଓ ୧୩୫/୧୩ରେ ଗୋଟିଏ ହେକ୍ଟର ଲେଖାଏଁ ଜମିଥିବା ଦର୍ଶାଯାଇଥିବା ବେଳେ ପ୍ରକୃତରେ ମାତ୍ର ୧୦ ଡିସିମିଲ ଜମି ଥିବା ଅନ୍‌ଲାଇନ ଦସ୍ତାବେଜରେ ଜଣାପଡ଼ିଛି। ସେହିପରି ଅରବିନ୍ଦ ଡଲା, ଭୋଳାରାମ ଓରାମ, ପ୍ରଫୁଲ୍ଲ ମିର୍ଦ୍ଧା, ସନ୍ତୋଷିନୀ ନାଗଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ଅନିୟମିତତା କରାଯାଇଛି। ଏ ନେଇ ଡିଡିଏଚ୍ ରଞ୍ଜନ ଦାସ ମହାପାତ୍ରଙ୍କୁ ପଚରାଯିବାରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଡକାୟତି ଯୋଜନା, ୪ ଗିରଫ

ସମ୍ବଲପୁର,୭।୯(ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ପୋଲିସ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପବିତ୍ର ଜେନା, ସୋମନାଥ ଝାଙ୍କର, ମୁନୁ ସାହୁ ଓ ରାଜା ସୁନା। ଏନେଇ ଥାନାରେ ଏକ ମାମଲା (ନଂ. ୩୭୧/୧୯) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ଭୁଜାଲି, ଛୁରୀ, ଟର୍ଚ୍ଚ ଲାଇଟ ଜବତ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ମାଲିପଡ଼ା ନିକଟ ଏକ ନିଛାଟିଆ ସ୍ଥାନରେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ସମୟରେ ପୋଲିସ ଚଢ଼ାଉ କରିଥିଲା।

## ଫାଟକ-ସିଟି ଷ୍ଟେଶନ ରାସ୍ତା ସଂଯୋଗ କରାଯାଉ

### ରେଳ ସମ୍ପ୍ରସାରଣ, ଅଣ୍ଡରପାସ ନିର୍ମାଣ ହେଉ



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପ୍ରବକ୍ତା ସୂଚନା ଦେଉଛନ୍ତି।

ସମ୍ବଲପୁର,୭।୯(ବ୍ୟୁରୋ)

ସମ୍ବଲପୁର ସହରରେ ତିନୋଟି ରେଲୱେ ଷ୍ଟେଶନ ରହିଛି। ଫାଟକଠାରୁ ସମ୍ବଲପୁର ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ସୁବିଧା ରହିଛି। ଫାଟକରୁ ସିଟି ଷ୍ଟେଶନ ପର୍ଯ୍ୟନ୍ତ ରେଳ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉ। ଏହା ଫଳରେ ତିନୋଟି ଷ୍ଟେଶନ ମଧ୍ୟରେ ସଂଯୋଗୀକରଣ ହେବ ଓ ଯାତ୍ରୀଙ୍କୁ ଯାତାୟାତରେ ସୁବିଧା ହେବ। ସହରରେ ଟ୍ରାଫିକ ସମସ୍ୟା ଦୂର ହେବ ବୋଲି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ଦାବି କରିଛନ୍ତି। ସେ ଆହୁରି କହିଥିଲେ, ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ଅଧିକାଂଶ ସମୟରେ ବିଳମ୍ବ ହେଉଛି। ଏ ଦିଗରେ ବିଭାଗ ପଦକ୍ଷେପ ଗ୍ରହଣ କରୁ। ଯାତ୍ରୀଙ୍କୁ ଖାଦ୍ୟପେୟ ଓ ସୁରକ୍ଷା ଯୋଗାଇ ଦିଆଯାଉ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ଟିଟିଲାଗଡ଼ ଷ୍ଟେଶନରେ ବ୍ୟବସ୍ଥା କରାଯାଉ। ଗୋପାଳ ମାଳ-ମାଲିପଡ଼ାରେ ଅଣ୍ଡରପାସ ବ୍ରିଜ ନିର୍ମାଣ କରାଯାଉ। ସପ୍ତାହର ପ୍ରତ୍ୟେକ ଦିନ ସମ୍ବଲପୁରରୁ ଦିଲ୍ଲୀ ଯିବା ପାଇଁ ଟ୍ରେନ୍ ବ୍ୟବସ୍ଥା କରାଯାଉ। ରେଢ଼ାଖୋଲ ଷ୍ଟେଶନରେ ପୁରୀ-ଏଲ୍‌ଟିଟି, ପୁରୀ-ସାଇନାଥ ଏକ୍ସପ୍ରେସର ରହଣି, ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟିରେ ଏସି କୋଚ୍ ସୁବିଧା, ଇସ୍ପାତ ଟ୍ରେନରେ ଦ୍ୱିତୀୟ ଶ୍ରେଣୀ ବତାନୁକୂଳ ଚେୟାର କାର ଓ ଶୟନୟାନ କୋଚ୍ ସଂଯୋଗ, ବଗିଗୁଡ଼ିକ ସଫାସୁତୁରା ରଖିବାକୁ ସେ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରବକ୍ତା ସୂର୍ଯ୍ୟ ପାଣିଗ୍ରାହୀ, ମିଡିଆ ପ୍ରଭାରୀ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

# ହସ୍ତତନ୍ତ କାରିଗରଙ୍କୁ ଉପକରଣ ବଣ୍ଟନ

ସମ୍ବଲପୁର,୭।୯(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଚାରପାଲଇ ଗ୍ରାମରେ ହସ୍ତତନ୍ତ କାରିଗରମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ରାଜ୍ୟ ହସ୍ତତନ୍ତ ବିଭାଗ ଓ ଓରମାସ ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଅବସରରେ ମହିଳା କାରିଗରମାନଙ୍କୁ ଉପକରଣ ବଣ୍ଟନ କରଯାଇଥିଲା। ଉତ୍ପାଦନ ସାମଗ୍ରୀ ବିକ୍ରି କରିବା ପାଇଁ ବଜାର ବବସ୍ଥା ରହିଛି। ସରକାର ସମସ୍ତ ସୁବିଧା ଯୋଗାଇ ଦେଉଥିବା ଅଧିକାରୀମାନେ କହିଥିଲେ। ଏହି ଅବସରରେ ଓରମାସ ସଂଯୋଜକ ଶ୍ରୀମନ୍ତ ହୋତା, ରାଜ୍ୟ ହସ୍ତତନ୍ତ ସହନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ, ଶାନ୍ତନୁ ମେହେର ଉପସ୍ଥିତ ଥିଲେ।



ମାନେଶ୍ୱର ବ୍ଲକ ଚାରପାଲି ଗ୍ରାମରେ କର୍ମଶାଳା।

## ଆଲୁମିନିୟ ତାର, ଗାଡ଼ି ଜବତ: ୩ ଧରାପଡ଼ିଲେ

ସମ୍ବଲପୁର,୭।୯(ବ୍ୟୁରୋ)

ସମ୍ବଲପୁର ଶାସନ ଥାନା ପୋଲିସ ଆଲୁମିନିୟମ ତାର ଚୋରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଧରିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ଦେବଡିହି ଗ୍ରାମର ମହାବୀର ହିଞ୍ଚାଲ, ପଶ୍ଚିମବଙ୍ଗ, ତାଲିଗଞ୍ଜ ଥାନା ପଲାସି ଗ୍ରାମର ଆଲ୍ଲାଉଦ୍ଦିନ ସେକ ଓ ଜଣେ ନାବାଳକ। ଅଭିଯୁକ୍ତଙ୍କ ନିକଟରୁ ୧୭ ବଣ୍ଡଲ ଆଲୁମିନିୟମ ତାର, ଚୋରିରେ ବ୍ୟବହୃତ ଓଡି୨୩-ଡି୬୭୫୫ ଓ ଓଡି୨୩-ଏ୦୪୬୮ନଂ ଗାଡ଼ି ଜବତ କରାଯାଇଛି। ଅଭିଯୁକ୍ତମାନେ ଏହି ଦୁଇ ଗାଡ଼ିରେ ତାର ବୋଝେଇ କରି ଭାଲୁବାହାଲ ଗେଟ ପାଖରେ ପୋଲିସ ଟିମ୍ ପହଞ୍ଚି ପଚରାଉଚୁରା କରିଥିଲା। ହେଲେ ସେମାନେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ।

# ତେଜିଲା ରାଠି ଷ୍ଟିଲ ଶ୍ରମିକଙ୍କ ଆନ୍ଦୋଳନ

ସମ୍ବଲପୁର,୭।୯(ବ୍ୟୁରୋ)




ଜିଲା ଶ୍ରମ ଆୟୁକ୍ତ ଅଫିସରେ ରାଠୀ ଷ୍ଟିଲରେ ପୂର୍ବରୁ କାମ କରୁଥିବା ଶ୍ରମିକମାନେ ଆଲୋଚନା କରୁଛନ୍ତି (ବାମ)। ଜିଲା ଶ୍ରମ ଆୟୁକ୍ତ ଅଫିସରେ ଶ୍ରମିକମାନେ ତାଲା ମାରିଛନ୍ତି।

- ଜିଲା ଶ୍ରମ ଅଧିକାରୀଙ୍କ ଅଫିସରେ ତାଲା ପକାଇଲେ, ୧୮ରେ ବୈଠକ
- ଶ୍ରମି ବିଭାଗ ପାଖରେ କମ୍ପାନୀ ଚାଲିବା ଖବର ନାହିଁ

ଦୀର୍ଘଦିନ ବନ୍ଦ ହେବା ପରେ ଗତ କିଛିଦିନ ହେବ ସମ୍ବଲପୁର ରାଠି ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକମାନେ ପୁନଃ ନିଯୁକ୍ତି ଓ ବକେୟା ଦରମା ପାଇଁ ଦୀର୍ଘ ୨ ମାସ ହେବ ଦାବି କରି ଆସୁଛନ୍ତି। ହେଲେ କମ୍ପାନୀ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିବାଦର ସମାଧାନ ପାଇଁ କମ୍ପାନୀ ଶ୍ରମିକ ଓ ଶ୍ରମ ଅଧିକାରୀଙ୍କୁ ନେଇ ଶନିବାର ତ୍ରିପାକ୍ଷିକ ଆଲୋଚନା ହେବାକୁ ସ୍ଥିର କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଆସି ନ ଥିଲେ। ଏହାକୁ ନେଇ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶ୍ରମିକମାନେ ଅପରାହ୍ନ ୪ଟାରୁ ହୋହାଲ୍ଲା କରିଥିଲେ। ଜିଲା ଶ୍ରମ ଆୟୁକ୍ତ ହୁବୁଟ ଲୁଗୁନଙ୍କୁ ଘେରାଉ କରିଥିଲେ। ପରେ ଘଟଣାସ୍ଥଳରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ପହଞ୍ଚି ଆଲୋଚନା କରିଥିଲେ। ଶ୍ରମିକମାନଙ୍କ ଦାବି ପୂରଣ କରାଯାଉ ବୋଲି ଲୁଗୁନଙ୍କ ନିକଟରେ ବିଧାୟକ ଦାବି କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ ବଡ଼ କମ୍ପାନୀଗୁଡ଼ିକ ରହିଛି। ହେଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନାହିଁ। ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ଶୋଷଣ କରାଯାଉଛି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ସେ କହିଥିଲେ। ରାତି ୮ଟାରେ ଧନୁପାଲି ଥାନା ଅଧିକାରୀ କମଳଲୋଚନ ପଣ୍ଡାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚିଥିଲେ। ଶେଷରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଫୋନ ଯୋଗେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୧୮ ଅପରାହ୍ନ ସାଢ଼େ ୩ଟାରେ ବୈଠକ ହେବାକୁ ସ୍ଥିର କରାଯାଇଛି। ରାତି ୮ଟା ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ବକେୟା ଦରମା ନ ଦେଇ କମ୍ପାନୀ ଚାକିରିରୁ ତଡ଼ି ଦେଇଥିଲା। ହେଲେ ପୁରୁଣା କର୍ମଚାରୀଙ୍କୁ ବାଦ୍ ଦେଇ ନୂଆ କର୍ମଚାରୀଙ୍କୁ ନିଯୁକ୍ତ କରୁଛି। ତେଣୁ ତ୍ରିପାକ୍ଷିକ ଆଲୋଚନା କରାଯାଇ ଏହାର ସମାଧାନ କରାଯାଉ ବୋଲି ଦାବି ହୋଇଛି। ଏହି ଅବସରରେ ଶ୍ରମିକ ସଂଗଠନ ସଭାପତି ସୁଶାନ୍ତ କୁମାର ବିଶୋଇ, ସାଧାରଣ ସମ୍ପାଦକ ତୁଫାନ କୁମାର ପଲେଇ, ଲଳିତେନ୍ଦୁ ମହାନ୍ତି, ବିନୋଦ କୁମାର ପ୍ରଧାନ, ରମଣୀରଞ୍ଜନ ବଡ଼େଇ, ଲବ ବଗର୍ତ୍ତି, ଧୀରେନ ନାଗ, ହିମାଂଶୁ ଶେଖର ମହାନ୍ତି, ମିଡିଆ ପ୍ରଭାରୀ ମାନସ ବକ୍ସି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଶ୍ରମ ଆୟୁକ୍ତ ଲୁଗୁନ କହିଛନ୍ତି ଯେ ରାଠୀ ଷ୍ଟିଲ ପୁନଃ କାର୍ଯ୍ୟକ୍ଷମ ହେବାକୁ ନେଇ ଶ୍ରମ ବିଭାଗ ପାଖରେ କୌଣସି ଖବର ନାହିଁ। କାର୍ଯ୍ୟକ୍ଷମ ହେଲେ ବିଭାଗକୁ ଜଣାଇବା ନିୟମ ରହିଛି। ଏ ଦିଗରେ ପଦକ୍ଷେପ ନିଆଯିବ। କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି। ଶ୍ରମିକମାନଙ୍କୁ ନେଇ ଏକ ବୈଠକ କରାଯିବ ବୋଲି ଶ୍ରମ ଆୟୁକ୍ତ କହିଛନ୍ତି।

## ନୂଆ ମୋଟରଯାନ ନିୟମ: ହେଲମେଟ ଦରବୃଦ୍ଧି, ବାର୍ ବ୍ୟବସାୟ ପ୍ରଭାବିତ

# ଆର୍‌ଟିଓ, ବୀମା କମ୍ପାନୀ ଅଫିସରେ ଭିଡ଼

ସମ୍ବଲପୁର,୭।୯(ବ୍ୟୁରୋ)

ନୂଆ ମୋଟରଯାନ ଆଇନକୁ ରାଜ୍ୟ ସରକାର କଡ଼ାକଡ଼ି ପାଳନ କରୁଛନ୍ତି। ସମ୍ବଲପୁର ଜିଲାରେ ମଧ୍ୟ ପୋଲିସ ଓ ଆର୍‌ଟିଓ ପକ୍ଷରୁ ଧରପଗଡ଼ ଜୋରଦାର କରାଯାଇଛି। ସହର ବିଭିନ୍ନ ସ୍ଥାନରେ ଚେକିଂ କରାଯାଉଛି। ଫଳରେ ଜନସାଧାରଣ ଭୟଭୀତ ହୋଇଯାଇଛନ୍ତି। ଗାଡ଼ିଗୁଡ଼କର ବୈଧ କାଗଜପତ୍ର, ନୂତନ ଲାଇସନ୍ସ ଓ ନବୀକରଣ, ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଗାଡ଼ି ମାଲିକମାନେ ହଇରାଣ ହେଉଛନ୍ତି। ଏଣୁ ଆର୍‌ଟିଓ, ବୀମା କମ୍ପାନୀ ଅଫିସ ଓ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ଲୋକଙ୍କ ଭିଡ଼ ଜମୁଛି। ହେଲମେଟ ଦୋକାନରେ ମଧ୍ୟ ଭିଡ଼ ଦେଖିବାକୁ ମିଳୁଛି। ଏହାର ସୁଯୋଗ ନେଇ ହେଲମେଟ ବିକ୍ରେତାମାନେ ୧୦୦୦ ଟଙ୍କା ମଧ୍ୟରେ ମିଳୁଥିବା ହେଲମେଟ ଦର ବୃଦ୍ଧି କରିଦେଇଛନ୍ତି। ପ୍ରତି ହେଲମେଟ ପିଛା ୪୦୦ରୁ ୫୦୦ ଟଙ୍କା ଅଧିକ ନେଉଛନ୍ତି। ସେହପରି ମଦ ଦୋକାନରେ ବିକ୍ରି କମିଥିବା ବେଳେ ବାର୍‌ଗୁଡ଼ିକୁ ମଧ୍ୟ ଗ୍ରାହକଙ୍କ ସଂଖ୍ୟା କମିଥିବା ମଦ ବ୍ୟବସାୟୀମାନେ କହିଛନ୍ତି। ଅର୍‌ଟିଓ ଅଫିସରୁ ମିଳିଥିବା ରିପୋର୍ଟ ଅନୁସାରେ ଶୁକ୍ରବାର ପୋଲିସ ଓ ଆର୍‌ଟିଓ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଇ ୧୫୮ ଜଣଙ୍କ ଚାଲାଣ କଟାଯାଇଥିଲା। ମୋଟ ୧୬ ଲକ୍ଷ ୪୦ ହଜାର ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ୪ ଲକ୍ଷ ୧୮ ହଜାର ୭୫୦ ଟଙ୍କା ଆଦାୟ କରାଯାଇଥିଲା। ସମ୍ବଲପୁର-ଜୟନ୍ତପୁର ରୋଡ୍‌ରେ କେବଳ ଗୋଟିଏ ଟ୍ରକ୍‌ରୁ ୭୦ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ ହୋଇଛି।



"ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ହେମଗିର, ୭।୯ (ଡି.ଏନ.ଏ)-** ହେମଗିର ଥାନା ଅନ୍ତର୍ଗତ ସରବାହାଲ ଗ୍ରାମରେ ଜଣେ ଯୁବକଙ୍କ ହଠାତ ମୃତ୍ୟୁ ହୋଇଛି । ଘଟଣାରୁ ପ୍ରକାଶ ଯେ, ସରବାହାଲ ଗ୍ରାମର ନିଳାମ୍ବର ଡନସନାଙ୍କର ପୁଅ କମଳେଶ୍ୱର ଡନସନା (୨୦) ଶନିବାର ସକାଳ ୮ଟାରେ ହଠାତ ମୃତ୍ୟୁ ଘଟିଛି। ନିଳାମ୍ବରଙ୍କ କହିବା ଅନୁଯାୟୀ ସକାଳେ ଉଭୟେ ବାପ ପୁଅ ଚା ପିଇଥିଲେ। ନିଳାମ୍ବର ସୁନ୍ଦରଗଡ ଯାଉଛି କହି ଚାଲି ଯାଇଥିଲେ । କମଳେଶ୍ୱର ସାଙ୍ଗମାନଙ୍କ ସହ ବୁଲି ଯାଇ ଜଣଙ୍କର ବାଡି ପଛପଟେ ମରି ପଡିଥିବାରୁ ଦେଖିବାକୁ ମିଳିଥିଲା । ତୁରନ୍ତ ନିଳାମ୍ବର ଅଧ ବାଟରୁ ଫେରି ଥାନାରେ ଜଣାଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୧୯) ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବୋଲେରୋ ଧକ୍କାରେ ବାଇକ ଆରୋହୀ ଗୁରୁତର

**ହେମଗିର, ୭।୯ (ଡି.ଏନ.ଏ.)-** ଶନିବାର ସକାଳେ କମଲଗାଁ ନିକଟରେ ବୋଲେରୋ- ବାଇକ ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ନକଟିଦେଉଳ ଗ୍ରାମର ଯଦୁମଣି ନାଏକ (୪୦) କନିକା ପଟରୁ ହେମଗିରକୁ ଏକ ବାଇକ ନଂ. ଓଡି ୧୬ ଏ- ୪୦୧୧ରେ ଆସୁଥିଲେ। କମଲଗାଁ ଉଠାଣି ପାଖରେ ଅନ୍ୟପଟୁ ଆସୁଥିବା ଏକ ବୋଲେରୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଯଦୁମଣି ନାଏକଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଛି। ତାଙ୍କୁ ତୁରନ୍ତ ହେମଗିର ଡାକ୍ତରଖାନାକୁ ଅଣା ଯାଇଥିଲା। ବୋଲେରୋ ଘଟଣାସ୍ଥଳରୁ ଚାଲି ଯାଇଥିଲେ ମଧ ହେମଗିରର ବୋଲି ଜଣାପଡିଛି ।



### ଉଦାରମା ଜଙ୍ଗଲରେ ହାତୀ ଶାବକ ଜନ୍ମ କଲା, ଘର ଭାଙ୍ଗିଲା

**ବଡ଼ଗାଁ, ୭।୯ (ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ବଡଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜଙ୍ଗଲକୁ ଆସିଥିବା ୧୮ଟି ହାତୀ ଥିବା ପଲ ମାସେ ହେଲା ଶାନ୍ତଥିଲେ। ଏହି ହାତୀପଲ ଶୁକ୍ରବାର ରାତି ଉଦାରମା ଗ୍ରାମର ବିନୁ ଜାତର୍ମାଙ୍କ ଘର ଭାଙ୍ଗି ଦେଇଛନ୍ତି । ଜଙ୍ଗଲ ପାର୍ଶ୍ୱରେ ଥିବା ଉଦାରମା ଗ୍ରାମରେ ଉପଦ୍ରବ କଲାପରେ ଭୋର ସମୟରେ ହାତୀପଲ ଜଙ୍ଗଲ ଭିତରକୁ ପଶି ଯାଇଥିଲେ । ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନାନୁଯାଇ, ଗାଁଠାରୁ ୧କିମି ଦୂର ଜଙ୍ଗଲ ଭିତରେ ଶନିବାର ସକାଳେ ଏକ ହାତୀ ଶାବକ ଜନ୍ମ ଦେଇଛି । ଶାବକ ଜନ୍ମ ହେଲା ସମୟରେ ସମସ୍ତ ହାତୀ ଗର୍ଜନ କରିଥିଲାବେଳେ ଦନ୍ତା ହାତୀ ଗୁଡିକ ଶାବକର ସୁରକ୍ଷା ପାଇଁ ଚାରିପଟେ ଜଗି ରହିଛନ୍ତି । ଶାବକ ଜନ୍ମ କରିଥିବାରୁ ସେ ସୁସ୍ଥ ରହି ଚଲାବୁଲା କରିବା ପର୍ଯ୍ୟନ୍ତ ହାତୀପଲ ସେଠାରେ ରହିବେ ଆଶଙ୍କା କରାଯାଇଛି ।

# କ୍ଷୁଦ୍ରଶସ୍ୟରେ ପ୍ରସ୍ତୁତ ଖାଦ୍ୟମେଳା

**ସୁନ୍ଦରଗଡ଼, ୭।୯ (ଡି.ଏନ୍.ଏ)**

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କ୍ଷୁଦ୍ରଶସ୍ୟ ପ୍ରୋତ୍ସାହନ ପାଇଁ ଓଡିଶା ମିଲେଟ ମିଶନ ସହାୟତାରେ ସୁନ୍ଦରଗଡ ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଦ୍ୱାରା ରାଜଗାଙ୍ଗପୁର ବ୍ଲକର କ୍ଷୁଦ୍ର ଓ ନାମମାତ୍ର ଶତାଧିକ ଚାଷୀ ଜୈବିକ ପ୍ରଣାଳୀରେ ବିଭିନ୍ନ ପ୍ରକାର କ୍ଷୁଦ୍ରଶସ୍ୟ ଚାଷ କରିଆସୁଛନ୍ତି। ମାଣ୍ଡିଆ ,ଗୁଲଚି, ସୁଆଁ, କାଙ୍ଗୁ, ଗଙ୍ଗେଇ, ଜହ୍ନା ଆଦି କ୍ଷୁଦ୍ରଶସ୍ୟ ଚାଷ କରି ଏହି ଚାଷୀମାନେ ଅନ୍ୟ ଚାଷୀମାନଙ୍କୁ ଏହି ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଏହି କ୍ଷୁଦ୍ରଶସ୍ୟ ଗୁଡିକରେ ଥିବା ପୁଷ୍ଟିସାର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ କ୍ଷୁଦ୍ରଶସ୍ୟରେ ପ୍ରସ୍ତୁତ ଖାଦ୍ୟକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଓ ଉତ୍ପାଦନକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ତରଫରୁ ରାଜଗାଙ୍ଗପୁରସ୍ଥିତ ଷ୍ଟେସନପଡା ଠାରେ କ୍ଷୁଦ୍ରଶସ୍ୟରୁ ପ୍ରସ୍ତୁତ ଖାଦ୍ୟମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏହି ଖାଦ୍ୟମେଳାରେ ମାଣ୍ଡିଆରେ ପ୍ରସ୍ତୁତ ଇଡଲି, ପିଠା, ବରା ପକୋଡି, ବିସ୍କୁଟ, ମୁଡୁକୁ, ସେଓ, ମିକଶ୍ଚର, ଗଙ୍ଗେଇ ଲଡୁ, ମୁଡି ଲଡୁ, ସୁଆଁ କ୍ଷୀରୀ ଆଦି ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇ ଜନସାଧାରଣଙ୍କୁ ବିନାମୂଲ୍ୟରେ ବିତରଣ କରାଯାଉଛି। ବିଗତ ୨ବର୍ଷ ମଧ୍ୟରେ କ୍ଷୁଦ୍ରଶସ୍ୟ ଚାଷ କରିଥିବା ସଫଳ ଚାଷୀଙ୍କ ଫଟୋ ସହିତ କ୍ଷୁଦ୍ରଶସ୍ୟରେ ଥିବା ପୁଷ୍ଟିକର ତତ୍ତ୍ୱଗୁଡିକ ଉପରେ ମଧ୍ୟ ଲିଖିତ ଭାବେ ପ୍ରଦର୍ଶନ କରାଯାଇଛି। ଏହି ମେଳାର ଉଦ୍‌ଘାଟନୀ ଉତ୍ସବରେ ଜିଲା କୃଷି ଅଧିକାରୀ କିସୁନ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ଷୁଦ୍ରଶସ୍ୟ ଚାଷରେ ଆର୍ଥିକ ଲାଭ ସହିତ ଏହି ଖାଦ୍ୟ ଦ୍ୱାରା ଶରୀରରେ ହେଉଥିବା ଉପକାରିତା ଉପରେ ଆଲୋକପାତ କରିଥିଲେ। ସହକାରୀ କୃଷି ଅଧିକାରୀ ନରେଶ ମହାନନ୍ଦ ,ପ୍ଲାନ ପ୍ରୋଟେକ୍ସନ୍ ଅଫିସର ସଞ୍ଜୀବ କୁମାର ମହାନ୍ତି ଓ ବିଭିନ୍ନ ପଞ୍ଚାୟତର ଗ୍ରାମ୍ୟକୃଷି ଅଧିକାରୀମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆୟୋଜକ ଅନୁଷ୍ଠାନ ରାଜଗାଙ୍ଗପୁର ବ୍ଲକ ସଂଯୋଜକ ସୟଦ ସାକୀର ପ୍ରାରମ୍ଭରେ ଏହି ଖାଦ୍ୟମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଷୁଦ୍ରଶସ୍ୟ ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳୀରେ ଚାଷ ହେଉଥିବା ବେଳେ ଏହା ସଂପୂର୍ଣ୍ଣ ବିଷମୁକ୍ତ ଅଟେ ଓ ଏହା ମଧ୍ୟରେ ରୋଗ ପ୍ରତିଷେଧକ ଶକ୍ତି ଓ ପୁଷ୍ଟିସାର ଭରପୁର ମାତ୍ରାରେ ରହିଥାଏ ବୋଲି ସେ ସୂଚନା ଦେଇଥିଲେ । ଅନୁଷ୍ଠାନର କର୍ମୀ ଲିଲିମା ଲାକ୍ରା, ଅମ୍ଲାନ ମିଞ୍ଜ, ରତନୀ ବଡେକ ମାର୍ଶାଲ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ମାଇଁଲେନ୍ କିରୋ, ସମ୍ପାଦିକା ପ୍ୟାରୀ କାଣ୍ଡୁଲାନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଖାଦ୍ୟ ମେଳା ଆସନ୍ତା ୧୫ ତାରିଖ ଯାଏ ରାଜଗାଙ୍ଗପୁର ବିଭିନ୍ନ ସ୍ଥାନରେ ଆୟୋଜିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଉଛି।



କ୍ଷୁଦ୍ରଶସ୍ୟରେ ପ୍ରସ୍ତୁତ ଖାଦ୍ୟ ମେଳାରେ ଅତିଥି, ଆୟୋଜକ, କର୍ମକର୍ତ୍ତା ।


ବିଦ୍ୟୁତ୍ ଆଘାତରେ ମରିପଡ଼ିଥିବା ବଳଦ ।

# ବିଦ୍ୟୁତ୍ ଆଘାତରେ ୭ବଳଦ ମୃତ

**ସୁନ୍ଦରଗଡ଼, ୭।୯ (ଡି.ଏନ୍.ଏ)**

**ଅଳ୍ପକେ ବର୍ତ୍ତିଲେ ଯୁବକ**

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ବଡବଙ୍ଗା ଗ୍ରାମରେ ଶନିବାର ଦୁଃଖଦ ଘଟଣା ଘଟିଛି। ଗ୍ରାମଦେଇ ଯାଇଥିବା ବିଦ୍ୟୁତ ତାର ହଠାତ୍ ଛିଡିପଡିବା ଯୋଗୁ ରାସ୍ତା ଉପରେ ବୁଲୁଥିବା ୭ଟି ଗୋରୁଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ୭ଟି ଗାଈବଳଦଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବରପାଇ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଘଟଣାସ୍ଥଳରେ ପହଞ୍ଚି ୱେସ୍କୋ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏହି ଘଟଣା ଘଟିଥିବା ନେଇ ଭବିଷ୍ୟତରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ ସେଥିପ୍ରତି ସଜାଗ ରହିବାକୁ ୱେସ୍କୋ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ଏହା ପରେ ଗୋରୁ ମାଲିକମାନଙ୍କୁ ୱେସ୍କୋ ପକ୍ଷରୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ବିଧାୟିକା ଦାବି କରିଛନ୍ତି ।

# ବଡ଼ଗାଁରେ ଏସ୍‌ଡିସି ଅଧ୍ୟକ୍ଷଙ୍କୁ ସ୍ୱାଗତ ଓ ଶୁଭେଚ୍ଛା

**ବଡଗାଁ, ୭।୯ (ଡି.ଏନ.ଏ)**

ବଡଗାଁରେ ଶୁକ୍ରବାର ମଧ୍ୟାହ୍ନରେ ଜିଲା ଆଦିବାସୀ ଉନ୍ନୟନ ବିକାଶ ପରିଷଦ (ଏସଡିସି) ଅଧ୍ୟକ୍ଷ ବିନୟ ଟପ୍ପୋଙ୍କୁ ସ୍ୱାଗତ ଓ ଶୁଭେଚ୍ଛା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡଗାଁ ବସ୍ତି ସ୍ଥିତ ଦେବ ମଣ୍ଡପଠାରେ ଗ୍ରାମବାସୀ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ଗ୍ରାମର ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ମନୋରଞ୍ଜନ ପୃଷେଟ, ଦିବ୍ୟଲୋଚନ ସା, ଅର୍ଜୁନ ନାୟକ ପ୍ରମୁଖ ସଭାରେ ଯୋଗଦେଇଥିଲେ। ବଡଗାଁ ଗୋଟିଏ ଆଦିବାସୀ ବହୁଳ ବ୍ଲକ। ଏହି ବ୍ଲକର ବିକାଶ ଦିଗରେ ଏସଡିସି ଅଧ୍ୟକ୍ଷ ଦୃଷ୍ଟି ରଖିବା ଆବଶ୍ୟକ। ବିନୟ ଟପ୍ପୋ ସଚ୍ଛୋଟ ବ୍ୟକ୍ତି ହୋଇଥିବାରୁ ସେ ଜିଲାର ବିକାଶ ଦିଗରେ ନିଶ୍ଚୟ କିଛି କରିଦେଖାଇବେ ବୋଲି ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ମିଶ୍ରଙ୍କ ସହିତ ଉପସ୍ଥିତ ଲୋକେ ଆଶା ପ୍ରକଟ କରିଥିଲେ ।

ସଭାରେ ଅଧ୍ୟକ୍ଷ ଟପ୍ପୋ, ଆଦିବାସୀମାନଙ୍କ ଭାଷା ସଂସ୍କୃତି, ପରମ୍ପରା ଯେପରି ଅକ୍ଷୁର୍ଣ୍ଣ ରହିବ ସେ ଦିଗରେ ଯତ୍ନବାନ ହେବା ସହ ଲୋକଙ୍କ ମତ ପ୍ରସ୍ତାବକୁ ନେଇ କାମ କରିବେ ବୋଲି କହିଥିଲେ । ଏସଡିସି ପକ୍ଷରୁ ପ୍ରତି ବ୍ଲକକୁ ବାର୍ଷିକ ଏକ କୋଟି ଟଙ୍କା ଦିଆଯିବ। ଏହି ଅର୍ଥରେ କିପରି ଉନ୍ନୟନ ମୂଳକ କାର୍ଯ୍ୟ ହେବ ସେଥିପାଇଁ ବାର୍ଷିକ ଖସଡା ପ୍ରସ୍ତୁତ କରି ଜିଲାପାଳଙ୍କ ସହିତ ଯୋଗାଯୋଗ ରଖି କାମ ଆଗେଇ ନିଆଯିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଦଳୀୟ କର୍ମୀ, କର୍ତ୍ତକର୍ତ୍ତା ବୀରେନ୍ଦ୍ର କୁମାର ରାଉତରାୟ, ଦେବାଶିଷ ମିଶ୍ର, ଉତ୍କଳ ମହାପାତ୍ର, ଧନୁର୍ଜ୍ୟୟ ମହାନନ୍ଦିଆ, ଦେବାଶିଷ ପୁରୋହିତ, ସରୋଜ ଦେଓ, ରାଜୁ ଦାସ, ସତ୍ୟନାରାୟଣ ନାୟକ, କୁମରମଣୀ ସାହୁ, ଅରୁଣ ପୃଷେଟ, ହୀରାଧର ବେହେରା, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ପ୍ରଦୀପ କୁମାର ସାହୁ, ଦେବେନ୍ଦ୍ର କିସାନ ପ୍ରମୁଖ ଯୋଗଦେଇଥିଲେ ।


ବଡଗାଁ ଦେବ ମଣ୍ଡପରେ ଆୟୋଜିତ ସଭାରେ ଏସଡିସି ଅଧ୍ୟକ୍ଷ ବିନୟ ଟପ୍ପୋ ।

### ହାଟକୁ ଆସୁଥିବା ବୃଦ୍ଧା ଟ୍ରକ ଧକ୍କାରେ ଆହତ

**ଲହୁଣୀପଡା, ୭।୯ (ଡି.ଏନ.ଏ)**

ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ- ବାହାଡପଷି ୧୦(କ) ରାଜ୍ୟ ରାଜପଥର ଖୁଣ୍ଟଗାଁଠାରେ ଶନିବାର ଏକ ଟ୍ରକ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଶନିବାର ଖୁଣ୍ଟଗାଁଠାରେ ସାପ୍ତାହିକ ହାଟ ବସେ । ବରଘାଟ ଗ୍ରାମର ସୁନି ମୁଣ୍ଡା (୭୦) ଅଟୋ ଯୋଗେ ହାଟକୁ ଆସିଥିଲେ। ସୁନି ଅଟୋରୁ ଓହ୍ଲାଇ ହାଟକୁ ପଶୁଥିବା ବେଳେ ବାହାଡାପଷି ପଟୁ ଲହୁଣୀପଡା ଆଡକୁ ଆସୁଥିବା ଟ୍ରକ ଓଡି ୧୬ ଏଫ- ୭୭୫୮ ସୁନିକୁ ଧକ୍କା ଦେଇଥିଲା । ଫଳରେ ବୃଦ୍ଧା ଜଣକ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ବଣେଇ ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ ମଧ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଖବର ପାଇ ଲହୁଣୀପଡା ପୋଲିସ ଓ ମହୁଲପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଏ ।

### ପଶ୍ଚିମ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉଦ୍‌ଘାଟିତ

# ଯୋଗଦେଲେ ବିଭିନ୍ନ ଜିଲାର ୧୯୦ ପ୍ରତିଯୋଗୀ

**ସୁନ୍ଦରଗଡ଼, ୭।୯ (ଡି.ଏନ୍.ଏ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶିକ୍ଷାବିକାଶ ସମିତି ପଶ୍ଚିମସମ୍ଭାଗର ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଆରମ୍ଭ ହୋଇଛି। ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୩ଟିବିଭାଗ ଯଥା ବରଗଡ, ସମ୍ବଲପୁର ଓ ରାଉରକେଲା ବିଭାଗରୁ ୪୦ଟି ବିଦ୍ୟାଳୟର ୧୯୦ଜଣ ଛତ୍ରୀ ଛାତ୍ର ତଥା ପ୍ରତିଯୋଗୀ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ ଗଣିତ ଚାର୍ଟ, ବିଜ୍ଞାନପତ୍ର ବାଚନ, ବିଜ୍ଞାନ ପ୍ରଶ୍ନମଞ୍ଚ ଆଦି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଶନିବାର ଉଦ୍‌ଘାଟନୀ ସମାରୋହରେ ଅଖିଳ ଭାରତୀୟ ସହ ସଙ୍ଗୀତ ସଂଯୋଜକ ପି ମୋହନ ରାଓପାତ୍ର ,ରାଉରକେଲା ବିଭାଗ ନିରୀକ୍ଷକ ଯୋଗେନ୍ଦ୍ର ମହନ୍ତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ ଜିଲା ବିଜ୍ଞାନ ନୀରିକ୍ଷକ ଗୋପୀନାଥ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ନିଜର ଅନ୍ତର୍ନିହିତ ଜ୍ଞାନର ବିକାଶ ପାଇଁ ଏହା ଏକ ପ୍ରକୃତ ମାଧ୍ୟମ ବୋଲି କହିଥିଲେ। ସୁନ୍ଦରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରର ପରିଚାଳନା ସମିତିର ସଭାପତି ପ୍ରାଧ୍ୟାପକ ଡ.ମଙ୍ଗଳ ଗର୍ଡିଆ, ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଏହି ଜ୍ଞାନବିଜ୍ଞାନ ମେଳା ହୋଇଥିଲା।


ଜ୍ଞାନବିଜ୍ଞାନ ମେଳାରେ ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ମଦ ପିଇ ଗାଡ଼ି ଚାଳନା କରୁଥିବା ୧୦ ଧରାପଡ଼ିଲେ

**ରାଜଗାଙ୍ଗପୁର, ୭।୯ (ଡି.ଏନ.ଏ)**

**୫ ହଜାର ଚାଲାଣ ଦେଲା ପରେ ଛଡ଼ାଗଲା**

କେନ୍ଦ୍ର ସରକାରଙ୍କ ଟ୍ରାଫିକ ନିୟମ ପରିବର୍ତ୍ତନ ସାଙ୍ଗକୁ ଜରିମାନା ମାତ୍ରା ବଢ଼ିଯିବା ପରେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୋଲିସ ଯାଞ୍ଚ କାର୍ଯ୍ୟକ୍ରମକୁ ବଢ଼ାଇ ଦେଇଛି। ଶୁକ୍ରବାର ରାଜଗାଙ୍ଗପୁର ଥାନା ଅଧିକାରୀ ମାନଭଞ୍ଜନ ପଟେଲଙ୍କ ଦ୍ୱାରା ବରପାଲି ଟୋଲ ଗେଟ ପାଖରେ ଯାନବାହାନଗୁଡିକ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ୧୦ଜଣ ଡ୍ରାଇଭର ମଦ ପିଇ ଗାଡ଼ି ଚଲାଉଥିବା ପୋଲିସର ମଦ ଯାଞ୍ଚ ମେସିନରେ ଧରାପଡିଥିଲେ। ପରେ ପୋଲିସ ଉକ୍ତ ଡ୍ରାଇଭରଙ୍କୁ ରାଜଗାଙ୍ଗପୁର ଥାନାକୁ ଆଣି ରାତି ତମାମ ଥାନାରେ ରଖିବା ପରେ ଶନିବାର ରାଜଗାଙ୍ଗପୁର କୋର୍ଟ ଚାଲାଣ କରିଥିଲେ । କୋର୍ଟରେ ଉକ୍ତ ଡ୍ରାଇଭରମାନେ ୫ହଜାର ଟଙ୍କା ଚାଲାଣ ଜମା କରିବା ପରେ ଛାଡ ମିଳିଥିଲା। ଏହା ଛଡା ଜନୈକ ସ୍କୁଟି ଚାଳିକାଙ୍କ ପାଖରେ ହେଲମେଣ୍ଟ ଓ ବୀମା କାଗଜପତ୍ର ନ ଥିବାରୁ ପୋଲିସ ୧୩ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଗାଡି ଚାଳକଙ୍କ ମଧରେ କୋକୁଆଭୟ ସୃଷ୍ଟି କରିଛି।

### ବିଧାୟିକା ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ବୁଝିଲେ

# ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କଲେ

**ସୁନ୍ଦରଗଡ, ୭।୯ (ଡି.ଏନ୍.ଏ)**

ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଶନିବାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ବୁଝିବା ସହ ଛାତ୍ରୀ ଛାତ୍ରଙ୍କ ସହିତ ଭାବ ବିନିମୟ କରିଛନ୍ତି। ଟାଙ୍ଗରପାଲି ବ୍ଲକର ରତନପୁର ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ପହଞ୍ଚି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ କିଛି ସମୟ ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କ ସହିତ ତଳେ ବସି ସାଧାରଣଜ୍ଞାନର ଆଦାନ ପ୍ରଦାନ କରି ଭାବ ବିନିମୟ କରିଥିଲେ। ଏଥିସହିତ ଛାତ୍ରୀଛାତ୍ର ମାନଙ୍କୁ ନିୟମିତ ବିଦ୍ୟାଳୟ ଆସି ଭଲ ପାଠପଢି ଭବିଷ୍ୟତର ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ।



ବିଧାୟିକା କୁସୁମ ଟେଟେ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରୁଛନ୍ତି।

# ଉପାନ୍ତ ଗ୍ରାମର ୭୦ ବର୍ଷୀୟ ବ୍ୟକ୍ତି ଭତ୍ତାରୁ ବଞ୍ଚିତ

**ବଡଗାଁ, ୭।୯ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଦ୍ୱାରା ବ୍ଲକ ଗୁଡିକରେ ସିଙ୍ଗଲ୍ ୱିନ୍ ଡୋ ଏବଂ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ମାଧ୍ୟମରେ ବୃଦ୍ଧାବୃଦ୍ଧ, ବିଧବା, ଅସହାୟମାନଙ୍କୁ ସେହିଠାରେ ହିଁ ପ୍ରମାଣପତ୍ର ଦେଇ ସମସ୍ତ ସରକାରୀ ସହାୟତା କିପରି ପାଇବେ ବ୍ୟବସ୍ଥା କରିଛନ୍ତି। ଏହା ଦ୍ୱାରା ଗତ କିଛି ବର୍ଷ ମଧ୍ୟରେ ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ଅନେକ ଭତ୍ତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମମାନେ ସୁଫଳ ପାଇଥିଲେ ମଧ କେତେକ ଉପାନ୍ତ ଗ୍ରାମର ବୃଦ୍ଧାବୃଦ୍ଧମାନେ ଶିବିରକୁ ଆସିନ ପାରିବାରୁ ଯୋଜନାରୁ ବାଦ ପଡିଛନ୍ତି। ସେହିପରି ଜଣେ ବୃଦ୍ଧ ହେଲେ ରୁନଗା ପଞ୍ଚାୟତ ଲକ୍ରାଘରା ଗ୍ରାମର ପିତୃଷ ଟପ୍ପୋ (୭୦) । ଝାଡଖଣ୍ଡ ସୀମାବର୍ତ୍ତି ଉପାନ୍ତ ଗ୍ରାମର ଏହି ବୃଦ୍ଧ ନିଃସନ୍ତାନ। ତାଙ୍କ ସ୍ତ୍ରୀଙ୍କ ୮ବର୍ଷ ପୂର୍ବେ ମୃତ୍ୟୁ ହୋଇଛି । ବାର୍ଦ୍ଧକ୍ୟ ସମୟରେ ତାଙ୍କ ସାହାରା ହୋଇଛନ୍ତି ସମ୍ପର୍କୀୟ ନାତି ପ୍ରଫୁଲ୍ଲ ଟପ୍ପୋ । ବୃଦ୍ଧଙ୍କ ସମ୍ପତ୍ତି କହିଲେ ୧ ଏକର ମାଳ ଜମି ଓ ଗୋଟିଏ ମାଟି ଘର । ସେ କହନ୍ତି ପଞ୍ଚାୟତ ଅଫିସରେ ୨ଥର ଭତ୍ତା ପାଇଁ ଆବେଦନ କରିଥିଲି, କିନ୍ତୁ ଆଜି ପର୍ଯ୍ୟନ୍ତ ହେଲାନାହିଁ । ଏଠାରେ ସୂଚନାଯୋଗ୍ୟ ଯେ, ୪ ବର୍ଷ ପୂର୍ବେ ରୁନଗା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ ଯୋଜନାରୁ ବାଦ ପଡିଥିବା ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ସେ ସମୟର ବିଡିଓ ଏବଂ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବିଡିଓଙ୍କ ଉଦ୍ୟମକ୍ରମେ ଅନେକ ବିଧବା, ବୃଦ୍ଧାବୃଦ୍ଧ ଯୋଜନାରେ ସାମିଲ ହୋଇପାରିଥିଲେ । ଗତ ମାସରେ ବ୍ଲକର ସମସ୍ତ ପଞ୍ଚାୟତରେ ଶିବିର କରିବା ଦ୍ୱାରା ବହୁ ସଂଖ୍ୟକ ହିତାଧିକାରୀ ଯୋଜନାରେ ସାମିଲ ହୋଇ ପାରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସରକାରଙ୍କ ଜନ ହିତକର ଯୋଜନାକୁ ସଠିକ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବାରେ ଜନ ପ୍ରତିନିଧି ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ମଧ କେତେକ ଜନ ପ୍ରତିନିଧିଙ୍କ କାର୍ଯ୍ୟରେ ଅବହେଳା, ପକ୍ଷପାତିତା ଯୋଗୁଁ ସରକାର ଅକାରଣରେ ସମାଲୋଚିତ ହୋଇଥାନ୍ତି । ତେଣୁ ଏଭଳି କାର୍ଯ୍ୟ ସମ୍ପାଦନ ପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି ଦିଗରେ ପଦକ୍ଷେପ ନେବା ସହିତ ଶାସକ ବିଜେଡି ପକ୍ଷରୁ ଯେପରି ରକ୍ତଦାନ କରି ରୋଗୀଙ୍କୁ ସହଯୋଗ କରୁଛନ୍ତି ସେହିପରି ଦଳୀୟ କର୍ମୀମାନେ ଜନ ହିତକର ଯୋଜନାଗୁଡିକୁ ପ୍ରକୃତ ହିତାଧିକାରୀଠାରେ ପହଞ୍ଚାଇବା ପାଇଁ କାର୍ଯ୍ୟ କଲେ ସର୍ବାଧିକ ସଫଳତା ମିଳିବ ଆଶା କରାଯାଇପାରେ ।


ଭତ୍ତାରୁ ବଞ୍ଚିତ ପିତୃଷ ଟପ୍ପୋ ।



ଅଗୁଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ମାମଲାରେ ଗିରଫ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲଙ୍କ ଜାମିନ ଆବେଦନକୁ ଶନିବାର ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ତାଙ୍କୁ ଜାମିନରେ ଛଡ଼ାଯିବାର ଯଥେଷ୍ଟ କାରଣ ନାହିଁ ବୋଲି ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର କହିଥିଲେ। ଗତବର୍ଷ ଡିସେମ୍ବର ୨୨ରେ ମିଶେଲଙ୍କୁ ଦୁବାଇ ପ୍ରତ୍ୟର୍ପଣ କରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା। ଜାନୁୟାରୀ ୫ରୁ ସେ ଜେଲ୍‌ରେ ଅଛନ୍ତି।

## ସଂକ୍ଷେପରେ

### ବର୍ଷାରେ ଚାଷୀଙ୍କ ଘର ଭାଙ୍ଗିଲା

ଧମା,୭।୯(ଡି.ଏନ୍.ଏ.): ତିନିଦିନ ଧରି ସାରା ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବା ବେଳେ ଶନିବାର ଦିନତମାମ ମାନେଶ୍ୱର ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ବର୍ଷାରେ ଡକରା ପଞ୍ଚାୟତ ସୁବନପୁର ଗ୍ରାମର କ୍ଷୁଦ୍ରଚାଷୀ ନବୀନ ଜାଲଙ୍କ ମାଟିଘର ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଏହି ସମୟରେ ଘରେ କେହି ନ ଥିଲେ। ହେଲେ ନବୀନଙ୍କ ଘରେ ରଖାଯାଇଥିବା ୟୁରିଆ ସାର ବସ୍ତା, ୫ ହଜାର ଟଙ୍କାର କୀଟନାଶକ ଔଷଧ, ୨ଟି ସାଇକେଲ, ପାଣିପମ୍ପ ଇତ୍ୟାଦି ନଷ୍ଟ ହୋଇଯାଇଛି। ଏ ନେଇ ନବୀନ ସ୍ଥାନୀୟ ଆର୍‌ଆଇଙ୍କ ଜରିଆରେ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି।

### ସୋନପୁର-ସମ୍ବଲପୁର ରାଜପଥ ବିଚ୍ଛିନ୍ନ

ଧମା,୭।୯(ଡି.ଏନ୍.ଏ.): ଲଗାଣ ବର୍ଷା ଯୋଗୁ ଧମା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ସୋନପୁର-ସମ୍ବଲପୁର ୧୫ନଂ ରାଜ୍ୟ ରାଜପଥର ଶ୍ରୀସ୍ତୋଲାପାଲି ଛକ, ବରଗାଁ, ବାଉଁସେନମୁରା ଓ ବଡ଼ମୁରା ବ୍ରିଜ ଉପରେ ଯଥାକ୍ରମେ ୩ଫୁଟ, ୫ଫୁଟ, ୭ଫୁଟ ଓ ୧୦ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ସନ୍ଧ୍ୟା ୭ଟାରୁ ଏହି ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ପ୍ରତି ଛକରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଠିଆହୋଇ ରହିଛି। ଧମା ପୋଲିସ ଓ ଗୁଣ୍ଡେରପୁର ଫାଣ୍ଡି ପୋଲିସ ଉକ୍ତ ସ୍ଥାନଗୁଡ଼ିକରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରୁଛି।

### ବଦଳିଲେ ୨୭ ମେଡିକାଲ ଅଫିସର

ଭୁବନେଶ୍ୱର,୭।୯(ବ୍ୟୁରୋ) ରାଜ୍ୟ ସରକାର ୨୭ ଜଣ ମେଡିକାଲ ଅଫିସରଙ୍କୁ ପଦୋନ୍ନତି ଓ ବଦଳି କରିଛନ୍ତି। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୪ ଜଣ ମେଡିକାଲ ଅଫିସରଙ୍କୁ ବଦଳି କରାଯାଇଥିବାବେଳେ ୧୩ ଜଣଙ୍କୁ ପଦୋନ୍ନତି ଦିଆଯାଇ ବିଭିନ୍ନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ନବରଙ୍ଗପୁର ମେଡିକାଲ ଅଫିସର ଲକ୍ଷ୍ମୀଧର ସାହୁଙ୍କୁ ବୌଦ୍ଧ ବଦଳି କରାଯାଇଥିବାବେଳେ ଜଗତସିଂହପୁର ମେଡିକାଲ ଅଫିସର ଅଜୟ କୁମାର ବୈଥାରୁଙ୍କୁ ମୟୂରଭଞ୍ଜ, ପ୍ରଦୀପ କୁମାର ମହାପାତ୍ରଙ୍କୁ ମୟୂରଭଞ୍ଜ, ସନ୍ତୋଷ କୁମାର ସ୍ୱାଇଁଙ୍କୁ ନବରଙ୍ଗପୁର, କୌଶଲ୍ୟା ପ୍ରଧାନଙ୍କୁ ରାଉରକେଲା, ଜଗଦୀଶ ବାରିକଙ୍କୁ ଝାରସୁଗୁଡା, ଅମରେନ୍ଦ୍ର ନାଥ ମହାନ୍ତିଙ୍କୁ ଅନୁଗୋଳକୁ ବଦଳି କରାଯାଇଛି। ସେହିପରି ନୀଳକଣ୍ଠ ମିଶ୍ରଙ୍କୁ ପୁରୀ ବଦଳି କରାଯାଇଥିବାବେଳେ ରଶ୍ମି ପ୍ରକାଶ ଶତପଥୀଙ୍କୁ କ୍ୟାପିଟାଲ ହସ୍ପିଟାଲ, ସତ୍ୟବ୍ରତ ଛୋଟରାୟଙ୍କୁ କଟକ, ଆର୍ତ୍ତବନ୍ଧୁ ନାୟକଙ୍କୁ ରାୟଗଡା, ବିମଳପ୍ରଭା ସାହୁଙ୍କୁ ଭୁବନେଶ୍ୱର, ସଞ୍ଜୁକ୍ତା ସାହୁଙ୍କୁ ଭୁବନେଶ୍ୱର ଲବଂ ଇତମାଚନ୍ଦ ସାହୁଙ୍କୁ ବଲାଙ୍ଗୀର ମେଡିକାଲ ଅଫିସର ଭାବେ ବଦଳି କରାଯାଇଛି। ଅନୁରୂପ ଭାବେ ୧୩ ଜଣ ଅତିରିକ୍ତ ନିର୍ଦ୍ଦେଶକ ଲେଭେଲ-୧ ମେଡିକାଲ ଅଫିସରଙ୍କୁ ଲେଭଲ-୧କୁ ପଦୋନ୍ନତି ଦିଆଯାଇ ବଦଳି କରାଯାଇଛି। ପଦୋନ୍ନତି ପାଇଥିବା ମେଡିକାଲ ଅଫିସରମାନେ ହେଲେ ମନୋଜ କୁମାର ଉପାଧ୍ୟାୟ, ଜଗନ୍ନାଥ ପହି, ବଟକୃଷ୍ଣ ମୋହଲା, ଅଶୋକ କୁମାର ଦାଶ, ଶଶୀଭୂଷଣ ପଟେଲ, ଶିଶିର କୁମାର ରଥ, ବାନାର୍ଜୀ ପ୍ରସାଦ ଛୋଟରାୟ, ଦିଲ୍ଲୀପ କୁମାର ପଣ୍ଡା, ସଞ୍ଜିତ ପଟ୍ଟନାୟକ, ବିଜୟ ପଣ୍ଡା, ପୁଷ୍ପାଂଶୁ ସାହୁ, ଅରୁଣ କୁମାର ପାତ୍ର ଏବଂ ରାଜଶ୍ରୀ ପଟ୍ଟନାୟକ।

## ଦେବଗଡ଼ ଗଣେଶ ମେଳାର ଷଷ୍ଠ ଦିନ

# ବର୍ଷା ପବନରେ ଯାତ୍ରାଦେଖା, ଲୋକେ ହଇରାଣ









ଦେବଗଡ଼ ଗଣେଶ ମେଳା: ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡ଼ି ଚାଲିଛି (ବାମ)। କଳାକୁଞ୍ଜ ଶୋଭାପାଉଛି (ମଝି)। ପୂଜା ମଣ୍ଡପ ନିକଟରେ ଅନ୍ନଭୋଗ ପ୍ରସାଦ ବଣ୍ଟନ କରାଯାଉଛି।

ଦେବଗଡ଼, ୭।୯(ଡି.ଏନ.ଏ)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ମେଳା ଉତ୍ସବର ଶନିବାର ଷଷ୍ଠ ଦିନରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ପବନ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ତେବେ କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଆୟୋଜିତ ପୂଜା ମଣ୍ଡପ ନିକଟରେ ଅନ୍ନଭୋଗ ପ୍ରସାଦ ବଣ୍ଟନ, ଗୋପବନ୍ଧୁ ଛକର ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ କଟକର ସେହେନ୍‌ସା ମେଲୋଡି କାର୍ଯ୍ୟକ୍ରମ ଦେଖଣାହାରୀଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଥିଲା । ଗୋପାଳଜୀ ମନ୍ଦିର ପରିସରରେ ଫ୍ରି ସୋ ଅପେରା, ପ୍ରଧାନପାଟ ରୋଡ ବଡବଗିଚା ପଡିଆରେ ଟିକଟ ସୋ ଅପେରା ହୋଇଥିଲା। ଶନିବାର ବର୍ଷା ଯୋଗୁ ସ୍ଥାନୀୟ ସଭାଗୋଲି ଠାରେ ପଡିଥିବା ସୁପର ମାର୍କେଟ, ସରକାରୀ ବସ୍ ଷ୍ଟାଣ୍ଡ ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ଶତାଧିକ ମୀନାବଜାର ଷ୍ଟଲ୍ ଓ ଏପରିକି ଚାଟ୍ ,ଗୁପଚୁପ୍ ଓ ଚାଓମିନ୍ ଷ୍ଟଲ୍ ମାନଙ୍କରେ ମହିଳା ଓ ପୁରୁଷ ଛୁଆପିଲା ଧରି କାଦୁଅ ପଚପଚରେ ବୁଲିବୁଲି ମେଳା ଦେଖିଥିଲେ। ବିଶେଷକରି ବାହାରୁ ଆସିଥିବା ବ୍ୟବସାୟୀମାନେ ବର୍ଷା ପାଇଁ ବେପାର ଟିକେ ମାନ୍ଦା ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ଗତ କିଛି ବର୍ଷ ହେବ ଆୟୋଜିତ ହୋଇଆସୁଥିବା ବହୁ ପ୍ରତିକ୍ଷିତ ଗଣେଷ ପ୍ରଭୂଙ୍କ 'ଗଣେଶଙ୍କ ଲଡୁ କା ଭାଗ୍ୟରେ ଲକି କୁପନ କାର୍ଯ୍ୟକ୍ରମ ଶନିବାର ବର୍ଷା ପାଇଁ ସ୍ଥଗିତ କରାଯାଇଛି। ଆସନ୍ତା ବୁଧବାର ଉକ୍ତ କାର୍ଯ୍ୟକ୍ରମ ହୋବ ବୋଲି କମିଟିର ସମ୍ପାଦକ ଶୁକଦେବ ଭଞ୍ଜ ସୂଚନା ଦେଇଛନ୍ତି। ରବିବାର ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷ ଗଣେଶଙ୍କ ସହ ବିଭିନ୍ନ କଳାକୁଞ୍ଜ ହୋଇଥିଲା। ଏହା ମାଧ୍ୟମରେ ଲୋକଙ୍କ ମନରେ ଜାତୀୟତା ଭାବ, ଦେଶପ୍ରେମ, ସଚେତନତା ଜାଗ୍ରତ କରାଯାଇଥିଲା।

# ତିଲେଇବଣି ବ୍ଲକ ଓଷ୍ଟା କମିଟି ପୁନର୍ଗଠିତ

ଦେବଗଡ, ୭।୯(ଡି.ଏନ.ଏ)

ତିଲେଇବଣି ବ୍ଲକ ଅନ୍ତର୍ଗତ ଟାଇଁସର ହାଇସ୍କୁଲ ପ୍ରାଙ୍ଗଣରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଦେବଗଡ ଶାଖା ଅଧିନସ୍ଥ ତିଲେଇବଣି ବ୍ଲକ ଓଷ୍ଟା ଶାଖା ପୁନର୍ଗଠିତ ହୋଇଛି। ଓଷ୍ଟା,ତିଲେଇବଣି ବ୍ଲକ ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମାଙ୍କ ଆବାହକତ୍ୱରେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ଦେବଗଡ ଜିଲା ସଭାପତି ଗୋପବନ୍ଧୁ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଦେବଗଡ ଜିଲା ସମ୍ପଦକ ହେମନ୍ତ କୁମାର ପ୍ରଧାନ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସଞ୍ଜୟ କୁମାର ବ୍ରହ୍ମା ମଞ୍ଚାସୀନ ରହି ଓଷ୍ଟାର ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲଚନା କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ନିମନ୍ତେ ତିଲେଇବଣି ବ୍ଲକ ଓଷ୍ଟା ଶାଖାର ନୂତନ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଥିଲା। ଏଥିରେ ତିଲେଇବଣି ବ୍ଲକ ସଭାପତି ଭାବେ ଝରାଗୋଗୁଆ ହାଇସ୍କୁଲର ଶିକ୍ଷକ ଜ୍ଞାନରଞ୍ଜନ ପଟେଲ,ଉପସଭାପତି ଭାବେ ସଡୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁ ଓ ଦୁଧିଆନାଳୀ ହାଇସ୍କୁଲର ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ସମ୍ପାଦକ ଭାବେ ଧୋଲପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା, ଯୁଗ୍ମ ସମ୍ପାଦକ ଭାବେ କଂସର ବାଳୀକା ହାଇସ୍କୁଲର ଶିକ୍ଷକ ଆଲୋକ ରଞ୍ଜନ ପ୍ରଧାନ ଓ ଝାରମୁଣ୍ଡା ସ୍ଥିତ ଧନଞ୍ଜୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଫିକୁଦ୍ଦିନ ଖାନ, ଜିଲା କାଉନଶିଲ ସଦସ୍ୟ ଭାବେ ଝାରମୁଣ୍ଡା ସ୍ଥିତ ଧନଞ୍ଜୟ ହାଇସ୍କୁଲର କ୍ରୀଡା ଶିକ୍ଷକ ଚିତ୍ତରଞ୍ଜନ ମହାପାତ୍ର ଓ ଟାଇଁସର ହାଇସ୍କୁଲର ଶିକ୍ଷକ ଦେବରାଜ ମିଶ୍ର ,ରାଜ୍ୟ କାଉନଶିଲ ସଦସ୍ୟ ଭାବେ ସଡୋ ହାଇସ୍କୁଲର ଶିକ୍ଷକ ହେମନ୍ତ କୁମାର ମାଲୁଆ ଓ ଦୁଧିଆନାଳୀ ହାଇସ୍କୁଲର ଶିକ୍ଷକ ରିଙ୍କେଶ କୁମାର ପ୍ରଧାନଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଓଷ୍ଟାର ବାରକୋଟ ବ୍ଲକ ସମ୍ପାଦକ କନ୍ତାରୁ ପ୍ରଧାନ ଓ ରିଆମାଳ ବ୍ଲକ ସମ୍ପାଦକ ନିରଞ୍ଜନ ଦୀପ ଉପସ୍ଥିତ ଥିବାବେଳେ ସୁରେଶ ଚନ୍ଦ୍ର ପାତ୍ର, ଦ୍ୱିତୀକୃଷ୍ଣ ମିଶ୍ର, ସୁଜ୍ଞାନି ସାମଲ ଓ ଚରଣ କୁମୁରାଙ୍କ ସମେତ ଟାଇଁସର ହାଇସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଚାରା ରୋପଣ କାର୍ଯ୍ୟକ୍ରମ

ଦେବଗଡ,୭।୯(ଡି.ଏନ.ଏ)





ବୃକ୍ଷଚାରା ରୋପଣ କରାଯାଉଛି ।

ଦେବଗଡ ଜିଲା କୋର୍ଟ ଆନୁକୂଲ୍ୟରେ ବନ ବିଭାଗ ସହାୟତାରେ ବାରକୋଟ ବନାଞ୍ଚଳର ବିଭିନ୍ନ ସ୍ଥାନରେ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ଓ ଦୌରାଜଜ ସୁଦୀପ୍ତ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାଜଜ ସସ୍ମିତା ପର୍ହୀ,ଜିଲା ଆଇନ ସେବା ପ୍ରଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଓ ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବୃକ୍ଷଚାରା ରୋପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ବମ୍ପରଡା ଗ୍ରାମସ୍ଥିତ ୪ର୍ଥ ଆଇ.ଆର୍.ବି. ପରିସର, କଳା କଲେଜ ପରିସର, ଗୋପପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସର, ଆମ୍ବକଟା ସ୍ଥିତ ସରକାରୀ ଆଇ.ଟି.ଆଇ. ପରିସରରେ ବିଭିନ୍ନ କିସମର ବହୁ ସଂଖ୍ୟକ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪ର୍ଥ ଆଇ.ଆର୍.ବି.ର କମାଣ୍ଡାଣ୍ଟ ଲକ୍ଷ୍ମଣ ସିଂ ଓ କଳା କଲେଜର ଅଧକ୍ଷ ଶାନ୍ତନୁ କୁମାର ପ୍ରଧାନ ଅଂଶଗ୍ରହଣ କରି ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବାରକୋଟ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ବନ ବିଭାଗର ବହୁ କର୍ମଚାରୀ ସହଯୋଗ କରିଥିଲେ ।

# କଞ୍ଚାମାଲର ସୁରକ୍ଷା ଦାବି କଲା ଜେଏସ୍‌ପିଏଲ୍

■ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଅଧକ୍ଷ ନବୀନ ଜିନ୍ଦଲ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ରାଜ୍ୟର ଇସ୍ପାତ କାରଖାନାରେ କଞ୍ଚାମାଲର ସୁରକ୍ଷା ଦାବି କରିଛନ୍ତି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ(ଜେଏସ୍‌ପିଏଲ୍) ଅଧକ୍ଷ ନବୀନ ଜିନ୍ଦଲ। ଶନିବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ନବୀନ ଏ ସମ୍ପର୍କରେ ଜଣାଇଛନ୍ତି। ପଦାଧିକାରୀଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ଜିନ୍ଦଲ କହିଛନ୍ତି, ରାଜ୍ୟ ସରକାର ଖଣି ନିଲାମୀ ସମୟରେ ଓଡ଼ିଶାରେ କାରଖାନା ସ୍ଥାପନ କରିଥିବା କମ୍ପାନୀଗୁଡ଼ିକୁ ଅଗ୍ରାଧିକାର ଦିଅନ୍ତୁ। ବିଶେଷକରି ରାଜ୍ୟରେ କାରଖାନାଗୁଡ଼ିକ ପ୍ରତିଷ୍ଠା କରି ରୋଜଗାର ସୃଷ୍ଟି କରିଥିବା କମ୍ପାନୀ ପାଇଁ ଯେପରି କଞ୍ଚାମାଲ(ଲୁହାପଥର) ଅଭାବ ନ ହେବ, ସେଥିପ୍ରତି ରାଜ୍ୟ ପ୍ରଶାସନ ଦୃଷ୍ଟି ଦେଉ। ଲୁହାପଥର ଖଣିକୁ ପ୍ରଥମେ କ୍ୟାପ୍ଟିଭ ବ୍ୟବହାର ପରେ ମର୍ଚ୍ଚାଣ୍ଟ ମାଇନିଂ ଦେବା ପାଇଁ ସେ ଅନୁରୋଧ କରିଛନ୍ତି। ଓଡ଼ିଶାରେ ୪୭,୦୦୦ କୋଟି ଟଙ୍କାର ନିବେଶ କରାଯାଇ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଇଛି। ହେଲେ କମ୍ପାନୀ ନିକଟରେ କେବଳ ସୁନ୍ଦରଗଡ଼ର ଟେନ୍‌ସା ଖଣି ରହିଛି, ଯାହା ଆବଶ୍ୟକତାଠାରୁ ବହୁତ କମ୍ । କମ୍ପାନୀ ପାଖରେ ଅନ୍ୟ କୌଣସି କ୍ୟାପ୍ଟିଭ ମାଇନ୍ସ ନ ଥିବାରୁ ରାଜ୍ୟ ସରକାର କଞ୍ଚାମାଲ ସୁରକ୍ଷା ଦିଅନ୍ତୁ ବୋଲି ନବୀନ କହିଛନ୍ତି। ଜେଏସ୍‌ପିଏଲ୍ ପ୍ରାୟ ଏକ ନିୟୁତ ଟନ୍ ଲୁହାପଥର ରାଜ୍ୟରୁ କ୍ରୟ କରୁଛି। ବିଶ୍ୱ ବଜାରରେ ଇସ୍ପାତ ଦର ୩୦% ହ୍ରାସ ପାଇଥିଲେ ହେଁ ଲୁହାପଥର ମୂଲ୍ୟ ଏତେଟା କମିନାହିଁ, କୋଇଲା ମୂଲ୍ୟ ମଧ୍ୟ କମ୍ ହୋଇନାହିଁ।

{ ଆଜି କ'ଣ କେଉଁଠି ପ୍ରସଙ୍ଗରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ■ ସଡ଼କ ଦୁର୍ଘଟଣା ଆହତଙ୍କୁ ଚିକିତ୍ସା

# ସରକାର ଦେବେ ଘରୋଇ ହସ୍ପିଟାଲ ଖର୍ଚ୍ଚ

■ ପ୍ରଥମ ପର୍ଯ୍ୟାୟରେ କଟକ, ଭୁବନେଶ୍ୱର

■ ସ୍ୱାସ୍ଥ୍ୟ ବିଭାଗକୁ ୪ କୋଟି ଦେଲା ପରିବହନ ବିଭାଗ



ଭୁବନେଶ୍ୱର,୭।୯(ବ୍ୟୁରୋ)

ସଡ଼କ ସୁରକ୍ଷା ସମଗ୍ର ବିଶ୍ୱରେ ଚିନ୍ତାର ବିଷୟ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁ ହାର କମାଇବା ପାଇଁ ତୁରନ୍ତ ଡାକ୍ତରୀ ଚିକିତ୍ସା ଅପରିହାର୍ଯ୍ୟ ହୋଇପଡିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କର ଜରୁରୀ ଚିକିତ୍ସା ପାଇଁ ଅନେକଗୁଡିଏ ପଦକ୍ଷେପ ହାତକୁ ନେଇଛନ୍ତି। ସଡକ ଦୁର୍ଘଟଣାରେ ଆହତ ହେଉଥିବା ବ୍ୟକ୍ତିଙ୍କୁ ସରକାରୀ ସହ ଘରୋଇ ଡାକ୍ତରଖାନାରେ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ।

ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପାଇଁ ପ୍ରଥମ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଚିକିତ୍ସା ନ ପାଇଲେ ଆହତ ବ୍ୟକ୍ତିଙ୍କର ମୃତ୍ୟୁ ଆଶଙ୍କା ଅଧିକ ଥାଏ। ସମସ୍ତ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଆହତଙ୍କୁ ଚିକିତ୍ସା ଉପଲବ୍ଧ କରାଯାଉଛି। ଏଣିକି ବେସରକାରୀ ଡାକ୍ତରଖାନାରେ ମାଗଣାରେ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ଚିକିତ୍ସା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଚିକିତ୍ସା ଖର୍ଚ୍ଚ ସରକାର 'ଓଡିଶା ସଡ଼କ ସୁରକ୍ଷା ପାଣ୍ଠି'ରୁ ଭରଣା କରିବେ। ପ୍ରଥମେ କଟକ ଓ ଭୁବନେଶ୍ୱରରେ ଏହି ସୁବିଧା ଉପଲବ୍ଧ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁର ଆଦି ବଡ ସହରକୁ ଏଥିରେ ସାମିଲ କରାଯିବ। ଆହତଙ୍କୁ ଚିକିତ୍ସା ପାଇଁ ବଡ ବଡ ଘରୋଇ ହସ୍ପିଟାଲକୁ ସାମିଲ କରାଯାଇଛି। ଏହି ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୪ କୋଟି ଟଙ୍କା ସଡ଼କ ସୁରକ୍ଷା ପାଣ୍ଠିରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେତେକ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଛି। ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲରେ ପହଞ୍ଚାଇବା ପରେ ଅତିଶୀଘ୍ର ଚିକିତ୍ସା ଆରମ୍ଭ କରି ଡିଏମ୍‌ଇଟିଙ୍କୁ ଜଣାଇବେ। ଚିକିତ୍ସା ଚାଲୁ ରଖିବାକୁ ଡିଏମ୍‌ଇଟି ହସ୍ପିଟାଲକୁ ଅନୁମତି ଦେବେ। ୪୮ ଘଣ୍ଟା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଉପଯୁକ୍ତ ଚିକିତ୍ସା ପ୍ରମାଣ ସହ ଖର୍ଚ୍ଚ ପାଇଁ ଡିଏମ୍‌ଇଟିଙ୍କୁ ଜଣାଇବେ। ଡିଏମ୍‌ଇଟି ଉପଯୁକ୍ତ ନିରୀକ୍ଷା ପରେ ଏକ ସପ୍ତାହ ମଧ୍ୟରେ ଚିକିତ୍ସା ବାବଦ ଖର୍ଚ୍ଚ ପ୍ରଦାନ କରିବେ। ପରିବହନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠି ଭାରତୀୟ ଷ୍ଟେଟ ବ୍ୟାଙ୍କରେ ମୁକ୍ତ ଚିକିତ୍ସା ଟ୍ରମା ପାଣ୍ଠି ନାମରେ ଜମା ରହିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ଓ ପ୍ରୋଗ୍ରାମ ସହାୟକ ଉପରୋକ୍ତ ସ୍କିମ୍ ଦାୟିତ୍ୱରେ ରହିବେ। ସେମାନଙ୍କୁ ଟେଲିଫୋନ ନମ୍ବର ୯୪୩୯୯୯୧୧୭୦ ଏବଂ ୯୪୩୭୨୩୨୯୮୭ ଏବଂ ଇ-ମେଲ୍ ଆଇଡି fttdmet@gmail.com ଜରିଆରେ ଯୋଗାଯୋଗ କରିବାକୁ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ଫଟୋରେ ଖବର







ଶନିବାର ସମ୍ବଲପୁର ମାରୱାଡି ମହିଳା ସମିତି ଆନୁକୂଲ୍ୟରେ ଆୟୋଜିତ ରାଷ୍ଟ୍ରୀୟ ଉଦ୍ୟୋଗ ମେଳାରେ ମହିଳାମାନେ ସାମଗ୍ରୀ କିଣୁଛନ୍ତି (ବାମ)। ନେଲସନ ମଣ୍ଡେଲା ଛକରେ ଅତିଥିମାନେ ସମ୍ବଲପୁର ଏନଫିଲ ପିରାଟେସ୍ ମୋଟର ସାଇକେଲ କ୍ଲବର ରାଲିକୁ ଶୁଭାରମ୍ଭ କରୁଛନ୍ତି (ମଝି)। ବୀର ସୁରେନ୍ଦ୍ର ସାଏ ମାର୍ଗରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି।



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର



# ଏସ୍‌ସିବି ମେଡିକାଲରେ ଜଗା-କାଳିଆ

**କଟକ ଅଫିସ,୭।୯**

କନ୍ଧମାଳ ଜିଲାର ଯୋଡାମୁଣ୍ଡ ଶିଶୁ ଜଗା-କାଳିଆ ଶନିବାର କଟକ ଏସ୍‌ସିବି ମେଡିକାଲରେ ପହଞ୍ଚିଛନ୍ତି। ରାଜଧାନୀ ଏକ୍ସପ୍ରେସ୍‌ରେ ଅପରାହ୍ନ ୩ଟା ୧୫ ମିନିଟ୍‌ରେ କଟକ ରେଳ ଷ୍ଟେଶନରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ପରେ ସେଠାରେ ଥିବା ଏକ ସ୍ୱତନ୍ତ୍ର କ୍ୟାବିନରେ ଉଭୟଙ୍କୁ ରଖାଯାଇଛି। ପୂର୍ବରୁ ଦିଲ୍ଲୀ ଏମ୍ସରେ ଉଭୟଙ୍କ ଚିକିତ୍ସା କରୁଥିବା ଡାକ୍ତର ଟିମ୍ ମଧ୍ୟ ଏଠାକୁ ଆସିଛନ୍ତି। ଜଗା-କାଳିଆଙ୍କ ଚିକିତ୍ସା ପାଇଁ ୧୪ଜଣ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଦୁଇ ଶିଶୁଙ୍କର ଖାଦ୍ୟ ପାନୀୟ ସମେତ ବିଭିନ୍ନ ଚିକିତ୍ସା କରିବେ। ଏଥିସହ ଉଭୟଙ୍କ ସେବା ନିମନ୍ତେ ସ୍ୱତନ୍ତ୍ର ଭାବେ ଟ୍ରେନିଂ ପାଇଥିବା ନର୍ସମାନଙ୍କୁ ନିୟୋଜିତ କରାଯାଇଛି। ଏ ନେଇ ଜଗା-କାଳିଆଙ୍କ ବାପା ଭୂୟାଁ କହଁର କହିଛନ୍ତି, ଆମକୁ ସହଯୋଗ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି। ପୁଅ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି। ଆଶା କରୁଛୁ ଦୁହେଁ ବହୁତ ଜଲ୍‌ଦି ଭଲ ହୋଇ ଘରକୁ ଫେରିବେ।

ଅନ୍ୟପକ୍ଷରେ ସନ୍ଧ୍ୟାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏସ୍‌ସିବି ମେଡିକାଲରେ ପହଞ୍ଚି ଜଗା-କାଳିଆଙ୍କୁ ଭେଟିଥିଲେ। ପରେ ତାଙ୍କ ମାଆବାପାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମରେ ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀଙ୍କ ସହ ଏନ୍‌ଏଚ୍‌ଏମ୍ ଏମ୍‌ଡି. ସାଲିନ ପଣ୍ଡିତ, ଏମ୍ସ ଡା. ଦୀପକ ଗୁପ୍ତା, ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସି.ବି.କେ. ମହାନ୍ତି, ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ଆଣ୍ଡ ଡିନ୍ ପ୍ରଫେସର ଡା. ଜୟଶ୍ରୀ ମହାପାତ୍ର, ଜଗା-କାଳିଆଙ୍କ ଦାୟିତ୍ୱ ନେଇଥିବା ପ୍ରଫେସର ସୁଧାଂଶୁ ମିଶ୍ର, ଡା. ଗିରିଜା ଶଙ୍କର ରଥ, ପ୍ରଶାସନ ପକ୍ଷରୁ ଯୁଗ୍ମ ସଚିବ ଶୁଭାନନ୍ଦ ମହାପାତ୍ର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଜିଲା ସୂଚନା ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଦାସ କହିଛନ୍ତି, ଓଡ଼ିଶା ପ୍ରଥମ ରାଜ୍ୟ ଯାହାକି ଏଭଳି ଶିଶୁଙ୍କୁ ସ୍ୱାସ୍ଥ୍ୟକ୍ଷେତ୍ରରେ ସହଯୋଗ କରି ଦୁଇଶିଶୁଙ୍କ ଚିକିତ୍ସା କରାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଶିଶୁଙ୍କ ଚିକିତ୍ସା ନିମନ୍ତେ ୧କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଇତିମଧ୍ୟରେ ୨୧ଲକ୍ଷ ୪୩ହଜାର ୬୧୬ଟଙ୍କା ଖର୍ଚ୍ଚ କରାଯାଇଛି। ଭଲ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଯାହା ଦରକାର ତାହା ଯୋଗାଇ ଦିଆଯିବ। ଖୁବ୍‌ଶୀଘ୍ର ସ୍ଥାନୀୟ ସ୍କୁଲରେ ନାମ ଲେଖାଯାଇ ଜଗାଙ୍କୁ ପାଠ ପଢେଇବାକୁ ପଠାଯିବ। ମୁଁ ତାଙ୍କ ମାଆବାପାଙ୍କ ସହ କଥା ହୋଇଛି। ଅନ୍ୟପକ୍ଷରେ ଜଗା-କାଳିଆକୁ ଚିକିତ୍ସା କରୁଥିବା ଏମ୍ସ ଡା. ଦୀପକ ଗୁପ୍ତା କହିଛନ୍ତି, ଏଭଳି ଅପରେଶନ ଦେଶରେ ବିରଳ। ଜଗା-କାଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଜଗା ଚାଲବୁଲ କରିବା ସହିତ ଖାଉଛି। ଅନ୍ୟପକ୍ଷରେ କାଳିଆ ଖାଇ ପାରିବ। କିନ୍ତୁ ନିମୋନିଆ ଏବଂ ସଂକ୍ରମଣକୁ ଦୃଷ୍ଟିରେ ରଖି ତାଙ୍କୁ ପେଟ ବାଟେ ଖାଇବାକୁ ଦିଆଯାଉଛି। ମେଡିକାଲରେ ସବୁ ବ୍ୟବସ୍ଥା ହୋଇଛି। କିଛିଦିନ ଚିକିତ୍ସା ପରେ ଜଗାକୁ ସ୍କୁଲ ଛାଡିବାକୁ ମୁଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲି। ସେ ନିକଟସ୍ଥ ସ୍କୁଲରେ ପଠାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜଗା-କାଳିଆଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡା. ସୁଧାଂଶୁ ମିଶ୍ର କହିଛନ୍ତି, ୨୦୧୫ରେ ଏସ୍‌ସିବି ମେଡିକାଲରେ ଥିବାବେଳେ ତିନି ମାସ ଧରି ଉଭୟଙ୍କ ଚିକିତ୍ସା କରିଥିଲି। ଏହାପରେ ମୋର ବଦଳି ହୋଇଯାଇଥିଲା। ଆଶ୍ଚର୍ଯ୍ୟର କଥା ପୁଣି ମୁଁ ଏକ ମାସ ହେବ ଏଠାରେ ଯୋଗଦେଇଥିବାବେଳେ ଏହି ଶିଶୁଦ୍ୱୟ ମୋ ଦାୟିତ୍ୱରେ ଅଛନ୍ତି। ଜଗାର ଅବସ୍ଥା ସୁସ୍ଥ ଥିବାବେଳେ କାଳିଆ ଅବସ୍ଥା ଦୁର୍ବଳ ଅଛି। ଯେହେତୁ ତାଙ୍କ ଶରୀରର ମାଂସପେଶୀ ଓ ସବୁ ଅଙ୍ଗକୁ ଅଲଗା କରାଯାଇଛି, ଧୀରେଧୀରେ ଚିକିତ୍ସା କରାଯିବା ଫଳରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବ।



କଟକ ରେଳଷ୍ଟେଶନରୁ ଏସ୍‌ସିବି ମେଡିକାଲକୁ ଜଗା-କାଳିଆଙ୍କୁ ନିଆଯାଉଛି।

## ଜଗା ସୁସ୍ଥ: ଖୁବ୍‌ଶୀଘ୍ର ସ୍କୁଲ ଯିବ

# ମା' ହେବାକୁ ଚାହୁଁଛନ୍ତି ପ୍ରିୟଙ୍କା



ମୁମ୍ବାଇ: ଜୀବନରେ ମୁଁ ସବୁକିଛି ପାଇଛି। ହେଲେ ମା' ହେବାର ସୌଭାଗ୍ୟକୁ ମୁଁ ଅନୁଭବ କରିପାରିନି। ମା' ହେବା ଓ ନୂଆ ବଡ଼ ଘର କିଣିବା ମୋ ଜୀବନରେ ବାକି ଅଛି। ଏହାକୁ ମୁଁ ଖୁବ୍‌ଶୀଘ୍ର ହାସଲ କରିବାକୁ ଚାହୁଁଛି। ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଏବେ ତାଙ୍କ ସ୍ୱାମୀ ନିକ୍ ଜୋନସଙ୍କ ସହ ମିଶି ବିଦେଶରେ ରହୁଛନ୍ତି। କିଛିଦିନ ହେବ ବଲିଉଡ୍‌ରୁ ଦୂରେଇ ଯାଇଥିବା ଏହି ନାୟିକା ଏବେ ଲସ୍ ଆଞ୍ଜେଲସ୍‌ରେ ଘର କିଣିବାକୁ ଚାହୁଁଛନ୍ତି। ଯଦିଓ ତାଙ୍କର ମୁମ୍ବାଇ ଓ ନ୍ୟୁୟର୍କରେ ଘର ରହିଛି। ହେଲେ ଏହା ଟିକେ ଛୋଟ ଘର ହୋଇଥିବାରୁ ଏବେ ସେ ଲସ୍ ଆଞ୍ଜେଲେସ୍‌ରେ ଏକ ବଡ ଘର ନେବାକୁ ଚାହୁଁଛନ୍ତି। ଘରେ ସୁଇମିଂ ପୁଲ୍ ସହ ଆଉ କେତେ କ'ଣ ତିଆରି କରିବାକୁ ଯୋଜନା ରଖିଥିବାରୁ ସେ ଲସ୍ ଆଞ୍ଜେଲସରେ ଘର କିଣିବାକୁ ଚାହୁଁଥିବା କହିଛନ୍ତି। ଆଉ ସେ କହିଛନ୍ତି କେବଳ ମା' ହେବା ଓ ଘର କରିବା ମୋ ଜୀବନରେ ବାକି ରହିଲା।

# ହୀରାକୁଦ ଡ୍ୟାମ: ୧୨ ଗେଟ ଦେଇ ଜଳ ନିଷ୍କାସନ

**ସମ୍ବଲପୁର,୭।୯(ବ୍ୟୁରୋ)**

ହୀରାକୁଦ ଡ୍ୟାମ୍‌ରୁ ଶନିବାର ୧୨ ସ୍ଲୁଇସ ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡ ୨ ଲକ୍ଷ ୧୪ ହଜାର ୯୩ ଘନଫୁଟ ପାଣି ନିଷ୍କାସିତ ହେଉଛି। ପ୍ରତି ସେକେଣ୍ଡ ଡ୍ୟାମକୁ ୨ ଲକ୍ଷ ୧୪ ହଜାର ୯୩ ଘନଫୁଟ ପାଣି ପ୍ରବେଶ କରୁଛି। ପାୱାର ଚ୍ୟାନେଲରେ ୧୮ ହଜାର ୪୪୯, ବିଭିନ୍ନ କେନାଲରେ ୨ ହଜାର ୧୭୮ ଓ ଶିଳ୍ପକୁ ୧୭୦ ଘନଫୁଟ ପାଣି ଛଡ଼ାଯାଉଛି। ଡ୍ୟାମ ତଳମୁଣ୍ଡ ବେଲଗାଁରେ ୪୬ ହଜାର ୬୦୦, ପର୍ଥଲାରେ ୨ ଲକ୍ଷ ୨୪ ହଜାର ୧୬୦, ଖଇରମାଲରେ ୪ ଲକ୍ଷ ୯୬ ହଜାର, ବଡ଼ମୂଳରେ ୬ ଲକ୍ଷ ୧୩ ହଜାର ଓ ମୁଣ୍ଡଳିରେ ୫ ଲକ୍ଷ ୬୮ ହଜାର ୭୮୦ ଘନଫୁଟ ଜଳ ପ୍ରବାହିତ ହେଉଛି। ମହାନଦୀର ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ଡ୍ୟାମ ଜଳସ୍ତର ବୃଦ୍ଧି ପାଉଛି। ଜଳସ୍ତର ୬୨୫.୬୭ ଫୁଟ ରହିଥିବା ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଅଧ୍ୟାପକଙ୍କୁ ହତ୍ୟା ଘଟଣା

# ଛାତ୍ରୀନିବାସ ୱାର୍ଡେନ ଅଟକ

**ସମ୍ବଲପୁର/ରେଙ୍ଗାଲି,୭।୯(ବ୍ୟୁରୋ/ଡି.ଏନ୍.ଏ.)**

ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ମୁରା ଦ୍ୱାରିକାପ୍ରସାଦ ଅଗ୍ରୱାଲ କଲେଜ ଅଧ୍ୟାପକ ହୃଦାନନ୍ଦ ପ୍ରଧାନ (୪୭)ଙ୍କୁ ହତ୍ୟା କରାଯାଇଥିଲା। ଶୁକ୍ରବାର ପୋଲିସ ହୃଦାନନ୍ଦଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ତେବେ ଗଣମାଧ୍ୟମକୁ ଏ ନେଇ ପୋଲିସ ବିଧିବଦ୍ଧ ସୂଚନା ଦେଇ ନ ଥିଲେ ମଧ୍ୟ ପୋଲିସ ହାତରେ ହତ୍ୟାକାରୀ ସମ୍ପର୍କରେ ସୁରାକ ଲାଗିଥିବା ଜଣାପଡ଼ିଛି। ସନ୍ଦେହରେ ପୋଲିସ ମୁରା ସ୍କୁଲ ଛାତ୍ରୀନିବାସ ୱାର୍ଡେନଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ମଧ୍ୟ ତଦନ୍ତ କରାଯାଇଛି। ଅନ୍ୟପଟେ ଅଧ୍ୟାପକ ପ୍ରଧାନଙ୍କ ମୃତ୍ୟୁରେ କଲେଜରେ ଶୋକସଭା କରାଯାଇଛି। ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରାଯିବାକୁ ଏହି ଅବସରରେ ଦାବି କରାଯାଇଛି। ଏକ ନିର୍ଦ୍ଦିଷ୍ଟ ଘଟଣାକୁ କେନ୍ଦ୍ରକରି ୱାର୍ଡେନ ଓ ଅଧ୍ୟାପକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ଅଧ୍ୟାପକ ପ୍ରଧାନ ମୁରା ହାଇସ୍କୁଲ ପରିସରରେ ରହୁଥିଲେ। ସେ ରହୁଥିବା କୋଠରିରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ପୋଲିସ ଏକ ରକ୍ତଲଗା ଠେଙ୍ଗା ଜବତ କରିଥିଲା। ପ୍ରଧାନଙ୍କ ଦୁଇ ହାତ ବନ୍ଧା ହୋଇଥିବାବେଳେ ମୁଣ୍ଡରେ ଗଭୀର କ୍ଷତ ରହିଥିବା ଦେଖିବାକୁ ମିଳିଥିଲା। ପ୍ରଧାନଙ୍କ ସମ୍ପର୍କୀୟ ଭାଇ ଗଗନ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା (ନଂ. ୧୮୪/୩୦୨) ରୁଜୁ କରିଛି।

## ୩୫୩ ପୋଲିସ ଏଏସ୍‌ଆଇଙ୍କୁ ପଦୋନ୍ନତି

କଟକ ଅଫିସ, ୭।୯: ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୩୫୩ ଜଣ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର(ଏଏସ୍‌ଆଇ)ଙ୍କୁ ଇନ୍ସପେକ୍ଟର ଭାବେ ପଦୋନ୍ନତି କରାଯାଇଛି। ଶନିବାର ଏ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିଜିପି ବିଜୟ କୁମାର ଶର୍ମାଙ୍କ ଅନୁମୋଦନକ୍ରମେ ଓଡ଼ିଶା ପୋଲିସର କେନ୍ଦ୍ରୀୟ ମନୋନୟନ ବୋର୍ଡ ଗତ ୬ରେ ଏହି ପଦୋନ୍ନତିକୁ ମଞ୍ଜୁରୀ ଦେଇଥିଲା। ପଦୋନ୍ନତି ପାଇଥିବା ଅଧିକାରୀଙ୍କ ମଧ୍ୟରେ ୨୭୩ ଜଣ ସାଧାରଣ ବର୍ଗ, ୬୭ଜଣ ଅନୁସୂଚିତ ଜାତି ବର୍ଗର ଓ ୧୩ଜଣ ଅନୁସୂଚିତ ଜନଜାତି ବର୍ଗର ରହିଛନ୍ତି। ଏହି ଅଧିକାରୀମାନଙ୍କୁ ଅନୁଗୋଳସ୍ଥିତ ପୋଲିସ ପ୍ରଶିକ୍ଷଣ କେନ୍ଦ୍ର(ପିଟିସି)ରେ ୬ମାସ ତାଲିମ ଦିଆଯିବ। ସମସ୍ତ ଅଧିକାରୀଙ୍କୁ ଆସନ୍ତା ୧୫ ସୁଦ୍ଧା ପିଟିସିରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଭାଗୀୟ ପଦୋନ୍ନତି କମିଟିର ଅନୁମୋଦନକ୍ରମେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ୧୩ ଜଣ ବିଶିଷ୍ଟ ସହାୟକ ଓ କନିଷ୍ଠ ହେଡ୍‌କ୍ଲର୍କଙ୍କୁ ହେଡ୍ କ୍ଲର୍କ ପଦକୁ ପଦୋନ୍ନତି ଦିଆଯାଇଛି।

## ନୂଆ ମୋଟର ଯାନ ଅଡୁଆ

# ପରିବହନ ବିଭାଗରେ ଖୋଲିଲା କଲ୍ ସେଣ୍ଟର

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ସଂଶୋଧିତ ମୋଟର ଯାନ ଆଇନ ଲାଗୁ କରାଯାଇଛି। ଜରିମାନା ରାଶିକୁ କେଇ ଗୁଣା ବଢାଇ ଦିଆଯାଇଛି। ଏହାକୁ ନେଇ ଜନଅସନ୍ତୋଷ ଦେଖାଦେଉଛି। ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ କେତେକ ପଦକ୍ଷେପ ନେଇଛି। ଏ ନେଇ ବିଭାଗୀୟ ସଚିବ ଜି. ଶ୍ରୀନିବାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସଂଶୋଧିତ ମୋଟର ଯାନ ଆଇନ ବିଷୟରେ ଜାଣିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗରେ ଏକ କଲ୍ ସେଣ୍ଟର ଖୋଲାଯାଇଛି। ୧୮୦୦-୩୪୫-୧୦୭୩ ଟୋଲ୍ ଫ୍ରି ନମ୍ବରରେ କଲ୍ କରିପାରିବେ। ଏହି କଲ୍ ସେଣ୍ଟର ସକାଳ ୮ଟାରୁ ରାତି ୧୦ଟା ଯାଏ ଖୋଲା ରହିବ। ଏଥିସହିତ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟରେ ହେଲ୍ପ ଡେସ୍କ ଖୋଲାଯାଇଛି। ଜନସାଧାରଣ ସେଠାରୁ ସମସ୍ତ ପ୍ରକାର ସହାୟତା ପାଇପାରିବେ। ଅଟୋରିକ୍ସା ଫିଟ୍‌ନେସ ସାର୍ଟିଫିକେଟ ଏବଂ ନବୀକରଣ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଲର୍ନିଂ ଲାଇସେନ୍ସ ଏବଂ ଡ୍ରାଇଭିଂ ଲାଇସେନ୍ସ ଅଧିକ ଯୋଗାଇବା ପାଇଁ ଆବେଦନକାରୀଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି। ରାଜ୍ୟସ୍ତରରେ ଦୈନିକ ପ୍ରଦୂଷଣ ସାର୍ଟିଫିକେଟ ଏବଂ ଡ୍ରାଇଭିଂ ଲାଇସେନ୍ସକୁ ମନିଟରିଂ କରାଯିବ ବୋଲି ସଚିବ ସୂଚନା ଦେଇଛନ୍ତି।

# ଅନ୍‌ଲାଇନ୍‌ରେ ପଞ୍ଜୀକୃତ ହୋଇପାରିବ କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଏଣିକି ଅନ୍‌ଲାଇନ୍ ମାଧ୍ୟମରେ କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟଗୁଡ଼ିକୁ ପଞ୍ଜୀକୃତ କରିହେବ। ଏ ନେଇ ଶନିବାର ଅନ୍‌ଲାଇନ୍ ବ୍ୟବସ୍ଥାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଶୁଭାରମ୍ଭ କରିଛନ୍ତି। ଏହାସହ ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ୧୯୯୦ରେ ଓଡ଼ିଶାରେ କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟ ଆଇନ୍ କାର୍ଯ୍ୟକାରୀ ହୋଇଥିଲା। ଏହି ଆଇନ୍ ବଳରେ ବର୍ତ୍ତମାନ ସୁଦ୍ଧା ୧୮୦୦ଟି କ୍ଲିନିକାଲ ଏଷ୍ଟାବଶ୍‌ମେଣ୍ଟ ପଞ୍ଜୀକୃତ ହୋଇସାରିଛି। ପଞ୍ଜୀକରଣର ଦାୟିତ୍ୱ ଜିଲାପାଳମାନଙ୍କୁ ଦିଆଯାଇଛି। ଏହି ବ୍ୟବସ୍ଥାକୁ ସରଳୀକୃତ କରିବା ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିବାବେଳେ ରାଜ୍ୟ ସରକାର ଶନିବାର ଅନ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ବ୍ୟବସ୍ଥା ମାଧ୍ୟମରେ କେବଳ ଘରେ ବସି ପଞ୍ଜୀକରଣ କରାଯାଇପାରିବ ନାହିଁ, ବରଂ ଅଗ୍ନି ନିରାପତ୍ତା ପାଇଁ ଯେଉଁ ସବୁ ସମସ୍ୟା ଥିଲା ତାହା ମଧ୍ୟ ଦୂର ହୋଇପାରିବ। ଏହାଦ୍ୱାରା ୩୦ ଶଯ୍ୟାରୁ କମ୍, ଆଇସିୟୁ ନ ଥିବା, ୩ ମହଲାରୁ କମ୍ ଓ ୧୨ମିଟର ଉଚ୍ଚତା ମଧ୍ୟରେ ଥିବା କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟଗୁଡ଼ିକ ସତ୍ୟପାଠ ଦାଖଲ ସହିତ ନିଜକୁ ପଞ୍ଜୀକୃତ କରିପାରିବେ। ପଞ୍ଜୀକରଣ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଉପସ୍ଥିତ ଥିଲେ।




କ୍ଲିନିକାଲ ଏଷ୍ଟାବ୍ଲିଶ୍‌ମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏବଂ କମିଶନର ତଥା ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା।

DSPL - 78

NATIONAL HEALTH MISSION

କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ

# କୁଷ୍ଠ ରୋଗ ଚିହ୍ନଟ ଅଭିଯାନ - ୨୦୧୯

ଏହି ଅଭିଯାନ ଚଳିତ ମାସ ସେପ୍ଟେମ୍ବର ୧୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ। ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ।

## ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁଲେ ବ୍ୟାପିନଥାଏ କିମ୍ବା ଏହା ଏକ ଅଭିଶାପ ନୁହେଁ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଗୁଳି ସୃଷ୍ଟି ହେବା, ହାତ ଗୋଡ଼ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ।
- ଶୀଘ୍ର ଚିକିତ୍ସା ଆରମ୍ଭ କଲେ ବିକଳାଙ୍ଗ ହେବ ନାହିଁ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ।
- ଏମ୍.ଡି.ଟି. ଔଷଧ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ।



ଅଧିକ ସୂଚନା ପାଇଁ ଆଶା, ସାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0044/1920

facebook.com/HFWOdisha http://www.health.odisha.gov.in/ @HFWOdisha

PARADIP PORT TRUST

**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/authorised dealers for Supply of **Paints.** The last date and time of submission of the tender is **17.15 Hours on Dt.25/09/2019.** For details, log on to website : https://eprocure.gov.in/eprocure/app

Sr. Dy. Materials Manager

PPT/PR/324/19-20 Dt-07.09.19

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED

(A Government of Odisha Undertaking)

Regd. Office: Janpath, Bhubaneswar-751022,Ph.: 0674 - 2547185, Fax:2540016

OFFICE OF THE SENIOR GENERAL MANAGER (S & S), GROUND FLOOR , FINANCE BUILDING, BHOINAGAR, BHUBANESWAR – 751 022,

Email:-sto.cle.bbs@optcl.co.in, Website: www.optcl.co.in, CIN:U4102OR2004SGC007553

OPTCL Lifeline of Odisha

**Tender Notice No. SRGM (S & S)- 18 /2019-20**

For and on behalf of Odisha Power Transmission Corporation Ltd., Sr. G.M. (S & S) invites tenders from reputed firms for Supply & Installation of One LED Sign Board at GRIDCO Building, Bhoinagar, Bhubaneswar duly superscribed on the cover as "Tender for Supply & Installation of One LED Sign Board at GRIDCO Building, Bhoinagar, Bhubaneswar". Tender Papers can be downloaded from the OPTCL website from dt. 07.09.2019 to dt. 27.09.2019 up to 1.00 PM. The last date for receipt of tender is dt. 27.09.2019 up to 1.00 PM. The tender will opened on dt. 27.09.2019 at 4.00 PM. Interested firms may visit OPTCL's official website www.optcl.co.in for detail specifications.

Sd/- Sr. General Manager (S & S)

BHUBANESWAR MUNICIPAL CORPORATION

**No.24611 COMPETITIVE BIDDING THROUGH e-Procurement Dt.06/09/19**

**NOTICE INVITING TENDER**

**Bid Reference No. BMC-EE DIV-II-05/2019-20 Dt.06.09.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EE DIV-II-05/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **04 Nos.**
2. Place of Execution : Different locations under **Division-II** of Bhubaneswar Municipal Corporation
3. Estimated Cost of Individual Work : **Rs. 38,37,686.00**
4. Eligible Class of Contractors –: Registered Contractors of **Class-'C' to Class-'B'** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 10.09.2019 to 5 P.M of 19.09.2019** for online bidding.
8. Bids received will be opened from e-procurement system at **11.00 A.M onwards on 20.09.2019.**
9. The bidder must possess valid and Compatible Digital Signature Certificate **(DSC).**
10. Further details are available in the DTCN. The DTCN **for 4 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer**
**BMC Division No.-II**

**Progress Through Partnership for a Better Bhubaneswar**

# ନିଜ ପାଇଁ ନିଜେ

**ବର୍ତ୍ତମାନ ପାଠ ପଢ଼ା ହେଉ କିମ୍ବା ଜବ୍ ଲାଗି ଅଧିକାଂଶ ଯୁବତୀଯୁବକଙ୍କୁ ଘର ଠାରୁ ଦୂରରେ ଏକାକୀ ରହିବାକୁ ପଡୁଛି କିମ୍ବା ଏକଲା ଯିବା ଆସିବା କରିବାକୁ ପଡୁଛି। ଏମିତିରେ ସେମାନଙ୍କୁ ନିଜର ସୁରକ୍ଷା ଲାଗି କେତୋଟି କଥା ପ୍ରତି ସଜାଗ ରହିବା ଆବଶ୍ୟକ...**





ଦିନକୁ ଦିନ ସମାଜରେ ଅପରାଧ ଏତେ ବଢ଼ି ବଢ଼ି ଚାଲିଛି ଯେ କେବଳ ନାରୀ ନୁହନ୍ତି ବର୍ତ୍ତମାନ ପୁରୁଷଙ୍କ ଲାଗି ମଧ୍ୟ ଏକାକୀ ରହିବା ଅବା ଯାତାୟାତ କରିବା ହୋଇଗଲାଣି ମୁସ୍କିଲ। ତେଣୁ ଏଭଳି ପରିସ୍ଥିତରେ ଆତ୍ମସୁରକ୍ଷା ଲାଗି ସମସ୍ତଙ୍କୁ ବିଭିନ୍ନ ଉପାୟ ଆପଣେଇବା ଦରକାର। ବିଶେଷ କରି ପାଠପଢା, ଜବ୍ ଆଦି ଲାଗି ଏକାକୀ ବାହାରେ ରହୁଥିବା କିମ୍ବା ଯିବା ଆସିବା କରୁଥିବା ଯୁବତୀଯୁବକମାନଙ୍କୁ ଆତ୍ମସୁରକ୍ଷା ଲାଗି କେତୋଟି କଥା ପ୍ରତି ସଜାଗ ରହିବା ଦରକାର...

**ସଜାଗ ରହନ୍ତୁ:** ଏକା ରହୁଥିଲେ ଅବା ଯାତାୟାତ କରୁଥିଲେ ସର୍ବଦା ସଜାଗ ରୁହନ୍ତୁ। କାରଣ ଅସୁବିଧା ପରିସ୍ଥିତି ସବୁବେଳେ ହଠାତ୍ ଆସିଥାଏ । ତେଣୁ ବାହାରକୁ ଯିବା ପୂର୍ବରୁ ନିଜର ପ୍ରାଥମିକ ସୁରକ୍ଷା ବ୍ୟବସ୍ଥା କରିନିଅନ୍ତୁ। ଯେମିତିକି ଗହଣା କିମ୍ବା କୌଣସି ଦାମୀ ଅଳଙ୍କାର ପିନ୍ଧନ୍ତୁ ନାହିଁ, ପାଖରେ ଅଧିକ ଟଙ୍କା ରଖନ୍ତୁ ନାହିଁ ଇତ୍ୟାଦି। ସେହିପରି ବାହାରକୁ ଯିବା ପୂର୍ବରୁ ମୋବାଇଲରେ ସବୁବେଳେ ଚାର୍ଜ ରଖନ୍ତୁ। ଗୁରୁତ୍ୱପୂର୍ଣ୍ଣ ନମ୍ବର ଯେପରି କି ସମ୍ପର୍କୀୟଙ୍କ ନମ୍ବର, ପୋଲିସ ନମ୍ବର ସ୍ପିଡ୍ ଡାଏଲରେ ରଖନ୍ତୁ। ପ୍ରଥମ ଥର କୌଣସି ନୂଆ ସ୍ଥାନକୁ ଏକୁଟିଆ ଯାଉଥିଲେ ଘରେ ପୂର୍ବରୁ ଜଣାନ୍ତୁ। ଏହା ବ୍ୟତୀତ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗରେ ଥାଆନ୍ତୁ।

**ସାହସ ରଖନ୍ତୁ:** ଏକାକୀ ରହୁଥିଲେ ଅବା ଯିବା ଆସିବା କରୁଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମନରେ ସାହସ ରଖନ୍ତୁ। କୌଣସି ବି ପରିସ୍ଥିତିରେ ହଠାତ୍ ଡରି ନ ଯାଇ ଏହାକୁ ଆତ୍ମବିଶ୍ୱାସର ସହ ସାମ୍ନା କରି ସମାଧାନ କରିବାକୁ ଚେଷ୍ଟା କରନ୍ତୁ। କାରଣ ଥରେ ଦୁର୍ବଳମନା ହୋଇଗଲେ ଯେକେହି ଏହାର ସୁଯୋଗ ନେଇ ଆପଣଙ୍କୁ ଅସୁବିଧାରେ ପକାଇପାରେ। ମନେରଖନ୍ତୁ ଏକାକୀ ଥିଲେ କିମ୍ବା କୌଣସି ଅଜଣା ସ୍ଥାନକୁ ଯାଇଥିଲେ ନିଜର ଫେସିଆଲ ଏକ୍ସପ୍ରେଶନ ଏଭଳି ରଖନ୍ତୁ ଯେପରି ଆପଣ ନର୍ଭସ ହେଉଛନ୍ତି ବୋଲି ଅନ୍ୟମାନ ଜାଣି ନ ପାରିବେ।

**ଆତ୍ମସୁରକ୍ଷା କୌଶଳ ଶିଖନ୍ତୁ–** ବର୍ତ୍ତମାନ ସମୟରେ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ଲାଗି ଏ ସମାଜରେ ରହିବା ଯେମିତି ଅସୁରକ୍ଷିତ ହୋଇପଡିଲାଣି। ତେଣୁ ସମସ୍ତଙ୍କୁ ବିଶେଷ କରି ଏକାକୀ ରହୁଥିବା ଯୁବପିଢ଼ିଙ୍କୁ ଜୁଡୋ, କରାଟେ, ଟାଏକୋଣ୍ଡୋ, କୁମ୍ଫୁ ଭଳି ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଶିଖିବା ନିତାନ୍ତ ଆବଶ୍ୟକ। ତା'ଛଡା କୌଣସି ଅଘଟଣ ସମୟରେ ହଠାତ୍ ଆତ୍ମସୁରକ୍ଷା ଲାଗି ସାଙ୍ଗରେ ଛୋଟ ଛୁରି, ନେଲକଟର ଆଦି ରଖିବା ଦ୍ୱାରା ବି ଆବଶ୍ୟକ ସମୟରେ କାମରେ ଆସିପାରିବ।

**ଲୋକ ସମ୍ପର୍କ ବଢ଼ାନ୍ତୁ –** କୌଣସି ଅସୁବିଧା ପରିସ୍ଥିତିରେ ପରିବାର ସଦସ୍ୟ କିମ୍ବା କେହି ଆତ୍ମୀୟ ହଠାତ୍ ପାଖରେ ପହଞ୍ଚିବା ସବୁବେଳେ ସମ୍ଭବ ହୋଇ ନ ଥାଏ। ତେଣୁ ଏଭଳି ପରିସ୍ଥିତରେ ଉକ୍ତ ସ୍ଥାନରେ ଆପଣଙ୍କ ସହ ପରିଚିତ ଥିବା ବ୍ୟକ୍ତିମାନେ ହିଁ ସାହାଯ୍ୟ କରିଥାନ୍ତି। ତେଣୁ ନିଜର ଆଚାର ବ୍ୟବହାର ଅନ୍ୟମାନଙ୍କ ପ୍ରତି ଏପରି ରଖନ୍ତୁ ଯେପରି ଜରୁରୀ ସମୟରେ ସେମାନେ ସାହାଯ୍ୟ ପାଇଁ ଆଗେଇ ଆସିବେ। ନିଜେ ମଧ୍ୟ ଅନ୍ୟର ଆବଶ୍ୟକ ବେଳେ ସାହାଯ୍ୟ କରନ୍ତୁ। ଯେତେ ପାରୁଛନ୍ତି ଲୋକ ସମ୍ପର୍କ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ।

**କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ–** ଆଜିକାଲି ଚୋରି ଖୁବ୍ ବଢ଼ିଗଲାଣି। ତେଣୁ ପାଖରେ ଅଧିକ କ୍ୟାଶ୍ ନ ରଖିବା ଭଲ। ତେଣୁ କ୍ୟାଶ୍ ବଦଳରେ କାର୍ଡ ବ୍ୟବହାର କରନ୍ତୁ। ନଚେତ୍ ଇ-ବ୍ୟାଙ୍କିଙ୍ଗର ସୁବିଧା ନିଅନ୍ତୁ। ପେଟିଏମ୍, ଗୁଗୁଲ୍ ପେ ଆଦି ବ୍ୟବହାର କରିବା ଦ୍ୱାରା ଚୋରି ଆଶଙ୍କା କମିଯିବ।

## କ'ଣ କରନ୍ତି ଏମାନେ...



**ଜୟଶ୍ରୀ ପଣ୍ଡା**(ଯୁକ୍ତ ୨, ଏସ୍‌ସିଏସ୍ କଲେଜ, ପୁରୀ)– ବର୍ତ୍ତମାନ ସମୟରେ ଅପରାଧ ଯେମିତି ବଢ଼ିବାରେ ଲାଗିଛି ଏକାକୀ ରହିବା କିମ୍ବା ଟ୍ରାଭେଲ କରିବା ଆଦି କେବଳ ନାରୀ ନୁହେଁ ପୁରୁଷଙ୍କ ଲାଗି ବି ଅସୁରକ୍ଷିତ ହୋଇପଡିଛି। ତେଣୁ ଏକା କଲେଜ, ଟ୍ୟୁଶନ୍ ଆଦି ଯିବାକୁ ହେଉଥିବାରୁ କେତେକ କଥା ପ୍ରତି ବିଶେଷ ଧ୍ୟାନ ଦେଇଥାଏ। ଯେମିତିକି ନିରୋଳା ଫାଙ୍କା ରାସ୍ତାରେ ନ ଯାଇ ଜନଗହଳି ରାସ୍ତା ଏବଂ ଟ୍ରାନ୍ସପୋର୍ଟ ବ୍ୟବହାର କରେ, କାହାଠାରୁ ଲିଫ୍ଟ ମାଗେ ନାହିଁ। ମୋବାଇଲ୍‌ରେ ସେଫ୍ଟିଆପ୍ ବି ବ୍ୟବହାର କରେ।



**ଦୀପକ କୁମାର ପ୍ରଧାନ**(ଯୁକ୍ତ ତିନି ୨ୟ ବର୍ଷ, ପାଣ୍ଡୁଆ ପରିମଳ ମହାବିଦ୍ୟାଳୟ, ଢେଙ୍କାନାଳ)– ନିଜକୁ ସୁରକ୍ଷିତ ରଖିବାକୁ କିଏ ବା ନ ଚାହେଁ। ବିଶେଷ କରି ଏକା ବାହାରେ ରହୁଥିଲେ ଆତ୍ମସୁରକ୍ଷା ଲାଗି ବିଭିନ୍ନ ଦିଗପ୍ରତି ସଚେତନ ରହିବାକୁ ପଡିଥାଏ। ନିଜ କଥା କହିବି, ଯଥା ସମ୍ଭବ କ୍ୟାଶ୍‌ଲେସ୍ ରହିବାକୁ ଚେଷ୍ଟା କରେ। ପାଖରେ କମ୍ ଟଙ୍କା ରଖେ ଏବଂ ଆବଶ୍ୟକ ସ୍ଥଳେ କାର୍ଡ କିମ୍ବା ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରେ। ବାହାରକୁ ଯାଉଥିଲେ ଅଜଣା ଲୋକଙ୍କୁ ଲିଫ୍ଟ ଦିଏ ନାହିଁ। ଅଧିକରୁ ଅଧିକ ଲୋକସମ୍ପର୍କ ବଢାଇବାକୁ ଚେଷ୍ଟା କରେ ଯେପରି ହଠାତ୍ ଆବଶ୍ୟକ ସମୟରେ ସେମାନେ ମୋତେ ସାହାଯ୍ୟ କରିପାରିବେ।

## ମନେ ରଖନ୍ତୁ

❖ ବାହାରକୁ ଯିବା ସମୟରେ ଯଦି ଆପଣଙ୍କ ମନରେ କେବେବି କୌଣସି ବ୍ୟକ୍ତି କିମ୍ବା ପରିସ୍ଥିତିକୁ ନେଇ ସନ୍ଦେହ ଥାଏ, ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। ଅସୁବିଧାରେ ପଡିବାର ଟିକେ ବି ସୂଚନା ପାଇବା ମାତ୍ରେ ସଙ୍ଗେସଙ୍ଗେ ଯେପରି ପ୍ରତିବାଦ କରିପାରିବେ ସେଥିଲାଗି ମାନସିକ ସ୍ତରରେ ପ୍ରସ୍ତୁତ ରୁହନ୍ତୁ। ସେହିପରି ହଠାତ୍ ଆପଣଙ୍କୁ କିଏ ଫଲୋ କରୁଛି ବୋଲି ଭାବିଲେ ଯଥାଶୀଘ୍ର ରାସ୍ତା ବଦଳାଇ ଦିଅନ୍ତୁ ଏବଂ ଜନଗହଳି ସ୍ଥାନକୁ ଯାଆନ୍ତୁ। ଏହାପରେ ଏ ନେଇ ନିକଟସ୍ଥ ପୋଲିସ ଷ୍ଟେଶନରେ ସୂଚନା ଦିଅନ୍ତୁ।

❖ ବର୍ତ୍ତମାନେ ଅଧିକାଂଶ ପବ୍ଲିକ ଟ୍ରାନ୍ସପୋର୍ଟର ସାହାଯ୍ୟ ନେଉଛନ୍ତି। ହେଲେ ଏଥିରେ ଚୋରି, ଡକାୟତି ଆଦିର ଆଶଙ୍କା ଅଧିକ ଥିବାରୁ ସର୍ବଦା ସତର୍କ ରୁହନ୍ତୁ। ରାତିରେ ଯିବା ଆସିବା କରିବାକୁ ପଡୁଥିଲେ ତେବେ ଫାଙ୍କା ବସ୍ କିମ୍ବା ଅଟୋ ବଦଳରେ ଲୋକ ଗହଳି ଥିବା ଟ୍ରାନ୍ସପୋର୍ଟର ସୁବିଧା ନେବା ବୁଦ୍ଧିମତ୍ତାର କାମ।

❖ ବାହାରକୁ ଯିବା ସମୟରେ ଲିଫ୍ଟ ନେବା କିମ୍ବା କାହାକୁ ଲିଫ୍ଟ ଦେବା ପୂର୍ବରୁ ଭଲ ଭାବେ ଚିନ୍ତା କରନ୍ତୁ। ଯଦି ସେମିତି କୌଣସି ଅତି ଆବଶ୍ୟକ ନ ଥାଏ ତେବେ ଲିଫ୍ଟ ନିଅନ୍ତୁ ନାହିଁ। ବିଶେଷକରି ଚାରିଚକିଆ ଯାନରେ ଲିଫ୍ଟ ନେବା ସୁରକ୍ଷିତ ନୁହେଁ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ସେହିପରି କୌଣସି ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ମଧ୍ୟ ଦିଅନ୍ତୁ ନାହିଁ। କାରଣ ଏଥିପାଇଁ ବିଭିନ୍ନ ଅପରାଧ ଘଟୁଥିବାର ଉଦାହରଣ ରହିଛି।

❖ ଏକାକୀ କୌଣସି ଗାଡିରେ ଯାଉଥିଲେ ସେ ଗାଡିର ନମ୍ବର ନିଜ ପରିବାର ଏବଂ ସମ୍ପର୍କୀୟଙ୍କୁ ଏସ୍‌ଏମ୍‌ଏସ୍ କରିଦେବା ଭଲ। ଫଳରେ କୌଣସି ଅସୁବିଧା ହେଲେ ଉକ୍ତ ଗାଡି ବିଷୟରେ ଜାଣିବା ସହଜ ହୋଇପାରିବ। ଏଥିପାଇଁ ଆପଣ ମାଇଁ ସେଫ୍ଟିପିନ୍, ହିମତ୍ ପ୍ଲସ୍ ଏବଂ ରକ୍ଷା ଭଳି ଆପ୍ ବ୍ୟବହାର କରିପାରିବେ। ଏଥିରେ ଜିପିଏସ୍ ଟ୍ରାକିଙ୍ଗ୍, ଡାଇରେକ୍ସନ୍ ଫର୍ ସେଫ୍ଟି ରୁଟ୍, ଏମର୍ଜେନ୍ସି କଣ୍ଟାକ୍ଟ ନମ୍ବର ଆଦି ଫିଚର ରହିଛି। ଯାହାଦ୍ୱାରା କୌଣସି ଅଜଣା କିମ୍ବା ବିପଦପୂର୍ଣ୍ଣ ସ୍ଥାନକୁ ଗଲେ ସଙ୍ଗେ ସଙ୍ଗେ ସୂଚେଇ ଦେଇଥାଏ। ଫଳରେ ତୁରନ୍ତ ନିଜ ପରିବାର, ବନ୍ଧୁ କିମ୍ବା ପରିଚିତଙ୍କୁ ନିଜକୁ ଟ୍ରାକ୍ କରିବାଲାଗି ଆଲର୍ଟ କରିବାରେ ସୁବିଧା ହୋଇଥାଏ।

❖ ବାହାରେ ଏକାକୀ ରହୁଥିଲେ ବା ଏକା ବାହାରକୁ ଯାଉଥିଲେ ଏଟିଏମ୍‌ରୁ ଟଙ୍କା ଉଠାଇବା ସମୟରେ ବିଶେଷ ଭାବେ ସତର୍କ ରୁହନ୍ତୁ। ଟଙ୍କା ଉଠାଇବା ପରେ କ୍ୟାନ୍ସଲ୍ ବଟନ୍ ପ୍ରେସ୍ କରିବାକୁ ଭୁଲନ୍ତୁ ନାହିଁ। ରାତି ଅଧିକ ହୋଇଗଲେ ଏଟିଏମ୍‌ରୁ ଟଙ୍କା ବାହାର କରିବାର ଭୁଲ୍ କରନ୍ତୁ ନାହିଁ। ଦିନ ସମୟରେ ଏଟିଏମ୍‌ରୁ ଟଙ୍କା ଉଠାଇବା ନିରାପଦ। ଯଦି ରାତିରେ ଅକସ୍ମାତ୍ ଟଙ୍କା ଦରକାର ପଡେ, ତେବେ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍ ବ୍ୟବହାର କରନ୍ତୁ। ଏହାଦ୍ୱାରା ଲୁଟ୍‌ପାଟ୍‌ର ଶିକାର ହେବାଠୁ ବର୍ତ୍ତିଯିବେ। ଟଙ୍କା ଉଠାଇବା ପରେ ବାହାରକୁ ଆସି ଟଙ୍କା ଗଣନ୍ତୁ ନାହିଁ। ଏଟିଏମ୍ କାର୍ଡ କାମ କରୁ ନ ଥିଲେ କିମ୍ବା କିଛି ଅସୁବିଧା ହେଲେ କୌଣସି ଅଜଣା ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନେବା ପରିବର୍ତ୍ତେ ଏଟିଏମ୍ ଗାର୍ଡଙ୍କ ସହାୟତା ନିଅନ୍ତୁ। ଏଟିଏମ୍‌ରେ ପାସ୍‌ୱାର୍ଡ ଏଣ୍ଟର୍ କରିବା ସମୟରେ ପାସ୍‌ୱାର୍ଡ ଯେପରି ଆଉ କେହି ନ ଦେଖନ୍ତି ସେଥିଲାଗି ସଜାଗ ରୁହନ୍ତୁ।

## ଯୁଥ ଗ୍ରୁପ୍

# ଲକ୍ଷ୍ୟ ଓଡ଼ିଶା ବାସ୍କେଟବଲ୍‌କୁ ଜାତୀୟସ୍ତରୀୟ ପରିଚିତି

ପାଠ ପଢ଼ା, ଜବ୍ ଆଦିକୁ ବାଦ୍ ଦେଲେ ସାଧାରଣତଃ ବୁଲାବୁଲି, ମୌଜମସ୍ତି, ଫ୍ୟାଶନ୍ ଇତ୍ୟାଦିକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଯୁବପିଢ଼ି। ହେଲେ ଏମିତି ବି ଅନେକେ ଅଛନ୍ତି ଯେଉଁମାନେ ଦୈନନ୍ଦିନ କାର୍ଯ୍ୟବ୍ୟସ୍ତତାରୁ ସାମାନ୍ୟ ଫାଙ୍କା ସମୟ ପାଇବା ମାତ୍ରେ ଏମିତି କିଛି କରିବାକୁ ପସନ୍ଦ କରନ୍ତି, ଯେଉଁଥିରେ ଉପକୃତ ହୋଇଥାନ୍ତି ଅନ୍ୟମାନେ। ଏଭଳି ଚିନ୍ତାଧାରାର ତିନିଜଣ ଯୁବକ ହେଉଛନ୍ତି ଭୁବନେଶ୍ୱରରେ ରହୁଥିବା ସୋନୁ କୁମାର ପଣ୍ଡା, ସାଫଲ୍ୟ ପାତ୍ର ଏବଂ ପ୍ରସନ୍ନ ନାୟକ। ଓଡ଼ିଶାର ବାସ୍କେଟ୍‌ବଲ୍ ଖେଳାଳିଙ୍କୁ ଜାତୀୟସ୍ତରରେ ପରିଚୟ କରାଇବାକୁ ଅଣ୍ଟା ଭିଡିଛନ୍ତି ଏମାନେ। ନିଜ ମିଳିତ ଉଦ୍ୟମରେ ଆରମ୍ଭ କରିଛନ୍ତି 'ବିଗ୍ ଅରେଞ୍ଜ ବାସ୍' ନାମରେ ଏକ ସ୍ପୋର୍ଟ୍ସ ଇଭେଣ୍ଟ। ଆଉ ନିଜର କର୍ମମୟ ଜୀବନରୁ ସମୟ ବାହାର କରି ଓଡ଼ିଶାର ବିଭିନ୍ନ ସ୍ଥାନରୁ ବାସ୍କେଟ୍‌ବଲ୍ ଖେଳାଳିଙ୍କୁ ଖୋଜି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଆମ ରାଜ୍ୟରେ ବହୁତ ଭଲ ଭଲ ବାସ୍କେଟ୍‌ବଲ୍ ଖେଳାଳି ଥିଲେ ହେଁ ଆଗକୁ ବଢ଼ିବା ଲାଗି ସେଭଳି କିଛି ସୁଯୋଗ ନ ଥିବାରୁ ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିପାରୁନାହିଁ। ସେମାନେ କିପରି ଜାତୀୟସ୍ତରୀୟ ଖେଳାଳିର ପରିଚୟ ପାଇପାରିବେ, ଏହାକୁ ଲକ୍ଷ୍ୟ ରଖି ସେମାନେ ୨୦୧୮ରେ ଏହି ଇଭେଣ୍ଟର ପ୍ରତିଷ୍ଠା କରିଛନ୍ତି। ଏହା ମାଧ୍ୟମରେ ଜୁନିୟର ଏବଂ ସିନିୟର ବର୍ଗର ଉଭୟ ପୁରୁଷ ଏବଂ ମହିଳା ବାସ୍କେଟ୍‌ବଲ ଖେଳାଳିଙ୍କୁ ନେଇ ଶହୀଦନଗର ସ୍ଥିତ ଇନ୍ଦ୍ରା ପାର୍କ, କେଡିବିଏ ଗ୍ରାଉଣ୍ଡ ଏବଂ ମଦର୍ସ ପବ୍ଲିକ୍‌ସ୍କୁଲ ବାସ୍କେଟବଲ୍ ଗ୍ରାଉଣ୍ଡରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଜାତୀୟସ୍ତରୀୟ ଖେଳାଳିମାନଙ୍କୁ ଡକାଇ ନୂଆ ଖେଳାଳିଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ଏ ସମ୍ପର୍କରେ ସଂସ୍ଥାପକ ସୋନୁ କୁହନ୍ତି, ଆମେ ତିନିଜଣ ବାସ୍କେଟବଲ୍ ଖେଳାଳି– ସାଫଲ୍ୟ ଜାତୀୟ ସିନିୟର ସ୍ତରୀୟ ହୋଇଥିବା ବେଳେ ପ୍ରସନ୍ନ ଜାତୀୟ ଜୁନିୟରସ୍ତରୀୟ ଖେଳାଳି ଏବଂ ସାର୍ଟିଫାଏଡ୍ ରେଫରି ହୋଇଥିବାରୁ ବିଭିନ୍ନ ସ୍କୁଲ୍ କଲେଜ୍‌କୁ ନିଜେ ଯାଇ ଖେଳିବା ସହ ଖେଳାଳିମାନଙ୍କୁ କିପରି ଆହୁରି ଭଲ ଖେଳିହେବ, ଭଲ ପ୍ରଦର୍ଶନ କରିବାର ନୂଆ ନୂଆ କୌଶଳ ଆଦି ଶିଖାଇ ଏ ଦିଗରେ ଆଗକୁ କିପରି ବଢ଼ିହେବ ଆଦି ବୁଝାଇଛୁ। ଧୀରେ ଧୀରେ ଖେଳାଳି ସଂଖ୍ୟା ବଢ଼ିବା ପରେ ଏହି ଇଭେଣ୍ଟ କରିବା ଆମ ପାଇଁ ସମ୍ଭବ ହୋଇପାରିଲା। ତେବେ ବର୍ତ୍ତମାନ ସୁଦ୍ଧା ଆମକୁ କୌଣସି ଆର୍ଥିକ ସହାୟତା ମିଳି ନ ଥିଲେ ବି ଆମେ ନିଜ ଦରମା ଟଙ୍କାରୁ ହିଁ ଆଦାୟ କରି ଏଥିପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ତୁଲାଉଛୁ। ଆଗକୁ ଆମେ ବାହାର ରାଜ୍ୟ ଖେଳାଳିଙ୍କୁ ମଧ୍ୟ ଡକାଇ ପ୍ରତିଯୋଗିତା କରାଇବୁ। ପ୍ରତିଥର ରାଜ୍ୟରୁ ୨୦ ଜଣ ଖେଳାଳି ବାଛିବୁ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ କୋଚଙ୍କୁ ଡକାଇ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦେବାକୁ ଯୋଜନା ଚଳାଇଛୁ। ତେବେ ଭବିଷ୍ୟତରେ ବିଗ୍ ଅରେଞ୍ଜ ବାସ୍ ମାଧ୍ୟମରେ ଓଡ଼ିଶାକୁ ଜାତୀୟସ୍ତରରେ ପ୍ରତିଷ୍ଠିତ ବାସ୍କେଟବଲ୍ ଖେଳାଳି ଭେଟି ଦେବା ଆମର ଲକ୍ଷ୍ୟ।'



ବିଗ୍ ଅରେଞ୍ଜ ବାସ୍‌ର ସଦସ୍ୟମାନେ।



ବିଗ୍ ଅରେଞ୍ଜ ବାସ୍‌ର ପ୍ରତିଷ୍ଠାତା

## ଏ ସପ୍ତାହର ପ୍ରଶ୍ନ

୧– ୱାକ୍ ଟୁ ୱାର୍କ ଅନ୍ ୱେଡ୍‌ନସ୍ ଡେ' କ୍ୟାମ୍ପେନ୍ ........ ସରକାରଙ୍କ ଦ୍ୱାରା ଆରମ୍ଭ କରାଇଛି ?
୨– ଷ୍ଟାଚ୍ୟୁ ଅଫ୍ ୟୁନିଟିର ଉଚ୍ଚତା ............... ?
୩– ମଣିଷ ମସ୍ତିଷ୍କର ହାରାହାରି ଓଜନ............ ?
୪– ଭାରତର ପ୍ରଥମ ନ୍ୟାଶନାଲ୍ ପୋଲିସ ମ୍ୟୁଜିୟମ ........ ଠାରେ ପ୍ରତିଷ୍ଠା କରାଯାଇଛି ?
୫– ଅର୍ଥଶାସ୍ତ୍ରର ଲେଖକ........... ?

## ଗତ ଥରର ଉତ୍ତର

୧ ୭ମ 'କମ୍ୟୁନିଟି ରେଡିଓ ସମ୍ମିଳନୀ'
୨ ଶାଲିନୀ ଧାମି
୩ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ
୪ ମଧ୍ୟପ୍ରଦେଶର ଛିଣ୍ଡୱାରା
୫ ୧୯୦୯

## ଉତ୍ତର ଦାତା



ରବୀନ୍ଦ୍ର କୁମାର ନାଥ, ଜାମସେଦ୍‌ପୁର



ଶେଖ୍ ୟାକୁବ୍, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## କ୍ୟାରିୟର ଲାଇନ୍

# ଏଗ୍ରିକଲ୍‌ଚର ଫିଲ୍ଡରେ ଜବ୍

**ବର୍ତ୍ତମାନ ଏଗ୍ରିକଲ୍‌ଚର ବା କୃଷି କ୍ଷେତ୍ର ରୋଜଗାରର ଏକ ଭଲ ମାଧ୍ୟମ ପାଲଟିଛି। ଯେଉଁଥିଲାଗି ଯୁବପିଢିଙ୍କର ଏଥିପ୍ରତି ଆଗ୍ରହ ବଢୁଥିବାର ଦେଖିବାକୁ ମିଳୁଛି। ତେବେ ଏ ଦିଗରେ କ୍ୟାରିୟର କରିବାକୁ ଚାହୁଁଥିଲେ ଏକାଧିକ ଅପ୍ସନ ରହିଛି....**



**ପାଠ୍ୟକ୍ରମ:** ଏଗ୍ରିକଲ୍‌ଚରରେ ପାଠ ପଢା କେତେକ ସ୍ଥାନରେ ସ୍କୁଲ୍ ସମୟରୁ ହିଁ ଆରମ୍ଭ ହୋଇଯାଇଥାଏ। ଏଥିପାଇଁ ବାୟୋଲୋଜି, କେମେଷ୍ଟ୍ରି ଏବଂ ଏଗ୍ରିକଲ୍‌ଚର ସବ୍‌ଜେକ୍ଟ ରଖିବାକୁ ହୋଇଥାଏ। ଯୁକ୍ତ ଦୁଇ ପଢିବା ପରେ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାକୁ ହୋଇଥାଏ। ପରେ ଡିପ୍ଲୋମା, ଡିଗ୍ରୀ, ପିଜି, ପିଏଚ୍‌ଡି ଭଳି କୋର୍ସ କରିହେବ।

**କ୍ୟାରିୟର ଅପ୍ସନ୍:** ଏଗ୍ରିକଲ୍‌ଚର ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଚାକିରି କରିପାରିବେ।

**ସରକାରୀ ସ୍ତରରେ:**

**କୃଷି ପର୍ଯ୍ୟବେକ୍ଷକ:** ଏଥିପାଇଁ ଅତନ୍ତଃ ଯୁକ୍ତ ଦୁଇରେ ଏଗ୍ରିକଲ୍‌ଚର ସବ୍‌ଜେକ୍ଟ ରଖି ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ। ପ୍ରତି ଦୁଇ- ତିନି ଗ୍ରାମପଞ୍ଚାୟତ ପାଇଁ ଗୋଟିଏ ଲେଖାଏ ଏହି ପୋଷ୍ଟ ରହିଥାଏ। ଏଥିପାଇଁ ମଝିରେ ମଝିରେ ସରକାରୀସ୍ତରରୁ ଚୟନ ପରୀକ୍ଷା କରାଯାଇ ନିଯୁକ୍ତି ଦିଆଯାଇଥାଏ।

**ପ୍ରାଣୀଧନ ସହାୟକ ଅଧିକାରୀ:** ଯୁକ୍ତ ଦୁଇ ପଢିବା ପରେ ପ୍ରାଣୀଧନ ସହାୟକ ବା ଲାଇଭ୍‌ଷ୍ଟକ୍ ଆସିଷ୍ଟାଣ୍ଟ ଡିପ୍ଲୋମା କରିପାରିବେ। ଏହାପରେ ବିଭିନ୍ନ ପଞ୍ଚାୟତରେ ପ୍ରାଣୀଧନ ସହାୟକ ଅଧିକାରୀ ଭାବେ ସରକାରୀ ଚାକିରି କରିପାରିବେ।

**ହର୍ଟିକଲ୍‌ଚର ସୁପରଭାଇଜର–** ଏଗ୍ରିକଲ୍‌ଚର ଶିକ୍ଷା ଗ୍ରହଣ କରିଥିଲେ ଏ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ନେଇପାରିବେ। ଆପଣ ଚାହିଁଲେ ନିଜର ନର୍ସରୀ ମଧ୍ୟ ଖୋଲି ପାରିବେ। ଯଦି ଏଗ୍ରିକଲ୍‌ଚରରେ ଡିଗ୍ରୀ କରିଛନ୍ତି ତେବେ କୃଷିଋଣ ସୁବିଧା ସହ ଅନ୍ୟ କେତେକ ସରକାରୀ ସୁବିଧା ରହିଛି।

ଏହା ବ୍ୟତୀତ ଏଗ୍ରିକଲ୍‌ଚର ଅଫିସର, ଏଗ୍ରିକଲ୍‌ଚର ଇଞ୍ଜିନିୟର, ଏଗ୍ରିକଲ୍‌ଚର କଲେଜ କିମ୍ବା ୟୁନିଭର୍ସିଟିରେ ଅଧ୍ୟାପନା କ୍ଷେତ୍ରରେ ବି ଜବ୍ କରିପାରିବେ।

ଏଗ୍ରିକଲ୍‌ଚରରେ ରିସର୍ଚ୍ଚ କ୍ଷେତ୍ରରେ ମଧ୍ୟ ଆପଣ ଅନେକ ପ୍ରକାରର ଜବ୍ କରିପାରିବେ।

**ବେସରକାରୀ ସ୍ତରରେ:** ଏଗ୍ରିକଲ୍‌ଚର ଡିଗ୍ରୀ ଥିଲେ ପ୍ରାଇଭେଟ୍ ସେକ୍ଟରରେ ମାର୍କେଟିଙ୍ଗ୍ ଅଫିସର, ସେଲ୍ସ ଡେଭେଲପମେଣ୍ଟ ଅଫିସର, ବ୍ୟାଙ୍କ୍‌ରେ ଏଗ୍ରିକଲ୍‌ଚର ଡେଭେଲପ୍‌ମେଣ୍ଟ ଅଫିସର ଭାବେ କାର୍ଯ୍ୟ କରିପାରିବେ। ଏହାବ୍ୟତୀତ ଫାର୍ମ ମ୍ୟାନେଜର, ଟେକ୍ନିକାଲ୍ ଏଗ୍ରିକଲ୍‌ଚର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ ବି କରିପାରିବେ। ଏହି ପାଠ ପଢିଥିଲେ ବିଦେଶୀ କମ୍ପାନିଗୁଡିକରେ ମଧ୍ୟ ଅନେକ ଜବ୍ ସୁବିଧା ରହିଛି। ଆପଣ ଚାହିଁଲେ ନିଜର ଷ୍ଟାର୍ଟଅପ୍ ଆରମ୍ଭ କରିପାରିବେ।



# ବଢୁଛି ସାକ୍ଷରତା ହାର

ପ୍ରତିବର୍ଷ ସେପ୍ଟେମ୍ବର ୮ରେ ସାରା ବିଶ୍ୱରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ କରାଯାଉଛି। ୟୁନେସ୍କୋ ଅକ୍ଟୋବର ୨୬,୧୯୬୬ରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏହା ପୂର୍ବରୁ ୧୯୬୫ରେ ବିଶ୍ୱରୁ ନିରକ୍ଷରତା ଦୂର କରିବା ପାଇଁ ତେହେରାନରେ ଅନୁଷ୍ଠିତ ଶିକ୍ଷାମନ୍ତ୍ରୀଙ୍କ ବିଶ୍ୱ ସମ୍ମିଳନୀରେ ଏହି ଦିବସର ପରିକଳ୍ପନା କରାଯାଇଥିଲା। ବ୍ୟକ୍ତିଗତ, ସାମୂହିକ ଓ ସାମାଜିକ ସ୍ତରରେ ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିବା ବି ଏହି ଦିବସ ପାଳନର ଉଦ୍ଦେଶ୍ୟ। କୋଟି କୋଟି ପିଲା ସ୍କୁଲ ଯାଏ ପହଞ୍ଚିପାରୁ ନାହାନ୍ତି। ଅନେକ ପିଲା ଅଧାରୁ ସ୍କୁଲ ଛାଡିଦେଉଛନ୍ତି। ଏହି ସବୁ ସମସ୍ୟାର ସମାଧାନ ପାଇଁ ମଧ୍ୟ ବିଶ୍ୱ ସାକ୍ଷରତା ଦିବସ ଏକ ପ୍ରମୁଖ ଭୂମିକା ବହନ କରେ ବୋଲି କୁହାଯାଇପାରେ। ବିଶ୍ୱରେ ଶିକ୍ଷା ଓ ସାକ୍ଷରତାର ମାନ ଏବଂ କୌଶଳରେ ବିକାଶ କରିବା,ଉନ୍ନତ ମାନର ଶିକ୍ଷା ଉପଲବ୍ଧ କରାଇବା ତଥା ଶିକ୍ଷାପ୍ରାପ୍ତିର ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ଦିବସ ତା'ର ଲକ୍ଷ୍ୟପଥରେ ଆଗେଇ ଚାଲିଛି। ବିଶ୍ୱର ବିଭିନ୍ନ ଅଞ୍ଚଳରେ ସାକ୍ଷରତା ହାସଲ କରିବାରେ ଥିବା ସମସ୍ୟା ଉପରେ ବିଶ୍ୱସ୍ତରୀୟ ସଚେତନତା ଆଣିବା ଦରକାର। କିଭଳି ସାକ୍ଷରତା ହାର ବୃଦ୍ଧି ପାଇବ ସେଥି ପାଇଁ ଏକ ସୁବ୍ୟବସ୍ଥିତ ଅଭିଯାନର ଆବଶ୍ୟକତା ଆହ୍ୱାନ କରେ ଏହି ଦିବସ।

ପ୍ରତିବର୍ଷ ଭଳି ୨୦୧୯ରେ ବି ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଉଛି। ଏହାର ସ୍ଲୋଗାନ ରହିଛି 'ସାକ୍ଷରତା ଓ ବହୁଭାଷାବାଦ'। ଆମେ ଜାଣୁ ଏହି ଦିବସକୁ ବହୁ ବର୍ଷ ହେବ ପାଳନ କରାଯାଉଛି, ହେଲେ ଅନେକ ଦେଶର ବିଭିନ୍ନ ଅଞ୍ଚଳରେ ସାକ୍ଷରତାକୁ ନେଇ ବହୁ ଚ୍ୟାଲେଞ୍ଜ ରହିଛି। ସେହି ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ରହିଥିବା ଭାଷାର ଭିନ୍ନତା ଯୋଗୁ ସାକ୍ଷରତାରେ ଆସୁଥିବା ପ୍ରତିବନ୍ଧକ ହଟାଇବା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ। ଏହା ହେଲେ ସାମୂହିକ ବିକାଶର ଲକ୍ଷ୍ୟରେ ପହଞ୍ଚିବା ସହଜ ହୋଇପାରିବ। ୨୦୧୮ରେ

## ଆନ୍ତର୍ଜାତିକ ସାକ୍ଷରତା ଦିବସ

ବିଶ୍ୱ ସାକ୍ଷରତା ଦିବସର ସ୍ଲୋଗାନ ଥିଲା–'ସାକ୍ଷରତା ଓ କୌଶଳ ବିକାଶ'। ଏହାର ଉଦ୍ଦେଶ୍ୟ ଥିଲା ଏକ ଏକକ ଦୃଷ୍ଟିକୋଣ ସୃଷ୍ଟି କରିବା, ଯାହା ସାକ୍ଷରତା ଓ କୌଶଳ ବିକାଶକୁ ସହଯୋଗ କରିବା ସହ ଲୋକମାନଙ୍କର ଜୀବନଧାରଣ ଓ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବ। ଏକ ନ୍ୟାୟସଙ୍ଗତ ସମାଜ ପ୍ରତିଷ୍ଠାରେ ସାହାଯ୍ୟ କରିବା ଲକ୍ଷ୍ୟ ରଖିଥିଲା ଏହି ଦିବସ। ତେବେ ୨୦୧୮ ପରେ ଏହି ଦିଗରେ ଆମେ କେତେ ସଫଳ ହୋଇଛୁ ତାହା ବି ୨୦୧୯ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ




ଅବସରରେ ଆତ୍ମସମୀକ୍ଷା କରିବାର ଏକ ଦିନ ବୋଲି ମନେକରାଯାଏ।

ବିଶ୍ୱରେ ବିକଶିତ ତଥା ବିକାଶଶୀଳ ରାଷ୍ଟ୍ରଗୁଡିକରେ ଏବେ ନିଯୁକ୍ତି ସଙ୍କଟ ଦେଖାଦେଉଛି। ଏଣୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ନିଯୁକ୍ତି ପାଇଁ ବିଭିନ୍ନ କୌଶଳ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଆଜିର ଯୁବପିଢି କେମିତି ସଶକ୍ତ ହେବେ ଓ କ୍ୟାରିୟର ଗଢିପାରିବେ ତାହା ଉପରେ ଧ୍ୟାନ ଦିଆଯିବା ଦରକାର। ମୁଖ୍ୟତଃ ବ୍ୟବସାୟିକ ଓ ଯାନ୍ତ୍ରିକ ତଥା ଡିଜିଟାଲ କୌଶଳର ବିକାଶ ସାକ୍ଷରତା ଦିବସର ବି ଏକ ଲକ୍ଷ୍ୟ ବୋଲି ବଚାର କରାଯାଏ। ଏହା ସାଧନ ହେଲେ ସାକ୍ଷରତା ଦିଗରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିପାରିବ।

ଜାତିସଂଘର ସଂସାଧନିକ ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ବିଶ୍ୱ ସାକ୍ଷରତା ଦିବସକୁ ଗ୍ରହଣ କରାଯାଇଛି ୨୦୧୫ରେ। ଯୁବପିଢିଙ୍କୁ ସାକ୍ଷରତା ହାସଲ ନିଶ୍ଚିତ କରିବା ଏବଂ ମୁଖ୍ୟତଃ ଯେଉଁ ବୟସ୍କମାନେ ଦକ୍ଷତା ତଥା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ତାହା ଯୋଗାଇ ଦେବା ଦ୍ୱାରା ସାକ୍ଷରତା ହାର ବୃଦ୍ଧି ହେବା ସହିତ ସାମଗ୍ରିକ ବିକାଶର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ସାକ୍ଷରତା ବୃଦ୍ଧି କରିବା ପାଇଁ ୟୁନେସ୍କୋ ବିଶ୍ୱର ବିଭିନ୍ନ ଦେଶର ସରକାର,ସ୍ୱେଚ୍ଛାସେବୀ ସଂଗଠନ,ସ୍ଥାନୀୟ ଅଧିବାସୀ ଏବଂ ବିଶେଷଜ୍ଞଙ୍କ ସହଯୋଗରେ ସାରା ବିଶ୍ୱରେ ଏହି ଦିବସ ପାଳନ କରୁଛି। ପ୍ରତିବର୍ଷ ନୂଆ ନୂଆ ଲକ୍ଷ୍ୟ ନେଇ ଏହାକୁ ପାଳନ କରାଯାଉଛି। ଏହା ନିଃସନ୍ଦେହ ଯେ, ସାକ୍ଷରତା ବିନା ଆମେ ବିଶ୍ୱରେ କିଛି ବି ପରିବର୍ତ୍ତନ ଆଣିପାରିବା ନାହିଁ, ଆମ ଜୀବନଧାରାରେ ଉନ୍ନତି ମଧ୍ୟ ଆସିବନାହିଁ। ଏଣୁ ଏହାକୁ ହାସଲ କରିବା ଲାଗି 'ସାକ୍ଷରତା ହେଉଛି ଶ୍ରେଷ୍ଠ ଉପାୟ' ବୋଲି ୟୁନେସ୍କୋ ଘୋଷଣା କରେ। ପରୋକ୍ଷରେ ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାରର ଏହା ଏକ ଚାବିକାଠି। ଦାରିଦ୍ର୍ୟ ଓ ଅସମାନତା ଦୂର କରିବା ଏହି ଦିବସର ଆଉ ଏକ ଉଦ୍ଦେଶ୍ୟ। ୨୦୧୮ରେ 'ସାକ୍ଷରତା ଓ ଦକ୍ଷତା ବିକାଶ' ଯେଉଁ ସ୍ଲୋଗାନ ରଖାଯାଇଥିଲା ସେହି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ପାଇଁ ୟୁନେସ୍କୋ ମଧ୍ୟ ଆନ୍ତର୍ଜାତିକ ସାକ୍ଷରତା ପୁରସ୍କାର ଘୋଷଣା କରିଛି।

ଭାରତରେ ସାକ୍ଷରତା ହାରକୁ ଆହୁରି ବୃଦ୍ଧି କରିବା ପାଇଁ ଉଦ୍ୟମ କରାଯାଉଛି। ୨୦୦୧ରେ ସାକ୍ଷରତା ହାର ୬୪.୮୩ ପ୍ରତିଶତ ଥିଲାବେଳେ ୨୦୧୧ରେ ଏହା ୭୪.୦୪ରେ ପହଞ୍ଚିଛି। ପୁରୁଷଙ୍କ ସାକ୍ଷରତା ହାର ୮୨ ପ୍ରତିଶତ ଥିବାବେଳେ ମହିଳାଙ୍କର ରହିଛି ୬୫ ପ୍ରତିଶତ। ଏବେ ସୁଦ୍ଧା ଏଥିରେ ବୃଦ୍ଧି ଘଟୁଛି ଓ ଆଗାମୀ ଜନଗଣନାରେ ଏଥିରେ ଆହୁରି ସୁଧାର ଆସିବ ବୋଲି ସାରା ଦେଶ ଆଶାବାଦୀ। ବିଶ୍ୱ ସ୍ତରରେ ପୁରୁଷଙ୍କ ସାକ୍ଷରତା ହାର ୯୦ ପ୍ରତିଶତ ଥିବାବେଳେ ମହିଳାଙ୍କର ରହିଛି ୮୨.୭ ପ୍ରତିଶତ। ଆମ ଦେଶ ତଥା ବିଶ୍ୱରେ ମହିଳାଙ୍କ ସାକ୍ଷରତା ହାର ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡିବ। ଏହାହେଲେ ସମାଜରୁ ଅସମାନତା,ଅନ୍ଧବିଶ୍ୱାସ ଦୂର ହେବା ସହ ସ୍ୱାବଲମ୍ବୀ ହେବାର ବାଟ ଖୋଲିଯିବ। ଦରିଦ୍ର ରାଷ୍ଟ୍ର ବିକାଶ ପଥକୁ ଆସିବ ଏବଂ ବିକାଶଶୀଳ ଦେଶ ବିକଶିତ ହୋଇପାରିବ।


## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଦେବଗଡ଼

ବିଜ୍ଞାପନ ସଂଖ୍ୟା: 3115 ତାରିଖ: 31.08.2019

ଏତଦ୍ୱାରା ଦେବଗଡ଼ ଜିଲ୍ଲାର ୩ଟି ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୧୮–୧୯ ଆର୍ଥିକବର୍ଷରେ ଜିଲ୍ଲାର ସମ୍ପାଦିତ ସମସ୍ତ କାର୍ଯ୍ୟଗୁଡ଼ିକର ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜନଶୁଣାଣୀ ପାଇଁ ବ୍ଲକୱାରୀ ନିମ୍ନଲିଖିତ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବ୍ଲକର ଜନସାଧାରଣ, ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସମାଜସେବୀ ଅନୁଷ୍ଠାନମାନଙ୍କର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟସୂଚୀ।

| କ୍ର.ନଂ. | ତାରିଖ ଓ ସମୟ | ବ୍ଲକର ନାମ | ସଭାସ୍ଥଳୀର ନାମ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଜିଲ୍ଲାସ୍ତରୀୟ ଅଧିକାରୀ | ଯୋଗଦେବାକୁ ଥିବା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨୫।୦୯।୨୦୧୯ (ପୂର୍ବାହ୍ନ ୧୦.୩୦ ଘଟିକା) | ବାରକୋଟ | ପଞ୍ଚାୟତ ସମିତି ସଭାଗୃହ, ବାରକୋଟ | ଅତିରିକ୍ତ ଜିଲ୍ଲାପାଳ, ଦେବଗଡ଼ | ଜିଲ୍ଲା ପଞ୍ଚାୟତ ଅଧିକାରୀ, ଦେବଗଡ଼ | ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଯୋଜନା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ସହିତ ଉପସ୍ଥିତ ରହିବେ। |
| ୨ | | ରିଆମାଳ | ପଞ୍ଚାୟତ ସମିତି ସଭାଗୃହ, ରିଆମଳ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଦେବଗଡ଼ | ଜିଲ୍ଲା ସାମାଜିକ ସମୀକ୍ଷକ, ଦେବଗଡ଼ | |
| ୩ | | ତିଳେଇବଣି | ପଞ୍ଚାୟତ ସମିତି ସଭାଗୃହ, ତିଳେଇବଣି | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଦେବଗଡ଼ | ଜିଲ୍ଲା ମନରେଗା ସଂଯୋଜକ, ଦେବଗଡ଼ | |

ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଦେବଗଡ଼



No. CAD-366

ODISHA STATE MEDICAL CORPORATION — OSMC

## NOTICE INVITING BID

**Odisha State Medical Corporation Limited (OSMCL)**
**In front of Ram Mandir, Convent Square, Unit – III, Bhubaneswar -751 001**

**Tel. :** (0674) 2380950, **Website :** *www.osmcl.nic.in*, **Email :** logistics.osmcl.od@nic.in

Bid Ref. No.: **OSMCL/2019-20/DRUGS-DHS-ARV/ 04** Date: **10/09/2019**

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of Inj. Anti Rabies Vaccine as per the particulars mentioned below:**

| Sl. No. | Particulars | Date and time | |
|---|---|---|---|
| 1. | *Date & time of release of bid* | *10/09/2019, 3 PM* | |
| 2. | *Date & time of Pre-bid meeting* | *16/09/2019, 11:30 AM* Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | *Date & time of Online bid submission* | Start Date & Time: *23/09/2019, 3 PM* | End Date & Time: *03/10/2019, 6.00 PM* |
| 4. | *Date & time for submission of Tender Documents, Tender Document Fee and EMD amount as per section-IV of tender document* | Start Date & Time: *04/10/2019, 10 AM* | End Date & Time: *16/10/2019, 11.00 AM* |
| 5. | *Date & time of online Technical bid opening* | *16/10/2019, 11:30 AM* | |
| 6. | *Date of opening of Price Bid* | *To be informed to the qualified bidders* | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

**Sd/-Managing Director**
**OSMC Ltd., Odisha**

10112/11/0005/1920



No.: CAD-369

## THE ODISHA STATE POLICE HOUSING & WELFARE CORPORATION LTD.

(A Government of Odisha Undertaking)
JANPATH, BHOINAGAR, BHUBANESWAR - 22
Ph.: 0674-2541545, 2542921, Fax: 0674-2541543
E-mail: ophwc.od@nic.in, Website: www.ophwc.nic.in

OPHWC

**e-Procurement Notice No. - 13/OPHWC/2019-20**

**INVITATION FOR BIDS (IFB)**

| | | | |
|---|---|---|---|
| 1. | The Chief Engineer (OSPH&WC), Odisha, Bhubaneswar invites **Percentage Rate** bid in **Double Cover** system in **ONLINE MODE** only, for the work as detailed below. | | |
| 2. | Nature of Work | : | Building Works |
| 3. | No. of Work | : | 02 Nos. |
| 4. | Bid Cost | : | Rs.11,800/- Each No. (To be paid online) |
| 5. | Value of Tender | : | Rs.3,43,15,313.00 to Rs.7,76,14,010.00 |
| 6. | Class of Contractor | : | A Class to Super Class |
| 7. | Availability of Bid Documents in the website | : | Dt.10.09.2019 to Dt.25.09.2019 |
| 8. | Last date/time of receipt of Bids in the Portal | : | Dt.25.09.2019 upto 5.00 P.M. |
| 9. | Date of Opening Bid | : | Dt.26.09.2019 at 11.30 A.M. |
| 10. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

**Sd./- Chief Engineer (OSPH&WC), Odisha**

**N.B.:** The quoted rate should be all inclusive but excluding G.S.T. as applicable under works contract.

12025/11/0024/1920



## SAHEED LAXAMAN NAYAK MEDICAL COLLEGE AND HOSPITAL, KORAPUT

**Tel. No.: 06852-252121, E-mail: supdtslnmchkpt@gov.in, slnmchkpt18@gmail.com**
**No.: 2406/2019** **Date: 06.09.2019**

**No.: 308-E**

## CORRIGENDUM

As per Tender Call Notice No. - 2237, Date: 17.08.2019 following addition is made.

**In Page No. - 2**
**Last date of receipt of Tender Paper : 16.09.2019**
**Date of opening of the Technical Bid (Cover - A) : 18.09.2019**
**Date of opening of the Financial Bid (Cover - B) : 21.09.2019**

**In Page No. - 9**
In Clause No. - 1 Objectives: Computerization of Medical Record Management is added.

**In Page No. - 10**
In Cluase A of the TECHNICAL INFORMATION ON CENTRAL REGISTRATION the Document to be computerized is substitute as follows:

1. OPD Tickets

The service provider/organization shall have to issue OPD Tickets to the patients attending the OPD daily (Paper Size - A4 bond paper of JK/Executive/Excel).
Patient Registration: Out-patient Department Registration System generates unique registration number and captures following data.

Both in English & Odiya
Patient Name: OPD Card No.
Age: Regd. No.
Sex: Date
Address Contact No. Time:

Functioning of two numbers of counter in the OPD
Accessories Required: 4 Nos. of Computer, Printer with peripherals.
All counters must remain open for 24×7 hours.
The agency/service provider must have to supply the information in respect of the details of OPD Registration by 1st of every succeeding month of the Officer In-Charge Record Section in shape of hard & soft along with the bills to effect payment.

2. IPD Tickets

a. **Proforma of Inpatient Admission**
Patinets Name:
Father/Mother/Husband Name:
Sex: Department
Address with Police Station, Tahasil, District
Investigation Details Contact No.:
Patinent Registration No. & Date Date of Discharge

b. **Proforma of Pass Ticket for the Attendant of IPD Patient**
Patient Name:
Sex: Age
Department
IPD Regd. No. Date

**Discharge Summary**
There must be 2 sets of Computers, Printers and peripherals are to be available, one adjacent to OPD Registration Counter and another at the Medical Record Section having wireless LAN Connection. The Discharge summary will be entered in the Record Section.

c. **Medical Record Management**
Medical History, Medical Records, Investigation, Medical Treatment/Prescription this information is to be scanned in the scanner for storing and for retrieving data as and when required and necessary software as required is to be developed, accordingly with a memory capacity of minimum of 500 tickets of scan output per working day. Scanner, Manpower and other material will be provided by the organization. Agency selected for the purpose. For medical records management Computers, Printers and Peripherals are essentially required to be installed at the earmarked place.

**In Page No. - 11**
Once Cluase (I.) is added
**(I) PENALTY**
In case of deficiencies in providing quality service, the authority will have the right to impose penalty as per decision of the committee which shall be deducted from the monthly bill.

**In Page No. - 13**
The Annexure - C substituted by the following.

**Annexure - C**
**Format of Financial Offer for**
**IMPLEMENTATION OF COMPUTERISED CENTRAL REGISTRATION COUNTER AT SLNMCH, KORAPUT**
**(in the letter head of the firm)**
**(This format must be kept in a separate sealed envelope clearly marked as "Financial Offer")**
NAME OF THE ORGANIZATION:

| Sl. No. | Description of Job | Unit | Price Schedule: Rate (Rs.) Max Rate - 5/- | Price Schedule: Figure in Words |
|---|---|---|---|---|
| 1 | Management of Central Registration Counters by providing manpower, software, stationery, networking, hardware and hardware maintenance supports to the SLNMCH, KORAPUT | Per case enrolled in OPD/IPD patient registration | | |

**N.B.:**
1. Taxes if any on the above services shall be inclusive.
2. Rates quoted above are valid for 30 days from the date of opening.
3. Outsourcing/subcontracting/associating other agencies shall lead to criminal prosecution and blacklisting the agency by the authority.
4. The quoted price must be with in Rs.5/- per case.

**Date:** **Signature with Name of the Authorized Signatory**
**Place:** **& Designation**

**10121/11/0011/1920** **Sd./- Superintendent, SLNMCH, Koraput**



## OFFICE OF THE COLLECTOR & DISTRICT MAGISTRATE, KENDRAPARA

**(SOCIAL WELFARE SECTION)**

**No. 1911** **Dtd. 06.09.2019**

**TENDER CALL NOTICE**

Sealed tenders are invited in prescribed form from intending registered Transporting Contractors/ Agents/ Firms for undertaking transportation of rice and wheat under SNP for the year 2019-20 in Kendrapara District.

The tender paper along with details of terms and conditions of tender can be obtained on payment of Rs. 10,000/- (Ten Thousand) only by cash/ Bank Draft in favour of the District Social Welfare Officer, Kendrapara from the office of the District Social Welfare Officer, Kendrapara from 11.00 AM to 3.00 PM on any working days from 07.09.2019 to 21.09.2019.

For details about the Tender Call Notice, please visit Kendrapara District Website i.e. **http://www.kendrapara.nic.in.**

**Sd./- Collector, Kendrapara**



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଲ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା 35 H-1497/2019 **ବିଜ୍ଞାପନ** ତା 30.8.19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ ଏଇ-୧୬, (AE-16) ବରମୁଣ୍ଡା, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବୃନ୍ଦାବନ ପରିଡ଼ା, ପିତା-ସ୍ୱ ରଘୁନାଥ ପରିଡ଼ା, ସା-ଜେମାଦେଇ, ପୋ-ମକୁନ୍ଦ ପ୍ରସାଦ, ଥାନା/ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବୃନ୍ଦାବନ ପରିଡ଼ା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବିକାଶ କୁମାର ଜେନା, ପିତା-ନୃସିଂହ ଚରଣ ଜେନା, ସା-ଅଲାରପୁର, ପୋ/ଥାନା-କନ୍ଦରପୁର, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ /ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



## Brahmapur Development Authority

**Near Courtpeta Junction, Brahmapur, Odisha-760004,**
**Ph: 0680-2292797(O), 0680-2292033(F),**
**Email: bda.brahmapur311@gmail.com,**
**Website: www.bdabrahmapur.in**
**No. 2421/ BeDA, Brahmapur, dated 28.08.2019**

**PUBLIC NOTICE**

**No.CAD-364:-** In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 183/843 of Mouza- Pankalapalli which is coming under institutional use zone as per CDP to be modified to residential use zone. For such modification objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in whichever is later. Any person desires to see the modification can visit the office of BeDA, Brahmapur during office hours any working days. Any objections filed beyond sixty days shall not be entertained.

By order of Vice-Chairman
**13086/11/0001/1920** **Sd./- Secretary**



**DETAILED TENDER CALL NOTICE**
**GOVERNMENT OF ODISHA**

## DEPARTMENT OF PANCHAYATI RAJ

**INVITATION FOR BIDS (IFB)**
**IDENTIFICATION No. - TAL-01/2019-20/ Dtd. 05.09.2019**
**E-mail Address: ori-talcher@nic.in**

**The Block Development Officer, Talcher** on behalf of the Government of Odisha invites **Percentage rate bid** in double cover system for the works as detailed in the table below from the class of eligible contractors as mentioned in Col. 4 (four), registered with the State Government and contractors of equivalent grade/Class registered with Central Government/MES/Railway, to be eventually drawn up in PWD P-1 form, for execution of Building **(Civil Work). The proof of registration from the** appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of the G.P. | Name of Works | Approx. Value of Work (Rs. in Lakhs) | Class of Contractor | Bid Security (Rs.) | Cost of Document (Non-refundable) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Karnapur | Const. of Mahila Karmasala near Gopal Sahi, Karnapur. | 13.68 | D & C | 13,700.00 | 6,000.00 | 6 (Six Calendar Months) |
| 2 | Gobara | Construction of Pragati Mahila Karmasala near Gothachhak, Gobara GP. | 22.00 | C & B | 22,000.00 | 6,000.00 | 6 (Six Calendar Months) |
| 3 | Tentulei | Construction of Renovation of Gothagadia Pokhori of Tentulei Village, Tentulei GP. | 42.86 | B & A | 42,860.00 | 6,000.00 | 6 (Six Calendar Months) |
| 4 | Karnapur | Construction Community Center at Karnapur GP. | 34.68 | C & B | 34,700.00 | 6,000.00 | 6 (Six Calendar Months) |
| 5 | Danara | Construction of CC Road from Ashram to Mini Stadium, Danara GP. | 13.36 | D & C | 13,400.00 | 6,000.00 | 6 (Six Calendar Months) |
| 6 | Ghantapada | Construction of CC Road from Ananta Bihar Market to Baghamara Village, Ghantapada. | 35.70 | C & B | 35,700.00 | 6,000.00 | 6 (Six Calendar Months) |
| 7 | Ghantapada | Construction of CC Road from Chaighar FCI Main Road to conveyor Belt. | 35.70 | C & B | 35,700.00 | 6,000.00 | 6 (Six Calendar Months) |
| 8 | Gopalprasad | Construction of CC Road with culvert from PWD Road to Maa Hingula Mandir cultural pendal (widening of Road). | 40.18 | B & A | 40,200.00 | 6,000.00 | 6 (Six Calendar Months) |
| 9 | Kankili | Const. of CC Road from Kankili Kotabandha to Hemanta Tunga House, Kankili. | 17.84 | D & C | 17,900.00 | 6,000.00 | 6 (Six Calendar Months) |
| 10 | Kalamchhuin | Construction of WBM Road at Soloda Surangi Matha Road | 22.30 | C & B | 22,300.00 | 6,000.00 | 6 (Six Calendar Months) |
| 11 | Kalamchhuin | Construction of WBM Road at Soloda Sikhapal Harijanasahi | 13.40 | D & C | 13,400.00 | 6,000.00 | 6 (Six Calendar Months) |
| 12 | Kalamchhuin | Construction of WBM Road from Soloda Naraharipur Sahi to Teleipasi. | 13.40 | D & C | 13,400.00 | 6,000.00 | 6 (Six Calendar Months) |
| 13 | Kankili | Construction of WBM Road from Sainali Canal Chhaka to Scootlandpur. | 26.78 | C & B | 26,800.00 | 6,000.00 | 6 (Six Calendar Months) |
| 14 | Santhapada | Construction of WBM Road from Santhapada Mohanty to Mahula Munda Road. | 22.30 | C & B | 22,300.00 | 6,000.00 | 6 (Six Calendar Months) |
| 15 | Dera | Construction of Boundary Wall at Dera Football Field. | 17.77 | D & C | 17,800.00 | 6,000.00 | 6 (Six Calendar Months) |
| 16 | Gopalprasad | Retaining Wall with Culvert from Rajmahal Chhak to Gopalprasad | 17.83 | D & C | 17,900.00 | 6,000.00 | 6 (Six Calendar Months) |
| 17 | Danara | Construction of Sanskrutika Mandap | 21.53 | C & B | 21,600.00 | 6,000.00 | 6 (Six Calendar Months) |
| 18 | Gopalprasad | Construction of Boundary Wall at Kusumpal School | 26.75 | C & B | 26,800.00 | 6,000.00 | 6 (Six Calendar Months) |

1. The sale of bid document will be started from 10.09.2019 to 24.09.2019 upto 1.00 P.M.
2. The Bid documents will be received on Dtd.25.09.2019 upto 1.00 P.M.
3. The Bid documents will be opened on 25.09.2019 at 3.00 P.M.
4. For other details you can visit the website **www.angul.nic.in** or in the Office of the BDO, Talcher during office hours.

**Sd./- Block Development Officer, Talcher**

# SUNDAY classifieds




## BRIDE WANTED

ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ ଶିକ୍ଷିତା, ସୁନ୍ଦର, ଗୌରବର୍ଣ୍ଣ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୭୮୯୪୧୭୬୪୧୬। D-14251

Girl for M.Tech (IIT, Bombay), Internship (Steinbeis University), Germany, qualified karan Commander in Indian Navy. Contact: +919438183860. D-14225

Bhandari / 29years, groom, B.Tech, Burla, MBA, IIM, Indore working as consultant in MNC, Bhubaneswar seeking working bride, Caste-no-bar. 9437756821. D-14255

Looking Bride (IT/ MBA/MCA) Karan Groom 29/5'7", Senior Consultant, Bangalore. 0674-2382150, 9861006061. D-14259

Brahmin Boy 1991, 6ft, B.Tech, MBA, serving Manager MNC Pune- Sunasansar. 9937512659. D-66779

Brahmin son age-28 B.Tech, CET, M.Tech IIT Madras working in IES Officer Govt. of India, 7008986005. D-14216

Government Teacher Age-34 ଭୁବନେଶ୍ୱର ସ୍ଥିତ ବ୍ରାହ୍ମଣ ପୁଅଙ୍କ ପାଇଁ ଯେକୌଣସି ଜାତିର ଝିଅ ଦରକାର। 9658674636. D-67901

## GROOM WANTED

35/5'3" ଏମ୍.ଏସ୍‌ସି, ରେଲୱେ କ୍ଲର୍କ ଭାବେ କାର୍ଯ୍ୟରତ, ମାସିକ 42000 ରୋଜଗାର କରୁଥିବା ସୁନ୍ଦର କନ୍ୟା ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଦୟାକରି ଯୋଗାଯୋଗ କରନ୍ତୁ। 6261597187. D-14254

Girl age-27 MSC, PHD, NIT Rourkela working in Govt. Scientist/ Researcher, 8144589551. D-14217

Cuttack ବାସିନ୍ଦା Age-37 divorcee Government ସ୍କୁଲ Teacher ଖଣ୍ଡାୟତ ଝିଅଙ୍କ ପାଇଁ ପୁଅ ଦରକାର। 7381366103. D-67902

Now Matrimonial ads. only on Wednesday & Sunday Book 1 Get 1 FREE




### SALE

2010 Toyota Altis 2008 Chevrolet Aveo. Contact: 9437016540. D-65687

### HIRE

ଦଶଚକିଆ, ଛଅଚକିଆ, 1109, 709 ଟ୍ରକ ମାସିକ/ ବିକ୍ରିସୂତ୍ରରେ ଆବଶ୍ୟକ: 9439733321, 9938732425. D-67057




REAL ESTATE

### SALE

**4000 sft plot sale at Patia (Bigbazaar), Bhubaneswar. Directly buyer contact Deepak: 9937329999 (Broker Excuse).** D-66294

**Gharabari boundary plot Infocity-2 near 100ft. road side. Direct owner- 8144391451.** D-66768

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

25000 sft, 4000 sft gharabari land with boundary just 6km from Phulnakhara, Bhubaneswar- 8658182243. D-66295

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

**କଟକ–ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

**Bhubaneswar new railway station ପାଖରେ 7,00,000/-ରେ ଘରବାରି ପ୍ଲଟ ମିଳୁଛି। M: 8249038833.** D-66186

**ଭୁବନେଶ୍ୱର–ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564.** D-66771

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

1500 sqft gharabari plot for sale at Keshura, Cuttack - Puri bypass road Bhubaneswar price 26 lakh. Contact: 9078151122. D-67383

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66957

Plot for sale 15420sqft. prime property wall boundary one owner near Dhauli Square, Bhubaneswar. Contact:9867329320, 9699446464. D-67226

**For sale at Cantonment road, Cuttack, 3BHK, Luxury apartment (as per Vastu) with covered parking. Contact: 9658950455 / 9437003055.** D-14256

Bhubaneswar-Khurda NH Pitapalli Chhakରେ 30', 60' Road, Electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 6371719107, 9777449397. D-14253

**Residential propery for sale at Trisulia, each plot 1200sqft, total 8nos. of plot, 400meter from Trisulia Chowk. Contact: 6371449544.** D-14261

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

German - Shepherd dog, 5 months old female for sale at Bhubaneswar. Contact: 7656945809. D-14228




300sqft. shop for medicine, etc, A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-67225

2BHK with drawing, dining, kitchen, balcony, two toilets at Sai Anand apartment, Gothapatna, Bhubaneswar. 8989466205, 8895485808. D-14250

2nd floor (2500 sqft.) approximately and 1st floor 1600 sqft. (approx) at Kanan Vihar, Phase-1, Patia, Bhubaneswar for office purpose. Contact: 8249147848, 9937682848. D-66296

BJB Nagar BBSR Saudamini Apartment, Flat No.203 (3BR) 1st floor with garage. Rent-14,000/-(P.M) 9937203178. D-14257

Sambalpur main road space for Banks, Corporate, Coaching Institute: 8917500281, 8895617700. D-66297

Single room attached bath, kitchen for bachelors, Udayagiri Vihar, Patrapada, Bhubaneswar. 9861061549. D-67703

## ACCOMMODATION

**3BR Independent House/ Villa or Ground Floor required on the main road. Forestpark, Saheednagar, Nayapalli, Surya Nagar, Jaydev Vihar. +91 8118052711 (8AM - 11AM).** D-14258

**Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658.** D-67384




Shivam logistic packers movers. Household/ car relocation countrywide. 9777044177, 9338461133. D-14206




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958




ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

## AFFIDAVIT

By virtue of an affidavit sworn before Notary, Bhubaneswar on 20/08/2019, I , Dibya Biswal, D/o Dillip Kumar Biswal, 102; Emerald apartment, Laxmisagar, Bhubaneswar, Khurda, changed my name from Dibya Biswal to Divya Biswal. Henceforth, I will be known as Divya Biswal for all purposes. D-14265

By virtue of affidavit sworn before Executive Magistrate, Bhubaneswar on 06/09/2019, I have changed my name from Deepak Kumar Raya to Deepak Kumar Ray. Henceforth I shall be known as Deepak Kumar Ray for all purposes. D-14252

By virtue of an affidavit sworn before the Executive Magistrate, Bhubaneswar on 19.08.2019, I, Sanghamitra Behera, W/o- Deepti Ranjan Lenka, Madhusudan Nagar, near Central School, Jatni, Po/ P.S.- Jatni, Dist- Khurda, Pin-752050, changed my name from Sanghamitra Behera to Sanghamitra Lenka. Henceforth I will be known as Sanghamitra Lenka for all purposes. D-14266

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

In the court of the District Judge cum 1st. M.A.C.T. Tribunal, Sundargarh.
N.A.C.T. case No.- 61 /2008
Akbar Ali...claimant
Versus
Mrs. Shanti Jha...O.P.
To,
Mrs. Shanti Jha, wife of Ramanand Jha, Permanent resident of village - Harianta, Post - Tangi, District - Cuttack. Owner of Truck OR 05 G 7213. Take notice that the above M.A.C.T case has been filed against you for payment of compensation for the death of their son in the motor accident. You have avoided the notice. So notice could not be served. Hence you are hereby noticed to appear on dtd. 17.10.2019 in the court at 10.30 A.M. for appearance. If you fail to appear and do not take steps, order will be passed as per law.

District Judge cum 1ST. M.A.C.T. Tribunal, Sundargarh
D-14264

## CLASSIFIED BOOKING STATIONS

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

### Birthday Wish



**Dr. Manoj Kumar Dash, Berhampur**
Dear Mana, Happy Birthday. May lord Jagannath bless you with loads of happiness, success & prosperity in life. May all your wishes come true. Have a great year ahead.
**Best wishes & blessings from : Baba, Bou & family.**
D-14239

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12 Chinmaya Choudhury Ph:9338991113, 9439811130 Email: anitaadvt@gmail.com

**EUREKA ADVERTISER**
N-6/259, Jaydev Vihar, Bhubaneswar Nihar Ranjana Mohanty Ph: 0674-2360820, 9090660177 Email: eureka.advtr@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**ASSET PROPERTIES**
Plot- 3766, Lewis Road, BBSR-751014 Ph: (0674) 2435756 (Tel/Fax) 9337124748, 9439963384 Email: ramaprasad1961@gmail.com

**BISHNUPRIYA COMMUNICATION**
Shop-5, Ground Floor, P.D Market, BBSR Contact: Chintu Choudhury Ph: 9338301743, 9853533237

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସାବିତ୍ରୀ ନାୟକ**
ସ୍ୱାମୀ: ଯୋଗେଶ୍ୱର ନାୟକ
ଗ୍ରାମ: ଅରପୁର, ବାଙ୍କୀ, ଜିଲ୍ଲା: କଟକ
ଆବିର୍ଭାବ: ୨୫।୦୮।୧୯୫୮
ତିରୋଧାନ: ୧୯।୦୯।୨୦୧୮
(ଦଶମୀ ତିଥି ଭାଦ୍ରବମାସ)
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
**ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ**
ଧ–୧୩୭୧୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ତୁଳ ଜେନା**
ତିରୋଧାନ: ୧୮।୦୯।୨୦୧୮
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ତୁ ଆମକୁ ଛାଡ଼ି ଆରପାରିକୁ ଚାଲିଗଲୁ। ପ୍ରତିଟି ମୁହୂର୍ତ୍ତରେ ତୋର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ଆଜି ଆମର ବିଶ୍ୱାସ ତୁ ସର୍ବଦା ଆମ ସାଙ୍ଗରେ ଅଛୁ ଏବଂ ରହିଥିବୁ ମଧ୍ୟ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଝିଅମାନେ: ଅଲି, ଝୁମୁରୀ, ପୁନି, ଗୁନି, ଟୁନି, ଝୁନୁ, କ୍ରିଷ୍ଣା, ଜ୍ୱାଇଁମାନେ: ପ୍ରମୋଦ, ସୁମନ, ସୁଦର୍ଶନ, ଦେବପ୍ରସାଦ ଏବଂ ନାତି ଓ ନାତୁଣୀମାନେ।
ଧ–୧୪୨୬୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ସଂକ୍ଷେପରେ

### ଲକ୍ଷ୍ୟ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ୬ ଜଣିଆ ଟାସ୍କଫୋର୍ସ ଗଠନ କଲେ ସୀତାରାମନ୍

**ନୂଆଦିଲ୍ଲୀ,୭-୯:** ମୋଦି ସରକାର ୨୦୨୪-୨୫ ସୁଦ୍ଧା ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବା ଲାଗି ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ୧୦୦ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ନିର୍ମାଣ ଲାଗି ପ୍ରକଳ୍ପ ଚୟନ କରାଯିବ। ଏଥିଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏକ ୬ ଜଣିଆ ଟାସ୍କଫୋର୍ସ ଗଠନ କରିଛନ୍ତି। ଅର୍ଥ ସଚିବଙ୍କ ଅଧକ୍ଷତାରେ ଏହି କମିଟି ଗଠନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି। ଏଥିରେ କୁହାଯାଇଛି ଯେ, ଏହି ଟାସ୍କଫୋର୍ସ ୧୦୦ ଲକ୍ଷ କୋଟିର ନ୍ୟାଶନାଲ ଭିତ୍ତିଭୂମି ଯୋଜନା ପ୍ରସ୍ତୁତ କରି ପ୍ରକଳ୍ପ ଚୟନ କରିବ। ଏଥିରେ ନୂଆ ପ୍ରକଳ୍ପ ସହିତ ପୁରୁଣାର ବିସ୍ତାର କରାଯିବ। ଏହି ଟାସ୍କଫୋର୍ସରେ ବିଭିନ୍ନ ମନ୍ତ୍ରଣାଳୟର ସଚିବ, ଅନ୍ୟ ବରିଷ୍ଠ ଅଧିକାରୀ ତଥା ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାମିଲ କରାଯାଇଛି। ପ୍ରକଳ୍ପ ଚୟନ ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ଆରମ୍ଭ କରାଯିବାକୁ ଥିବା ପ୍ରକଳ୍ପଗୁଡ଼ିକୁ ଟାସ୍କଫୋର୍ସ ପ୍ରାଥମିକତା ଦେବ।

### ବିକ୍ରି ବୃଦ୍ଧି ଲାଗି ଅଟୋମୋବାଇଲ କମ୍ପାନୀଙ୍କ ଭାରି ଡିସ୍କାଉଣ୍ଟ ଯୋଜନା

**ନୂଆଦିଲ୍ଲୀ,୭-୯:** ମାନ୍ଦାବସ୍ଥା ମାଡ଼ର ସାମ୍ନା କରୁଥିବା ଅଟୋ ଉଦ୍ୟୋଗ ସରକାରଙ୍କଠାରୁ ସହାୟତା ପାଇବା ଅପେକ୍ଷାରେ ରହିଛନ୍ତି। କିନ୍ତୁ ସେମାନେ ନିଜ ଆଡୁ ଏହି ପରିସ୍ଥିତିର ସାମ୍ନା କରିବାକୁ ଏବେ ଅଣ୍ଟା ଭିଡିଛନ୍ତି। ଅଟୋ କମ୍ପାନୀଗୁଡ଼ିକ କାର୍, ଦୁଇଚକିଆ ଗାଡ଼ି ସମେତ ଟ୍ରକ୍ ଉପରେ ଭାରି ଡିସ୍କାଉଣ୍ଟ ଘୋଷଣା କରିଛନ୍ତି। ପ୍ରାପ୍ତ ସୂଚନାନୁସାରେ, ଅଟୋ କମ୍ପାନୀ ଓ ଡିଲରଙ୍କ ନିକଟରେ ଭାରିମାତ୍ରାରେ ପୁରୁଣା ଷ୍ଟକ୍ ପଡିରହିଛି। ଏହାକୁ ହଟାଇବା ଏବେ ସେମାନଙ୍କର ପ୍ରାଥମିକତା ରହିଛି। ଷ୍ଟକ୍ ବୃଦ୍ଧି ପାଇବା କାରଣରୁ ସେମାନେ ଉତ୍ପାଦନ ବନ୍ଦ କରୁଛନ୍ତି ଅଥବା ସ୍ୱଳ୍ପମାତ୍ରାରେ ଜାରି ରଖିଛନ୍ତି। ପୂର୍ବେ ଅଟୋ କମ୍ପାନୀ ଦାମ୍ ଉପରେ ୫ରୁ୭% ଡିସ୍କାଉଣ୍ଟ ଦେଉଥିବା ବେଳେ ଏବେ କାର୍, ବାଇକ୍ ଉପରେ ଡିଲର ୨୯% ପର୍ଯ୍ୟନ୍ତ ଏବଂ ଟ୍ରକ୍ ଉପରେ ୨୫% ପର୍ଯ୍ୟନ୍ତ ଦାମ୍‌ରେ ଛାଡ଼ କରୁଛି। ମାରୁତି, ହୋଣ୍ଡା, ଟୟୋଟା, ହ୍ୟୁଣ୍ଡାଇ, ରେନୋ ଏବଂ ନିଶାନ ଭଳି କାର୍ କମ୍ପାନୀ ବିକ୍ରି ବଢ଼ାଇବା ଲାଗି ୪୦ ହଜାର ଟଙ୍କାରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସ୍କାଉଣ୍ଟ ଦେବା ଆରମ୍ଭ କରିଛନ୍ତି। ସେହିପରି ଟ୍ରକ୍ ନିର୍ମାତାମାନେ ୩,୭୫,୦୦୦ ଟଙ୍କା ପର୍ଯ୍ୟନ୍ତ ଛୋଟ-ବଡ଼ ଟ୍ରକ୍ ଉପରେ ଛାଡ଼ ଘୋଷଣା କରିଛନ୍ତି। ଦେଶର ସର୍ବବୃହତ୍ କାର୍ ନିର୍ମାତା ମାରୁତି-ସୁଜୁକି ଏହାର ପ୍ରମୁଖ ଗାଡ଼ି ଉପରେ ୫୦ ହଜାରରୁ ୧.୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସ୍କାଉଣ୍ଟ ଦେଉଛି।

ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବାରେ କୃଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷି ମନ୍ତ୍ରୀ



ହାଇଦ୍ରାବାଦ ଫିସିଂ ହାର୍ବରକୁ ଉନ୍ନତୀକରଣ ଲାଗି ବିଭିନ୍ନ ଯୋଜନା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି।

– ଗିରିରାଜ ସିଂ, କେନ୍ଦ୍ର ମତ୍ସ୍ୟ ଏବଂ ପଶୁ ସମ୍ପଦ ମନ୍ତ୍ରୀ



# ଟ୍ରାଫିକ୍ ନିୟମ ଭଙ୍ଗ ସହ ଯୋଡ଼ାଯିବ ବୀମା ପଲିସି



## ଦିଲ୍ଲୀରୁ ଆରମ୍ଭ ହେବ ପାଇଲଟ ପ୍ରକଳ୍ପ

ଆଇଆର୍‌ଡିଏଆଇ ପକ୍ଷରୁ ଶୁକ୍ରବାର ଜାରି ଏକ ନିର୍ଦ୍ଦେଶ ମୁତାବକ ବୀମା କମ୍ପାନୀଗୁଡ଼ିକ ପ୍ରିମିୟମ ବୃଦ୍ଧି କରିବାର ଫର୍ମୁଲାର କ୍ରିୟାନ୍ୱୟନ ଲାଗି ରାଜଧାନୀ ଦିଲ୍ଲୀରେ ଏକ ପାଇଲଟ ପ୍ରକଳ୍ପ ହାତକୁ ନେବେ। କମିଟି ପକ୍ଷରୁ ପ୍ରଦତ୍ତ ସୁପାରିସ ଭିତ୍ତିରେ ଗାଡି ବାବଦ ଜରିମାନା ପ୍ରଦାନ କରା ନ ଗଲେ ନୂଆ ବୀମା ପଲିସି ନେବା ବେଳେ ଗାଡ଼ି ମାଲିକଙ୍କଠାରୁ ଏହି ଅର୍ଥକୁ ବୀମା ପ୍ରିମିୟମ ଆକାରରେ ଆଦାୟ କରାଯିବ। ଟ୍ରାଫିକ ନିୟମ ଉଲ୍ଲଂଘନକୁ ବୀମା ପଲିସି ସହ ଯୋଡାଯିବା ଯୋଗୁ ସଡ଼କ ଦୁର୍ଘଟଣା ଅନେକାଂଶରେ କମିବ। ଦିଲ୍ଲୀରେ ଏହି ପ୍ରକଳ୍ପ ସଫଳ ହେଲେ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଦେଶରେ ଲାଗୁ କରାଯିବ।

## ବଦଳିବ ଡ୍ରାଇଭରଙ୍କ ବ୍ୟବହାର

ଆଇଆର୍‌ଡିଏଆଇ ନିର୍ଦ୍ଦେଶ ଅନୁଯାୟୀ, କେନ୍ଦ୍ର ସରକାର ମେଟ୍ରୋ ତଥା ସ୍ମାର୍ଟ ସହରରେ ଇଣ୍ଟେଲିଜେଣ୍ଟ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ ଉପରେ ଜୋର୍ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟମ ଉଲ୍ଲଂଘନରେ ସାମିଲ ଗାଡ଼ିର ପଞ୍ଜୀକୃତ ମାଲିକ/ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେଥିଲାଗି ଅଟୋମେଟେଡ ଟ୍ରାଫିକ୍ ଏନ୍‌ଫୋର୍ସମେଣ୍ଟ ତଥା ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ ହୋଇଛି। ସଡ଼କ ଦୁର୍ଘଟଣା କମାଇବା ଉଦ୍ଦେଶ୍ୟରେ ବୀମା ପ୍ରିମିୟମକୁ ଟ୍ରାଫିକ ନିୟମ ଉଲ୍ଲଂଘନ ସହ ଯୋଡାଯିବ।

ନୂଆଦିଲ୍ଲୀ,୭-୯

ଟ୍ରାଫିକ ନିୟମ ଭାଙ୍ଗିବା ଯୋଗୁ ଭାରି ଜରିମାନା ଦେଇ ଲୋକେ ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ସରକାର ଆଉ ଏକ ଝଟକା ଦେବାକୁ ଯାଉଛନ୍ତି। ଆଗାମୀ ଦିନରେ ଗାଡ଼ି ବୀମା ପଲିସିକୁ ଟ୍ରାଫିକ ନିୟମ ଉଲ୍ଲଂଘନ ସହ ଯୋଡିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଅର୍ଥାତ୍ ବର୍ତ୍ତମାନ ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ପରବର୍ତ୍ତୀ ପର୍ଯ୍ୟାୟରେ ଗାଡ଼ିର ଇନ୍ସ୍ୟୁରାନ୍ସ କରିବା ବେଳେ ତାଙ୍କଠାରୁ ଅଧିକ ମାତ୍ରାରେ ବୀମା ପ୍ରିମିୟମ ଆଦାୟ କରାଯିବ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ଏକ ୯ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରିଛି। ଏଥିରେ ଦିଲ୍ଲୀ ପୋଲିସ, ଆଇଆର୍‌ଡିଏଆଇ, ଇନ୍ସ୍ୟୁରାନ୍ସ ଇନ୍‌ଫର୍ମେଶନ ବ୍ୟୁରୋ ଅଫ୍ ଇଣ୍ଡିଆ ଏବଂ ପ୍ରମୁଖ ଜେନେରାଲ ଇନ୍ସ୍ୟୁରାନ୍ସ କମ୍ପାନୀର ମୁଖ୍ୟମାନଙ୍କୁ ସାମିଲ କରାଯାଇଛି। ଗାଡ଼ି ଇନ୍ସ୍ୟୁରାନ୍ସ ପଲିସିକୁ ଟ୍ରାଫିକ୍ ନିୟମ ଉଲ୍ଲଂଘନ ସହ ଯୋଡିବା ନେଇ ଏହି କମିଟି ସରକାରଙ୍କୁ ସୁପାରିସ କରିବ। ଏଥିପାଇଁ ଏହାକୁ ୨ ମାସ ସମୟ ଦିଆଯାଇଛି।

# ବଜାରରେ ରିୟଲମିର ୨ ନୂଆ ସ୍ମାର୍ଟଫୋନ



ଭୁବନେଶ୍ୱର, ୭-୯

ରିୟଲମି ପକ୍ଷରୁ ନୂଆ ରିୟଲମି ୫ ଏବଂ ୫ ପ୍ରୋ ସ୍ମାର୍ଟଫୋନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଡିଲର ସମ୍ମିଳନୀ ଅବସରରେ କମ୍ପାନୀର ଜାତୀୟ ବିକ୍ରି ଏବଂ ବିତରଣ ମୁଖ୍ୟ ନିଶାର ନାଇକୋ, ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ରାକେଶ ବେହେରା, ଓଡିଶା ମୁଖ୍ୟ ନିଶ୍କଳଙ୍କ ମହାନ୍ତି, ବିତରକ ସୁମୀତ ଅଗ୍ରୱାଲ ନୂଆ ମଡେଲର ଉନ୍ମୋଚନ କରିଛନ୍ତି। କମ୍ପାନୀର ୫ ପ୍ରୋ ମଡେଲରେ ଗ୍ରାହକମାନେ ୬.୩ ଇଞ୍ଚର ଆଇପିଏସ୍ ଏଚ୍‌ଡି ଡିସ୍ପ୍ଲେ, ଗରିଲା ଗ୍ଲାସ ୩, କ୍ୱାଲକମ୍ ସ୍ନାପଡ୍ରାଗନ ୭୧୨, ଆଣ୍ଡ୍ରେନୋ ୬୧୬ ଜିପିୟୁ, ୪-୬-୮ ଜିବି ରାମ୍, ୬୪ ଏବଂ ୧୨୮ ଜିବି ଷ୍ଟୋରେଜ, ସ୍ୱତନ୍ତ୍ର ମାଇକ୍ରୋ ଏସ୍‌ଡି ସ୍ଲଟ, ରିୟରମାଉଣ୍ଟେଡ ଫିଙ୍ଗରପ୍ରିଣ୍ଟ ସେନ୍‌ସର, ୧୬ ମେଗା ପିକ୍ସେଲ ସାମ୍ନା କ୍ୟାମେରା, ୪୮ ଏମ୍‌ପି ପଛ କ୍ୟାମେରା ଏବଂ ଆଣ୍ଡ୍ରଏଡ ୯ ପାଇ ଫିଚର ସହ ଆସୁଛି। ଏହା କ୍ରିଷ୍ଟାଲ ଗ୍ରୀନ, ସ୍ପାର୍କଲିଂ ବ୍ଲୁ ରଙ୍ଗରେ ଆସୁଛି। ସେହିଭଳି ରିୟଲମି ୫ରେ ଗ୍ରାହକ ଅତ୍ୟାଧୁନିକ ଫିଚର ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ମୋଦି ପ୍ରଦାନ କଲେ ୮ କୋଟି ତମ ସିଲିଣ୍ଡର ସଂଯୋଗ

## ୭ ମାସ ପୂର୍ବରୁ ଲକ୍ଷ୍ୟ ହାସଲ

ନୂଆଦିଲ୍ଲୀ,୭-୯

ମୋଦି ସରକାର ଉଜ୍ଜ୍ୱଳା ଯୋଜନା ଅଧୀନରେ ଧାର୍ଯ୍ୟ ସମୟ ପୂର୍ବରୁ ୮ କୋଟି ଏଲ୍‌ପିଜି ସଂଯୋଗ ଲକ୍ଷ୍ୟ ପୂରଣ କରିଛି। ଶନିବାର ମହାରାଷ୍ଟ୍ରର ଔରଙ୍ଗାବାଦ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୮ କୋଟିତମ ଏଲ୍‌ପିଜି ସଂଯୋଗ ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଧାର୍ଯ୍ୟ ଲକ୍ଷ୍ୟର ୭ ମାସ ପୂର୍ବରୁ ସରକାର ଉଜ୍ଜ୍ୱଳା ଯୋଜନା ଅଧୀନରେ ୮ କୋଟି ଗରିବ ମହିଳାଙ୍କୁ ମାଗଣାରେ ଏଲ୍‌ପିଜି ସଂଯୋଗ ଦେଇପାରିଛନ୍ତି। ୨୦୧୬ ମେ ପହିଲାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୫ କୋଟି ଏଲ୍‌ପିଜି ସଂଯୋଗ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପରେ ଏହାକୁ ୨୦୨୦ ମାର୍ଚ୍ଚ ସୁଦ୍ଧା ୮କୋଟିକୁ ବୃଦ୍ଧି କରାଯାଇଥିଲା। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ସରକାର ଗରିବ ପରିବାରକୁ ମାଗଣାରେ ଗ୍ୟାସ୍ ସଂଯୋଗ ଦେଉଛନ୍ତି। ଏଥିପାଇଁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ସରକାର ୧୬୦୦ ଟଙ୍କାର ସବ୍‌ସିଡି ଦେଉଛନ୍ତି। ଏହା ସିଲିଣ୍ଡର ଲାଗି ସିକ୍ୟୁରିଟି ମନି ଏବଂ ଫିଟିଙ୍ଗ୍ ଚାର୍ଜ ଭାବେ ଦିଆଯାଇଥାଏ। ହିତାଧିକାରୀ କେବଳ ଚୁଲି କିଣିଥାନ୍ତି। ହିତାଧିକାରୀଙ୍କ ଆର୍ଥିକ ବୋଝକୁ କମାଇବା ଲକ୍ଷ୍ୟରେ ଚୁଲି ଓ ପ୍ରଥମ ରିଫିଲ୍ ଖର୍ଚ୍ଚକୁ କିସ୍ତି ଆକାରରେ ଆଦାୟ କରାଯାଉଛି। ଏହି ଯୋଜନା ଲାଗୁ ହେବା ପରେ ଅଦ୍ୟାବଧି ୯୫% ଜନସଂଖ୍ୟା ଏଲ୍‌ପିଜି ବ୍ୟବହାର କରୁଛନ୍ତି।

## କାରିବିଆନ ଲିଗ୍ ଲାଗି ହିରୋର ପ୍ରାୟୋଜକ ଅବଧି ବୃଦ୍ଧି

ଭୁବନେଶ୍ୱର, ୭-୯

କାରିବିଆନ ପ୍ରିମିୟର ଲିଗ୍ ଲାଗି ହିରୋ ମୋଟୋ କର୍ପ ପ୍ରାୟୋଜକ ଅବଧି ୩ ବର୍ଷ ବୃଦ୍ଧି କରିବା ଲାଗି ସହମତି ପ୍ରକାଶ କରିଛି। ଏହି ଲିଗ୍ ଲାଗି ହିରୋ ୨୦୨୨ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ରହିବ। ୱେଷ୍ଟ ଇଣ୍ଡିଜ କ୍ରିକେଟ ଲିଗ୍‌ର ମୁଖ୍ୟ ପ୍ରାୟୋଜକ ଭାବେ ଏହା ୨୦୧୫ରୁ ସହାୟତା ଦେଇ ଆସୁଛି। ଦୀର୍ଘ ବର୍ଷ ଧରି କମ୍ପାନୀ ବିଭିନ୍ନ କ୍ରୀଡା ଲାଗି ପ୍ରାୟୋଜକ ଭାବେ କାର୍ଯ୍ୟ କରି ଆସୁଛି। ଏହି ଲିଗ୍ ଲାଗି ପ୍ରାୟୋଜକ ହେବା ଦ୍ୱାରା ବିଶ୍ୱ କ୍ରୀଡାରେ ସ୍ଥାନ ମଜଭୂତ କରିବା ଲାଗି କମ୍ପାନୀ ସଫଳ ହୋଇଛି। ଉକ୍ତ ଲିଗ ସହ ଜଡିତ ହୋଇ ଅତ୍ୟନ୍ତ ଖୁସି ବୋଲି ହିରୋ ମୋଟୋକର୍ପ ଅଧକ୍ଷ ତଥା ସିଇଓ ପୱନ ମୁଞ୍ଜାଲ କହିଛନ୍ତି।

# ବିଓଆଇ ପକ୍ଷରୁ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୭-୯

ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ୧୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଆସୁଥିବା ୨୧ ଜିଲାର ୧୨୭ ଶାଖାକୁ ଓଡ଼ିଶାବାସୀଙ୍କୁ ପୁନଃ ଉତ୍ସର୍ଗୀକୃତ କରାଯାଇଛି। ଏଥିରେ ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍. ଦ୍ୱିବେଦୀ,ସହାୟକ ମହାପ୍ରବନ୍ଧକ ବିମଳ କୁମାର ତ୍ରିପାଠୀ, ବିଓଆଇ ଅଧିକାରୀ ସଂଘ ଓଡ଼ିଶା ୟୁନିଟ ସାଧାରଣ ସମ୍ପାଦକ କମଳଜିତ ମହାପାତ୍ର ଏବଂ ସଭାପତି ସ୍ମୃତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅନ୍ତର୍ଗତ ୨୫୦ ବାଳିକାଙ୍କୁ ବ୍ୟାଙ୍କ ପକ୍ଷରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯିବା ସହ ସେମାନଙ୍କ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସେହିଭଳି ୨୫ ଗ୍ରାମକୁ ଡିଜିଟାଲ ପୋଷ୍ୟ ଗ୍ରାମ, ପୁରୀଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ମାଗଣା ଚକ୍ଷୁ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଛି। ବ୍ୟାଙ୍କର ଗୌରବମୟ ଇତିହାସ ଉପରେ ଆଞ୍ଚଳିକ ପ୍ରବନ୍ଧକ ଦ୍ୱିବେଦୀ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କ ଏହାର ଉତ୍କୃଷ୍ଟ ସେବା ଯୋଗାଣଧାରା ଜାରି ରଖିବ ବୋଲି ସେ କହିଛନ୍ତି।

# ପାର୍ବଣରେ ଆହୁରି ମହଙ୍ଗା ହୋଇପାରେ ଅଖରୋଟ୍

**ନୂଆଦିଲ୍ଲୀ,୭-୯:** ଆସନ୍ତା ପାର୍ବଣ ଋତୁ ସିଜନରେ ଅଖରୋଟ ଦର ଆହୁରି ବଢ଼ିପାରେ। ବର୍ତ୍ତମାନ ଏହାର କିଲୋ ପିଛା ଦର ୯୦୦ ଟଙ୍କା ରହିଛି। ଗତ ମାସକ ମଧ୍ୟରେ ଏହାର ଦରରେ ୩୫% ବୃଦ୍ଧି ଘଟିଛି। ମିଡିଆ ରିପୋର୍ଟ ଅନୁଯାୟୀ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ଜମ୍ମୁ-କଶ୍ମୀରରେ ଯାତାୟାତ କଟକଣା ଜାରି କରାଯାଇଛି। ଫଳରେ ଅଖରୋଟ୍ ସମେତ ଅନ୍ୟ ଶୁଖିଲା ଫଳ, ସେଓ, କେଶର ବିକ୍ରି ମାସେ ହେବ ପ୍ରଭାବିତ ହୋଇଛି। କଶ୍ମୀର ଉପତ୍ୟକାରୁ ଏହି ସମସ୍ତ ଶୁଖିଲା ଫଳ(ଡ୍ରାଏ ଫ୍ରୁଟ୍ସ) ଜମ୍ମୁର ପାଇକାରୀ ମଣ୍ଡିକୁ ଆସିଥାଏ। ସେଠାରୁ ସାରା ଦେଶରେ ଏହାକୁ ଚାଲାଣ କରାଯାଇଥାଏ। ଭାରତରେ ଚାହିଦାର ୯୧ ପ୍ରତିଶତ ଅଖରୋଟ ଉତ୍ପାଦନ କଶ୍ମୀରରେ ହୋଇଥାଏ।

# ହୋଟେଲ ଶିଳ୍ପ ଉପରୁ ହ୍ରାସ ହେଉ ଜିଏସ୍‌ଟି

ଭୁବନେଶ୍ୱର, ୭-୯ (ବ୍ୟୁରୋ)

- ପ୍ରମୁଖ ବଜାର ତୁଳନାରେ ଭାରତରେ ଅଧିକ ଜିଏସ୍‌ଟି
- ୮%କୁ ଜିଏସ୍‌ଟି ହ୍ରାସ ଲାଗି ସଂଘର ଦାବି
- ଉଚ୍ଚ ଟିକସରୁ ପ୍ରଭାବିତ ହେଉଛି ଶିଳ୍ପ, ପର୍ଯ୍ୟଟନ

୭,୫୦୦ ଟଙ୍କା କିମ୍ବା ଏହାଠାରୁ ଅଧିକ ମୂଲ୍ୟର ହୋଟେଲ ରୁମ୍ ଉପରେ ଏବେ ୨୮% ଜିଏସ୍‌ଟି ଲାଗୁ ହେଉଛି। ଏହା ଫଳରେ ହୋଟେଲ ଶିଳ୍ପ ଉପରେ ଗଭୀର ପ୍ରଭାବ ପଡୁଛି। ବିଶ୍ୱର ଅନ୍ୟ ବଜାରଗୁଡିକ କଥା ତୁଳନା କଲେ ଏହା ଇଣ୍ଡୋନେସିଆରେ ୫%, ଚାଇନା ୬%, ମାଲେସିଆ-ଚାଇନା-ସିଙ୍ଗାପୁର-ସ୍ପେନ ୭%, ଫ୍ରାନ୍ସ ୧୦%, ନେପାଳ-ଶ୍ରୀଲଙ୍କା ୧୩% ଏବଂ ଆମେରିକାରେ ୧୫% ରହିଛି। ଭାରତରେ ଏହି କ୍ଷେତ୍ରରେ ୨୮% ଜିଏସ୍‌ଟି ଲାଗୁ କରିବା ବିଦେଶୀ ପର୍ଯ୍ୟଟକଙ୍କ ଉପରେ ପ୍ରଭାବ ପକାଉଛି। ଏହା ସହ ହୋଟେଲଗୁଡିକର ଫରେନ ଏକ୍ସଚେଞ୍ଜ ଲାଭ ଅଭିବୃଦ୍ଧି ଗଭୀର କ୍ଷତିଗ୍ରସ୍ତ ହେଉଥିବା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡିଶା (ହାରୋ) ଅଧକ୍ଷ ତଥା ଆଇଏଟିଓ ପୂର୍ବାଞ୍ଚଳର ସହ ଅଧକ୍ଷ ଜେ.କେ.ମହାନ୍ତି କହିଛନ୍ତି।

ପାସିଫିକ ଏସିଆ ଟ୍ରାଭେଲ ଆସୋସିଏଶନର ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଏକ୍ଷେତ୍ରରେ ଜିଏସ୍‌ଟି ହ୍ରାସ ହେଲେ ହୋଟେଲ ଶିଳ୍ପ ତଥା ବିଦେଶୀ ପର୍ଯ୍ୟଟକଙ୍କ ଲାଗି ଏହା ଲାଭକାରୀ ହେବ। ଏହି ବର୍ଗରେ ଜିଏସ୍‌ଟି ୨୮%ରୁ ୮%କୁ ଖସିବାର ଆବଶ୍ୟକତାକୁ ସରକାର ଉପଲବ୍ଧି କରନ୍ତୁ। ସେହିଭଳି ହୋଟେଲ ଶିଳ୍ପକୁ ଭିତ୍ତିଭୂମି ବର୍ଗରେ ନେବା ସହ ଆୟକର ଆଇନର ଧାରା-୮୦ ଆଇଏ ମୁତାବକ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରସ୍ତାବ ଗୁଡିକ ଉପରେ ମନ୍ତ୍ରଣାଳୟ ବିଚାର ବିମର୍ଷ କରିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସଚିବ ସୂଚନା ଦେଇଛନ୍ତି।

ସେହିଭଳି ଭୁବନେଶ୍ୱରରେ ଏକ ମେଗା କନଭେନସନ ସେଣ୍ଟର ନ ଥିବାରୁ ବଡ ବଡ କନଫରେନ୍ସ ଏବଂ କନଭେନସନ ଏଠାରେ ହେଉ ନ ଥିବା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପ୍ରୋତ୍ସାହିତ ବୁଦ୍ଧିଷ୍ଟ ସର୍କିଟକୁ ଠିକ୍ ଭାବେ ପ୍ରଦର୍ଶନ କରାଯାଇ ନାହିଁ। ରାଜ୍ୟରେ ଥିବା ବୁଦ୍ଧିଷ୍ଟ ସର୍କିଟର ଭିତ୍ତିଭୂମି ବିକାଶ ହୋଇପାରିଲେ ଏହା ସାରା ବିଶ୍ୱରୁ ବୁଦ୍ଧିଷ୍ଟ ତଥା ଅନ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ହେବ। ଚିଲିକାରେ ଜଳ କ୍ରୀଡା ତଥା ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟଟନ ମନ୍ତ୍ରଣାଳୟ ବିଚାର କରୁଛି। ଏହା ବାଦ ଓଡ଼ିଶା ପର୍ଯ୍ୟଟନର ସୂଚନା ପତ୍ରିକା ସାରା ଦେଶ ତଥା ବିଦେଶ ପର୍ଯ୍ୟଟନ କାର୍ଯ୍ୟାଳୟଗୁଡିକରେ ଉପଲବ୍ଧ କରାଇବା ନେଇ ବୈଠକରେ ମତ ପ୍ରକାଶ ପାଇଛି। ଏହା ହେଲେ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ପାରିବ। ଏହାବାଦ ଇନକ୍ରେଡେବଲ ଇଣ୍ଡିଆ କ୍ୟାମ୍ପେନରେ ଓଡିଶା ପର୍ଯ୍ୟଟନର ସମ୍ଭାବନାକୁ ଦର୍ଶାଇବା ଦିଗରେ ଏଠାରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ସଚିବ ଯୋଗେନ୍ଦ୍ର ତ୍ରିପାଠୀ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ରାଜ୍ୟ ପର୍ଯ୍ୟଟନ ଓ କ୍ରୀଡା ବିଭାଗ କମିଶନର ତଥା ସଚିବ ବିଶାଳ ଦେବ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ନିର୍ମଳ ମିଶ୍ର ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ।

**କୃଷକମାନଙ୍କ ପାଇଁ ବିଶେଷ ସୂଚନା**

No.48-L:ରାଜ୍ୟର କୃଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭାରତ ସରକାରଙ୍କ ସାର ରସାୟନ ଓ ସାର ମନ୍ତ୍ରଣାଳୟଙ୍କ ଦ୍ୱାରା ୟୁରିଆ ସାରର ୪୫ କି.ଗ୍ରା. ବସ୍ତା ପ୍ରତି ସର୍ବାଧିକ ଖୁଚୁରା ମୂଲ୍ୟ ୨୬୬.୫୦ ଧାର୍ଯ୍ୟ କରାଯାଇଛି। ୟୁରିଆ ସାର କିଣିବା ସମୟରେ ଉପରୋକ୍ତ ଲିଖିତ ମୂଲ୍ୟ ଦେଇ ପିଓଏସ୍ ମେସିନ୍‌ର ରସିଦ୍ ସଂଗ୍ରହ କରନ୍ତୁ। ଛୋଟ ବା ବଡ଼ ଦାନା ୟୁରିଆ କ୍ୱିଣ୍ଟାଲ ପ୍ରତି ୪୬ କି.ଗ୍ରା. ଯବକ୍ଷାରଜାନ ପୋଷକ ମିଳିଥାଏ। ବଡ଼ ଦାନା ୟୁରିଆ ବ୍ୟବହାର କରିବା ଦ୍ୱାରା ଜମିର ସ୍ଥିତି ଅନୁଯାୟୀ ଛୋଟ ଦାନା ୟୁରିଆ ଠାରୁ ୧୦-୧୫% କମ୍ ଆବଶ୍ୟକ ହୋଇଥାଏ। 01034/11/0018/1920

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

**OFFICE OF THE EXECUTIVE ENGINEER**
**MODEL STUDIES & RESEARCH DIVISION, BURLA-768017**
Email: eehrdb@gmail.com

**Short Quotation Call Notice No. 13 of 2019-20**

No. 872 Date: 31.08.19

No.: 219-A: Sealed quotations are invited for each vehicle separately from interested reputed travel agencies / Tour operators or Private individuals having valid GST registration for providing 2 (two) number Diesel driven vehicles:- Tata Indica eV2 or Indigo (CES) car or equivalent model for official use on hire basis.

| | |
|---|---|
| The cost of application form of quotation | : Rs. 600/- (Rupees six hundred) only |
| The sale of application of quotation form | : 10.09.2019 to 23.109.2019 (upto 3PM) |
| The last date of receiving the completed quotation | : 23.09.2019 (upto 4 PM) |
| The date of opening of quotation | : 23.09.2019 at 4.30 PM |

Security Deposit : Rs. 5000/- (Rupees five thousand) only in shape of account payee Bank Draft drawn in favour of the Executive Engineer, Hydraulic Research Division, Burla payable at SBI, Burla. Other details and quotation forms are available in website **www.odisha.gov.in** and department website **www.dowrodisha.gov.in**. The authority reserves the right to reject any or all quotations.

Executive Engineer
Model Studies & Research Division, Burla

32383/11/0001/1920

**ODISHA JOINT ENTRANCE EXAMINATION-2019 (OJEE - 2019)**

No: OJEE-2019/0478 Date: 07.09.2019

**NOTICE**
**Schedule of Medical Board for BAMS/ BHMS Physical Challenged (PC) candidates of NEET (UG) – 2019**

The Physically Challenged (PC) Category Candidates of NEET (UG) 2019 rank holders, who are interested to take admission in PC category for BAMS/BHMS in OJEE counseling, are required to attend the Medical Board at LT – 2, SCB Medical College, Cuttack on 11-09-2019 at 10.AM. Candidates are required to bring their Admit card/ Rank Card and Photo Identity to the Medical Board. Decision of the Medical Board is final binding. Admission to PC category will be made only as per the recommendations of this Board.

Sd/-
CHAIRMAN, OJEE

**ODISHA JOINT ENTRANCE EXAMINATION-2019 (OJEE - 2019)**

No: OJEE-2019/0479 Date: 07.09.2019

**NOTICE**
**Schedule of Ex-Servicemen Board for BAMS/ BHMS Ex-Servicemen (ES) candidates of NEET (UG) – 2019**

The Ex Serviceman (ES) Category Candidates of NEET (UG) 2019 rank holders, who are interested to take admission in ES category for BAMS/BHMS in OJEE counseling, are required to attend the ES Board at Rajya Sainik Board, Odisha, Bhubaneswar on 10-09-2019 to 12-09-2019 at 10.AM. Candidates are required to bring their NEET (UG) – 2019 Admit card/ Rank Card and Photo Identity proof to the ES Board. Decision of the ES Board is final binding. Admission to ES category will be made only as per the recommendations of this Board.

Sd/-
CHAIRMAN, OJEE

**ସଂକ୍ଷେପରେ**

## କୋମାରେ ଆମେରିକାନ ରେସର୍

**ମୋଞ୍ଜା,୭।୯:** ଆମେରିକାନ-ଇକ୍ୱାଡରିଆନ ଫର୍ମୁଲା ଟୁ ରେସର ଜୁଆନ ମାନୁଏଲ କୋରେଆ ଗତ ସପ୍ତାହରେ ବେଲଜିୟମଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଉକ୍ତ ଦୁର୍ଘଟଣାରେ ଫ୍ରେଞ୍ଚ ଡ୍ରାଇଭର ଆନ୍ଥୋନୀ ହବର୍ଟଙ୍କ ମୃତ୍ୟୁ ଘଟିଥିଲା। ଏବେ ଶ୍ୱାସକ୍ରିୟ କ୍ଷୀଣ ହେବାରୁ କୋରେଆ କୋମାକୁ ଚାଲିଯାଇଛନ୍ତି। ଏ ନେଇ ତାଙ୍କ ପରିବାର ପକ୍ଷରୁ ଶନିବାର କୁହାଯାଇଛି। ୨୦ ବର୍ଷୀୟ ରେସର ଗୁରୁତର ଥିଲେ ମଧ ତାଙ୍କ ଅବସ୍ଥା ଲଣ୍ଡନ ମେଡିକାଲରେ ସ୍ଥିର ଥିଲା। ଗତ ଶନିବାର ଅନୁଷ୍ଠିତ ବେଲଜିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ସ୍ପା-ଫ୍ରାଙ୍କୋରଚାମ୍ପସ ରେସ୍‌ବେଳେ କୋରେଆ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିବା ସହ ଗୋଡ଼ ଭାଙ୍ଗିଯାଇଥିଲା। ବେଲଜିୟମର ଏକ ମେଡିକାଲରେ ୪ ଘଣ୍ଟା ଧରି ତାଙ୍କର ଅସ୍ତ୍ରୋପଚାର କରାଯିବା ପରେ ସେଠାରୁ ତାଙ୍କୁ ଇଂଲଣ୍ଡ ପଠା ଯାଇଥିଲା।

## ଟି୨୦ ର୍‌ୟାଙ୍କିଙ୍ଗ୍‌ରେ ମାଲିଙ୍ଗାଙ୍କ ଉନ୍ନତି

**ପାଲେକେଲେ,୭।୯:** ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍‌ରେ କ୍ରମାଗତ ୪ ବଲରେ ୪ ଉଇକେଟ ନେଇଥିବା ଭେଟେରାନ ଶ୍ରୀଲଙ୍କା ପେସର ଲସିଥ ମାଲିଙ୍ଗାଙ୍କ ର୍‌ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଦେଖିବାକୁ ମିଳିଛି। ସେ ପୂର୍ବାପେକ୍ଷା ୨୦ ସୋପାନ ଉପରକୁ ଆସି ୨୧ତମ ସ୍ଥାନ ଅଧିକାର କରିଛନ୍ତି। ଏହା ଦର୍ଶାଇଛି ନୂଆ ଟି୨୦ ବୋଲରଙ୍କ ର୍‌ୟାଙ୍କିଙ୍ଗ୍। ଉଭୟ ଦିନିକିଆ ଓ ଟି୨୦ ଫର୍ମାଟରେ କ୍ରମାଗତ ୪ ବଲରେ ୪ ଉଇକେଟ ନେବାରେ ମାଲିଙ୍ଗା ଇତିହାସର ପ୍ରଥମ ବୋଲର। ଅନ୍ତିମ ଟି୨୦ ମ୍ୟାଚ୍‌କୁ ଶ୍ରୀଲଙ୍କା ୩୭ ରନ୍‌ରେ ଜିତି ନେଇଥିଲା। ଏହି ବିଜୟରେ ମାଲିଙ୍ଗା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ସମ୍ପୂର୍ଣ୍ଣ ୪ ଓଭର ବୋଲିଂ କରି ଏକ ମେଡେନ ଓଭର ସହ ୬ ରନ୍ ଦେଇ ୫ ଉଇକେଟ ହାତେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ଉପରେ ୫ ଥର ହ୍ୟାଟ୍ରିକ ନେଇସାରିଛନ୍ତି। ଏହି ମ୍ୟାଚ୍‌ରେ ମାଲିଙ୍ଗା ପ୍ରଥମ ପୁରୁଷ ବୋଲର ଭାବେ ୧୦୦ ଅନ୍ତର୍ଜାତୀୟ ଟି୨୦ ଉଇକେଟ ନେଇ ରେକର୍ଡ କରିଛନ୍ତି।

ଭବିଷ୍ୟତରେ ସୁଯୋଗ ମିଳିଲେ ମୁଁ ଜାତୀୟ କ୍ରିକେଟ ଦଳ ବ୍ୟତୀତ କାଉଣ୍ଟି କ୍ଲବ ଲାଙ୍କାଶାୟାରର କୋଚ୍ ହେବାକୁ ଆଗ୍ରହୀ।
**–ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍,ଇଂଲଣ୍ଡର ପୂର୍ବତନ ଷ୍ଟାର କ୍ରିକେଟର**



୨୦୨୧ ସିଜନରୁ ଫର୍ମୁଲା ୱାନ୍ ରେସ୍ ନୂଆ ନିୟମ ଅନୁସାରେ ହେବା ସେତେବେଳେ ମୁଁ ପ୍ରତିଯୋଗିତାକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ଲାଗି ଚିନ୍ତା କରୁଛି।
**–ଫର୍ନାଣ୍ଡୋ ଆଲୋଁସୋ, ଫର୍ମୁଲା ୱାନ ଡ୍ରାଇଭର**



# ନାଡାଲ-ମେଡ୍‌ଭେଡେଭ୍ ଫାଇନାଲ

**ନୂଆଦିଲ୍ଲୀ, ୭।୯ (ଏଏଫ୍‌ପି)**



ରାଫାଲ ନାଡାଲ

ରାଫାଲ ନାଡାଲ ୫ମ ଥର ୟୁଏସ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ଏହି ସ୍ପାନିଶ ଟେନିସ ଷ୍ଟାର ସେମିଫାଇନାଲରେ ଇଟାଲୀର ମାଟେଓ ବରେଟିନିଙ୍କୁ ୭-୬ (୮/୬), ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ରବିବାର ଖେଳାଯିବାକୁଥିବା ଫାଇନାଲରେ ସେ ରୁଷିଆର ଦାନିଲ ମେଡ୍‌ଭେଡେଭ୍‌ଙ୍କୁ ଭେଟିବେ। ମେଦ୍‌ଭେଦେଭ୍ ଅନ୍ୟ ସେମିଫାଇନାଲରେ ବୁଲ୍‌ଗେରିଆର ଗ୍ରିଗୋର ଦିମିତ୍ରୋଭଙ୍କୁ ୭-୬ (୭/୫), ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ନାଡାଲ କହିଛନ୍ତି, ହିପ୍ ଇଞ୍ଜୁରୀ ଯୋଗୁ ସିଜନର ଆରମ୍ଭରେ ମୋତେ ସଂଘର୍ଷ କରିବାକୁ ପଡ଼ିଥିଲା। ମାତ୍ର ୟୁଏସ ଓପନ ଫାଇନାଲକୁ ଫେରିଥିବାରୁ ମୁଁ ବହୁତ ଖୁସି। ୧୨ଥର ଫ୍ରେଞ୍ଚ ଓପନ ଜିତିଥିବା ୩୩ ବର୍ଷୀୟ ନାଡାଲ ୟୁଏସ ଓପନରେ ଚତୁର୍ଥ ଥର ଟାଇଟଲ ଜିତିବା ଅଭିପ୍ରାୟରେ ରହିଛନ୍ତି। ଏଠାରେ ଟାଇଟଲ ଜିତିଲେ ସେ ରୋଜର ଫେଡରରଙ୍କ ରେକର୍ଡ ସମକକ୍ଷ ହୋଇ ପାରିବେ। ଫେଡରର ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିସାରିଛନ୍ତି।

କ୍ୟାରିୟରର ୨୭ତମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଥିବା ନାଡାଲ ଏହି ମୁକାବିଲା ପୂର୍ବରୁ ଗତ ମାସରେ ମଣ୍ଟ୍ରିଲ ଫାଇନାଲରେ ମେଡ୍‌ଭେଡେଭଙ୍କୁ ପରାସ୍ତ କରିଥିଲେ। କିନ୍ତୁ ବିଶ୍ୱର ୨ ନମ୍ବର ଖେଳାଳି ପରବର୍ତ୍ତୀ ସପ୍ତାହରେ ସିନ୍‌ସିନାଟି ଟେନିସ ଇଭେଣ୍ଟରୁ ଓହରିଯାଇଥିଲେ, ଯେଉଁଠାରେ ମେଡ୍‌ଭେଡେଭ ଚାମ୍ପିୟନ ହୋଇଥିଲେ। ନାଡାଲ ମେଡ୍‌ଭେଡେଭଙ୍କୁ ଟୁର୍‌ର ଜଣେ ଅନ୍ୟତମ ଟାଣୁଆ ଖେଳାଳି ବୋଲି କହିଛନ୍ତି। ରୁଷୀୟ ଖେଳାଳି ଦିନକୁ ଦିନ ଖେଳରେ ଅଗ୍ରଗତି କରୁଛନ୍ତି। ତେଣୁ ଫାଇନାଲରେ ମୋତେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ସ୍ପାନିଶ ଟେନିସ ଷ୍ଟାର କହିଛନ୍ତି। ମେଡ୍‌ଭେଡେଭ ୨୩ ବର୍ଷ ବୟସରେ ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଗତ ୬ମାସ ମଧ୍ୟରେ ତାଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ସେ ସିନ୍‌ସିନାଟିରେ ଟାଇଟଲ ବ୍ୟତୀତ ୱାଶିଂଟନ ଏବଂ କାନାଡାରେ ରନର୍ସ ଅପ୍ ହୋଇଛନ୍ତି। ୨୦୦୫ରେ ମାରାଟ ସାଫିନଙ୍କ ଅଷ୍ଟ୍ରେଲିଆନ ଓପନ ଟାଇଟଲ ପରେ ମେଦଭେଦେଭ୍ ପ୍ରଥମ ରୁଷୀୟ ଖେଳାଳି ଭାବେ ଏକ ପୁରୁଷ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ପୁନଶ୍ଚ ୨୦୦୦ରେ ସାଫିନଙ୍କ ଟାଇଟଲ ବିଜୟ ପରେ ପ୍ରଥମ ରୁଷୀୟ ଖେଳାଳି ହିସାବରେ ସେ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି।

## ଓସିଏ ନିର୍ବାଚନ ୨୭ରେ

**କଟକ ଅଫିସ, ୭।୯:** ଆସନ୍ତା ୨୭ ତାରିଖରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ୬ଟି ପଦବୀ ନିମନ୍ତେ ନିର୍ବାଚନ ହେବା ସହ ସେହି ଦିନ ଫଳାଫଳ ମଧ ଘୋଷଣା କରାଯିବ। ଏ ନେଇ ଶନିବାର ସନ୍ଧ୍ୟାରେ ଓସିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୨ ତାରିଖ ସଦସ୍ୟତା ପାଇଥିବା ୟୁନିଟ୍ ଗୁଡ଼ିକ ସଦସ୍ୟଙ୍କ ନାମ ପଠାଇବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ୭ରେ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ନେଇ ନୋଟିସ୍ ପ୍ରକାଶ ପାଇବ। ସେପ୍ଟେମ୍ବର ୧୫ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୨୦ ତାରିଖରେ ପ୍ରାର୍ଥିପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ୨୧ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୨୨ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ବ୍ୟତୀତ ଚୂଡ଼ାନ୍ତ ପ୍ରାର୍ଥି ତାଲିକା ଘୋଷଣା କରାଯିବ ବୋଲି ଓସିଏ ବିଜ୍ଞପ୍ତି ଉଲ୍ଲେଖ କରାଯାଇଛି। ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ଓସିଏ ସମ୍ବିଧାନର ନିୟମ-୯ ଅନୁଯାୟୀ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡକାଯିବ ବୋଲି ଏଥିରେ କୁହାଯାଇଛି।

## ଜାକିର, ଜିତେନଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୭।୯ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ତୃତୀୟ ଦିବସରେ ପହଞ୍ଚିଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ଗୁଡିକରେ ଜଗଦୀଶ ମହାନ୍ତି ୩-୨ରେ ଶରଦ ବେହେରାଙ୍କୁ ପରାସ୍ତ କରିଛନ୍ତି। ସେହିପରି ଜାକିର ଖାଁ ୩-୦ରେ ଅନୁରାଗ ସାମନ୍ତଙ୍କୁ ହରାଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଜିତେନ ଷଡଙ୍ଗୀ ୩-୦ରେ ଅର୍ମାନ ଉଲ ହକ୍‌ଙ୍କୁ ପରାସ୍ତ କରିଛନ୍ତି। ସେହିପରି ବିକାଶ ଅଗ୍ରୱାଲ ୩-୨ରେ ସତ୍ୟଦୀପ ଦାସଙ୍କୁ ପରାସ୍ତ କରିଛନ୍ତି। ନିଶି ପ୍ରକାଶ ଅନ୍ୟ ଏକ ମ୍ୟାଚ୍‌ରେ ୩-୧ରେ ସିଦ୍ଧାର୍ଥ ସେନ୍‌ଙ୍କଠାରୁ ହାରିଛନ୍ତି। ସେହିପରି ରାକେଶ ଆର. ପ୍ରଧାନ ୩-୦ରେ ଚେତନ ଆନନ୍ଦଙ୍କୁ ପରାସ୍ତ କରିଛନ୍ତି। ସେହିପରି ମହମ୍ମଦ ରାଜା ୩-୦ରେ ଅନ୍ୟଏକ ମ୍ୟାଚ୍‌ରେ ଜଗଦୀଶ ମହାନ୍ତିଙ୍କୁ ପରାସ୍ତ କରିଥିଲେ। ରୁମିତ ଗୁପ୍ତା ୩-୦ରେ ମିଶାଲ ସ୍ୱାଇଁଙ୍କୁ ହରାଇଛନ୍ତି। ସେହିପରି ପୂର୍ବରୁ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ ଅବିନାଶ ମହାପାତ୍ର ୩-୨ରେ ଶୁଭ୍ରାଂଶୁ କରଙ୍କୁ ୩-୨ରେ, ରଣଜୀତ ପତି ୩-୦ରେ ଅମିତ ଜେନା, ଗୋବିନ୍ଦ କୁଲୁ ୩-୦ରେ ସାଇ ଲେଙ୍କାଙ୍କୁ ପରାସ୍ତ କରିଥିଲେ।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଉଦ୍‌ଘାଟିତ

**ଧର୍ମଶାଳା,୭।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅଧିନସ୍ଥ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ୩୪ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଓଡ଼ିଶା ଟାଏକୋଣ୍ଡୋସଙ୍ଘର ସଭାପତି କୃଷ୍ଣ ଚନ୍ଦ୍ର ଦାସ ଓ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଜିଲାରୁ ୫ଶହରୁ ଉର୍ଦ୍ଧ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଉକ୍ତ ଖେଳକୁ ୬୫ଜଣ ପରିଚାଳନା କରିବେ। ୩ଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ବାଳିକାବାଳକମାନେ ଅଂଶ ଗ୍ରହଣ କରିଛନ୍ତି। ୯ତାରିଖରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଯାଜପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସମୀର କୁମାର ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ବାର୍ସିଲୋନା ଛାଡ଼ିପାରିବେ ମେସି

**ମାଡ୍ରିଡ୍, ୭।୯(ଏଏଫ୍‌ପି)**

ସ୍ପାନିଶ ଦଳ ଆର୍ଜେଣ୍ଟିନା ଖେଳାଳି ଲିଓନେଲ ମେସିଙ୍କ ଭବିଷ୍ୟତ ନେଇ ଚିନ୍ତିତ ନୁହନ୍ତି ବାର୍ସିଲୋନା ସଭାପତି ଯୋସେପ ମାରିଆ ବାର୍ଟୋମେ। ମେସି ଚଳିତ ସିଜନ ଶେଷରେ କ୍ଲବ ଛାଡ଼ିପାରିବେ। ୫ ଥର ବାଲୋନ ଡି'ଅର ପୁରସ୍କାର ପ୍ରାପ୍ତ ୨୦୧୭ରେ ବାର୍ସିଲୋନା ସହ ୪ ବର୍ଷୀୟା ଚୁକ୍ତି କରିଥିଲେ। ଏହି ଚୁକ୍ତି ଶେଷ ହେବା ପରେ ମେସି କ୍ଲବ ଛାଡ଼ିପାରିବେ ବୋଲି ସଭାପତି ଯୋସେପ ଏକ ଚ୍ୟାନେଲକୁ କହିଛନ୍ତି। ଆଣ୍ଡ୍ରେସ ଇନଏଷ୍ଟା, ଜାଭି ଓ କାର୍ଲେସ ପୟଲଙ୍କ ସହ ସମାନ ଘଟିଥିଲା। ସେମାନଙ୍କୁ ନିଜ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିଛି। ଏଥିପାଇଁ ଚିନ୍ତିତ ହେବା ଉଚିତ ନୁହେଁ। ମେସି ୨୦୨୧ ପର୍ଯ୍ୟନ୍ତ ଓ ପରେ ମଧ ବାର୍ସିଲୋନା ପାଇଁ ଖେଳନ୍ତୁ ବୋଲି ସେ ଆଶା ପ୍ରକଟ କରିଛନ୍ତି। ମେସି ଆମ ଦଳର ରେକର୍ଡ ଗୋଲ ସ୍କୋରର। ସେ ଏବେ ଗୋଇଠି ଜନିତ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ତାଙ୍କ ଅନୁପସ୍ଥିତିରେ ଦଳ ସଂଘର୍ଷ କରୁଛି। ଦଳ ଚଳିତ ସିଜନରେ ଏପର୍ଯ୍ୟନ୍ତ ୩ ମ୍ୟାଚ୍ ଖେଳି କେବଳ ୪ ପଏଣ୍ଟ ପାଇଛି।

## ଦୃଢ଼ ସ୍ଥିତିରେ ଆଫଗାନିସ୍ତାନ

**ଚିଟ୍ଟାଗଙ୍ଗ,୭।୯**

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ବାଂଲାଦେଶ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଆଫଗାନିସ୍ତାନ ଉଭୟ ବୋଲିଂ ଓ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ଅଗ୍ରଣୀ ହାସଲ କରିବା ସହ ସ୍ଥିତି ଦୃଢ କରିଛି। ଟସ୍ ଜିତି ଆଫଗାନିସ୍ତାନ ପ୍ରଥମ ଇନିଂସରେ ୧୧୭ ଓଭରରେ ୩୪୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ପ୍ରଥମ ଇନିଂସରେ ୭୦.୫ ଓଭରରେ ୨୦୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ଆଫଗାନିସ୍ତାନ ୧୩୭ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା।

ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆଫଗାନିସ୍ତାନ ଶନିବାର ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୮୩.୪ ଓଭରରେ ୮ ଉଇକେଟ ହରାଇ ୨୩୭ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ୨ ଉଇକେଟ ବାକି ରଖି ୩୭୪ ରନର ଅଗ୍ରଣୀ ହାସଲ କରିଛି। କ୍ୟାରିୟର ତୃତୀୟ ଟେଷ୍ଟ ଖେଳୁଥିବା ଆଫଗାନିସ୍ତାନ ବିଜୟୀ ହେଲେ ଇତିହାସ ସୃଷ୍ଟି କରିବ। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟ୍ସମ୍ୟାନ ଅଫସର ଜଜାଇ ୩୪ ଓ ୟାମିନ ଅହମ୍ମଦଜାଇ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଟେଷ୍ଟ ପଦାର୍ପଣ କରିଥିବା ଓପନର ଇବ୍ରାହିମ ଜଦ୍ରାନ ୮୭ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ସେହିପରି ଅସଘର ଆଫଗାନ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅଧିନାୟକ ରସିଦ ଖାଁ ୨୪, କ୍ୱାଇସ୍ ଅହମ୍ମଦ ୧୪ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସ୍ପିନର ତଥା ଅଧିନାୟକ ସାକିବ ଅଲ ହାସନ ୩, ତାଇଜୁଲ ଇସ୍‌ଲାମ ଓ ନଇମ ହାସନ ୨ଟି ଲେଖାଏ, ମେହିଦି ହାସନ ମିରାଜ ଗୋଟିଏ ଉଇକେଟ ହାସଲ କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୯୪/୮ରୁ ଖେଳ ଆରମ୍ଭ କରି ବାଂଲାଦେଶ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ମୋସାଡେକ ହୋସେନ ୪୪ରୁ ଖେଳ ଆରମ୍ଭ କରି ୪୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଓଭରନାଇଟ ସ୍କୋର ୧୪ରୁ ଖେଳ ଆରମ୍ଭ କରି ତାଇଜୁଲ ଇସ୍‌ଲାମ ଆଉ ଅଧିକ ରନ୍ ସଂଗ୍ରହ କରି ନ ପାରି ଆଉଟ ହୋଇଥିଲେ। ଶେଷରେ ନଇମ ହାସନ ୭ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରସିଦ ଖାଁ ସର୍ବାଧିକ ୫, ମହମ୍ମଦ ନବୀ ୩, ୟାମିନ ଅହମ୍ମଦଜାଇ ଓ କ୍ୱାଇସ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ରସିଦ ଖାଁ

## ସ୍ୱପ୍ନ ଅଧୁରା, ତଥାପି ବିଶ୍ୱାସ ତୁଟିନି: ସେହ୍ୱାଗ

**ନୂଆଦିଲ୍ଲୀ,୭।୯:** ଦେଶର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରାୟାନ-୨ ଲ୍ୟାଣ୍ଡର 'ବିକ୍ରମ'କୁ ଚନ୍ଦ୍ର ପୃଷ୍ଠରେ ଅବତାର କରାଇପାରି ନାହିଁ। ଲକ୍ଷ୍ୟ ସ୍ଥଳଠାରୁ ୨.୧ କିମି ଦୂରରେ ଥିବାବେଳେ ଭାରତୀୟ ମହାକାଶ ଅନୁସନ୍ଧାନ ସଂସ୍ଥା (ଇସ୍ରୋ) ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ପ୍ରୋଜେକ୍ଟରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ବୈଜ୍ଞାନିକମାନେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ହେଲେ ସେମାନଙ୍କୁ ସାନ୍ତ୍ୱନା ଦେବାକୁ ଆଗେଇ ଆସିଛନ୍ତି ପୂର୍ବତନ ଓ ବର୍ତ୍ତମାନ ଭାରତୀୟ କ୍ରିକେଟରମାନେ। ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ଟୁଇଟ୍ କରିଛନ୍ତି ଅଧା ରହିଗଲା ସ୍ୱପ୍ନ, ହେଲେ ବିଶ୍ୱାସ ମରି ନାହିଁ। ଚ୍ୟାଲେଞ୍ଜକୁ ଲଙ୍ଘିତ କରିବାର କ୍ଷମତା ଇସ୍ରୋର ରହିଛି। ଆମେ ନିଶ୍ଚେ ସଫଳ ହେବା। ସେହିଭଳି ଭାରତୀୟ ଅଧିନାୟକ ବିରାଟ କୋହଲି ଲେଖିଛନ୍ତି, ବିଜ୍ଞାନରେ ବିଫଳତା କିଛି ନାହିଁ। ଆମେ ଏକ୍ସପେରିମେଣ୍ଟ କରି ଶିକ୍ଷା ଲାଭ କରୁ। ଦିନ-ରାତି କାର୍ଯ୍ୟ କରିଥିବା ଇସ୍ରୋର ବୈଜ୍ଞାନିକଙ୍କ ଲାଗି ସମ୍ମାନ ବଢ଼ିଯାଇଛି। ତୁମମାନଙ୍କ ପାଇଁ ଦେଶ ଗର୍ବିତ। ଜୟ ହିନ୍ଦ୍। ଏହି ତାଲିକାରେ ଭାଜପା ଏମ୍‌ପି ଗୌତମ ଗମ୍ଭୀର, ହରଭଜନ ସିଂ, ରିଷଭ ପନ୍ତ, ଶିଖର ଧାୱନଙ୍କ ଭଳି କ୍ରିକେଟର ରହିଛନ୍ତି। ରାତି ୧ଟା ୫୩ ମିନିଟରେ ଚନ୍ଦ୍ରୟାନ-୨ 'ବିକ୍ରମ' ଅବତାରଣ କରିବାରେ ବିଫଳ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ମୁଖ୍ୟ କେ. ଶିବନଙ୍କୁ ସାନ୍ତ୍ୱନା ଦେଇଥିଲେ।




କଟକର ଜବାହରଲାଲ୍ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାସ୍କେଟ୍‌ବଲରେ ମହାରାଷ୍ଟ୍ର ଓ ପଞ୍ଜାବ ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ମ୍ୟାଚ୍ ମଝିରେ ଚାଲିଗଲା ଜୀବନ

**କଟକ ଅଫିସ,୭।୯**

**ଫାଓ ଲିଗ୍**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ (ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା) ଲିଗରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ମ୍ୟାଚ୍ ଚାଲିଥିବାବେଳେ ଜଣେ ଫୁଟବଲ ଖେଳାଳି ପଡ଼ିଆ ମଝିରେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଏସ୍‌ସିବି ମେଡ଼ିକାଲ ନିଆଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଖେଳାଳି ଜଣଙ୍କ ହେଉଛନ୍ତି ଏସ୍‌ବିଆଇ ଦଳର ଅଜୟ କୁମାର ନାୟକ(୪୯)। ଏପରି ଦୁଃଖଦ ଘଟଣା ଫାଓ ଲିଗରେ ପ୍ରଥମଥର ଘଟିଛି ବୋଲି ଜାଣିବାକୁ ମିଳିଛି।

ଶନିବାର ଫାଓ ଲିଗର ଏକ ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ଏସ୍‌ବିଆଇ ଓ ସାଇ ପରସ୍ପରକୁ ଭେଟିଥିଲେ। ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଉଥିଲା। ଏସବିଆଇ ପକ୍ଷରୁ ଫରୱାର୍ଡ ଭାବେ ଦଳରେ ଖେଳୁଥିଲେ ଅଜୟ। ମ୍ୟାଚ୍ ୨୭ ମିନିଟରେ ପହଞ୍ଚି ସାରିଥିବା ବେଳେ ସାଇ ଦଳ ୨-୦ ଗୋଲରେ ଅଗ୍ରଣୀ ରହିଥିଲା। ହଠାତ୍ ଅଜୟ ପଡ଼ିଆ ମଝିରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଉପସ୍ଥିତ ଫାଓ କର୍ମକର୍ତ୍ତା, ମେଡ଼ିକାଲ ଦଳ ଅଜୟଙ୍କ ପାଖକୁ ଧାଇଁ ଯାଇଥିଲେ। ଅଜୟଙ୍କ ଅବସ୍ଥା ଗୁରୁତର ଥିବା ଅନୁମାନ କରି ତାଙ୍କୁ ତୁରନ୍ତ ଏକ କାର ଯୋଗେ ଏସ୍‌ସିବିକୁ ନିଆଯାଇଥିଲା। ହେଲେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିବା ଡାକ୍ତରମାନେ କହିଥିଲେ। ଫାଓ ପକ୍ଷରୁ ପ୍ରାଥମିକ ସ୍ତରରେ ଏକ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଅଜୟଙ୍କ ପରିବାରକୁ ପ୍ରଦାନ କରାଯାଇଛି। ସୂଚନା ଥାଉକି, ଅଜୟଙ୍କ ଘର କଟକ ଦରଘାବଜାର ଅଞ୍ଚଳରେ। ସେ ରାଜ୍ୟର ଜଣେ ପୂର୍ବତନ ଖେଳାଳି। ୧୯୯୧-୯୨ ସନ୍ତୋଷ ଟ୍ରଫିରେ ସେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସ୍ତ୍ରୀ ଏବଂ ଦୁଇ ଝିଅ ଓ ଗୋଟିଏ ପୁଅ ସହ ସେ ରହୁଥିଲେ।



ଅଜୟ କୁମାର ନାୟକ

## ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ବିଶ୍ୱସ୍ତରୀୟ

**ଭୁବନେଶ୍ୱର,୭।୯ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ କ୍ରୀଡ଼ା ବିଜ୍ଞାନ ନେଇ ଶନିବାର ଏକ ବକ୍ତୃତାମାଳା ଆୟୋଜନ କରାଯାଇଛି। ଏଥିରେ ଇଂଲଣ୍ଡର ବର୍ମିଂହାମ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ଏକ୍ସରସାଇଜ୍ ସାଇନ୍ସର କୋଚିଂ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ମାର୍ଟିନ ଟମ୍ସ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତୃତା ରଖିଥିଲେ। ଭାରତକୁ ଏକ ପେସାଦାର ଗସ୍ତରେ ଆସିଥିବା ମାର୍ଟିନ 'ସାମ୍ପିଲିଂ ଓ ସ୍ପେଶିଆଲାଇଜିଂ ଡିବେଟ୍' ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହା ଯୁବ କ୍ରୀଡ଼ାବିତ୍‌ଙ୍କ ଉପରେ ସାମାଜିକ, ମାନସିକ, ଶାରୀରିକ ଭାବେ ପ୍ରଭାବିତ କରୁଥିବାରୁ ସେ ଏ ସଂକ୍ରାନ୍ତରେ ବିଭିନ୍ନ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗ ଓ ହାଇ ପରଫର୍ମାନ୍ସ ସେଣ୍ଟରର ବିଭିନ୍ନ କୋଚ୍, ଫିଜିଓଥେରାପିଷ୍ଟ, ଟ୍ରେନିଂ ଷ୍ଟାଫ୍ ଓ ୧୯ ବର୍ଷରୁ କମ୍ ଫୁଟବଲ ଦଳ ଯୋଗ ଦେଇ ମାର୍ଟିନଙ୍କ ବକ୍ତୃତା ଶୁଣିଥିଲେ। ଉତ୍ସାହୀ ତଥା ଆଗ୍ରହୀ ଶ୍ରୋତାଙ୍କ ଉପସ୍ଥିତିରେ ବେଶ୍ ଖୁସି ଅନୁଭବ କରୁଛି। ଓଡ଼ିଶା ବାସ୍ତବରେ ଭାରତର କ୍ରୀଡ଼ା ରାଜଧାନୀ। ଏଠାରେ କ୍ରୀଡ଼ା ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ବିଶ୍ୱସ୍ତରୀୟ। ଆଗାମୀ ଦିନରେ ଏଠାକୁ ପୁଣି ଆସିବି ବୋଲି ମାର୍ଟିନ ଏହି ଅବସରରେ କହିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ବିଶାଲ ଦେବ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମତ ରଖିଥିଲେ। ମାର୍ଟିନଙ୍କ ବକ୍ତବ୍ୟ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କୁ ନୂଆ ଦିଗ୍‌ଦର୍ଶନ ଦେବ ବୋଲି ସେ କହିଥିଲେ। ସେହିପରି ଟାଟା ନାଭାଲ ଏକାଡେମୀ ବୈଷୟିକ ନିର୍ଦ୍ଦେଶକ ଜୋଏର୍ଡ ଉଏଲ୍ଡର୍ସ ମଧ ମାର୍ଟିନଙ୍କୁ ପ୍ରଶଂସା କରିଥିଲେ।



ଡ. ମାର୍ଟିନ ଟମ୍ସ

## ସଂକ୍ଷେପରେ

### ପହଞ୍ଚିଲା ଦକ୍ଷିଣ ଆଫ୍ରିକା ଦଳ

**ନୂଆଦିଲ୍ଲୀ,୭।୯(ପିଟି):** ଉଇକେଟକିପର ବ୍ୟାଟ୍ସମ୍ୟାନ କୁଇଣ୍ଟନ ଡି'କକ୍‌ଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଶନିବାର ଭାରତରେ ପହଞ୍ଚିଛି। ଭାରତରେ ପହଞ୍ଚି ମୁଁ ଉତ୍ସାହିତ ଅଛି। ପୁଣି କ୍ରିକେଟ ଖେଳିବା ପାଇଁ ଲକ୍ଷ୍ୟ ରଖିଥିବା ଟୁଇଟ୍ କରି ଜଣାଇଛନ୍ତି ପେସର କାଗିସୋ ରାବାଡା। ଦକ୍ଷିଣ ଆଫ୍ରିକା ଦଳ ଏଠାରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପରେ ସମାନ ସଂଖ୍ୟକ ଟେଷ୍ଟ ମ୍ୟାଚ୍ ଖେଳିବ। ପ୍ରଥମ ଟି୨୦ ମ୍ୟାଚ୍ ଧର୍ମଶାଳାଠାରେ ଖେଳାଯିବ। ପରବର୍ତ୍ତୀ ଦୁଇ ମ୍ୟାଚ୍ ୧୮ ଓ ୨୨ ତାରିଖରେ ମୋହାଲି ଓ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଭ୍ରମଣକାରୀ ଦଳ ସୋମବାର ଦିଲ୍ଲୀସ୍ଥିତ ଦକ୍ଷିଣ ଆଫ୍ରିକା ହାଇ କମିଶନରଙ୍କୁ ଭେଟିବେ। ଏହାପରେ ଦଳ ଧର୍ମଶାଳା ଗସ୍ତ କରିବ ବୋଲି ଆଶା କରାଯାଉଛି।

### ଫୁଟବଲର ଇଟୋଙ୍କ ଅବସର



**ପ୍ୟାରିସ, ୭।୯ (ଏଏଫପି):** କାମେରୁନ୍‌ର ୪ଥର ଆଫ୍ରିକାନ ପ୍ଲେୟର ଅଫ୍ ଦି ଇୟର ସାମୁଏଲ ଇଟୋ ଶନିବାର ଫୁଟ୍‌ବଲରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟ ଏହି ଷ୍ଟ୍ରାଇକର ତାଙ୍କ କ୍ୟାରିୟରରେ ବାର୍ସିଲୋନା, ଇଣ୍ଟର ମିଲାନ ଏବଂ ଚେଲ୍‌ସି ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ୫ ବର୍ଷ ଧରି ବାର୍ସିଲୋନା ଦଳ ସହିତ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଇଣ୍ଟର ମିଲାନରେ ଯୋଗ ଦେବା ପୂର୍ବରୁ ଏହି ଦଳ ସହିତ ସେ ଦୁଇଥର ଚାମ୍ପିୟନ୍ସ ଲିଗ୍ ଏବଂ ୩ଥର ଲା ଲିଗା ଟାଇଟଲ ଜିତି ସାରିଥିଲେ। ରୁଷିଆର ଆନ୍‌ଜି ମାଖାଚ୍‌କାଲା ଦଳରେ ଯୋଗଦାନ ପୂର୍ବରୁ ସେ ଇଟାଲୀରେ ଜୋସ୍ ମାରିନୋ ଟିମ୍ ସହିତ ଚାମ୍ପିୟନ୍ସ ଲିଗ୍, ସିରି ଏ' ଏବଂ କୋପା ଇଟାଲିଆ ଟାଇଟଲ ଜିତିଛନ୍ତି। ଗତବର୍ଷ ପ୍ରିମିୟର ଲିଗ୍‌ରେ ସେ କିଛି ସମୟ ଚେଲ୍‌ସି ଓ ଏଭରଟନ ଦଳ ସହିତ ଖେଳିଛନ୍ତି। କେବଳ ସେତିକି ନୁହେଁ ଏହା ପୂର୍ବରୁ ତୁର୍କିଶ ଦଳ କୋନ୍ୟାସ୍‌ପର ଏବଂ ତାଙ୍କ ଅନ୍ତିମ କ୍ଲବ କାତାର ଲିଗ୍ ଦଳ କାତାର ସ୍ପୋର୍ଟ୍ସ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଇଟୋ କାମେରୁନ୍ ଦଳ ସହିତ ଆଫ୍ରିକା କପ୍ ଅଫ୍ ନେଶନ୍ସ ଜିତିବା ସହ ୨୦୦୦ ଅଲିମ୍ପିକ ସ୍ୱର୍ଣ୍ଣ ଜିତିପାରିଛନ୍ତି।



> ଚୁକ୍ତି ଅନୁସାରେ ଚଳିତ ସିଜନ ଶେଷରେ ଷ୍ଟାର ଫୁଟ୍‌ବଲ ଖେଳାଳି ଲିଓନେଲ ମେସି ଚାହିଁଲେ କ୍ଲବ ଛାଡ଼ି ପାରିବେ ଏନେଇ ଆମେ ଚିନ୍ତିତ ନୋହୁଁ।
> – ଯୋଶେପ୍ ମାରିଆ ବାର୍ଟୋମେଉ, ବାର୍ସିଲୋନା କ୍ଲବ ସଭାପତି



> ବାଏଙ୍କା ଆଣ୍ଡ୍ରେସ୍କ୍ୟୁ ଭବିଷ୍ୟତରେ ଦିନେ ନା ଦିନେ ବିଶ୍ୱର ନମ୍ବର ୱାନ ମହିଳା ଟେନିସ ଖେଳାଳି ହେବେ, ତାଙ୍କ ପ୍ରଦର୍ଶନରୁ ଏହା ବାରି ହୋଇଯାଉଛି।
> –ପ୍ୟାଟ୍ରିକ୍ ମୋରେଟୋଗ୍ଲୋ, ସେରେନା ୱିଲିୟମ୍ସଙ୍କ କୋଚ୍

# ରୋମାଞ୍ଚକ ମୋଡ଼ରେ ଚତୁର୍ଥ ଟେଷ୍ଟ

## ଆଶେସ

**ମାଞ୍ଚେଷ୍ଟର, ୭।୯**

ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଚତୁର୍ଥ ଆଶେସ ଟେଷ୍ଟ ରୋମାଞ୍ଚକ ମୋଡରେ ପହଞ୍ଚିଛି। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଓ ଷ୍ଟୁଆର୍ଟ ବ୍ରଡ ଦମ୍‌ଦାର ବୋଲିଂ କରି ମ୍ୟାଚ୍‌ର ମୋଡ ବଦଳାଇଛନ୍ତି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୨୬ ଓଭରରେ ୮ ଉଇକେଟ ହରାଇ ୪୯୭ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ୧୦୭ ଓଭରରେ ୩୦୧ ରନ କରି ଅଲଆଉଟ ହେବା ସହ ୧୯୬ ରନ ପଛରେ ପଡିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ଚତୁର୍ଥ ଦିବସ ଚା' ପାନ ବିରତି ସୁଦ୍ଧା ୨୧ ଓଭରରେ ୪ ଉଇକେଟ ହରାଇ ୬୩ ରନ ସଂଗ୍ରହ କରିଛି। ଫଳରେ ଅଷ୍ଟ୍ରେଲିଆ ମୋଟ ଉପରେ ୨୫୯ ରନର ଅଗ୍ରଣୀ ହାସଲ କରିଛି। ଇନ୍‌ଫର୍ମ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ୧୯ ଓ ମାଥ୍ୟୁ ୱେଡ ୧୦ ରନ କରି ବ୍ୟାଟିଂ ଜାରି ରଖିଛନ୍ତି।

୪୪ ରନରେ ୪ ଉଇକେଟ ହରାଇ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ଆଉଟ୍ ଅଫ୍ ଫର୍ମ ଓପନର ଡେଭିଡ ୱାର୍ନର ଖାତା ଖୋଲିବା ପୂର୍ବରୁ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅନ୍ୟତମ ଓପନର ମାର୍କସ ହାରିସ ୬ ରନ କରିଥିବା ବେଳେ ମଧ୍ୟ ସମାନ ଢଙ୍ଗରେ ବ୍ରଡଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମାର୍ନସ ଲାବୁସ୍କାନ ୧୧ ରନ କରିଥିବା ବେଳେ ଆର୍ଚରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୧୨ ରନ କରିଥିବା ବେଳେ ଟ୍ରାଭିସ୍ ହେଡ ଆର୍ଚରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଆର୍ଚର ଓ ବ୍ରଡ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୦୦/୫ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ଅଲଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ବେନ୍ ଷ୍ଟୋକ୍ସ ୭ ରନରୁ ଖେଳ ଆରମ୍ଭ କରି ୨୬ ଓ ଜନି ବେୟାରଷ୍ଟୋ ୨ରୁ ଖେଳ ଆରମ୍ଭ କରି ୧୭ ରନ କରି ଆଉଟ ହୋଇଥିଲେ। ଏହାପରେ ଜୋସ ବଟଲର ୪୧ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳି ଆଉଟ ହୋଇଥିଲେ। ଆର୍ଚର ୧ ଓ ବ୍ରଡ ୫ ରନ କରି ଆଉଟ ହୋଇଥିବା ବେଳେ ଜ୍ୟାକ୍ ଲିଚ୍ ୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋଶ ହାଜେଲଉଡ ସର୍ବାଧିକ ୪, ମିଚେଲ ଷ୍ଟାର୍କ ଓ ପ୍ୟାଟ କୁମିନ୍ସ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ଜୋଫ୍ରା ଆର୍ଚର।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୨୬ ଓଭରରେ ୪୯୭/୮ ଇନିଂସ ଘୋଷଣା)।
- ଇଂଲଣ୍ଡ ପ୍ରଥମ ଇନିଂସ- ୧୦୭ ଓଭରରେ ୩୦୧ ଅଲଆଉଟ୍, (ରୋରି ବର୍ନ୍ସ- ୮୧, ଜୋ ରୁଟ- ୭୧, ବଟଲର- ୪୧, ଜୋଶ ହାଜେଲଉଡ- ୪/ ୫୭, ପ୍ୟାଟ୍ କୁମିନ୍ସ- ୩/ ୬୦, ମିଚେଲ ଷ୍ଟାର୍କ- ୩/୮୦ )।
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୨୧ ଓଭରରେ ୬୩/୪ , (ଷ୍ଟିଭ୍ ସ୍ମିଥ୍- ୧୯*, ମାଥ୍ୟୁ ୱେଡ- ୧୦*, ବ୍ରଡ- ୨/୧୯, ଆର୍ଚର- ୨/ ୨୭)।

# ପାକିସ୍ତାନକୁ ହରାଇଲା ଭାରତ

## ୧୯ ବର୍ଷରୁ କମ୍ ଏସିଆ କପ୍
## ଆଜାଦ୍, ତିଲକଙ୍କ ଶତକ

**କଲମ୍ବୋ, ୭।୯:** ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଶନିବାର ଅନୁଷ୍ଠିତ ଏକ ହାଇଭୋଲଟେଜ୍ ମ୍ୟାଚ୍‌ରେ ଭାରତ ୬୦ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ଅର୍ଜୁନ ଆଜାଦ୍ ଓ ତିଲକ ବର୍ମା ଶତକ ହାସଲ କରି ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟରେ ଭାରତର ଏହା ୨ୟ ବିଜୟ। ଏଥିପୂର୍ବରୁ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ କୁଏତ୍‌କୁ ପରାସ୍ତ କରିଥିଲା। ଭାରତ ବର୍ତ୍ତମାନ ସୁଦ୍ଧା ୨ ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ରନ୍‌ରେଟ୍ ଭିତ୍ତିରେ ଆଫଗାନିସ୍ତାନ (୪ ପଏଣ୍ଟ) ପଛକୁ ଗ୍ରୁପ୍-ଏ'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ସୋମବାର ଆଫଗାନିସ୍ତାନକୁ ଭେଟିବ।

ସ୍ଥାନୀୟ ଡ୍ରୋନେ ଫର୍ନାଣ୍ଡୋ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଧ୍ରୁବ ଜୁରେଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର୍ ଅର୍ଜୁନ ଆଜାଦ୍ ଓ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ତିଲକଙ୍କ ଦମ୍‌ଦାର ଶତକ ବଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୩୦୫ ରନ୍ କରିଥିଲା। ଆଜାଦ୍ ୧୧୧ ବଲରୁ ୧୨୧ ଓ ତିଲକ ୧୧୯ ବଲରୁ ୧୧୦ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ନସିମ୍ ଶାହ ଓ ଆବାସ ଆଫ୍ରିଦୀ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ପାକିସ୍ତାନ ଅଧିନାୟକ ରୋହେଲ ନାଜିର (୧୧୭ ରନ)ଙ୍କ ଶତକ ସତ୍ତ୍ୱେ ୪୬.୪ ଓଭରରେ ୨୪୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଭାରତ ପକ୍ଷରୁ ବାମହାତୀ ସ୍ପିନର ଅଥର୍ବ ଆଙ୍କୋଲେକର ୩ ଏବଂ ବିଦ୍ୟାଧର ପାଟିଲ ଓ ସୁଶାନ୍ତ ମିଶ୍ର ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଆଜାଦ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅର୍ଜୁନ ଆଜାଦ।

# ଜୁନିୟର ହକି କ୍ୟାମ୍ପ୍‌ରେ ୬ ଓଡ଼ିଆ

**ନୂଆଦିଲ୍ଲୀ, ୭।୯ (ପି.ଟି.):** ଆସନ୍ତା ମାସରେ ହେବାକୁଥିବା ସୁଲତାନ ଜୋହର କପ୍ ହକି ପ୍ରତିଯୋଗିତା ଲାଗି ଶନିବାର ହକି ଇଣ୍ଡିଆ ପକ୍ଷରୁ ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ଜୁନିୟର ଦଳ ଘୋଷଣା କରାଯାଇଛି। ଏହି ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ସୋମବାରଠାରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ୪ ସପ୍ତାହ ବ୍ୟାପୀ କ୍ୟାମ୍ପ୍ ଅନୁଷ୍ଠିତ ହେବ। ଏହାପରେ ଚୂଡ଼ାନ୍ତ ଜୁନିୟର ଭାରତୀୟ ଦଳ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ଘୋଷିତ ହୋଇଥିବା ସମ୍ଭାବ୍ୟ ଦଳରେ ଓଡ଼ିଶାରୁ ୬ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ସାହିଲ କୁମାର ନାୟକ, ଡିଫେଣ୍ଡର୍ସ ସୁମନ୍ ବେକ୍, ପ୍ରତାପ ଲାକ୍ରା, ନବୀନ କୁଜୁର, ମିଡ୍‌ଫିଲ୍ଡର ଗ୍ରେଗୋରୀ ଖେସ୍ ଓ ଫରୱାର୍ଡ ସୁଦୀପ୍ ଚିର୍‌ମାକୋ। ସମସ୍ତ ଖେଳାଳିଙ୍କୁ ବେଙ୍ଗାଲୁରୁ ସାଇ ସେଣ୍ଟରରେ ରିପୋର୍ଟିଂ କରିବା ପାଇଁ କୁହାଯାଇଛି। ଅକ୍ଟୋବର ୭ ପର୍ଯ୍ୟନ୍ତ ଏହି କ୍ୟାମ୍ପ୍ ଅନୁଷ୍ଠିତ ହେବ। ଏହାପରେ ଭାରତୀୟ ଜୁନିୟର ଦଳ ଅକ୍ଟୋବର ୧୨ରୁ ମାଲେସିଆରେ ହେବାକୁ ଥିବା ସୁଲତାନ ଜୋହର କପ୍‌ରେ ଭାଗନେବାକୁ ଗସ୍ତ କରିବ। ଏହି ପ୍ରତିଯୋଗିତାରେ ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ୍, ନ୍ୟୁଜିଲାଣ୍ଡ, ଜାପାନ ଓ ଆୟୋଜକ ମାଲେସିଆ ଅଂଶଗ୍ରହଣ କରୁଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାର ଗତ ସଂସ୍କରଣରେ ଭାରତ ରନର୍ସଅପ୍ ହୋଇଥିଲା।

# ଗ୍ରାଉଣ୍ଡସ୍ମ୍ୟାନଙ୍କୁ ଦେଲେ ଦେଢ଼ଲକ୍ଷ ଟଙ୍କା

## ସଞ୍ଜୁଙ୍କ ବଦାନ୍ୟତା

**ଥିରୁଭାନନ୍ତପୁରମ, ୭।୯**

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ୩୬ ରନରେ ଜିତିବା ସହ ଭାରତ-ଏ ସିରିଜ୍‌କୁ ୪-୧ରେ ହାତେଇ ନେଇଛି। ଶୁକ୍ରବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ୨୦ ଓଭର ବିଶିଷ୍ଟ ୫ ଦିନିକିଆ ମ୍ୟାଚ୍‌ରେ ଭାରତ-ଏ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ୍ ହରାଇ ୨୦୪ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା-ଏ ୧୬୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୪୮ ବଲରୁ ଦ୍ରୁତ ୯୧ ରନର ଇନିଂସ ଖେଳିଥିବା ଉଇକେଟ୍‌କିପର ସଞ୍ଜୁ ସାମସନ ଏହି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଦ୍ରୁତ ବ୍ୟାଟିଂ କରି ଦର୍ଶକଙ୍କ ମନୋରଞ୍ଜନ କରିଥିବା ୨୪ ବର୍ଷୀୟ କେରଳ କ୍ରିକେଟର୍ ସାମସନ ମ୍ୟାଚ୍ ପରେ ମଧ୍ୟ ଏମିତି କିଛି କାମ କରି ସମସ୍ତଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି। ସୂଚନା ମୁତାବକ ସାମସନ ସିରିଜରୁ ପ୍ରାପ୍ୟ କରିଥିବା ସମସ୍ତ ମ୍ୟାଚ୍ ପାଉଣାକୁ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମର ଗ୍ରାଉଣ୍ଡସ୍ମ୍ୟାନଙ୍କୁ ଦାନ କରିଦେଇଛନ୍ତି। ୫ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜର ସମସ୍ତ ମ୍ୟାଚ୍ ଏହି ଗ୍ରାଉଣ୍ଡରେ ଖେଳାଯାଇଥିଲା। ସିରିଜର ସମସ୍ତ ମ୍ୟାଚ୍‌ରେ ବର୍ଷା ବାଧକ ସାଜିଥିଲେ ମଧ୍ୟ ଗ୍ରାଉଣ୍ଡସ୍ମ୍ୟାନଙ୍କ କଠିନ ପରିଶ୍ରମ ଯୋଗୁ କୌଣସି ମ୍ୟାଚ୍ ବାତିଲ ହୋଇ ନ ଥିଲା। ଗ୍ରାଉଣ୍ଡସ୍ମ୍ୟାନଙ୍କୁ ପ୍ରଶଂସା କରିବା ସହିତ ସାମସନ ୧.୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସିରିଜରେ ପ୍ରତି ମ୍ୟାଚ୍ ପିଛା ଖେଳାଳିଙ୍କୁ ୭୫ ହଜାର ଟଙ୍କା ପାଉଣା ପ୍ରଦାନ କରାଯାଉଥିବାବେଳେ ସାମସନ ମାତ୍ର ୨ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। 'ଆମେ ଗ୍ରାଉଣ୍ଡସ୍ମ୍ୟାନଙ୍କୁ ସମସ୍ତ ଶ୍ରେୟ ଦେବା ଆବଶ୍ୟକ। ସେମାନଙ୍କ ଯୋଗୁ ହିଁ ଆମେ ଖେଳିପାରିଥିଲୁ। ଯଦି ପଡ଼ିଆରେ କିଛି ସ୍ଥାନ ଓଦାଳିଆ ରହିଥାନ୍ତା ତେବେ ମ୍ୟାଚ୍ ଅଫିସିଆଲ ଖେଳିବା ପାଇଁ ଅନୁମତି ଦେଇ ନ ଥାନ୍ତେ। ସେଥିପାଇଁ ମୋର ସମସ୍ତ ମ୍ୟାଚ୍ ପାଉଣା ଗ୍ରାଉଣ୍ଡସ୍ମ୍ୟାନଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲି।



# କିମ୍ବଦନ୍ତୀ ସ୍ପିନର କାଦିରଙ୍କ ଦେହାନ୍ତ

**କରାଚୀ/ନୂଆଦିଲ୍ଲୀ, ୭।୯ (ପି.ଟି.)**

ପାକିସ୍ତାନର ପୂର୍ବତନ ମହାନ ସ୍ପିନର ଅବ୍‌ଦୁଲ କାଦିରଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ତାଙ୍କର ୪ ପୁଅ ଏବଂ ଏକମାତ୍ର ଝିଅ ପାକିସ୍ତାନର ବର୍ତ୍ତମାନ ଷ୍ଟାର ବ୍ୟାଟ୍ସମ୍ୟାନ ଉମର ଅକମଲଙ୍କୁ ବିବାହ କରିଛନ୍ତି। କାଦିର ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୬୭ ଟେଷ୍ଟ, ୧୦୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ମୋଟ ୩୬୮ ଉଇକେଟ ଅକ୍ତିଆର କରିଛନ୍ତି। ସେପ୍ଟେମ୍ବର ୧୫ରେ ସେ ତାଙ୍କ ୬୪ତମ ଜନ୍ମ ଦିବସ ପାଳନ କରିଥାନ୍ତେ। ଭିନ୍ନ ଅଜବ ଷ୍ଟାଇଲ ବୋଲିଂ ପାଇଁ କାଦିର ଦେଶ ଓ ବିଦେଶରେ ତାଙ୍କର ଅନେକ ପ୍ରଶଂସକ ସୃଷ୍ଟି କରିପାରିଥିଲେ। ଏହି ମହାନ ବୋଲରଙ୍କ କ୍ୟାରିୟର ସହିତ ଅନେକ ସ୍ମରଣୀୟ ଘଟଣା ଯୋଡ଼ି ହୋଇଯାଇଛି। ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକରଙ୍କୁ ଯେତେବେଳେ ମାତ୍ର ୧୬ବର୍ଷ ବୟସ ହୋଇଥିଲା ସେତେବେଳେ ଏକ ପ୍ରଦର୍ଶନୀ ମ୍ୟାଚରେ କାଦିରଙ୍କ ଭଳି ବୋଲରଙ୍କ ବୋଲିଂରେ ୪ଟି ଛକା ମାରିଥିଲେ। ମ୍ୟାଚ ବେଳେ କାଦିର ତେନ୍ଦୁଲକରଙ୍କୁ ସ୍ଲେଜିଂ କରିଥାନ୍ତି। ମ୍ୟାଚ ପରେ କହିଥାନ୍ତି ଏହା ହେଉଛି ଗେମ୍‌ର ଏକ ଅଂଶବିଶେଷ। ମ୍ୟାଚ ପରେ ଏସବୁ ଭୁଲିଯିବା ଉଚିତ୍। କାଦିର ଅତୀତରେ ଭାରତ ଗଣମାଧ୍ୟମର ଅନ୍ୟତମ ଫେଭରାଇଟ୍ ଥିଲେ। ଅନେକ ଚ୍ୟାନେଲର କ୍ରିକେଟ ସମୀକ୍ଷକ ଭାବେ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ୮୦ ଦଶକରେ ଭାରତ ଓ ପାକିସ୍ତାନ ମଧ୍ୟରେ ବାରମ୍ବାର ଦ୍ୱିପାକ୍ଷିକ ମ୍ୟାଚ ଖେଳାଯାଇଛି। କାଦିର ଏହାର ସୁନ୍ଦର ବିଶ୍ଳେଷଣ କରିଛନ୍ତି। ଏହି ମହାନ ସ୍ପିନ ବୋଲର ଜଣକ ଶେଷପର୍ଯ୍ୟନ୍ତ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ନୀତିକୁ ସମାଲୋଚନା କରିଆସୁଥିଲେ। ସେ ୨୦୦୯ରେ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମନୋନୀତ ଦଳ ଇଂଲଣ୍ଡରେ ଆଇସିସି ଟି୨୦ ବିଶ୍ୱକପ୍ ଜିତିଥିଲା।



### କ୍ୟାରିୟର

ଟେଷ୍ଟ: ମ୍ୟାଚ-୬୭, ରନ-୧୦୨୯, ଟପ୍ ସ୍କୋର-୬୧, ବଲ୍ ବୋଲିଂ- ୧୭୧୨୬, ଉଇକେଟ ୨୩୬, ଗୋଟିଏ ଇନିଂସରେ ୫ ଉଇକେଟ-୧୫ ଥର, ମ୍ୟାଚରେ ୧୦ ଉଇକେଟ, ୫ ଥର, ଶ୍ରେଷ୍ଠ ବୋଲିଂ: ୯/୫୬।
ଦିନିକିଆ: ମ୍ୟାଚ-୧୦୪, ରନ-୬୪୧, ଟପ୍ ସ୍କୋର-୪୧*, ବଲ୍ ବୋଲିଂ- ୫୧୦୦, ଉଇକେଟ-୧୩୨, ଗୋଟିଏ ଇନିଂସରେ ୫ ଉଇକେଟ-୨ ଥର, ଶ୍ରେଷ୍ଠ ବୋଲିଂ-୫/୪୪।

# ଇଣ୍ଡିଆ ରେଡ୍ ଜିତିଲା ଦୁଲୀପ ଟ୍ରଫି

- ଇଣ୍ଡିଆ ଗ୍ରୀନ୍‌ର ଇନିଂସ ପରାଜୟ
- ଈଶ୍ୱରନ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍

**ବେଙ୍ଗାଲୁରୁ,୭।୯(ପି.ଟି.)**

ବିଦର୍ଭ ସ୍ପିନର ଅକ୍ଷୟ ୱାଖରେଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଇଣ୍ଡିଆ ରେଡ୍ ଦୁଲୀପ ଟ୍ରଫି ଟାଇଟଲ ହାସଲ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ରେଡ ଏକ ଇନିଂସ ଓ ୩୮ ରନରେ ଇଣ୍ଡିଆ ଗ୍ରୀନ୍‌କୁ ହରାଇ ଚାମ୍ପିୟନ ହୋଇଛି। ଦ୍ୱିତୀୟ ଇନିଂସରେ ୱାଖରେ ୫.୫ ଓଭର ବୋଲିଂ କରି ଗୋଟିଏ ମେଡେନ ନେବା ସହ ମାତ୍ର ୧୩ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। ଟସ୍ ଜିତି ଗ୍ରୀନ୍ ପ୍ରଥମ ଇନିଂସରେ ୭୨.୧ ଓଭରରେ ୨୩୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ରେଡ୍ ୧୩୫ ଓଭରରେ ୩୮୮ ରନ କରି ଅଲଆଉଟ ହୋଇଥିଲା। ଫଳରେ ରେଡ୍ ୧୫୭ ରନରେ ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଗ୍ରୀନ୍ ଶନିବାର ଚତୁର୍ଥ ତଥା ଅନ୍ତିମ ଦିବସରେ ୩୯.୫ ଓଭରରେ ୧୧୯ ରନ କରି ଅଲଆଉଟ ହେବା ସହ ଇନିଂସ ପରାଜୟ ବରଣ କରିଛି। ପ୍ରଥମ ଇନିଂସରେ ୧୫୩ ରନର ବୃହତ୍ ଶତକୀୟ ପାଳି ଖେଳିଥିବା ରେଡ୍ ଓପନର ଅଭିମନ୍ୟୁ ଈଶ୍ୱରନ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ତୃତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୪୫/୬ରୁ ରେଡ୍ ଶନିବାର ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଆଦିତ୍ୟ ସରବତେ ଓ ଜୟଦେବ ଉନାଡକଟ ଯଥାକ୍ରମେ ୩୦ ଓ ୧୦ ରନରୁ ଖେଳ ଆରମ୍ଭ କରିଥିଲେ। ଆଦିତ୍ୟ ୩୮ ରନକରି ଧର୍ମେନ୍ଦ୍ରସିନ ଜାଡେଜଙ୍କ ବଲ୍‌ରେ ଉଇକେଟକିପର ଅକ୍ଷୟ ୱାଦେକରଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ସେହିପରି ଉନାଡକଟ୍ ୩୨ ରନର କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅକ୍ଷୟ ୱାଖରେ ଖାତା ଖୋଲିପାରି ନ ଥିଲେ। ଏହାପରେ ଆଭେସ ଖାଁ ୧୨ ଓ ସନ୍ଦୀପ ୱାରିୟର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଙ୍କିତ୍ ରାଜପୁତ ଓ ବାମ୍‌ହାତୀ ସ୍ପିନର ଜାଡେଜା ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତନବୀର ଉଲ୍ ହକ ୨ ଏବଂ ମୟଙ୍କ ମାର୍କଣ୍ଡେ ଓ ଧ୍ରୁବ ସୋରେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହା ପରେ ଇନିଂସ ପରାଜୟ ଏଡାଇବା ପାଇଁ ୧୫୭ ରନ ଆବଶ୍ୟକ କରୁଥିବା ଗ୍ରୀନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ୮ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଦଳ ପକ୍ଷରୁ ମୁମ୍ବାଇ ବ୍ୟାଟ୍ସମ୍ୟାନ ସିଦ୍ଧେସ ଲାଡ ସର୍ବାଧିକ ୪୨, ଆକାଶନାଥ ରେଡ୍ଡୀ ୩୩, ଅଧିନାୟକ ତଥା ଫୈଜ ଫଜଲ ୧୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଧ୍ରୁବ ସୋରେ ୫, ଆକାଶଦୀପନାଥ ୪, ଉଇକେଟକିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଦେକର ୭, ଜାଡେଜା ୭, ତନବୀର ଉଲ ହକ ୪ ରନ କରି ଆଉଟ ହୋଇଥିଲେ। ରାଜେଶ ମହାନ୍ତି ୪ ରନ କରି ଅପରାଜିତ ରହିଥିବା ବେଳେ ଅଙ୍କିତ୍ ରାଜପୁତ ଖାତା ଖୋଲି ପାରି ନ ଥିଲେ। ମୟଙ୍କ ମାର୍କଣ୍ଡେ ଆବସେଣ୍ଟ ହର୍ଟ ରହିଥିଲେ। ୱାଖରେ ଗ୍ରୀନର ବିପର୍ଯ୍ୟୟ ଘଟାଇଥିଲେ। ବୋଲିଂରେ ୱାଖରେ ସର୍ବାଧିକ ୫, ଆଭେସ ଖାଁ ୩, ଉନାଡକଟ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।





ଦୁଲୀପ ଟ୍ରଫି ସହ ଚାମ୍ପିୟନ ଇଣ୍ଡିଆ ରେଡ୍‌ର ଖେଳାଳିମାନେ।

### ସଂକ୍ଷିପ୍ତ ସ୍କୋର

- ଇଣ୍ଡିଆ ଗ୍ରୀନ ପ୍ରଥମ ଇନିଂସ- ୭୨.୧ ଓଭରରେ ୨୩୧ ଅଲଆଉଟ, (ମୟଙ୍କ ମାର୍କଣ୍ଡେ- ୭୬*, ଜୟଦେବ ଉନାଡକଟ ୪/୮୩,)
- ଇଣ୍ଡିଆ ରେଡ୍ ପ୍ରଥମ ଇନିଂସ- ୧୩୫ ଓଭରରେ ୩୮୮ ଅଲଆଉଟ୍, (ଅଭିମନ୍ୟୁ ଈଶ୍ୱରନ- ୧୫୩, ପ୍ରିୟଙ୍କ ପଞ୍ଚାଲ- ୩୩, ଇଶାନ କିଷନ- ୩୯, ଅଙ୍କିତ ରାଜପୁତ- ୩/୧୦୧, ଧର୍ମେନ୍ଦ୍ରସିନ ଜାଡେଜା- ୩/୯୩)।
- ଇଣ୍ଡିଆ ଗ୍ରୀନ୍ ଦ୍ୱିତୀୟ ଇନିଂସ- ୩୯.୫ ଓଭରରେ ୧୧୯ ଅଲଆଉଟ୍, (ସିଦ୍ଧେସ ଲାଡ- ୪୨, ଆକାଶନାଥ ରେଡ୍ଡୀ- ୩୩, ଅକ୍ଷୟ ୱାଖରେ- ୫/ ୧୩)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ସେପ୍ଟେମ୍ବର ୮/୨୦୧୯ Sambalpur, Sunday, September 8 / 2019




# ରାଜ୍ୟରେ କମୁଛି ମ୍ୟାଲେରିଆ ରୋଗୀ ସଂଖ୍ୟା

ଭୁବନେଶ୍ୱର, ୭।୯(ବ୍ୟୁରୋ)




'ମ୍ୟାଲେରିଆ ଆକ୍ସନ କୋଆଲିଏସନ'ର ଶୁଭାରମ୍ଭ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉଦ୍‌ବୋଧନ ଦେଉଛନ୍ତି।

- ୨୦୧୭ରେ ୩ ଲକ୍ଷ, ୨୦୧୯ରେ ୨୨ ହଜାର
- ୮ ଜିଲା ଅଧିକ ପ୍ରଭାବିତ
- ମାଲକାନଗିରିରେ ସର୍ବାଧିକ ୩୦%

ରାଜ୍ୟରେ କମୁଛି ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା। ମ୍ୟାଲେରିଆ ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପରେ ବର୍ଷକୁ ବର୍ଷ କମିବାରେ ଲାଗୁଛି ଆକ୍ରାନ୍ତଙ୍କ ସଂଖ୍ୟା। ୨୦୧୭ରେ ଓଡ଼ିଶାରେ ୩.୫୨ଲକ୍ଷ ମ୍ୟାଲେରିଆ କେସ୍ ଆସୁଥିଲା। କିନ୍ତୁ ୨୦୧୮ରେ ୬୬ହଜାର ରହିଥିବାବେଳେ ୨୦୧୯ରେ ୨୨ହଜାରକୁ ଖସି ଆସିଛି। ଆଗାମୀ ୩ରୁ ୫ବର୍ଷ ମଧ୍ୟରେ ଓଡ଼ିଶାକୁ ମ୍ୟାଲେରିଆ ମୁକ୍ତ କରିବା ଲକ୍ଷ୍ୟ ରହିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ମନ୍ତ୍ରୀ 'ମ୍ୟାଲେରିଆ ଆକ୍ସନ କୋଆଲିଏସନ'ର ଶୁଭାରମ୍ଭ କରି ଏପରି ସୂଚନା ଦେଇଛନ୍ତି। ମ୍ୟାଲେରିଆ ନିରାକରଣ ପାଇଁ କେନ୍ଦ୍ର ସରକାର ରାଜ୍ୟକୁ ୨୬ଲକ୍ଷ ୫୪ହଜାର ଔଷଧୀୟ ମଶାରି ଯୋଗାଇ ଦେଇଛନ୍ତି। ଏହି ମଶାରିକୁ ଯଥାଶୀଘ୍ର ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ବାଣ୍ଟିବା ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ୨୦୧୯ରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୨୨ହଜାର ରହିଛି। ତେବେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ନୂଆପଡ଼ା, ଗଞ୍ଜାମ ଓ କଳାହାଣ୍ଡି ଆଦି ୮ଜିଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ପରିଲକ୍ଷିତ ହେଉଛି। ଏ ସମସ୍ତ ଜିଲାର ମୋଟ ୯୧ ପ୍ରତିଶତ ମ୍ୟାଲେରିଆ କେସ୍ ରହୁଥିବାବେଳେ ବାକି ୨୨ଜିଲାରେ ମାତ୍ର ୯ ପ୍ରତିଶତ ରହିଛି। ଏହି ୮ଟି ଜିଲା ମଧ୍ୟରୁ ମାଲକାନଗିରି ପ୍ରଥମରେ ରହିଛି। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦ ପ୍ରତିଶତ ରହିଛି ଏବଂ ଆଦିବାସୀ ଲୋକ ଏଠାରେ ଅଧିକ ରହୁଛନ୍ତି। ସେମାନେ ଏ ଦିଗରେ ସଚେତନ ନୁହନ୍ତି। ସେଥିପାଇଁ ବିଭାଗ ପକ୍ଷରୁ ମାଲକାନଗିରି ଜିଲାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ବିଭାଗୀୟ ସ୍ୱତନ୍ତ୍ର ସଚିବ ଏଚ୍.ପି. ପଟ୍ଟନାୟକ କହିଛନ୍ତି।

ରାଜ୍ୟରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଅନୁଷ୍ଠାନ ସହ ମିଳିତ ଭାବରେ ନିରାକରଣ କାର୍ଯ୍ୟ କରିବା ଲାଗି ରାଜ୍ୟ ସରକାର 'ମ୍ୟାଲେରିଆ ଆକ୍ସନ କୋଆଲିଏସନ୍' ପ୍ରତିଷ୍ଠା କରିଛନ୍ତି। ଆମେରିକାସ୍ଥିତ ଅନ୍ତର୍ଜାତୀୟ ଏନ୍‌ଜିଓ 'ମ୍ୟାଲେରିଆ ନୋ ମୋର' ରାଜ୍ୟ ସରକାରଙ୍କୁ ବୈଷୟିକ ସହାୟତା ଯୋଗାଇଦେବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ 'ମ୍ୟାଲେରିଆ ନୋ ମୋର'ର ଭାରତୀୟ ନିର୍ଦ୍ଦେଶକ ସଞ୍ଜୀବ ଗାଏକ୍ୱାଡ୍ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ମ୍ୟାଲେରିଆ ହ୍ରାସ ପାଉଥିବାରୁ ଭାରତରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା କମିଛି। ତେବେ ମାଲକାନଗିରି ଓ କୋରାପୁଟ ଜିଲାରେ ଅଧିକ ପ୍ରଭାବିତ ଥିବାରୁ ପ୍ରଥମେ ଆମେ ଏହି ଦୁଇଟି ଜିଲା ଉପରେ କାର୍ଯ୍ୟ କରିବୁ। ସେଠାରେ କ'ଣ କରାଯାଇପାରିବ ତାହା ଆମେ ଆଗାମୀ ୩ରୁ ୪ମାସ ଭିତରେ ରାଜ୍ୟ ସରକାରଙ୍କୁ ବିବରଣୀ ଦେବୁ। ଏହାସହ ଆମେ ନିଜ ଆଡୁ ମଧ୍ୟ କାର୍ଯ୍ୟ ଆରମ୍ଭ କରିଦେବୁ।

NECC NATIONAL EGG CO-ORDINATION COMMITTEE 07.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 56 | 101 | 111 |
| ANG | 55 | 100 | 110 |
| BHM | 50 | 93 | 103 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

ଶ୍ରୀରାମ ରକ୍ଷା କବଚ
ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:
ଶ୍ରୀ ରବି ମିଶ୍ର
ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ – ୧୪
ମୋ: ୯୪୩୯୧୪୯୯୭୫




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯିଏ କେବଳ ବଂଶ ମର୍ଯ୍ୟାଦା ଦେଖାଏ,
ସେ ଅନ୍ୟର ପ୍ରଶଂସା ହିଁ କରୁଥାଏ।
- ସେନେକା

## ସଂକ୍ଷେପରେ

### ସଂଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଉଦ୍‌ଘାଟିତ

ପଦ୍ମପୁର, ୭।୯ (ଡି.ଏନ.ଏ)
ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁସୁନାପାଲି ସ୍ଥିତ ବିଦ୍ୟା ମନ୍ଦିର ପରିସରରେ ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପ୍ରାନ୍ତ ନିରୀକ୍ଷକ ଶିକ୍ଷା ବିକାଶ ସମିତି ପ୍ରସନ୍ନ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଶିଷ କୁମାର ମିଶ୍ର ସମ୍ପାଦକ, ଅରୁଣ କୁମାର ବାଗ ଶିଶୁବାଟିକା ସଂଯୋଜକ, ପଶ୍ଚିମ ସମ୍ଭାଗ, ନନ୍ଦିନୀ ମିଶ୍ର ସଦସ୍ୟା ପ୍ରମୁଖ ଅତିଥି ବୃନ୍ଦ ମଞ୍ଚାସୀନ ଥିଲେ । ବରଗଡ ବିଭାଗ ନିରୀକ୍ଷକ ଜୟକିଶୋର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କଲ୍ୟାଣୀ ମିଶ୍ର ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଭାପତି ଦ୍ୱାଦଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରଗଡ ବିଭାଗର ୫ଟି ଜିଲା ବରଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା ଓ ଦେବଗଡ ଅନ୍ତର୍ଗତ ୧୫ଟି ସଙ୍କୁଳରୁ ବିଭିନ୍ନ ବିଭାଗରେ ପ୍ରକଳ୍ପ ପ୍ରଦର୍ଶନ, ବୈଦିକ ଗଣିତ ପ୍ରଶ୍ନ ମଞ୍ଚ, ପତ୍ରବାଚନ ଓ ଗଣିତ ପ୍ରୟୋଗରେ ମୋଟ ୧୬୪ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ୧୬ ଜଣ ପରିଚାଳିକା, ପରିଚାଳକ ଓ ୧୦ ଜଣ ବିଚାରକ ଭାବେ ଯୋଗ ଦେଇଥିଲେ। ସୋମବାର ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ।

### କିରୋସିନ ବଣ୍ଟନକୁ ନେଇ ଅସନ୍ତୋଷ

ଘଣ୍ଟାପଡା, ୭।୯ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଉମା ପଞ୍ଚାୟତରେ ଶନିବାର କିରୋସିନ ବଣ୍ଟନକୁ ନେଇ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ କମ୍ ପରିମାଣର କିରୋସିନ ଯୋଗାଣ ହେଉଥିବାରୁ ଅଗଷ୍ଟ ମାସରୁ କାର୍ଡ ପ୍ରତି ୨ ଲିଟର ଦେବାର ବ୍ୟବସ୍ଥା ରହିଛି । ଶନିବାର ଉମା ପଞ୍ଚାୟତରେ ଅଗଷ୍ଟ ଓ ସେପ୍ଟେମ୍ବର ଦୁଇ ମାସର କିରାସିନ ମିଶି ୨ ଲିଟର ଦିଆଯାଇ ନ ଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି । ଏ ବିଷୟରେ କନ୍ଧମାଳ ଯୋଗାଣ ଅଧିକାରୀ ଦେବକାନ୍ତ ମହାନ୍ତିଙ୍କୁ ପଚରାଯିବାରୁ ସେ କହିଲେ, ଆମକୁ ଦେଢ଼ ଲିଟର ହିସାବରେ କିରୋସିନ ଯୋଗାଇ ଦିଆଯାଇଛି । ଦୁଇ ମାସର କିରୋସିନ ମିଶି ଅଢ଼େଇରୁ ତିନି ଲିଟର ଦେବାର ନିଷ୍ପତ୍ତି ନିଆଯାଇଛି । ଉମା ପଞ୍ଚାୟତରେ କମ୍ ଦିଆଯାଉଥିବାର ଖବର ପାଇଛି । ତେବେ ଯୋଗାଣ ସହାୟକଙ୍କ ଫୋନ ଲାଗୁନି, ତାଙ୍କୁ ମେସେଜ ପଠାଇଛି । ରବିବାର ଠାରୁ ତିନି ଲିଟର ଲେଖାଏଁ ଦିଆଯିବ । ଯେଉଁ ହିତାଧିକାରୀ କମ୍ ପାଇଛନ୍ତି ତାଙ୍କୁ ପୁଣି ଦିଆଯିବ ବୋଲି ମହାନ୍ତି କହିଛନ୍ତି ।

## ମହେଶ୍ୱରପିଣ୍ଡା ରାସ୍ତା ଶୋଚନୀୟ

# କଂକ୍ରିଟ ନ ହେଲେ ଆନ୍ଦୋଳନ

ମନମୁଣ୍ଡା, ୭।୯ (ଡି.ଏନ.ଏ)

ବୌଦ୍ଧ ଜିଲା ତଥା ବ୍ଲକ ଅନ୍ତର୍ଗତ ରକ୍ସା (ଦହ୍ୟା) ପଞ୍ଚାୟତର ଏନଏଚ-୫୭ରୁ ମହେଶ୍ୱରପିଣ୍ଡା-ଅମୁର୍ଡା ରାସ୍ତା ଅତି ଶୋଚନୀୟ ହୋଇପଡିଛି । ପ୍ରାୟ ଦେଢ଼ କିମି ଏହି ରାସ୍ତା ଖାଲ, ଢ଼ିପ, କାଦୁଅ ସରସର ହୋଇଛି । ଅନେକ ଜାଗାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି । ସାଇକେଲ, ବାଇକ, ଯାନବାହନରେ ଯିବା ମୁସ୍କିଲ ହୋଇପଡୁଛି । ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ଚାଲି କରି ଯିବା କଷ୍ଟକର ହେଉଛି । ସ୍କୁଲ ଛାତ୍ରୀଛାତ୍ର ଦହ୍ୟାକୁ ପାଠପଢ଼ି ଆସିବା ବେଳେ ୟୁନିଫର୍ମ କର୍ଦ୍ଦମାକ୍ତ ହୋଇଯାଉଛି । ଉକ୍ତ ରାସ୍ତା ଦେଇ ଅମୁର୍ଡା ମହାନଦୀ ଫେରିଘାଟକୁ ଯିବାର ଏକମାତ୍ର ରାସ୍ତା । ଦୈନନ୍ଦିନ ଶତାଧିକ ଲୋକ ନଦୀ ପାର ହୋଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳକୁ ଯାଆସ କରନ୍ତି । ସେହିପରି ଉକ୍ତ ନଦୀ ଘାଟରେ ଥିବା ଐତିହାସିକ ଦର୍ଶନୀୟ ସ୍ଥାନ ଷଣ୍ଢେଷଣ୍ଢାଣିକୁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ମଧ୍ୟ ଆସିଥାନ୍ତି । ପ୍ରତ୍ୟେକ ବର୍ଷ ଜାନୁୟାରୀ ୧ରେ ସେଠାରେ ମହାନଦୀ ଉତ୍ସବ ପାଳିତ ହୋଇଥାଏ । ଆହୁରି ମଧ୍ୟ ମହେଶ୍ୱରପିଣ୍ଡାଠାରେ ପ୍ରସିଦ୍ଧ ଉଭାଲିଙ୍ଗ ଷଣ୍ଢେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । ପ୍ରଭୁଙ୍କ ଦର୍ଶନାର୍ଥେ ବହୁ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ଆଗମନ ହେଉଛି । ଉକ୍ତ ଅଞ୍ଚଳକୁ ଥିବା ଏକମାତ୍ର ରାସ୍ତାର ଦୁରବସ୍ଥା ଯୋଗୁଁ ଜନସାଧାରଣ, ପର୍ଯ୍ୟଟକ, ଭକ୍ତବୃନ୍ଦ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୧୯୯୭ରେ ପିଏମଜିଏସୱାଇରେ ୨.୫୦ କୋଟି ବ୍ୟୟ ଅଟକଳରେ ଉକ୍ତ ରାସ୍ତାକାମ ହେବାକୁ ଟେଣ୍ଡର ଷ୍ଟେଜରେ ଥିବା ବେଳେ ତାକୁ ବନ୍ଦ ଦିଆଯାଇଥିଲା। ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ତାହା କରାଯିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ବେଳେ ଟେଣ୍ଡର ହୋଇ ପାରିଲାନାହିଁ। ସେହିପରି ୨୦୦୭-୧୨ ମସିହା ମଧ୍ୟରେ ବିଆରଜିଏଫ ଯୋଜନାରେ ୩୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ କରାଯିବାକୁ ଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ବନ୍ଦ କରାଯାଇଥିବା ଅଭିଯୋଗ ହେଉଛି । ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରଶାସନ ଉକ୍ତ ରାସ୍ତାକୁ ପିଚୁ କିମ୍ବା କଂକ୍ରିଟ କରିବାକୁ ସ୍ଥାନୀୟ ବାସିନ୍ଦା ଝରିଆ ରାଜହଂସ, ମଙ୍ଗଲୁ ଭୁକ୍ତା, ଲାଲବିହାରୀ ଭୁକ୍ତା, ଚମ୍ପେଶ୍ୱର ବଘାର, ଗୋଲେଖ ଭୁକ୍ତା, ଲକ୍ଷା ଭୁକ୍ତା, ପଞ୍ଚାନନ ବେହେରା, ଲାଲଚି ଭୁକ୍ତା, ଫାଲଗୁନି ସାହୁ, ଦୁର୍ଯ୍ୟୋଧନ ମିଶ୍ର, ତୋଷିତ କୁମାର ଡାଙ୍ଗ ପ୍ରମୁଖ ଦାବି ଜଣାଇଛନ୍ତି । ନଚେତ ଭବିଷ୍ୟତରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ ବୌଦ୍ଧ ବିଡିଓ ଅଶ୍ୱିନୀ ମେହେରଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଫୋନ କରାଯାଇଥିଲେ ସୁଦ୍ଧା ସେ ତାହା ଉଠାଇ ନ ଥିଲେ ।



ମହେଶ୍ୱରପିଣ୍ଡା-ଅମୁର୍ଡା ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି ।



କୁଟିଆ ମଦ ବିରୋଧରେ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

# କୁଟିଆ ମଦ ଦୋକାନ ବିରୋଧରେ ଅଣ୍ଟା ଭିଡ଼ିଲେ ମହିଳା

ଘଣ୍ଟାପଡା, ୭।୯ (ଡି.ଏନ.ଏ)

ଗାଁ ମାନଙ୍କରେ ମଦ ବିକ୍ରି ଯୋଗୁ ବିଭିନ୍ନ ସମୟରେ ମଦ୍ୟପ ମାନଙ୍କର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ସକାଳ ଓ ସନ୍ଧ୍ୟାରେ ଲୋକେ ମଦ ପିଇ ଗାଁ ଦାଣ୍ଡରେ ବିଭିନ୍ନ କଟୁ ଭାଷା କହୁଛନ୍ତି । ଏହାଯୋଗୁ ମହିଳାମାନେ ଅତିଷ୍ଠ ହୋଇ ପଡିଲେଣି । ସନ୍ଧ୍ୟାରେ ସେମାନେ ଘରୁ ବାହାରିଲେ ନିଜକୁ ନିରାପଦ ମଣୁନାହାନ୍ତି । ଫଳରେ କନ୍ଧମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ କୁରୁକୁପା ଗ୍ରାମର ମାଁ ଭବାନୀ, ଓଁ ଶାନ୍ତି, ମାଁ ସମଲେଶ୍ୱରୀ, ଚିତେଶ୍ୱର ବାବା, ଜୟ ସନ୍ତୋଷୀ ଏବଂ ଗଣେଷ ଆଦି ୬ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କୁଟିଆ ମଦ ଦୋକାନ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛନ୍ତି । ସେମାନେ ଏ ନେଇ ଶନିବାର ଘଣ୍ଟାପଡା ଫାଣ୍ଡି, କନ୍ଧମାଳ ଥାନା ଓ କନ୍ଧମାଳ ଅବକାରୀ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି । ନିଷ୍ପତ୍ତିକୁ ଅବମାନନା କଲେ ଗ୍ରାମର ମହିଳାମାନେ ଉଚିତ ପଦକ୍ଷେପ ନେବା ସହିତ ଆଇନର ଆଶ୍ରୟ ନେବାକୁ ସଂକଳ୍ପ କରିଛୁ ବୋଲି ସାବିତ୍ରୀ ବାଘ, ଯଜ୍ଞସେନୀ ପୁଟେଲ, ଲିଲି ପୁଟେଲ, କୈଶଲ୍ୟା ସାହୁ, ଆରତୀ ପୁଟେଲ, ରିଙ୍କି ପୁଟେଲ, ରାଶେଶ୍ୱରୀ ପୁଟେଲ, ସବିତା ରଣା, ପିରବନ୍ତି ରଣା ପ୍ରମୁଖ କହିଛନ୍ତି । ଏ ନେଇ ଘଣ୍ଟାପଡା ଫାଣ୍ଡି ଏଏସଆଇ ଜ୍ୟୋତି ରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ମହିଳାଙ୍କ ନିଷ୍ପତ୍ତି ଅନୁସାରେ ଯେ କୌଣସି ସମୟରେ ସାହାଯ୍ୟ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି କହିଛନ୍ତି ।

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# ଅଭିଯୁକ୍ତ ପ୍ରଧାନ ଶିକ୍ଷକ କୋର୍ଟ ଚାଲାଣ

ବୌଦ୍ଧ/ପୁରୁଣାକଟକ, ୭।୯ (ସ୍ୱ.ପ୍ର/ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଧଳପୁର ପଞ୍ଚାୟତର ଏକ ବିଦ୍ୟାଳୟରେ ଗଣେଶ ପୂଜା ଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନଞ୍ଜୟ ପାତ୍ର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଗତ ସୋମବାର ହରଭଙ୍ଗା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ହରଭଙ୍ଗା ଥାନାରେ ଏକ ମାମଲା (ନଂ.୬୨/୧୯) ରୁଜୁ ହୋଇଥିଲା । ଏହା ପରେ ପ୍ରଧାନଶିକ୍ଷକ ପାତ୍ର ଫେରାର ହୋଇଯାଇଥିଲେ । ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିବା ଦାବିରେ ଗତ ୪ ତାରିଖରେ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଥିଲେ । ବୌଦ୍ଧ ପୋଲିସ ଉକ୍ତ ପ୍ରଧାନଶିକ୍ଷକଙ୍କୁ ଗିରଫ କରିବା ପାଇ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ଘଟଣାର ୬ ଦିନ ପରେ ବୌଦ୍ଧ ଏସ୍‌ଡିପିଓ ସାଲେଷ୍ଟିନ ଟିଗାଙ୍କ ନେତୃତ୍ୱରେ ହରଭଙ୍ଗା ଓ ପୁରୁଣାକଟକ ପୋଲିସ ଶନିବାର ସକାଳୁ ମିଳିତ ଭାବେ ଚଢାଉ କରି ଅନୁଗୋଳ ଜିଲା ଆଠମଲିକ ମାଧପୁର ଲୁଣହାଣ୍ଡି ଗ୍ରାମସ୍ଥିତ ଶ୍ୱଶୁର ଘରୁ ଅଭିଯୁକ୍ତ ପ୍ରଧାନଶିକ୍ଷକ ପାତ୍ରଙ୍କୁ ଗିରଫ କରିଥିଲା । ଗିରଫ ପରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ବୌଦ୍ଧ ସ୍ପେଶାଲ ଜଜ ତଥା ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ହାଜର କରିଥିଲା। ବିଚରାପତି ୧୪ ଦିନ ପାଇଁ ଅଭିଯୁକ୍ତ ଶିକ୍ଷକଙ୍କୁ ଜେଲ ହାଜତକୁ ପଠାଇବା ସହ ଆସନ୍ତା ୧୩ ତାରିଖରେ ଜାମିନ ଉପରେ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି । ଏହାସହ ଏହି ମାମଲାରେ ସମସ୍ତ କେସ ଡାଏରୀ କୋର୍ଟକୁ ଦେବାକୁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ବୌଦ୍ଧ ଏସ୍‌ଡିପିଓ ସାଲେଷ୍ଟିନ ଟିଗାଙ୍କୁ ପଚାରିବାରୁ ଶନିବାର ଭୋର ସମୟରେ ଅଭିଯୁକ୍ତ ତାଙ୍କ ଶ୍ୱଶୁର ଘର ଅନୁଗୋଳ ଜିଲା ଲୁଣହାଣ୍ଡିରେ ଥିବା ଜାଣି ଚଢାଉ କରି ଗିରଫ କରାଯାଇଛି ଓ ତାକୁ କୋର୍ଟଚାଲାଣ କରାଯାଇଛି ବୋଲି ପ୍ରକାଶ କରିଥିଲେ।

### କାନ୍ଥ ପଡ଼ି ମହିଳା ମୃତ

କନ୍ଧମାଳ,୭।୯(ଡି.ଏନ.ଏ)
ବୌଦ୍ଧ ଜିଲା ପରା ଗାଁରେ ଶନିବାର ସକାଳେ କାନ୍ଥ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଚନ୍ଦ୍ରକଳା ସାହୁ (୫୫) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ମହିଳା ସୁଦେଷ୍ଣା ଦଣ୍ଡଆସୀ (୨୨) ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ପରା ଗାଁର ଚନ୍ଦ୍ରକଳା ସକାଳେ ସୁଦେଷ୍ଣାଙ୍କ ଘରକୁ ବୁଲି ଆସିଥିଲେ । ଘର ବାରଣ୍ଡାରେ ବସିଥିବା ସୁଦେଷ୍ଣାଙ୍କ ପାଖରେ ଚନ୍ଦ୍ରକଳା ମୁଢି ଖାଉଥିବା ବେଳେ ତାଙ୍କ ୩ ବର୍ଷର ଶିଶୁପୁତ୍ର ଓଁକାର ଖେଳୁଥିଲେ । ସପ୍ତାହ ବ୍ୟାପୀ ଲଗାଣ ବର୍ଷାରେ ହଠାତ ବାରଣ୍ଡାର କାନ୍ଥ ପଡିଥିଲା । କାନ୍ଥ ପଡିବାର କିଛି ସେକେଣ୍ଡ ପୂର୍ବରୁ ଓଁକାର ସେହି ଜାଗାରୁ ଚାଲିଯାଇଥିଲେ । ସୁଦେଷ୍ଣା ନିଜକୁ ବଞ୍ଚାଇବାକୁ ଯାଇ ଉଠି ପଳାଇ ଯିବାବେଳେ ତାଙ୍କ ଗୋଡରେ କାନ୍ଥ ପଡି ଯାଇଥିଲା । ଚନ୍ଦ୍ରକଳା ତାଙ୍କ ବସିବା ଜାଗାରୁ ଉଠି ପାରି ନ ଥିଲେ । ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନା ଆଣିବା ବାଟରେ ଚନ୍ଦ୍ରକଳାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରାଇଛି ।

# ୧୩ରେ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା

ବୌଦ୍ଧ,୭।୯(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ପ୍ରଥମ ଥର ପାଇଁ ଆସନ୍ତା ୧୩ ତାରିଖରେ ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ଶନିବାର ବୌଦ୍ଧ ଜିଲା ତୀରନ୍ଦାଜୀ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତା ରାଜ୍ୟ ତୀରନ୍ଦାଜୀ ସଂଘ ଓ ଜିଲା ତୀରନ୍ଦାଜୀ ସଂଘର ମିଳିତ ଆନୁକୂଲ୍ୟରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ବୌଦ୍ଧ କଚେରୀ ଖେଳ ପଡିଆଠାରେ ଅନୁଷ୍ଠିତ ହେବ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାଇ ହଷ୍ଟେଲ, କିସ୍ ଓ ୬ ଗୋଟି ଆଦିବାସୀ ବିଦ୍ୟାଳୟର ଖେଳାଳିଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାର ୧୮ଟି ୟୁନିଟରୁ ୩୦୦ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଖେଳାଳିମାନଙ୍କ ମଧ୍ୟରେ ପ୍ରାୟ ୧୦୦ ମହିଳା ଓ ୨୦୦ ପୁରୁଷ ଖେଳାଳି ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା । ଏହି ପ୍ରତିଯୋଗିତା ୯ବର୍ଷରୁ କମ ବର୍ଗ (କିଡ୍ସ) ଠାରୁ ଆରମ୍ଭ ହୋଇ ୧୪ବର୍ଷ, ୧୭ବର୍ଷ, ୨୦ବର୍ଷରୁ କମ ଖେଳାଳି ଓ ୨୦ ବର୍ଷରୁ ତଦୂର୍ଦ୍ଧ୍ୱ ଖେଳାଳିମାନେ ଅଂଶଗ୍ରହଣ କରିବେ। ଜିଲା ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲା ତୀରନ୍ଦାଜ ସଂଘ ସଭାପତି ସୂର୍ଯ୍ୟକାନ୍ତ ଦଳବେହେରା, ସମ୍ପାଦକ ଅର୍ଜୁନ କୁମାର କହଁର, ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।





ଖବରଦାତା ସମ୍ମିଳନୀରେ ତୀରନ୍ଦାଜୀ ପ୍ରତିଯୋଗିତା ଉପରେ ସୂଚନା ଦିଆଯାଉଛି ।

### ନିଶାସକ୍ତ ଡ୍ରାଇଭର ଗିରଫ

ବରଗଡ଼ ଅଫିସ୍,୭।୯
ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ବରାହଗୋଡା ଟୋଲଗେଟ୍‌ରେ ଶନିବାର ରାତିରେ ଚଢାଉ କରି ପୁଣି ଜଣେ ନିଶାସକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନର ଦଶରଥ ସିଂ । ତାଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଜାର କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ସେହି ଟୋଲଗେଟ୍‌ରେ ଏଭଳି ଦୁଇଜଣ ନିଶାସକ୍ତ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା ।

# ଲଗାଣ ବର୍ଷାରେ ବଜାର ମାନ୍ଦା

ବରଗଡ଼ ଅଫିସ୍,୭।୯

ବରଗଡ଼ ଜିଲାରେ ଲଗାଣ ବର୍ଷା ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇ ପଡ଼ିଛି । ବର୍ଷା ଥମି ନ ଥିବା ଯୋଗୁ ଘରୁ ପଦାକୁ ବାହାରିବା ଲୋକଙ୍କ ପାଇଁ ମୁସ୍କିଲ ହୋଇ ପଡ଼ିଛି । ଏଭଳି ସ୍ଥଳେ ଜିଲାରେ ବଜାର ମଧ୍ୟ ମାନ୍ଦା ହୋଇ ପଡ଼ିଛି । ଶନିବାର ବରଗଡ଼ ସହରରେ ବହୁ ଦୋକାନ, ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । କେବଳ ସେତିକି ନୁହେଁ, ଜନବହୁଳ ଥାନାଛକ, ଗାନ୍ଧୀଛକ ସମେତ ଉଭୟ ସରକାରୀ ଓ ଘରୋଇ ବସଷ୍ଟାଣ୍ଡ ଖାଁ ଖାଁ ଲାଗୁଥିଲା । ସହରର ମୁଖ୍ୟରାସ୍ତା ଓ ଅନ୍ୟ ରାସ୍ତା ମଧ୍ୟ ଶୂନଶାନ ହୋଇ ପଡ଼ିଥିଲା । ଏହା କେବଳ ବରଗଡ଼ ସହର ନୁହେଁ, ଜିଲାର ଅନ୍ୟ ସ୍ଥାନରେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିଥିଲା । ଏହି ବର୍ଷା ଚାଷୀ ଏବଂ ଚାଷ ପାଇଁ ଅନୁକୂଳ ହୋଇଛି । କିନ୍ତୁ ଜିଲାର ବଜାର ବ୍ୟବସ୍ଥାକୁ ମାନ୍ଦା ପକାଇ ଦେଇଛି । ଶନିବାର ସକାଳ ୮ଟା ସୁଦ୍ଧା ହୋଇଥିବା ବର୍ଷା ପରିମାଣରେ ବରଗଡ଼ରେ ୧୧.୮. ବରପାଲିରେ ୧୮, ଭେଡ଼େନରେ ୨୩. ଭଟଲିରେ ୧୦, ଅମ୍ବାଭୋନାରେ ୭, ପଦ୍ମପୁରରେ ୨୬.୨, ପାଇକମାଳରେ ୧୨, ଝାରବନ୍ଧରେ ୩୭, ଗାଇସିଲେଟରେ ୬୪.୩, ସୋହେଲାରେ ୬.୨ ଏବଂ ବିଜେପୁରରେ ୩.୪ ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ ହୋଇଛି । କିନ୍ତୁ ଅପରାହ୍ନରେ ଏହାଠାରୁ ଢ଼େର୍ ଅଧିକ ବର୍ଷା ହୋଇଛି । ଏଭଳି ବୃଷ୍ଟିପାତ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି।

# ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ



ପତ୍ରାପାଲିରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଫୁଟବଲ ଖେଳାଳିମାନେ।

ଅତାବିରା,୭।୯(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲି ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ଶନିବାର ୧୭ବର୍ଷରୁ କମ୍ ବାଳିକା, ବାଳକ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ନରେଶ କୁମାର ପ୍ରଧାନ ଉଦଘାଟନ କରିଥିଲେ। ପ୍ରତିଯୋଗିତା ପାଇଁ ଆବଶ୍ୟକ କାଗଜାତ୍ ଉପରେ କ୍ରୀଡ଼ା ଶିକ୍ଷକ ଗିରିଜା ପ୍ରସାଦ ନାଥ ସୂଚନା ଦେଇଥିଲେ । ପ୍ରତିଯୋଗିତାରେ ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା, ଅତାବିରା, ପତ୍ରାପାଲି, ଲସ୍ତଲା ସବ୍ ବ୍ଲକରୁ ଉଭୟ ବାଳିକା, ବାଳକ ଦଳ ଅଂଶଗ୍ରହଣ କରିଥିଲେ । ବାଳିକା ଦଳରୁ ୪୦ ଏବଂ ବାଳକ ଦଳରୁ ୪୯ଜଣ ଏଥିରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଉତ୍ତମ ଖେଳାଳି ଚୟନ କରାଯାଇଥିଲା । ଆସନ୍ତା ୧୨ ତାରିଖ ଜାରିଂ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ଚୟନ ପ୍ରକ୍ରିୟାରେ ମନୋନିତ ଖେଳାଳି ଭାଗ ନେଇପାରିବେ ବୋଲି ସହ ସମ୍ପାଦକ କିଶୋର ପ୍ରଧାନ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକମାନେ ଭାଗ ନେଇଥିଲେ ।

# ପରିବହନ କମିଶନରଙ୍କୁ ସ୍ମାରକପତ୍ର ପଠାଇଲା ଏଏପି

ବରଗଡ଼ ଅଫିସ୍,୭।୯

ସଂଶୋଧିତ ମୋଟର ଯାନ ନିୟମକୁ ନେଇ ସବୁଠି ଅସନ୍ତୋଷ ଦେଖାଯାଇଛି। ଏଥିପାଇଁ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ଉତ୍ତେଜନା ମଧ୍ୟ ଦେଖାଯାଇଛି। ବରଗଡ଼ ଜିଲାରେ ଏହି ନିୟମକୁ ନେଇ ସେଭଳି ପରିସ୍ଥିତି ଉପୁଜି ନ ଥିଲେ ହେଁ ସେହି ନିୟମକୁ ନାପସନ୍ଦ କରାଯାଇଛି। ଏହି କ୍ରମରେ ବରଗଡ଼ ଜିଲା ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ରାଜ୍ୟ ପରିବହନ କମିଶନରଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ସଂଶୋଧିତ ନିୟମ ମୁତାବକ କାଗଜାତ୍ ପ୍ରସ୍ତୁତି ପାଇଁ ଅତିକମ୍‌ରେ ୬ ମାସ ସମୟ ଦେବାକୁ ନିବେଦନ କରାଯାଇଛି ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସଂଶୋଧିତ ମୋଟରଯାନ ଆଇନ ସାଧାରଣ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏଥିପାଇଁ ଯେଉଁ ପ୍ରାବଧାନ ଲାଗୁ ହୋଇଛି, ତାହା ଜନସାଧାରଣଙ୍କ ଅବଗତିକୁ ଅଣା ନ ଯାଇ ରାତାରାତି ଲାଗୁ କରାଯାଇଛି। ଫଳରେ ସେହି ପ୍ରାବଧାନ ଉପରେ ସଚେତନ ହେବା ପାଇଁ ଜନସାଧାରଣ ସକ୍ଷମ ନାହାନ୍ତି । ସେହି କାଗଜାତ୍ ସବୁ ପ୍ରସ୍ତୁତ କରିବା ପାଇଁ ଜନସାଧାରଣଙ୍କୁ ଅତିକମ୍‌ରେ ୬ମାସ ସମୟ ଦେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ଏପରିକି କେବଳ ଜିଲା ମୁଖ୍ୟାଳୟରେ ନୁହେଁ, ଜିଲାର ପ୍ରତି ବ୍ଲକରେ ସେଥିପାଇଁ କାର୍ଯ୍ୟାଳୟ ଖୋଲିବାକୁ ଦାବି ହୋଇଛି । ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ମେରିୟମ ବାର୍ଲା, ଅମିତାଭ ପାତ୍ର, ଅସିତ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



ଏଏପି ପ୍ରତିନିଧି ଆରଟିଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। - ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### କଫ୍ ସିରପ୍ ଜବତ, ଜଣେ ଗିରଫ

ପଦ୍ମପୁର, ୭।୯ (ଡି.ଏନ.ଏ)
ପଦ୍ମପୁର ରଜାପଡାରେ କଫ୍ ସିରପ ବିକ୍ରି କରୁଥିଲା ବେଳେ ପୋଲିସ ଚଢାଉ କରି ମହମ୍ମଦ ସଦାମଙ୍କୁ ଗିରଫ କରିଛି । ତାଙ୍କଠାରୁ ୧୧ଟି କଫ୍ ସିରପ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଥାନା ଅଧିକାରୀ ମାନସରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିଲା ।

### ବସ୍ ଧକ୍କାରେ ଅଧ୍ୟାପକଙ୍କ ମୃତ୍ୟୁ

ପାଇକମାଳ, ୭।୯ (ଡି.ଏନ.ଏ)
ପାଇକମାଳ ବ୍ଲକ କେରମେଲାବାହାଲ ଛକ ନିକଟରେ ଶନିବାର ଏକ ଯାତ୍ରୀବାହୀ ଘରୋଇ ବସ୍ ଧକ୍କାରେ ଜଣେ ଅଧ୍ୟାପକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖଣ୍ଡସିବାଞ୍ଜି ଗ୍ରାମର ଧବଳେଶ୍ୱର ସାହା (୩୪) । ଖବର ପାଇ ପାଇକମାଳ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ ଘଟଣାସ୍ଥଳକୁ ଯାଇ ବସ୍କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି । ଏ ନେଇ ଏକ ମାମଲା (ନଂ.୧୬୧/୧୯) ରୁଜୁ ହୋଇଛି ।

ସୂଚନା ଅନୁସାରେ, ଧବଳେଶ୍ୱର ମାଣ୍ଡୋସିଲ କଲେଜରେ ଅଧ୍ୟାପକ ଥିଲେ। ସେ ପ୍ରତିଦିନ ସକାଳ ପ୍ରାୟ ୮ଟାରେ ଗୌରବ ବସ୍‌ରେ କେରମେଲାବାହାଲ ଛକରୁ ମାଣ୍ଡୋସିଲ କଲେଜକୁ ଯାଉଥିଲେ। ଶନିବାର ସବୁଦିନ ପରି ସେ ଗୌରବ ବସ୍ (ନଂ.ଓଡି୧୭/୭୬୭୬) ବସକୁ ଚଢୁଥିବା ବେଳେ ତଳେ ପଡି ଯାଇଥିଲେ ଓ ବସ୍‌ଟି ତାଙ୍କୁ ଚାପି ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଯୁବକମାନେ ତାଙ୍କୁ ପଦ୍ମପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧ୍ୟାପକଙ୍କ ମୃତ୍ୟୁରେ ମାଣ୍ଡୋସିଲ କଲେଜରେ ଏକ ଶୋକସଭା କରି କଲେଜକୁ ଛୁଟି ଘୋଷଣା କରାଯାଇଥିଲା।

### ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା

ପାଇକମାଳ, ୭।୯ (ଡି.ଏନ.ଏ)
ପାଇକମାଳ ବ୍ଲକ ଛେତଗାଁ ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଳ, ଲଖମରା, ପଲସଦା ଓ ମାଣ୍ଡୋସିଲ ୪ ଗୋଟି ସବଜୋନ ଅଧୀନରେ ଥିବା ହାଇସ୍କୁଲ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ ଦୁଇ ଗୋଟି ଗ୍ରୁପ୍‌ରେ ପୃଥକ ପୃଥକ ଭାବେ କବାଡି, ଫୁଟବଲ, ରିଂବଲ ଓ ବେଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ଏହି ଖେଳକୁ ହେମସାଗର ସାହୁ, ଲୋକନାଥ ସାହୁ, ନାରାୟଣ ସାହୁ, ନମିତା ସାହୁ ଓ ପ୍ରଫୁଲ୍ଲ ମେହେର ପରିଚାଳନା କରିଥିଲେ । ସଂକୀର୍ତ୍ତନ ଛତର, ପରୀକ୍ଷିତ ବୁଡେକ, ବଲ୍ଲଭ ସାହୁ, ନରସିଂହ ପ୍ରଧାନ, ସୁବୋଧ ପୁରୋହିତ ସହଯୋଗ କରିଥିଲେ । ଏ ନେଇ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଚୁଡାମଣି ବାରିକ ମୁଖ୍ୟଅତିଥି, ଚାରୁଚରଣ ମହାନ୍ତି, ସରପଞ୍ଚ ଚୈତନ୍ୟ ଭୋଇ, ସୁଦର୍ଶନ ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରଧାନଶିକ୍ଷକ ରାଜକୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଚୟନ କରାଯାଇଥିବା ପ୍ରତିଯୋଗୀ ଆସନ୍ତା ୧୧ ତାରିଖରେ ଜାରିଂ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବେ ।

# ନଈକୂଳିଆ ଗାଁକୁ ବନ୍ୟା ଭୟ

## ଅବ୍ୟବସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ



ଗଣ୍ଡତୁରୁମଠାରେ ନିର୍ମିତ ବନ୍ୟା ଆଶ୍ରୟସ୍ଥଳୀ ।

ଗଣ୍ଡତୁରୁମ, ୭।୯ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକ ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହେଉଛି । ମାତ୍ର ଏହାର ଜଳସ୍ରୋତ ସାଧାରଣତଃ ହୀରାକୁଦ ନଦୀ ବନ୍ଧ ଉପରେ ନିର୍ଭର କରେ। ଖରା ଦିନେ ଏହା ଶୁଷ୍କ ହୋଇ ପଡୁଥିବା ବେଳେ ବର୍ଷା ଋତୁରେ ହୀରାକୁଦ ବନ୍ଧର ଜଳସ୍ତର ବୃଦ୍ଧି ଯୋଗୁ ସ୍ଲୁଇସ୍ ଗେଟ ଜରିଆରେ ଜଳ ନିଷ୍କାସନ କରାଯାଇଥାଏ। ଫଳରେ ମହାନଦୀର ଜଳସ୍ତର ବୃଦ୍ଧି ଘଟି ପାଣି କୂଳ ଲଂଘନ କରିବା ସହିତ ନଈକୂଳିଆ ଗାଁ ପାଣି ଘେରରେ ରହିଯାଏ। ବନ୍ୟା ଆଶଙ୍କାରେ ଲୋକେ ଗାଈ, ଗୋରୁ, ଛେଳି, ମେଣ୍ଢା ନେଇ ଉଚ୍ଚ ସ୍ଥାନକୁ ଚାଲି ଯାଇଥାନ୍ତି । ବର୍ଷା ଋତୁ ଆସିଲେ ଏମିତି ସେମାନଙ୍କୁ ବନ୍ୟା ଆଶଙ୍କା ଘାରୁଛି । ଗତ ମଙ୍ଗଳବାର ଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ଲୋକଙ୍କ ଚିନ୍ତାର କାରଣ ପାଲଟିଛି । ଏହି ବ୍ଲକର ଡାଲବ, ଗଲିମା, ଦବକାପାଲି, ଭୂତଲୋଡ ଓ ବ୍ରାହ୍ମଣତୁରୁମ ଗ୍ରାମବାସୀ ଆସନ୍ନ ବନ୍ୟା ପାଇଁ ଆଶଙ୍କିତ ହୋଇ ପଡିଛନ୍ତି । ସରକାର ଏମାନଙ୍କ ପାଇଁ ଗଣ୍ଡତୁରୁମଠାରେ ୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି । ସମ୍ପ୍ରତି ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଜଳସ୍ତର ଫୁଲି ଉଠୁଥିବା ବେଳେ ୬ଟି ସ୍ଲୁଇସ୍ ଗେଟ ଦେଇ ଜଳ ନିଷ୍କାସନ କରାଯାଉଛି । ଯାହାକି ମହାନଦୀ ପୂର୍ଣ୍ଣଗର୍ଭା ହୋଇ କୂଳ ଲଂଘିବାକୁ ବସିଛି । ମାତ୍ର ଲୋକଙ୍କ ରହିବା ପାଇଁ ପ୍ରଶାସନ ତରଫରୁ ଏହି ବନ୍ୟା ଆଶ୍ରୟସ୍ଥଳୀରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇନାହିଁ ।

## ସେମାନେ ଯାହା କୁହନ୍ତି...

“ ବର୍ଷା ଋତୁ ଆସିଲେ ଆମକୁ ବନ୍ୟା ଭୟ ମାଡିଆସେ । ଆମ ଗାଁକୁ ମହାନଦୀ ପାଣି ଚାରି ଆଡୁ ଘେରିଯାଏ। ଆମେ ଜଳବନ୍ଦୀ ହୋଇଯାଉଁ । ପ୍ରଶାସନ ଆମକୁ ଉଦ୍ଧାର କରି ଗଣ୍ଡତୁରୁମ ସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିଥାଏ । ଆମ ପାଇଁ ସରକାର ଟଙ୍କା ଖର୍ଚ୍ଚ କରି ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଇଲେ । ମାତ୍ର ତାହା ରହିବା ପାଇଁ ଉପଯୋଗୀ ହୋଇନି।

-ସତ୍ୟନାରାୟଣ ପାଣ୍ଡେ, ଗ୍ରାମବାସୀ

“ ବର୍ଷା ଆସିଲେ ଆମର ଦୁଃଖ ଦ୍ୱିଗୁଣିତ ହୋଇଯାଏ। ଗାଁକୁ ବନ୍ୟା ଜଳ ଘେରିଗଲେ ଆମେ ଜଳମଗ୍ନ ହୋଇପଡୁ । କାଳେ କିଛି ଅଘଟଣ ଘଟିଯିବ ଭାବି ସରକାର ଆମ ପାଇଁ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି । ମାତ୍ର ତାହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ।

-ରାଧେଶ୍ୟାମ ନାଏକ, ଗ୍ରାମବାସୀ

“ ମହାନଦୀ ଓ ଜିରା ନଦୀ ମୁହାଣରେ ଆମ୍ଭ ଗ୍ରାମ ରହିଛି । ହୀରାକୁଦ ବନ୍ଧରେ ୩୦ରୁ ଅଧିକ ଗେଟ ଖୋଲା ହେଲେ ଜିରା ନଦୀର ପାଣି ପ୍ରତିବନ୍ଧକ ହୋଇ ତାର ପଛୁଆ ପାଣିରେ ବନ୍ୟା ପରିସ୍ଥିତି ଦେଖାଦିଏ । ଗ୍ରାମବାସୀଙ୍କ ପାଇଁ ବନ୍ୟା ଆଶ୍ରୟସ୍ଥଳୀ ତିଆରି ହୋଇଛି । ସେଠାରେ ରହିବା ବ୍ୟତୀତ ଅନ୍ୟ କୌଣସି ସୁବିଧା କରାଯାଇ ନ ଥିବାରୁ ଦୁଃଖ ଲାଗୁଛି ।

–ନାମ ମେହେର, ଗ୍ରାମବାସୀ

“ ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତୀକରଣ ତଥା ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବାକୁ ଆମେ ପ୍ରଶାସନକୁ ଜଣାଇଛୁ । ମାତ୍ର ଏପର୍ଯ୍ୟନ୍ତ ଆମ୍ଭ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି । ବର୍ତ୍ତମାନ ହୀରାକୁଦ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ସହିତ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ଘଟୁଥିବା ଶୁଣି ଗ୍ରାମବାସୀ ବନ୍ୟା ଆଶଙ୍କାରେ ଅଛୁ । କେଉଁ ସମୟରେ ବି ଘର ଛାଡି ଅନ୍ୟତ୍ର ଆଶ୍ରୟ ନେବୁ ସେହି କଥା ହିଁ ଭାବୁଛୁ। ଏପର୍ଯ୍ୟନ୍ତ ଗଠିତ ପରିଚାଳନା କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ନାହିଁ।

–ଗୁପ୍ତେଶ୍ୱର ପୁରୋହିତ, ଗ୍ରାମବାସୀ

“ ଗଣ୍ଡତୁରୁମ ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତୀକରଣ, ରୋଷେଇ ଉପକରଣ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଆମେ ପଞ୍ଚାୟତ ତରଫରୁ ତହସିଲଦାର ଓ ବିଡିଓଙ୍କୁ ଜଣାଇଛୁ । ବର୍ତ୍ତମାନ ହୀରାକୁଦରୁ ବନ୍ୟା ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବନ୍ୟା ପରିସ୍ଥିତି ଆସିଲେ କେମିତି ମୁକାବିଲା କରାଯିବ ସେ କଥା ପ୍ରଶାସନିକ ଅଧିକାରୀମାନେ ଚିନ୍ତା କରିବା କଥା।

–ପିଙ୍କି ବଢ଼େଇ, ମହୁଲପାଲି ସରପଞ୍ଚ



ଭଟଲି-ଅମ୍ବାଭୋନା ମୁଖ୍ୟରାସ୍ତାରେ ଗୋରୁପଲ।

■ ମୁଖ୍ୟରାସ୍ତାରେ ଗୋରୁପଲ

# ଉପୁଜୁଛି ଟ୍ରାଫିକ ସମସ୍ୟା

ଭଟଲି, ୭।୯(ଡି.ଏନ.ଏ)

ଦିନକୁ ଦିନ ଗୋଚର ଜମି କମିବାରେ ଲାଗିଛି । ଫଳରେ ପ୍ରାଣୀମାନଙ୍କ ପାଇଁ ଘାସର ଅଭାବ ଦେଖାଦେଇଛି। ଯେଉଁ କିଛି ଗୋରୁପଲ ବାହାରକୁ ଚରିବାକୁ ଯାଉଛନ୍ତି ସେମାନେ ମଧ୍ୟ ଗୁହାଳ ଅଭାବରୁ ଘରକୁ ଫେରୁନାହାନ୍ତି ଏବଂ ଗୋପାଳକମାନେ ମଧ୍ୟ ଫେରାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହି ପ୍ରକାର ଦୁର୍ଦ୍ଦିନରେ ଗତି କରୁଥିବା ଗୋରୁପଲ ଏବେ ମୁଖ୍ୟରାସ୍ତା ମୁହାଁ ହୋଇଛନ୍ତି। ଅନ୍ୟପକ୍ଷେ ଗୋରୁପଲ ମୁଖ୍ୟରାସ୍ତା ଉପରେ ଦିନରାତି ପଡ଼ି ରହୁଛନ୍ତି। ଏଥିପାଇଁ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଉଭୟ ପ୍ରଶାସନ କିମ୍ବା ଗୋପାଳକଙ୍କ ନିଘା ନାହିଁ। ସେପଟେ ବର୍ତ୍ତମାନ ଲଗାଣ ବର୍ଷା ପାଇଁ ରାତିରେ ବିଦ୍ୟୁତ କାଟ ହେଉଥିବାବେଳେ ସେହି ରାସ୍ତା ଉପରେ ଶୋଇ ରହୁଥିବା ଗୋରୁପଲଙ୍କ ପାଇଁ ବାଇକ ଏବଂ ସାଇକେଲ ଆରୋହୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ପରିସ୍ଥିତ ଦେଖିବାକୁ ମିଳିଛି ବରଗଡ଼ ଜିଲା ଅନ୍ତର୍ଗତ ଭଟଲି-ଅମ୍ବାଭୋନା ମୁଖ୍ୟ ରାସ୍ତାରେ। ଗୋରୁପଲଙ୍କ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଥିଲେ ମଧ୍ୟ ପ୍ରତିକାର କରାଯାଉନାହିଁ । ସେହିପରି ଗୋରୁପଲଙ୍କୁ ଥଇଥାନ କରିବା ପଞ୍ଚାୟତର କାମ। ସେହେତୁ ଆମେ ପଞ୍ଚାୟତକୁ ଥାନା ପକ୍ଷରୁ ଅବଗତ କରାଇବୁ ବୋଲି ଭଟଲି ପୋଲିସ କହିଛି। ଏ ସମ୍ପର୍କରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କୁ ପଚରାଯିବାରୁ ସେ କହିଥିଲେ ଯେ, ମୁଁ ଏ ବିଷୟରେ ଅବଗତ ଓ ଏ ନେଇ ଭଟଲି ତହସିଲଦାର ଏବଂ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହିତ କଥା ହୋଇଛି । ଆଗାମୀ ଦିନରେ ପଞ୍ଚାୟତ ତରଫରୁ ସର୍ବସାଧାରଣରେ ନିଜ ନିଜ ଗୋରୁପଲଙ୍କୁ ନେଇ ନିଜ ଗୁହାଳରେ ରଖିବା ପାଇଁ ନୋଟିସ୍ କରାଯିବ। ଏହାକୁ ଲୋକେ ନ ମାନିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରପଞ୍ଚ ବେହେରା ପ୍ରକାଶ କରିଥିଲେ।

# ରାଜବୋଡ଼ା କୃଷକ ସଙ୍ଗଠନର ନୂଆଁଖାଇ ଭେଟ

ପଦ୍ମପୁର, ୭।୯ (ଡି.ଏନ.ଏ)

ପଦ୍ମପୁର ପଲସଦାଠାରେ ରାଜବୋଡା କୃଷକ ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟଘାଟ-୨୦୧୯ ଶନିବାର ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର, ସୋହେଲା, ପାଇକମାଳ, ଝାରବନ୍ଧ ବ୍ଲକର ଚାଷୀମାନେ ଏକତ୍ରିତ ହୋଇ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭେଟଘାଟ ପାଳନ କରିଥିଲେ । ଆଞ୍ଚଳିକ କୃଷକ ସଙ୍ଗଠନ ପଲସଦାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ମୁଖ୍ୟଅତିଥି ଭାବେ ଯୋଗଦାନ କରି କୃଷକମାନଙ୍କୁ ଉତ୍ସାହିତ କରିଥିଲେ । ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର, ସୋହେଲା କୃଷକ ସଙ୍ଗଠନର ହର ବଣିଆଁ, ଝାରବନ୍ଧ ବ୍ଲକ କୃଷକ ସଙ୍ଗଠନରୁ କାମଧେନୁ ଗୋ ଆଶ୍ରମର ପ୍ରତିଷ୍ଠାତା ଅଶୋକ ସାହୁ, ପାଇକମାଳ ବ୍ଲକ କୃଷକ ସଙ୍ଗଠନ ସଭାପତି ଯୁଧିଷ୍ଠିର ସାହୁ ମଞ୍ଚାସୀନ ଅତିଥି ଥିଲେ। ପ୍ରଥମେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଲିଙ୍ଗରାଜ ଦୀପ ପ୍ରଜ୍ୱଳନ ପୂର୍ବକ ଭେଟଘାଟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଜିତ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ସଭାପତି ବାଞ୍ଛାନିଧି ନାୟକ, ହର ବଣିଆ, ରମେଶ ମହାପାତ୍ର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏଥିରେ ରୋହିତ ପ୍ରଧାନ, କୈଳାଶ ବାରିକ, ବିଶ୍ୱନାଥ ରଣା, ଡମ୍ବରୁଧର ସାହୁ, ଯୁଧିଷ୍ଠିର ସାହୁ, ମଧୁକର ବିଶ୍ୱାଳଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ । ବୀମା କମ୍ପାନୀ ଝାରବନ୍ଧ ବ୍ଲକରେ ବୀମା ଅର୍ଥ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଯୋଗୁ ଆଗାମୀ ୧୨ ତାରିଖରେ ଉକ୍ତ ବ୍ଲକରେ ଜେଲଭରୋ ଆନ୍ଦୋଳନ କରିବାକୁ ଘୋଷଣା କରାଯାଇଥିଲା ।

# ବାଳିକା ହାଇସ୍କୁଲରେ ସଂସ୍କୃତ ଦିବସ

ପଦ୍ମପୁର, ୭।୯ (ଡି.ଏନ.ଏ)

ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଅଧକ୍ଷତାରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ନବପ୍ରଭାତ ଗୁରୁକୁଳ ଆଶ୍ରମ ନୂଆପାଲି ଆଚାର୍ଯ୍ୟ ବୃହସ୍ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାକୁ ଆପଣେଇଲେ ଭାରତ ବିଶ୍ୱର ଶ୍ରେଷ୍ଠ ରାଷ୍ଟ୍ର ହେବ ବୋଲି ମତପ୍ରକାଶ କରିଥିଲେ । ଦହିତା ହାଇସ୍କୁଲର ସଂସ୍କୃତ ଶିକ୍ଷକ ଧୀରେନ୍ଦ୍ର ଶାସ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା ଓ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରେମାନନ୍ଦ ବେହେରା ସଙ୍ଗୀତ ପରିଚାଳନା କରିଥିଲେ। ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜୀବନାନନ୍ଦ ସାହୁ, ଚିନ୍ତାମଣି ମଣିସାହୁ, ଜ୍ୟୋସ୍ନାରାଣୀ ସାହୁ, ଇତିଶ୍ରୀ ସାହୁ, ସୁଷମା ଦାଶ, ନନ୍ଦିନୀ ବାଗ, ବସନ୍ତ ବାଗ ଓ ଦୁଷ୍ମନ୍ତ ଛତର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମିନତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ରେ ପୁଷ୍ଟି ସପ୍ତାହ ଦିବସ କାର୍ଯ୍ୟକ୍ରମ



ଜିଲାପାଳ ପୁରସ୍କାର ପ୍ରଦାନ କରୁଛନ୍ତି ।

ବରଗଡ଼ ଅଫିସ୍,୭।୯

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ପୁଷ୍ଟି ସପ୍ତାହ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଡା. ବିଭୂତି ଭୂଷଣ ମେହେର, ଜିକେଏସ୍ କୋ ଅର୍ଡ଼ିନେଟର ଦୀପାଞ୍ଜଳି ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନଳିନୀ ବଳବନ୍ତରାୟ, ପ୍ରୋଗ୍ରାମ ଅଫିସର ସୁପ୍ରଭା ମହାପାତ୍ର, ଜିଲା ପ୍ରୋଗ୍ରାମ ମ୍ୟାନେଜର ଡଃ ବିମଳା ସାହୁ, ସବୁ ବ୍ଲକର ସିଡ଼ିପିଓ, ମହିଳା ପରିଦର୍ଶିକା, ଅଙ୍ଗନୱାଡ଼ି କର୍ମୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ ଏବଂ ଭଟଲିର ମହିଳା ପରିଦର୍ଶିକା ସନ୍ତୋଷିନୀ ଭୋଇଙ୍କ ଦ୍ୱାରା ରନ୍ଧାଖାଦ୍ୟ, ଜଳଖିଆ ପ୍ରଦର୍ଶନ କରାଯାଇଥିଲା । ସେହିପରି ଅଙ୍ଗନୱାଡ଼ି କର୍ମୀମାନେ ପୁଷ୍ଟି ଉପରେ ଗୀତ, ନୃତ୍ୟ ପରିବେଷଣ କରିଥିଲେ । ସଭାରେ ଶିଶୁର ଖାଦ୍ୟ, ଯତ୍ନ, ମା କ୍ଷୀରର ଉପକାରିତା ଉପରେ ଡା. ମେହେର ଆଲୋକପାତ କରିଥିଲେ। ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀମାନେ ମଧ୍ୟ ପୁଷ୍ଟି ସପ୍ତାହ ଦିବସ ପାଳନ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ସେହିପରି ଜିଲାପାଳ ସାହୁ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜଣେ କୃତି କାର୍ଯ୍ୟକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

■ ଦାଦନ୍ ଯିବାର ବଦଲା ବେପାର ଭଲ

# ବାଢୁନ୍ ବେପାର ଦେଉଛେ ଆହାର

ବରପାଲି, ୭।୯ (ଡି.ଏନ୍.ଏ.)

କଥାରେ ଅଛେ ମେହେନତିଆ ଲୋକ୍ କେଭେ ଭୁଖେ ନାଇଁମରେ। ହଁ, ଅଭାବ ତ ଧନୀନୁ ଗରିବ୍ ସମ୍‌କର ରହିଛେ। ହେଲେ ଯେ ନିଜର ବାହାଜାଂଗଲ ମାଜି କମେଇଖାଇ ଜାନିଛେ, ପରକୁତରେ ସେ ସୁଖି ଆଏ । ଆମର ସମାଜରେ ଅନେକ ଲୋକ୍ ପେଟପାଟନାର ଲାଗି ନାନା ପରକାର ବେପାର ବନିଜ କରି ନିଜର କୁଟୁମ ପୁଷୁଛନ୍। ଏନ୍‌ତା ଝନେ ମେହେନତିଆ ଯୁବକ୍‌କୁଁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ବିଜେପୁର ବ୍ଲକ ଯୋଖିପାଲି ପଁଚେତ୍ ପଧାନମାଲ ଗାଁର ବିକାଶ ମହାନନ୍ଦ(୩୫)। ସେ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲାବେଲେ କୁଟୁମ ପୁଷିବାର ଲାଗି ବାଢୁନ୍ ବେପାରକେ ନିଜର ବୁରତି ହିସାବେ ଆଦ୍‌ରି ନେଇଛନ୍। ଫିଦିନ ସଖାଲୁ ସେ ନିଜର ଟିଭଏସ୍ ଫଟ୍‌ଫଟିଥି ୮୦ରୁ ୧୦୦ ବାଢୁନ୍ ବାଁଧି ଆସର ପାସର ବଜାର, ଗାଁଗଁଡ଼ାରେ ବିକ୍‌ରି ଲାଗି ବାହାରି ପଡୁଛନ୍। ଏନ୍‌ତା କି ସେ ଗୁରୁବାର ଡୁଙ୍ଗୁରିପାଲି, ଶୁକୁରବାର ବରଗଡ଼ ହାଟ୍ ଆର ଆସର ପାସର ଗାଁଗଁଡ଼ାରେ ବାଢୁନ୍ ବିକୁଛନ୍। ସେ ଅନେକ ସମିଆରେ ବେପାର ଲାଗି ବରପାଲିକେ ବି ଆସୁଛନ୍। ତାହାକୁ ଇ ଦେଶୀ ବାଢୁନ୍‌ର ଚାହିଦା ଆର ଲାଭ୍ ବାବ୍‌ଦେ ପଚରାଲାରୁ ବଡ଼ ବାଢୁନ୍ ଗୁଟାକ ୪୦ ଟଁକା ଆର ଛୋଟ୍ ୩୦ ଟଁକାରେ ବିକ୍‌ରି ହେଉଛେ। ଦେଶୀ ବାଢୁନ୍‌ର ଚାହିଦା ଏଭେ ବି ରହିଛେ ସତ୍, ହେଲେ ଆଘର ଲେଖେଁ ବିକ୍‌ରିବଟା ନାଇଁ ହେବାର ବଲି ସେ କହିଥିଲେ। କେଭ୍‌ଠାନୁ ଆର କାହିଁର ଲାଗି ଇ ବେପାର କରୁଛନ୍ ବଲି ତାହାକୁ ପଚ୍‌ରାଲାରୁ ମୁଇଁ ୧୮ ବଛର୍ ବଏସୁ ଇ ବେପାର କରୁଛେଁ। ବାହାର ରାଏଜ୍‌କେ ଦଦନ୍ ଯାଇ ହଟ୍‌ହଟା ହେବାର ବଦଲା ନିଜର ବୁଧିବିବେକ, ବାହାଜାଂଗଲ ମାଜି ଦୁଇ ପଏସା କମାବାରଟା ଭଲ। ନିଜର ଅଂଚଲରେ ବେପାର କଲେ ପରିବାର ଲୁକ୍‌କୁ ବି ଦେଖି ହେଉଛେ। ମୁଇଁ ଇ ବେପାର କରି ମାଏକିନା ସମେତ ୫ ପରାନୀ କୁଟୁମ୍ ପୁଷୁଛେଁ ବଲି ସେ କହିଥିଲେ।



ବିକାଶ ବରପାଲି ସହରରେ ଦେଶୀ ବାଢୁନ୍ ବିକୁଛନ୍।

■ ବିଦ୍ୟୁତ୍ ବିଭ୍ରାଟର ପ୍ରତିବାଦ

# ଅତାବିରା ବନ୍ଦ, ରାସ୍ତାରୋକୋ

ସରଣ୍ଡା/ଅତାବିରା,୭।୯(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରାରେ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ଅସନ୍ତୋଷ ଦେଖାଯାଇଛି । ଶନିବାର ଏହା ଆନ୍ଦୋଳନ ରୂପ ନେଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ନଗର ଯୁବ କଂଗ୍ରେସ ନେତୃତ୍ୱରେ ଅତାବିରାରେ ବନ୍ଦ ପାଳନ କରାଯାଇଥିଲା। ସ୍ଥାନୀୟ ଲୋକେ ବର୍ଷା ସତ୍ତ୍ୱେ ରାସ୍ତାରୋକୋ କରିଥିଲେ। ଫଳରେ ବରଗଡ଼-ସମ୍ବଲପୁର ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଅତାବିରା ଏସଡ଼ିଓ ବିଜୟ କୁମାର ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଦ୍ୟୁତ ବିଭ୍ରାଟର ପ୍ରତିକାର ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଦିନ ପ୍ରାୟ ଦେଢ଼ଟାରେ ରାସ୍ତାରୋକୋ ହଟିଥିଲା। ସେହିପରି ଅପରାହ୍ନ ୪ଟାରେ ଦୋକାନ ବଜାର ଖୋଲିଥିଲା ।

ପ୍ରକାଶ ଯେ, ଅତାବିରାରେ ବିଦ୍ୟୁତ ବିଭ୍ରାଟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଆବଶ୍ୟକ କର୍ମଚାରୀ ନ ଥିବା ଯୋଗୁ ଏଠାରେ ବିଦ୍ୟୁତ ମରାମତି ମଧ୍ୟ ବିଳମ୍ବିତ ହେଉଛି ଏବଂ ଏଥିପାଇଁ ଲୋକଙ୍କୁ ବହୁବିଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର କିଛି ସୁଫଳ ନ ମିଳିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଦୀପକ ରାୟଙ୍କ ସମେତ ଅଞ୍ଚଳର ଶତାଧିକ ଲୋକ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଘଟଣାସ୍ଥଳରେ ଏସଡ଼ିପିଓ ସୁଧାକର ସାହୁ, ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ଅତାବିରାରେ ରାସ୍ତାରୋକୋ କରାଯାଇଛି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଅନିୟମିତତା ଅଭିଯୋଗ, ୨ ଜିଓଟାକ୍ ବହିଷ୍କୃତ

ଟିଟିଲାଗଡ, ୭।୯(ଡି.ଏନ.ଏ.): ଟିଟିଲାଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ତଥା ବିଜୁ ପକ୍କା ଘର ନିର୍ମାଣ କାର୍ଯ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ନିୟୋଜିତ ୨ ଜିଓଟାକ୍ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ଟିଟିଲାଗଡ଼ ବିଡିଓଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୫୩୮ ତା. ୬.୯.୧୯ରେ ବ୍ଲକ ଅନ୍ତର୍ଗତ ସିହିନି ପଞ୍ଚାୟତର ଜିଓଟାକ୍ ତୋଫାନ ଖର୍ସେଲ, ବାନ୍ଧୁପଲା ପଞ୍ଚାୟତ ଜିଓଟେଗ ଜୟରାମ ସାହୁଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ତଥା ବିଜୁ ପକ୍କା ଘର ନିର୍ମାଣ କାର୍ଯ୍ୟ ନେଇ ଜିଓଟାକ୍ କର୍ମଚାରୀ ହିତାଧିକାରୀଙ୍କ ନିର୍ମାଣାଧୀନ ଗୃହର ଫଟୋ ଉଠାଇ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଥାନ୍ତି। ଏନେଇ ଜିଓଟାକ୍‌ଙ୍କୁ ପ୍ରଶାସନ ପକ୍ଷରୁ ଫଟୋ ପ୍ରତି ପାରିଶ୍ରମିକ ୫୦ ଟଙ୍କା ପ୍ରଦାନ କରାଯାଇଥାଏ। ତେବେ କିଛି ସ୍ଥାନରେ ଏନେଇ ଅନିୟମିତତା ହୋଇଥିବା ତଦନ୍ତ ବେଳେ ଧରାପଡିବା ବିଡିଓ ମୋତିଲାଲ ସୁଲିଆ କହିଛନ୍ତି। ରାଜ୍ୟ ସରକାରଙ୍କ ୫ଟି ଯୋଜନା କ୍ରମେ ହିତାଧିକାରୀଙ୍କୁ ଅଭିଯୋଗ ନେଇ ଅନିୟମିତତା ସଂକ୍ରାନ୍ତରେ ଜଣାପଡିଲେ ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସୁଲିଆ କହିଛନ୍ତି।

### ପଟାମରାରେ ନୂଆଁଖାଇ ଭେଟ୍‌ଘାଟ୍

ଟିକ୍ରାପଡା,୭।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ ପଟାମରାଠାରେ ସାର୍ବଜନୀନ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ୧୨ତମ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଗୌନ୍ତିଆ ରଘୁମଣି ବାରିକ, ତରୁଣାକର ଧରୁଆ, ସୁରେଶ ମହାକୁର, ରାଜିନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଅଶୋକ ଧରୁଆ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ନାଚ, ଗୀତ, ପୁଚିଖେଳ, ମ୍ୟୁଜିକ ଚେୟାର, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୀତରେ ସସ୍ମିତା ଧରୁଆ, ସଙ୍ଗୀତା ଧରୁଆ, ନାଚରେ କସ୍ତୁରୀ ଟାଣି, ପ୍ରତିମା ବଗର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ରାଜେଶ ଧରୁଆ ଅତିଥି ପରିଚୟ ଓ ସୁଦାମ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ସନାତନ ଧରୁଆ, ଛନ୍ଦାଚରଣ ଧରୁଆଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଇନ୍‌ଟାକ୍‌ର ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

# ମନ ଛୁଇଁଲା ହେରିଟେଜ୍ ସୁରକ୍ଷା ସଚେତନତା ବାର୍ତ୍ତା

ବଲାଙ୍ଗୀର ଅଫିସ, ୭।୯

ଇନ୍‌ଟାକ୍ ବଲାଙ୍ଗୀର ଚାପ୍‌ଟର ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଚାଲିଥିବା ୨ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ଇନ୍‌ଟାକ୍ ବଲାଙ୍ଗୀର ଚାପ୍‌ଟର ସଂଯୋଜକ ଡ. ଶିବପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ଦିଲ୍ଲୀ ଇନ୍‌ଟାକ୍ ଚାପଟରର ସିନିୟର ପ୍ରୋଗ୍ରାମ୍ କୋର୍ଡିନେଟର ଅଭିଷେକ ଦାସ ପରିଚାଳନା କରିଥିଲେ। କର୍ମଶାଳାରେ ୩୦ଟି ସ୍କୁଲର ୬୦ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ। କର୍ମଶାଳାର ଦ୍ୱିତୀୟ ଦିନରେ ୪ଟି ଦଳରେ ବିଭକ୍ତ ହୋଇ ଶିକ୍ଷୟିତ୍ରୀ, ଶିକ୍ଷକମାନେ ହେରିଟେଜ୍ ପ୍ରଦର୍ଶନ କରିଥିଲେ। ନେଚୁରାଲ ହେରିଟେଜ୍‌ରେ ହରିଶଙ୍କର ଉପରେ ପ୍ରଦର୍ଶିତ ହୋଇଥିବା ବେଳେ ବିଲଡିଂ ହେରିଟେଜ୍‌ରେ କୋଣାର୍କର ସୂର୍ଯ୍ୟମନ୍ଦିର, ମେଟେରିଆଲ ହେରିଟେଜରେ ଜଗନ୍ନାଥ ସଂସ୍କୃତି ଏବଂ ଲିଭିଂ ହେରିଟେଜ୍‌ରେ ନୂଆଁଖାଇ ତିଆର ଉପରେ ଶିକ୍ଷୟିତ୍ରୀ ଶିକ୍ଷକମାନେ କଳାତ୍ମକତା ପ୍ରଦର୍ଶନ କରିଥିଲେ। ହେରିଟେଜ୍ ପ୍ରଦର୍ଶନ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। କର୍ମଶାଳାରେ ଅଇଁଲାଟୁଆଁ ହାଇସ୍କୁଲ, କୁଡାସିଂହା ପର୍ଶୁରାମ ହାଇସ୍କୁଲ, ବୀଣାପାଣି ଶିକ୍ଷାସୌଧ, ମଣ୍ଟେସୋରୀ ପବ୍ଲିକ୍ ସ୍କୁଲ, ପଥରଚେପା ଆଦର୍ଶ ବିଦ୍ୟାଳୟ, ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟ, ଆଇଡିଏମ୍ ପବ୍ଲିକ୍ ସ୍କୁଲ, ଏକାଡେମୀ ହାଇଟ୍‌ସ୍ ପବ୍ଲିକ୍ ସ୍କୁଲ, ରାମଗୋପାଳ ହିନ୍ଦୀ ହାଇସ୍କୁଲ, କଦମପଡ଼ା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ସଦାଇପାଲି ପଲ୍ଲୀଶ୍ରୀ ହାଇସ୍କୁଲ, ଖୁଜେନପାଲି ଭଗବାନ ବିଦ୍ୟା ମନ୍ଦିର, ଭାଲେର ସରକାରୀ ହାଇସ୍କୁଲ, ବଲାଙ୍ଗୀର ସରକାରୀ ବାଳିକା ହାଇସ୍କୁଲ, ଟାଉନ୍ ବାଳିକା ହାଇସ୍କୁଲ, ଟାଉନ୍ ବାଳକ ହାଇସ୍କୁଲ, ପିପି ଏକାଡେମୀ, ପୃଥ୍ୱୀରାଜ ହାଇସ୍କୁଲ, ଛତାମଖନା ବିନୋବା ହାଇସ୍କୁଲ, ଛତାପିପଲ ପଞ୍ଚାୟତ ହାଇସ୍କୁଲ, କୁରୁଲ ରାମଜୀ ହାଇସ୍କୁଲ ଓ କୁଟୁମଡୋଲା ପିଏନ୍ ହାଇସ୍କୁଲରୁ ଅଂଶଗ୍ରହଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ବଲାଙ୍ଗୀର ସହର ମଧ୍ୟରେ ଥିବା ହେରିଟେଜ୍ ସାଇଟ୍ ଜର୍ଜ ଲିଟେରାରୀ ଏଣ୍ଡ ସୋସିଆଲ କ୍ଲବ ପରିଦର୍ଶନରେ ଯାଇଥିଲେ। ସ୍ଥାନୀୟ ରିସୋର୍ସ ପର୍ସନ ଡ.ଶିବପ୍ରସାଦ ନନ୍ଦ କ୍ଲବ ସମ୍ପର୍କରେ ସୂଚନା ଦେବା ସହ ହେରିଟେଜ୍ ସାଇଟ୍ ଉପରେ କହିଥିଲେ। ସାମ୍ବାଦିକ ଭବନଠାରେ କର୍ମଶାଳାର ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ଯୋଗଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପ୍ରମାଣପତ୍ର ଓ ହେରିଟେଜ୍ କିଟ୍ ବଣ୍ଟନ କରିଥିଲେ। ସହ ସଂଯୋଜକ ଶଶୀଭୂଷଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଶିକ୍ଷଣ କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷୟିତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଉଛି।


ତହସିଲ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

## ପଲିଥିନ ନ ପାଇ ନିରାଶ ହୋଇ ଫେରିଲେ ଗ୍ରାମବାସୀ

ଲୋଇସିଂହା,୭।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲାରେ ଗତ ୨ ଦିନ ହେଲା ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ବର୍ଷା ଯୋଗୁ ଅନେକ ମାଟି ଘର ଭୁଶୁଡ଼ି ପଡିଛି। ପଲିଥିନ ପାଇବା ଆଶା ନେଇ ଗରିବ ଜନସାଧାରଣ ତହସିଲ କାର୍ଯ୍ୟାଳୟକୁ ଧାଉଛନ୍ତି। ହେଲେ ଶନିବାର ଆଗଲପୁର ତହସିଲ କର୍ମଚାରୀଙ୍କୁ ନ ପାଇ ଗରିବ ଜନସାଧାରଣ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଛି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଯୋଗ୍ୟ, ଶୁକ୍ରବାରଠାରୁ ବଲାଙ୍ଗୀର ଜିଲାର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଏଥିରୁ ବାଦ ପଡିନାହାଁନ୍ତି ଆଗଲପୁର ବ୍ଲକ ବାସୀ । ଆଗଲପୁର ତହସିଲ ଅଧୀନ ଆଗଲପୁର, ଇଂସା, ରେଙ୍ଗାଲି, ମନୁପାଲିଓ ଝାଙ୍କରପାଲି ଗାଁ ଲୋକେ ପଲିଥିନ ପାଇବା ଆଶାରେ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛାଡି ଦେଲେ ପୂର୍ବାହ୍ନ ସାଢେ ୧୧ଟା ସୁଦ୍ଧା କାର୍ଯ୍ୟାଳୟରେ କୌଣସି କର୍ମଚାରୀ ଆସି ନ ଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ନିରାଶ ହୋଇ ଫେରିବାକୁ ପଡିଥିବା ଇଂସା ଗ୍ରାମର ସୂର୍ଯ୍ୟ ସ୍ୱାଇଁ, ଠାକୁର ସାହୁ, ହରି ବିଶ୍ୱାଳ, ସାଲେଗ୍ରାମ ମାଝି, ଚତୁର ଭରାସାଗର, ବେଟିଖିଆ ସ୍ୱାଇଁ, ଅନୁପ ଭୋଇ, ମଣ୍ଟୁ ବାଗ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ତହସିଲଦାର ଉଗ୍ରେସନ ଓରାମଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲା। ହେଲେ ମୋବାଇଲ ଫୋନ ସୁଇଚ ଅଫ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

■ ଝରି ବରଷାରେ ଘର ଭିତରେ ଆଁଠେ ପାଏନ୍

## ସାତ୍‌ସପନ ହେଇଛେ ପ୍ରଧାନମନ୍ତ୍ରୀ ଆବାସ

ଲାଠୋର,୭।୯(ଡି.ଏନ.ଏ.)

ଝରି ବରଷାରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ଗାଁର କର୍ଡିଆପଡ଼ାବାସୀ ବଡ଼ଭାରି ଅସ୍‌ବିଧାରେ ପଡ଼ିଛନ୍। ପଡ଼ାର ବୁଡୁ ନାଗକଁର ଘରେ ଆଁଠେ ପାଏନ୍ ଚୁଡ଼ି କରି ରହିଛେ। ଯେନ୍‌ଥିରଲାଗି ପରିବାର ଲୋକ୍ ଘର ଭିତରୁ ନାଲ କରି ପାଏନ୍ ଛେଦଉଥିବାର ଦେଖିବାକେ ମିଲିଛେ।

ସୂଚନା ହିସାବେ ବୁଡୁ ନାଗକଁର ପରିବାର କହେଲେ ମାଏକିନା ଭୂମି, ଝିଁ ସୁଶିଲା ଆର ପୁଓ ଆଲୋକକେ ନେଇ ସଁସାର। ସଁପତି ବାଡ଼ି ବଲି କିଛି ନାଇଁ। ବୁଡୁ ଫିଦିନ ବେଲବୁଡ଼େ ଗୁଟେ ଠେଲାରେ ଚିକେନ ପକୋଡ଼ା ବିକି ଯାହା ରୁଜଗାର କରୁଛନ୍ ସେଥିରେ ତାକର ଘର ଚଲୁଛେ। ଅଭାବ ଅନାଟନ ଲାଗି ସେ ଭଲ ଘରଖଁଡ଼େ କରି ନାଇଁପାରବାର। କୁଟୁମବସିଆ ଏହେଦେ ଗୁଟେ ମାଏଟ୍ କୁଡ଼ିଆଥି ରହୁଛନ୍। ହେଲେ ଟଁକା ପଏସା ଅଭାବୁ ଅନେକ ସମିଆରେ ସେ ଘରର ମରାମତି ବି ନାଇଁ କରିପାରବାର। ଏନ୍ତାଥି ଲଘୁଚାପ ପରଭାବରେ ଲାଗି ରହିଥିବାର ଝରି ବରଷାରେ ତାକର ଘରେ ଆଁଠେ ପାଏନ୍ ଚୁଡ଼ି ରହିଛେ। ଯେନ୍‌ଥିରଲାଗି ପରିବାର ଲୋକ୍ ଦିନ୍‌ରାତ ପାଏନ୍ ଛେଦେଇ ଛେଦେଇ ନିହାଲ ହେଇଯାଉଛନ୍। ଅବସ୍ତା ଏନ୍ତା ଯେ, ଘରେ ଚାଉଲ ମୁଠେ ଫୁଟାବାର ଲାଗି ଠାନ୍ ନାଇଁନ। ଇଆଡ଼େ ବୁଡୁ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ୨୦୧୭ ଜୁନ୍ ୨୭ ତାରିଖ୍‌ନୁ ପଁଚେତ୍‌ରେ ଆବେଦନ କରିଛନ୍। ହେଲେ ଆଏଜ୍‌ତକ ପକାଘର ତାକର ଲାଗି ସପନ୍ ହେଇ ରହିଛେ। ଇ ଦୁଖି ପରିବାର ଉପରେ ଜିଲା ପରଶାସନ ଦୁରୁଷ୍ଟି ଦେଇ ବୁଡୁକେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଁଡ଼େ ଯୁଗେଇ ଦେବାକେ ଦାବି ହେଉଛେ।


ନିଜର ଘର ଆଘେ ପରିବାର ସଂଗେ ବୁଡୁ ନାଗ।

## ବିପନ୍ନ ପରିବାରକୁ ସ୍ୱେଚ୍ଛାସେବୀଙ୍କ ସହାୟତା

ଲୋଇସିଂହା,୭।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବୁର୍ଡା ଗ୍ରାମର ଏକ ବିପନ୍ନ ପରିବାର ପଞ୍ଚାୟତ ରାଜୀବ ସେବା କେନ୍ଦ୍ରରେ ୩ ଦିନ ହେଲା ଆଶ୍ରୟ ନେଇଛନ୍ତି। ହେଲେ ସେମାନଙ୍କୁ ପଞ୍ଚାୟତ ପକ୍ଷରୁ କୌଣସି ରିଲିଫ ଦିଆଯାଇ ନ ଥିବାରୁ ଲୋଇସିଂହାର ମାହେଶ୍ୱରୀ ସଂଗଠନ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏନେଇ ସଂଗଠନ ପକ୍ଷରୁ ବିପନ୍ନ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିବା ସଂଗଠନ ସଭାପତି ଦେବାଶିଷ ବିଶୋୟୀ କହିଛନ୍ତି।

ଶୁକ୍ରବାର ସଂଗଠନର ସଭାପତି ବିଶୋୟୀଙ୍କ ସହ ସଦସ୍ୟମାନେ ପଞ୍ଚାୟତ କାର୍ଯ୍ୟାଳକୁ ଯାଇ ବିପନ୍ନ ପରିବାର ଲୋକଙ୍କୁ ସାକ୍ଷାତ କରିଥିଲେ। ପରିବାର ସଦସ୍ୟ ସମସ୍ୟା ସଂକ୍ରାନ୍ତରେ ଜଣାଇଥିଲେ । ପରିବାରର ଏକ ନାବଳିକା ଅସୁସ୍ଥ ଥିବା ଜାଣି ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଏପରି କି ସସସ୍ୟା ସଂକ୍ରାନ୍ତରେ ସଂଗଠନ ପକ୍ଷରୁ ବ୍ଲକ ପ୍ରଶାସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଜିପିଓ ପୁଷ୍ପାଞ୍ଜଳି ନାଏକ, ଯୋଗାଣ ନିରୀକ୍ଷକ ସୌମ୍ୟ ମହାନନ୍ଦ, ପଞ୍ଚାୟତ ପିଇଓ ପ୍ରମୁଖ ପରିବାର ଲୋକଙ୍କୁ ଭେଟି ସହାୟତା ଯୋଗାଇ ପାଇଁ ପ୍ରତିଶ୍ରୁତି ଦେଇଥିବା ସଂଘର ସଭାପତି ବିଶୋୟୀ କହିଛନ୍ତି।


କୋତକୋମୁହାନ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି।

■ ଲଗାଣ ବର୍ଷା: ଗୁଡ଼ଭେଲା ବ୍ଲକରେ ବନ୍ୟା

# ବାହ୍ୟ ଜଗତରୁ ବିଚ୍ଛିନ୍ନ ୧୦ ଗାଁ

ଗୁଡ଼ଭେଲା,୭।୯(ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷାରେ ତୁଷୁରା ଏନ୍‌ଏସି ଓ ଗୁଡ଼ଭେଲା ବ୍ଲକ ଅଞ୍ଚଳରେ ଜନଜୀବନ ବ୍ୟାଘାତ ହୋଇପଡିଛି । ଗୁଡ଼ଭେଲାର ରାହୁଲ ଏବଂ ଖଡ଼ଙ୍ଗ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ବ୍ଲକର ଜାମୁଟ ଓ ଗମ୍ଭାରୀଗୁଡ଼ା ପଞ୍ଚାୟତର ବିଭିନ୍ନ ଗାଁରେ ପାଣି ପଶିଥିବା ଜଣାପଡିଛି। ଏପରି କି ଜାମୁଟ-ତିଳକାମାଳ-ଗମ୍ଭାରୀଗୁଡ଼ା ରାସ୍ତା ଜଳମଗ୍ନ ହୋଇପଡ଼ିଛି। ଗୁଡ଼ଭେଲା ବ୍ଲକ ଅଧୀନ ଜାମୁଟ-ଧନପୁର ଗମ୍ଭାରୀଗୁଡ଼ା ରାସ୍ତାର କୋତକୋମୁହାନ ପୋଲ ଉପରେ ୭ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ଯାମୁଟ ପଞ୍ଚାୟତର ତିଲକାମାଲ, ଭମ୍ଭାରୀଗୁଡ଼ା ପଞ୍ଚାୟତର କନେରସିଂହା, ଲାଏଟତରା, ବେଲଗାଁ, ଭମ୍ଭରୀଗୁଡ଼ା, ଧନପୁର, ଗଭାରସା, ସିକେଲପଦର, ଠେଲକୋଭେଲା ଓ ରାକ୍ସିଭଟା ଆଦି ୧୦ଟି ଗାଁ ଜଳବନ୍ଦୀ ହୋଇଥିବା ବେଳେ ବାହ୍ୟଜଗତରୁ ବଚ୍ଛିନ୍ନ ହୋଇଯାଇଛି। ଜାମୁଟ- ଧନପୁର ରାସ୍ତା କଳାହାଣ୍ଡି ବୌଦ୍ଧ ଓ କନ୍ଧମାଲ ଜିଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା। ଅନ୍ୟପକ୍ଷେ ଅଗଷ୍ଟ ୧୨ ଏବଂ ୧୩ତାରିଖରେ ଲାଗାଣ ବର୍ଷାରେ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବର୍ତ୍ତମାନ ଲଗାଣ ବର୍ଷାରେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ଶନିବାର ସକାଳ ୮ଟା ସୁଦ୍ଧା ଗୁଡଭେଲା ବ୍ଲକରେ ୯୭ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଦିନ ତମାମ ବର୍ଷା ଲାଗି ରହିଥିଲା।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଜମିଲା ନୂଆଁଖାଇ ଭେଟ୍‌ଘାଟ୍

ଲୋଇସିଂହା,୭।୯(ଡି.ଏନ.ଏ.)

ଲୋଇସିଂହା ନୂଆପଡ଼ା ଏକଲବ୍ୟ କ୍ଲବ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ୨ଦିନ ଧରି ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଝିଲିମୁଣ୍ଡାର କୃଷ୍ଣଗୁରୁ ଭଜନ ଓ ଦ୍ୱିତୀୟ ଦିବସରେ ଲୋଇସିଂହାର ଶଙ୍କର ବେହେରା ଏବଂ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁକ୍ରବାର ସନ୍ଧ୍ୟା ଉଦ୍‌ଯାପନୀ ସଭାରେ ଅନୁଷ୍ଠାର ସଭାପତି ଉତ୍ତମ କବାଟ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଆକାଶବାଣୀ ତଥା ଦୂରଦର୍ଶନ କଳାକାର ନବୀନ କୁଅଁର, ପ୍ରୀତମ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ୩ ଜଣ ମୂର୍ତ୍ତି କାରିଗର ଯାଦବ ମରେଇ, ସନ୍ତୋଷ ରାଏ, ନିମାଇଁ ଧରୁଆଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଭାରେ ଅନୁଷ୍ଠାନର କର୍ମକର୍ତ୍ତା ମଞ୍ଚାସୀନ ଥିବାବେଳେ ମାଗିରାମ ବଗର୍ତ୍ତୀ, ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିତ୍ୟାନନ୍ଦ କୁଏଡ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଆଗଲପୁର ବ୍ଲକ ଡୁଡୁକା କଲ୍ୟାଣ ମଣ୍ଡପଠାରେ ପରବାସୀ କୁଟୁମ ଏବଂ ଡୁଡୁକା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି କପିଳେଶ୍ୱର ଖମାରୀ, ନାରାୟଣ ପାଣିଗ୍ରାହୀ, ସୁଶାନ୍ତ ମିଶ୍ର, ମନମୋହନ ପଟେଲ, ଅଶୋକ ପଟେଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଚଳିତ ବର୍ଷ ପାଇଁ ଦେବରାଜ ପାଣିଗ୍ରାହୀ, ତେଜରୁ ବାରିକ, ଡା.ଶଙ୍କର ରାମଚନ୍ଦାନୀ, ଲୀନାମେହେର, ପ୍ରଦୀପ ମାଝି, ନରସିଂହ ସାହୁ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହମ୍‌କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ରାଧେଶ୍ୟାମ ସାହୁ, ମହେନ୍ଦ୍ର ପଟେଲ ଏବଂ ଧ୍ରୁବଚରଣ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଏକଲବ୍ୟ କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ଦଦ୍‌ରା କୁଠିଥି ଚାଲିଛେ ପାଠ୍‌ପଢ଼ା

# ଭଏଭିତ ଅବସ୍ତାରେ ଛାତ୍ରୀଛାତ୍ର, ଅଭିଭାବକ

ଲାଠୋର,୭।୯(ଡି.ଏନ୍.ଏ.)

ଶିକ୍ଷା ବେବସ୍ତାରେ ସୁଧାର ଆନ୍‌ବାର ଲାଗି ସରକାର ରାଜ୍‌କୋଷରୁ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବିଭାଗୀୟ ଅଧିକାରୀମାନକର ଅବହେଲା, ଖାମ୍‌ଖିଆଲି ମନ୍‌ଭାବ ଲାଗି ଅନେକ ସ୍କୁଲ ନାନା ସମସିଆ ଘେରରେ ରହିଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ଅଧୀନ ପିପଲବାହାଲ ପୁଡ଼ାପଡ଼ ବିଦ୍ୟାଳୟରେ।

ସୂଚନା ଅନ୍‌ସାରେ ୧୯୯୮ ସାଲେ ପୁଡ଼ାପଡ଼ାରେ ଗୁଟେ ପ୍ରାଥମିକ ସ୍କୁଲର ଥାପନା ହେଇଥିଲା। ଏହେଦେକା ଇ ସ୍କୁଲରେ ୧ମରୁ ୫ମ ଶ୍ରେଣୀ ତକ୍ ୪୭ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ପାଠ୍ ପଢ଼ାବାର ଲାଗି ୨ ଝନ୍ ଶିକ୍ଷୟିତ୍ରୀ, ଶିକ୍ଷକ ବି ରହିଛନ୍। ସ୍କୁଲରେ ୨ଟା ପଢ଼ା କୁଠି ସଂଗେ ଗୁଟେ ରଁଧା ଘର ରହିଛେ। ହେଲେ ପଢ଼ାକୁଠିମାନକର ଛାତ୍ ଦୁରବଲ ହେଇ ସିମେଟ ଚକ୍‌ଡ଼ା ଛାଡ଼ି ଲୁହାଛଡ଼୍ ସବୁ ଜଲ୍ ଜଲ୍ ଦିଶୁଛେ। ହେଲେ ଇ ଦଦ୍‌ରା କୁଠିମାନକର ମରାମତି ଦିଗେ ବିଭାଗ ଧିଆନ୍ ନାଇଁ ଦେଉଥିବାର ଅଭିଯୋଗ ହେଉଛେ। ଗୁଟେ କୁଠିଥି ୧ମରୁ ୫ମ ଶ୍ରେଣୀ ତକ୍ ପିଲା ବସି ପାଠ୍ ପଢୁଥିଲାବେଲେ ଆର ଗୁଟେ କୁଠିଥି ଅଫିସ୍ କାଯ୍ ଚାଲୁଛେ। ଝରି ବରଷାରେ କୁଠିମାନକର ଛାତ୍‌ରୁ ପାଏନ୍ ଗଲୁଥିଲେ ବି ପିଲାକୁ ବସେଇ ପାଠ୍ ପଢ଼ାଯାଉଛେ। ବରଷା ହେଲେ ରଁଧାବଢ଼ାରେ ବି ଅସ୍‌ବିଧା ହେଉଛେ। ସ୍କୁଲକେ ସିଆର୍‌ସିସି, ବ୍ଲକ ଶିକ୍ଷା ଅଧିକାରୀ ପରିଦରଶନ୍‌ରେ ଆସି ସମସିଆ ବାବ୍‌ଦେ ଜାନିଛନ୍। ହେଲେ କେହି ସମସିଆର ସମାଧାନ ଦିଗେ ପଦକ୍ଷେପ ନାଇଁ ନେବାର। ଇ ବାବ୍‌ଦେ ସ୍କୁଲର ପ୍ରଧାନଶିକ୍ଷକ ଦୟାସାଗର ମାଝିକୁଁ ପଚରାଲାରୁ ଫିମାସ ସ୍କୁଲର ସମୀକ୍ଷା ହେଇ ସବୁ ହାନିଲାଭର ସୂଚନା ଉପର ଅଧିକାରୀମାନକୁ ଦିଆଯାଉଛେ, ହେଲେ କେହି ନାଇଁ ଶୁନବାର। ଯେନ୍‌ଥିରଲାଗି ଉପେ ଶୁଇନ୍ ହେଇ ଇ ବିପଦ୍ ଅବସ୍ତାରେ ଥିବାର କୁଠିମାନକେ ଛୁଆକୁ ବସେଇ ପାଠ୍ ପଢ଼ଉଛୁଁ ବଲି ସେ କହିଥିଲେ। ସ୍କୁଲ ପରିଚାଲନା ସମିତିର ସଭାପତି ଜାଦବ ବାରିକକୁଁ ପଚରାଲାରୁ ସମସିଆ ବାବ୍‌ଦେ ଅନେକ ଥର ଡିପିସି ଅଫିସରେ ଲିଖିତ ଅଭିଯୋଗ କରାଯାଇଛେ, ହେଲେ କେହି ନାଇଁ ଶୁନ୍‌ବାର। ସମସିଆର ସମାଧାନ ନାଇଁ ହେଲେ ଆଏବାର ଦିନେ ସ୍କୁଲରେ ତାଲା ପକାମୁ ବଲି ସେ କହିଥିଲେ। ସେନ୍ତା ପୂରବର ସଭାପତି ଘନଶ୍ୟାମ ମେହେରକୁଁ ପଚରାଲାରୁ ବିପଦ୍ ମୁଢ଼େଇ ଛୁଆମାନେ ଦଦ୍‌ରା କୁଠିଥି ବସି ପାଠ୍ ପଢୁଛନ୍। କେହେନ୍‌ସି ଅଘଟନ ହେଲେ ଇଥିରଲାଗି ଶିକ୍ଷା ବିଭାଗ ଦାଇ ରହିବା ବଲି ସେ କହିଥିଲେ। ଛୁଆକର ସୁରକ୍ଷାକେ ଧିଆନ୍ ଦେଇ ଯେତେ ଜଲଦି ହେବା ଜିଲା ପରଶାସନ ଇ ଦିଗେ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।



ବିପଦ୍ ଅବସ୍ତାରେ ଥିବାର ପୁଡ଼ାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୮ ସେପ୍ଟେମ୍ବର, ୨୦୧୯



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଉରକେଲା ଅଫିସ, ୭।୯-** ଶନିବାର ଅପରାହ୍ନରେ ରାଉରକେଲା ରେଳ ଷ୍ଟେଶନରେ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଆର୍‌ପିଏଫ୍ ପୋଲିସ ତାଙ୍କୁ ଉଦ୍ଧାର କରିଛି। ସଂପୃକ୍ତ ଯୁବକଙ୍କ ଘର ଝାଡ଼ଖଣ୍ଡରେ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଯୁବକ ଜଣକ ଶନିବାର ଅପରାହ୍ନରେ ଷ୍ଟେଶନର ପ୍ଲାଟଫର୍ମ-୧ର ପାଦଚଲା ଓଭରବ୍ରିଜ ଉପରେ ଛିଡ଼ା ହୋଇଥିଲେ। ଠିକ ସେହି ସମୟରେ ଆସୁଥିବା ଇସ୍ପାତ୍ ଏକ୍ସପ୍ରେସ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିଲେ । ତେବେ ପୂର୍ବରୁ ଯୁବକଙ୍କ ଉପରେ ନଜର ରଖିଥିବା ଆର୍‌ପିଏଫ୍ ପୋଲିସ ତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ସୁନାବେଡ଼ା ଅଭୟାରଣ୍ୟରେ ଅମ୍ବୁଡ୍‌ସମ୍ୟାନ

**ଏମ୍‌ଜିଏନ୍‌ଆରଇଜିଏସ୍ ସମସ୍ୟା ବୁଝିଲେ**

**ନୂଆପଡା ଅଫିସ, ୭।୯**

ନୂଆପଡା ଜିଲା ସଦର ମହକୁମାଠାରୁ ଦୀର୍ଘ ୭୦କି.ମି. ଦୂର ତଥା ସମୁଦ୍ର ପତନରୁ ୩ହଜାର ଫୁଟ ଉଚ୍ଚରେ ଥିବା ସୁନାବେଡା ଅଭୟାରଣ୍ୟ ଭିତରେ ପ୍ରଶାସନିକ ଉଦାସୀନତା କାରଣରୁ ଲୋକଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡିଛି । ଏଠାରେ ଯଦିବା ସରକାରୀ ଯୋଜନାରୁ ବିଭିନ୍ନ କାମ ହେଉଥିବା କୁହାଯାଉଛି। ହେଲେ କେତେକ ହାତଗଣତି ଅଧିକାରୀ କିଛି ସ୍ଥାନୀୟ ଲୋକଙ୍କୁ ହାତବାରିସି କରି ଲୁଟ୍‌ତରାଜ କରୁଥିବା ଅଭିଯୋଗ ହେଉଛି। ହେଲେ ପ୍ରକୃତ ପକ୍ଷେ କାମ କରିଥିବା ଶ୍ରମିକ ମଜୁରୀ ପାଉ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି କେତୋଟି ଅଭିଯୋଗକୁ ଭିତ୍ତିକରି ଅମ୍ବୁଡ୍‌ସମ୍ୟାନ ଆର. ବିଜୟ ରାଜ ସୁନାବେଡା ଗସ୍ତ କରିଛନ୍ତି। ସେଠାରେ ସେ ବିଭିନ୍ନ ସମସ୍ୟା ବୁଲି ଦେଖିଛନ୍ତି। ବିଶେଷ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମସ୍ୟା ବୁଝିଛନ୍ତି। ପ୍ରବଳ ବର୍ଷା ସାଙ୍ଗକୁ ମାଓବାଦୀଙ୍କ ଦୁର୍ଗ କୁହାଯାଉଥିବା ସୁମାବେଡା ଅଭୟାରଣ୍ୟ ଭିତରେ ପ୍ରବେଶ କରି ବିଭିନ୍ନ ଗାଁକୁ ସେ ବୁଲିଥିଲେ। ଜାମଗାଁର ଧରୁଆମୁଣ୍ଡା ବନ୍ଧ ଖନନ କାମରେ ନିୟୋଜିତ ବୈଜୟନ୍ତୀ ଧରୁଆ, ରସମତି ଧରୁଆ, ପୁରନ ଝାଙ୍କର, ଫେନସିଂ ଝାଙ୍କର, ଜଳ ଧରୁଆ, ବୃନ୍ଦାବନ ମାଝିଙ୍କୁ ବହୁ ଦିନ ପରେ ମଧ୍ୟ ପ୍ରାପ୍ୟ ଦିଆ ଯାଇନାହିଁ। ସିପୋବନ୍ଧ ଖନନ କାମରେ ୩ଜଣ ଶ୍ରମିକଙ୍କ ୨୨ହଜାର ଟଙ୍କା ବକେୟା ରହିଛି। ସୁନାବେଡା ପଞ୍ଚାୟତରେ ଗରିବ ହିତାଧିକାରୀଙ୍କୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯାଇଛି । ଏଗୁଡିକୁ ମିଶନ ମୋଡରେ ତିଆରି କରାଯାଇଛି ସତ। ହେଲେ ହିତାଧିକାରୀଙ୍କୁ ଏମଜିଏନଆରଇଜିଏସ ଯୋଜନାରୁ ମଜୁରି ବାବଦ ଟଙ୍କା ପ୍ରଦାନ କରାଯାଇନାହିଁ । ୧୩୧ଟି ଘର ବାବଦକୁ ୭ହଜାର ୯୮ଶ୍ରମ ଦିବସକୁ ମୋଟ ୧୩ଲକ୍ଷ ୩୪ହଜାର ୪୮୪ଟଙ୍କା ପ୍ରଦାନ କରାଯିବା କଥା । ହେଲେ ଏହାକୁ ଦୀର୍ଘ ଦିନ ହେବ ପ୍ରଦାନ କରାଯାଉନି। ଏଣୁ ପଞ୍ଚାୟତ ଏବଂ ବ୍ଲକ କର୍ତ୍ତୃପକ୍ଷଙ୍କ ଉପରେ କ୍ଷୋଭ ପ୍ରକାଶ ପାଇଛି। ମାଓବାଦୀ ପ୍ରବଣ ଅଞ୍ଚଳରେ ସରକାର ବିଭିନ୍ନ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଥିବା ନେଇ ବାହାବା ନେଉଛନ୍ତି। ହେଲେ ଏଭଳି ବିଭିନ୍ନ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଉପରେ ଅମ୍ବୁଡ୍‌ସମ୍ୟାନ ସଂପୃକ୍ତ ସରପଞ୍ଚ, ଗ୍ରାମ ରୋଜଗାର ସେବକ ଏବଂ ଗ୍ରାମସାଥୀମାନଙ୍କୁ ଡାକି ଆଲୋଚନା କରି ଏହା ଉପରେ ତୁରନ୍ତ ପ୍ରକ୍ରିୟା ଚାଲୁ କରିବାକୁ ନିର୍ଦ୍ଦେଶ କରିଥିଲେ । ତେବେ ପ୍ରଶାସନ ଗରିବ ହିତାଧିକାରୀମାନଙ୍କ ପ୍ରତି ସବୁବେଳେ ଅଣଦେଖା କରୁଛି । ଏହା ଉପରେ ଜଲା ପ୍ରଶାସନ ଏବଂ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ସୁନାବେଡା ବସ୍ତିରେ ଅମ୍ବୁଡ୍‌ସମ୍ୟାନ ଲୋକଙ୍କ ସମସ୍ୟା ପଚାରି ବୁଝୁଛନ୍ତି।





ଭୋଟର ପରିଚୟପତ୍ର ଯାଞ୍ଚ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

## ଭୋଟର ପରିଚୟପତ୍ର ଯାଞ୍ଚ କେନ୍ଦ୍ର ଶୁଭାରମ୍ଭ

**ନୂଆପଡା ଅଫିସ, ୭।୯**

ସ୍ଥାନୀୟ କେଜିଏନ୍‌ଟି ନିକଟରେ ଚାଲିଥିବା ସିଏସ୍‌ସିରେ ଭୋଟର ପରିଚୟ ପତ୍ର ଯାଞ୍ଚ ଏବଂ ସଂଶୋଧନ କେନ୍ଦ୍ର ଆରମ୍ଭ ହୋଇଛି । ଏହାକୁ ଉପଜିଲାପାଳ ତରଣୀସେନ ନାଏକ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ସେଣ୍ଟର ପ୍ରମୁଖ ଜୟନାରାୟଣ ଘୋଷ ସଭାପତିତ୍ୱ କରିଥିଲେ। ସନ୍ତୋଷ କୁମାର ବରାଳ, ବୀରେନ୍ଦ୍ର ସିଂ ଦଣ୍ଡସେନା, ଗୋବିନ୍ଦଚନ୍ଦ୍ର ରଥ, ପରଦେଶୀ ଦେୱାଙ୍ଗନ ପ୍ରମୁଖ ଯୋଗ ଦେଇଥିଲେ। ସେପ୍ଟେମ୍ବର ୧୦ରୁ ଅକ୍ଟୋବର ୧୫ତାରିଖ ଯାଏଁ ଏହି ଭୋଟର ପରିଚୟ ପତ୍ର ଯାଞ୍ଚ କାର୍ଯ୍ୟ ଚାଲିବ। ଭୋଟରମାନେ ଆସି ନିଜର ପରିଚୟ ପତ୍ର ଯାଞ୍ଚ କରାଇ ପାରିବେ ବୋଲି କୁହାଯାଇଛି।

## କୁଡ଼ାସିଂହା ଦୁର୍ଗାପୂଜା ମଣ୍ଡପ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୭।୯**

ବଲାଙ୍ଗୀର ସଦର ବ୍ଲକ ଅଧୀନ କୁଡ଼ାସିଂହା ଗାଁରେ ନବନିର୍ମିତ ଦୁର୍ଗାପୂଜା ମଣ୍ଡପକୁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଛନ୍ତି । ୨୦୧୮ରେ ମଣ୍ଡପର ଭିତ୍ତିପ୍ରସ୍ତର ଦିଆଯାଇଥିଲା। ସଭାରେ ମୁଖ୍ୟଅତିଥି ବିଧାୟକ ମିଶ୍ର ଅଞ୍ଚଳରେ ଏକତା ରହିଲେ ଅସମ୍ଭବକୁ ସମ୍ଭବ କରାଯାଇପାରିବ ବୋଲି କହିଥିଲେ। ସାର୍ବଜନିନ ସାଂସ୍କୃତିକ ପରିଷଦ କୁଡ଼ାସିଂହା ଅଞ୍ଚଳରେ ଏକତା ପ୍ରତିଷ୍ଠା ପାଇଁ ଆଗକୁ ଆସୁ ବୋଲି କହିଥିଲେ। ପରିଷଦ ପକ୍ଷରୁ ପଞ୍ଚାୟତର ତିନୋଟି ଗ୍ରାମକୁ ନେଇ ସଙ୍ଗୀତ ତଥା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅଞ୍ଚଳର ୩ଜଣ କଳାକାରଙ୍କୁ ମୁଖ୍ୟଅତିଥି ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଚାରକ ଭାବେ ବ୍ରହ୍ମାନନ୍ଦ ବନ୍‌ଛୋର, ବାସୁଦେବ ସା, ନବୀନ କୁଅଁର, ସରୁପା ସିଂ, ସତପା ଷଡ଼ଙ୍ଗୀ ଯୋଗ ଦେଇଥିଲେ। ସରପଞ୍ଚ କପିଳ ନନ୍ଦ, ନାଥ ବାବୁ, ବିଜୟ ସାହୁ, ହରେକୃଷ୍ଣ ସାହୁ, ବିରଞ୍ଚି ପଧାନ ମଞ୍ଚାସୀନ ଥିଲେ। ଡା. ଲଳିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।



ବିଧାୟକ ନରସିଂହ ମିଶ୍ର କୁଡ଼ାସିଂହା ଗାଁରେ ଦୁର୍ଗାପୂଜା ମଣ୍ଡପ ଉଦ୍‌ଘାଟନ କରୁଛନ୍ତି।

### ଅଧାରୁ ଛାଡ଼ିଦେଲା ଶବବୁହା ଗାଡ଼ି

## ୧୦କି.ମି. ମୃତଦେହ ଭାରରେ ବୋହିଲେ ଗ୍ରାମବାସୀ

**ରାସ୍ତା ସମସ୍ୟା**

**ଭବାନୀପାଟଣା,୭।୯ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ଦୁର୍ଗମ ତଥା ଆଦିବାସୀ ଅଞ୍ଚଳ କୁହାଯାଉଥିବା ଥୁଆମୁଲ ରାମପୁର ବ୍ଲକରେ ଶନିବାର ପୁଣି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା ଶୋଚନୀୟ ଥିବାରୁ ମୃତଦେହକୁ ଅଧାବାଟରେ ଛାଡିଦେଇଛି। ଶବ ବାହକ ଗାଡି। ଫଳରେ ମୃତ ଦେହକୁ ୧୦କି.ମି. ଶୋଚନୀୟ ରାସ୍ତାରେ ଭାରରେ ବୋହିକି ନେଇଛନ୍ତି ଗ୍ରାମବାସୀ। ଏପରି ଏକ ହୃଦୟଥରା ଦୃଶ୍ୟ ଦେଖିବାକୁ ମିଳିଛି ଥୁଆମୁଲରାମପୁର ବ୍ଲକର ସିଲେଟ ପଞ୍ଚାୟତ ରୁପେନ ଗ୍ରାମରେ। ଏହି ଗ୍ରାମର ଟାଙ୍ଗରୁ ମାଝୀଙ୍କ ସ୍ତ୍ରୀ ଲକ୍ଷ୍ମୀ ମାଝୀ ଗତ କିଛି ଦିନ ହେବ ପ୍ରସୂତି ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଗତ ୪ଦିନ ତଳେ ତାଙ୍କର ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ତେବେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିଲା। ଶବ ବାହକ ଗାଡି ଲକ୍ଷ୍ମୀଙ୍କ ମୃତଦେହକୁ ନେଇଁ ରୁପେନ ଗ୍ରାମକୁ ଯାଉଥିବାବେଳେ ରାସ୍ତା ଶୋଚନୀୟ ଯୋଗ ଗାଡିଟି କେରପାଇ ପଞ୍ଚାୟତ ପର୍ଯ୍ୟନ୍ତ ଯାଇପାରିଥିଲା। ସେଠାରୁ ଆଉ ଆଗକୁ ଯାଇପାରିବନି ବୋଲି କହି ଶବ ବାହକ ଗାଡିର ଚାଳକ ଲକ୍ଷ୍ମୀଙ୍କ ପରିବାରକୁ ମନା କରି ଦେଇଥିଲେ। ଫଳରେ ପରିବାରବର୍ଗ, ଗ୍ରାମବାସୀ ମୃତଦେହକୁ ୧୦ କି.ମି. ଦୂର ଗାଁକୁ ଭାରରେ ଧରି ବର୍ଷାରେ ଭିଜିଭିଜି ପଚ୍ଛା ନଦୀ, ନାଳ ପାରି ହୋଇ ପହଞ୍ଚି ଥିଲେ।


**GOVERNMENT OF ODISHA**
**SUPERINTENDING ENGINEER, PHULBANI (R&B) CIRCLE, PHULBANI**
E-mail-sernbphulbani@gmail.com
**1ST Corrigendum to Tender Call Notice vide Bid Identification No.SE-(R&B)-PLB-01/2019-20**

**No. 791** **Dtd. 06.09.2019**

No.: 156-B: The following changes are made in respect of the Bid Identification No.SE-(R&B)-PLB-01/2019-20.

1) Date and Time of sale and receipt of Bids : From 10.00 AM of Dtd. 18.09.2019 to 5.00 PM of dtd. 30.09.2019.
2) Last Date for Submission of Bid : 5.00PM of dtd. 30.09.2019.
3) Date of Opening of the Bid : 11.00 AM of 01.10.2019.

The other terms & conditions stipulated in the Original tender call notice for all other works remain unchanged.

Sd./-Er. M.K. Tripathy
Superintending Engineer,
Phulbani (R&B) Circle, Phulbani

34129/11/0002/1920

**Office of the Municipal Council, Bhawanipatna**
"e" Procurement Notice
No.________/ Dated: 06.09.019
**Tender Call Notice- EOBPM/Online-01/2019-20**
The Municipal Council Bhawanipatna invites online bid in single cover system through e procurement.

| | |
|---|---|
| Tender reference No. | : EOBPM/Online-01/2019-20 |
| Name of Work | : Civil works |
| Total Nos. of works | : 02 (Two) |
| Value of Works | : Rs. 3300697.00 |
| Date of availability of Tender for online Bidding | : From 07.09.2019 at 11.00 AM upto Dt. 20.09.2019 at 5.00 PM |
| Date of Opening of Bids | : Dt. 25.09.2019 at 3.30 PM |
| Name and Address of the Officer inviting Bid | : Executive Officer, Bhawanipatna Municipality |
| Further details can be seen from procurement portal the website | : www.tendersorissa.gov.in |

Sd./- Executive Officer, Bhawanipatna Municipality

**GOVT OF ODISHA** 325-O
**OFFICE OF THE EXECUTIVE ENGINEER RURAL WORKS DIVISION SONEPUR**
**Cancellation to e-Procurement Notice No.SNPR/Online-1/ 2019-20**
This is to notify that the e-Procurement Notice No. SNPR/online-01 of 2019-20 is here by cancelled due to unavoidable circumstance.

Sd/-
Executive Engineer
R.W. Division Sonepur

25054/11/0005/1920

**ବିଜ୍ଞାପନ**

No.: 13-PP: ହସ୍ତତନ୍ତ ବୟନ ଏବଂ ନକ୍ସା ପ୍ରସ୍ତୁତି ଅନୁଷ୍ଠାନ (Institute of Handloom Weaving and Designs), ଖୋର୍ଦ୍ଧାରେ ୧୮ ମାସିଆ ହସ୍ତତନ୍ତ ବୟନ ତଥା ନକ୍ସା ପ୍ରସ୍ତୁତି କରଣ ତାଲିମ ପାଇଁ 2019-21 ବର୍ଷ ପାଠ୍ୟକ୍ରମରେ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି ଏବଂ ସାମାଜିକ ଓ ଅର୍ଥ ନୈତିକ ଅନଗ୍ରସର ଜାତି ତଥା ସାଧାରଣ ବର୍ଗର ମୋଟ ୧୫ଜଣ ଛାତ୍ର, ଛାତ୍ରୀ ଚୟନ ନିମନ୍ତେ ନିମ୍ନଲିଖିତ ଫାରମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ୧୦ମ ଶ୍ରେଣୀ ବା ତତ୍ତୁଲ୍ୟ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ଦରଖାସ୍ତ କରିପାରିବେ। ତା୦୧।୦୪।୨୦୧୯ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀମାନଙ୍କ ବୟସ ସୀମା ୧୭ରୁ ୧୯ ବର୍ଷ ଏବଂ ତଫସିଲଭୁକ୍ତ ଜାତି ଓ ଉପଜାତି ପ୍ରାର୍ଥୀମାନଙ୍କ ବୟସ ସୀମା ୧୭ରୁ ୨୨ବର୍ଷ ହେବା ଆବଶ୍ୟକ। ଏହି ପାଠ୍ୟକ୍ରମ ସେମାନଙ୍କର ଆତ୍ମନିଯୁକ୍ତି ଓ ହସ୍ତତନ୍ତ ଜ୍ଞାନ କୌଶଳ ବୃଦ୍ଧି ନିମନ୍ତେ ସହାୟକ ହେବ। ତାଲିମ ସମୟ ମଧ୍ୟରେ ଛାତ୍ର/ଛାତ୍ରୀମାନଙ୍କୁ ମାସିକ ଟ.୩୦୦/- ହାରରେ ଭତ୍ତା ପ୍ରଦାନ କରାଯିବ। ଏ ସମ୍ବନ୍ଧୀୟ ବିଶେଷ ବିବରଣୀ ପାଇଁ ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର - ୭୫୧୦୦୭ଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରାଯାଇପାରେ। ଏଥି ନିମନ୍ତେ ନିମ୍ନୋକ୍ତ ପ୍ରମାଣ ପତ୍ରର ସ୍ୱ-ସ୍ୱାକ୍ଷରିତ ଅବିକଳ ନକଲ ସହ ଦରଖାସ୍ତ ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ରେ ତା୦୪।୧୦।୨୦୧୯ରିଖ ସୁଦ୍ଧା ସିଧାସଳଖ ପହଞ୍ଚିବା ଆବଶ୍ୟକ।

୧. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମୂଳ ପ୍ରମାଣପତ୍ର ଏବଂ ପରୀକ୍ଷାରେ ହାସଲ କରିଥିବା ନମ୍ବର (Mark Sheet).
୨. ତଫସିଲଭୁକ୍ତ ଜାତି ଓ ଉପଜାତି କିମ୍ବା ସାମାଜିକ ଓ ଅର୍ଥନୈତିକ ଅନଗ୍ରସର (ବୁଣାକାର) ସମ୍ପ୍ରଦାୟଭୁକ୍ତ ହୋଇଥିଲେ ତାହାର ଉପଯୁକ୍ତ ପ୍ରମାଣ ପତ୍ର।
୩. ଆବାସିକ ପ୍ରମାଣପତ୍ର (Residential Certificate).

ସ୍ୱା./- ନିର୍ଦ୍ଦେଶକ, ବୟନ ଓ ହସ୍ତତନ୍ତ ଶିଳ୍ପ, ଓଡିଶା

**APPLICATION FORM FOR ADMISSION TO CERTIFICATE COURSE IN INSTITUTE OF HANDLOOM WEAVING & DESIGN, KHURDA**

Affix Passport Size Photograph

1. Name of the applicant: (Both in Odia & English in Block Letters). Odia: ______ English: ______
2. Father's Name: ______
3. Mother's Name: ______
4. Address to which communication: should be sent (with PIN Code) ______
   Phone (Land Line) with STD Code/Mobile No. ______
   E-mail ID (if any): ______
5. Permanent Address: ______
6. a. Date of Birth ______
   b. Age as on 01.04.2019 ______
7. Category (General/SC/ST/ OBC or Others) (In case of SC/ST/OBC a Certificate to be attached in support) ______
8. Whether the candidate belongs to Weavers' Community or Profession? (If yes attach certificate in support) Yes / No
9. Education Qualification (in chronological order)

| Exam./Board | Year of Passing | Name of the School/Institute | Name of the Board/ University | Division & Percentage of Marks | Subject Studied |
|---|---|---|---|---|---|
| | | | | | |
| | | | | | |
| | | | | | |

10. Nearest Railway Station ______
11. Extra Curricular Activites ______

**DECLARATION**

I hereby declare that the information furnished by me above are true and correct to the best of my knowledge and belief.

Place: Signature of Applicant
Date: Signature of Father (or) Guardian

**Note:**
1. The Candidate shall submit self-attested photocopies of the following.
   a. Certificate/testimonials in support of his/her qualification.
   b. Caste/community (in case of SC/ST/OBC etc.)
   c. Bonafide Resident Certificate/Domicile
   d. Certificate in support of claim belonging to Weaver's Community/Profession (if applicable)
2. All the above certificate in original including the Transfer Certificate from the Institution last attended will be produced at the time of interview and admission.

31003/11/0005/1920

**DIRECTORATE OF PRISONS AND CORRECTIONAL SERVICES, ODISHA, BHUBANESWAR**

**Notification No.: 14787** **Dated: 7.9.19**
**FE(A) MISC-39/2013**

**ADVERTISEMENT**

No.105-D: Applications in plain paper with the following details are invited from the Retired Medical Officers (MBBS/Ayurvedic/Homeopathic) of State and Central Government irrespective of age for contractual engagement as Jail Medical Officers (Part time basis) in different Jails at Bonaigarh, Deogarh, Athmallik, Baliguda, Baragarh, Baramba, Biramaharajpur, Champua, Chatrapur, G. Udayagiri, Jajpur Road, Jajpur, Jeypore, Jharsuguda, Kantabanji, Karanjia, Kendrapada, Khariar, Kodola, Kotpad, Kujanga, Madanpur Rampur, Malkangiri, Nilagiri, Nuapada, Padampur, R. Udayagiri, Rairakhol, Ranapur, Soro, Soroda, Umerkote with a consolidated monthly remuneration of Rs.25,000/- for non KBK Districts and Rs.30,000/- for KBK districts. The Retired Medical Officer will submit the application to the Office of the Addl. DG of Police-cum-IG of Prisons & DCS, Odisha, Bhubaneswar, Heads of the Departments Building, 3rd Floor, Sothern Wing, Unit-V, Bhubaneswar - 751001 (Odisha) on or before **26.09.2019** in person or through letter/e-mail. (E-mail ID - **prisons.od@nic.in**). Application received will be considered on first come first served basis and as per existing provision and guidelines issued by the Government in Home Department.

**DETAILS**

Affix two pass port size photographs. Scan photo for e-Mail application

1. Name in Full (Block Letter) :
2. Father's Name :
3. Date of Birth :
4. Educational & Professional Qualification :
5. Date of Retirement :
6. Designation on the date of Retirement :
7. Whether retired from State Government/Central Government :
8. Telephone/Mobile Number
9. Permanent Address :
10. Present Address :
11. Registration No. with validity in Details :
12. Name of the Jail in which he/she intends to be engaged :

Place: Signature of the applicant
Date:

12024/11/0003/1920 Sd./- Addl. DG of Police-cum-I.G. of Prisons & DCS, Odisha

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICE, JAJPUR**
**No.6448** **Dt.07.9.19**

**CORRIGENDUM**

In continuation to Tender Call Notice No.5975/ dt. 21.08.19 for Supply & Installation of Air Conditioner is hereby cancelled due to some unavoidable circumstances.

Sd./-
Chief District Medical &
Public Health Officer, Jajpur

**OFFICE OF MUNICIPAL COUNCIL, SUNABEDA**
**E-PROCUREMENT NOTICE** No.: 175-C
**No.: 5517** **Date: 30.8.2019**
**Bid Identification No. M.C-SBD-03/2019-20**

Total No. of Works : 05 Nos.
Tender Value : Rs.58,85,287/- to Rs.8,57,000/-
Bid Security : Rs.58,900/- to Rs.8,600/-
Available Period : Dt.07.09.2019 at 11.00 A.M. to 16.09.2019 at 5.00 P.M.
Tender Opening Date : 19.09.2019 at 11.00 A.M.

Bidders are requested to participate in advance with their Class-B and Class-A, Class-D and Class-C DSC before the closing date.
Further details please visit: **https://www.tendersorissa.gov.in**.

Sd./- Executive Officer
Sunabeda Municipality

13076/11/0004/1920

**PANCHAYATI RAJ DEPTT., ODISHA, BHUBANESWAR**
PANCHAYAT SAMITI OFFICE, RAYAGADA, DIST.- RAYAGADA, ODISHA
Phone: 06856-222123, e-mail: ori-brayagada@nic.in

**No. 2514 / XI-5/2019** **Dated 05.09.19**

**TENDER CALL NOTICE**

The Block Development Officer, Panchayat Samiti Rayagada, Dist-Rayagada on behalf of Governor, Odisha invites Bids for following works at Percentage systems as detailed, below in sealed cover separately in conformity with DTCN to be eventually drawn in state P.W.D. F-2 contract from intending eligible class of contractors registered with the State Government, RWSS/ Central Government/ MES/ Railways for execution of civil works. The amount put to tender may be changed and confirmed at the time of sale of tender documents if required. The bidders may submit the bid for the following work available at Block office from **10.09.2019 to 15.10.2019** during the office hours **(10.00 AM to 5.30 PM)** on working days. The conditions which are applicable will be available along with DTCN. The Details of Tender Schedule will also be accessed from Panchayat Portal website i.e. "http://www.rayagadaps.odishapr.gov.in".

| Sl. No. | Name of the work | Name of teh Scheme for the Year | Amount put to tender | Class of Contrac-tors | Bid Security deposit in (In Rs.) (EMD 1%) | cost of Documents (Non refund-able) i.e. cost of tender paper | Period of Comple-tion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction Zilla Parishad Building | 4th SFC-(Construction of Non Residential building of PRIs) 2018-19 | 24,07,475.00 (Estt. Cost 30.00 lakh) | "C" & "B" | 24075/- | 6000/- | 6 (Six) (Calendar Months) |
| | Date of sale of tender papers: **10.09.2019** during the office hours (10.00 AM to 5.30 PM) on working days. | | | | | | |
| | Date of submisson / receipt of tender Papers:- | From 10.09.2019 to 15.10.2019 upto 5.30 PM, during office hours on working days | | | | | |
| | Date of opening of tender papers: | 4.00 PM on 16.10.2019 | | | | | |
| | Venue of opening of tender papers:- Office of the Panchayat Samiti, Rayagada, Dist: Rayagada | | | | | | |
| | The tender documents will be available for sale from on **10.09.2019 to 15.10.2019** during office hours on working days, in the office of the Panchayat Samiti, Rayagada, Dist: Rayagada on payment of cost of bid as mentioned in column no (6) through demand draft/ Bankers Cheque drawn in favour of Block Development officer, Rayagada, payable at Rayagada. The cover of envelope containing bid documents should be subscribed with tender call notice no. 2514 dated 05.09.19. The bid without EMD amount as mentioned in column no (5) shall be rejected. The EMD shall be pledged in favour of Block Development office, Rayagada, Dist- Rayagada. Bids shall be received in the Block Development office, Rayagada during office hours from **10.09.2019 to 15.10.2019** upto 5.30 PM through registered post/ speed post/ Drop box only. The authority will not be held responsible for any postal delay in delivering the documents or non receipt of the same within stipulated time. | | | | | | |
| 1 | The Bids will be opened on **16.10.2019 at 4.00 PM** at Panchayat Samiti office, Rayagada, Dist- Rayagada in the presence of the Tender Committee & in presence of the bidders or their Authorized Agents who wish to attend. | | | | | | |
| 2 | The tender document must be accompanied with the attested photo copies of the valid GST certificate labour license & PAN card/ valid contractor license/ Affidavit/ Caste certificate and Money receipt. | | | | | | |
| 3 | Additional performance security shall be deposited by the bidder when the bid amount is severely unbalanced i.e. less thant put to tender cost. In such event the Bidder will deposit an additional performance security to the extent of differential cost of bid amount must be deposited at the time of agreement in shape of NSC/ Postal Term Deposits/ Term Deposit of scheduled Bank duly pledged with the B.D.O., Rayagada, Dist. Rayagada. | | | | | | |
| 4 | Engineer Contractors, seeking exemption of EMD are required to produce an affidavit regarding the list of works awarded during the current financial year 2019-20 with exemption of EMD and will submit copy of the original contract license at the time of opening of tender, otherwise tender will be rejected. | | | | | | |
| 5 | Bid documents consisting of specification, the schedule of quotations and the set of terms and conditions of contract and other necessary documents can be seen in the office of Block Development Officer, Rayagada during the office hours till last date of sale and receipt of tender papers along with an affidavit about authentication of documents should be enclosed without which tender will be liable for rejection. | | | | | | |
| 6 | 1% I.S.D. of the bidder value has to be deposited by the successful bidder at the time of execution of agreement. | | | | | | |
| 7 | The Bids Quoted above 14.99% (less) than put to tender amount will be rejected. | | | | | | |
| 8 | The bidders should enclose experience certificate if any in execution of work of same nature for the work. | | | | | | |
| 9 | The successful bidder shall submit the labour license within seven days from the date of agreement. | | | | | | |
| 10 | The Block Development officer reserves the right to postpone the date of opening of tender/ negotiate/ reject any or all tenders in the interest of Government, with or without assigning any reason thereof. | | | | | | |

Sd./- Block Development Officer, Rayagada

**OFFICE OF THE CHIEF DIST. MEDICAL & PUBLIC HEALTH OFFICE, JAJPUR**
**No.6472 / 6469** **Date:07.09.19**

**TENDER CALL NOTICE**

Sealed tenders are hereby invited from intending Private Individuals/ Travel Agency / Firm for Supply of Vision Screening Kit for School Eye Health Programme under SUNETRA(UEHP), Jajpur for the year 2019-20 & for engagement of Vehicle for Mobile Vision Centre under SUNETRA Programme to the office of the CDM&PHO, Jajpur on or before 17.09.2019 by 1.00 P.M by speed post / Registered post with E.M.D deposit of Rs.10,000/- (Ten Thousand) for Mobile Vision Centre only in shape of D.D., in favour of SUNETRA, JAJPUR, payable at Biraja Temple Branch, Jajpur. For terms of reference regarding Tender Call, please log on to the website; www.jajpur.nic.in.

Sd./- Chief Dist. Medical &
Public Health Officer, Jajpur

See Career Appointment on every Wednesday & Saturday



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ

## ସଂକ୍ଷେପରେ

### ଝାଡ଼ାବାନ୍ତିରେ ୨ ଜଣଙ୍କ ମୃତ୍ୟୁ

**ତୁଣ୍ଡଲା, ୭।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତର ବାଦିପଡାରେ ଝାଡାବାନ୍ତିରେ ୨ ଜଣ ପ୍ରାଣ ହରାଇଛନ୍ତି । ଗତ ସୋମବାର ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ସ୍ତ୍ରୀ ଲକ୍ଷ୍ମୀ ସାହୁ (୩୦)ଙ୍କ ମୃତ୍ୟୁ ଘଟିଥିଲା। ଶନିବାର ସ୍ୱର୍ଗତ ଶ୍ରୀକର ସାହୁଙ୍କ ସ୍ତ୍ରୀ ଉମା ସାହୁ (୮୫)ଙ୍କ ଜୀବନ ଯାଇଛି। ବେଲଖଣ୍ଡି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କୁ ଚିକିତ୍ସା କରାଯାଉଥିବା ସମୟରେ ମୃତ୍ୟୁ ଘଟିଛି । ଲକ୍ଷ୍ମୀଙ୍କ ମୃତ୍ୟୁ ପରେ ଉମାଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବାକୁ ନିଆ ଯାଇଥିଲା। ହେଲେ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଯୋଗୁ ତାଙ୍କୁ ଉମା କ୍ଲିନିକ ନାମକ ଏକ ଘରୋଇ ଡାକ୍ତରଖାନାରେ ରଖି ଚିକିତ୍ସା କରାଯାଉଥିଲା। ଶନିବାର ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହେବାରୁ ଶେଷରେ ଘର ଲୋକେ ନେଇ ଆସିଥିଲେ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପ୍ରତିନିଧି ଦଳ ଓ ଏଡିଏମଓ ଅଶୋକ କୁମାର ଦାଶ, ଏଡିଏମଓ କମ୍ ଲେପ୍ରୋସି ମନ ମାଝୀ ପ୍ରମୁଖ ଗାଁରେ ପହଞ୍ଚି ତାଙ୍କୁ ବେଲଖଣ୍ଡି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରିଥିଲେ । ହେଲେ ତାଙ୍କର ମୃତ୍ୟୁ ଘଟିଥିଲା। ଏବେ ବାଦିପଡା ଗ୍ରାମର ବୈଶାଖୁ ସାହୁ, ବୈଦେହୀ ସାହୁ, ବିମଳା ସାହୁ ପ୍ରମୁଖ କେସିଙ୍ଗାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ରାମଚନ୍ଦ୍ରପୁର-ଟେକରତୋଳା ରାସ୍ତା ଅବସ୍ଥା ସାଂଘାତିକ

# ଖଟିଆରେ ବୁହା ହେଲେ ରୋଗୀ

**ଲାଞ୍ଜିଗଡ଼, ୭।୯ (ଡି.ଏନ୍.ଏ.)**

ଦିନତମାମ ଝିପିଝିପି ବର୍ଷା ସାଙ୍ଗକୁ ଖରାପ ରାସ୍ତା ଅଞ୍ଚଳବାସୀଙ୍କ ପାଇଁ କାଳ ପାଲଟିଛି । ଦୀର୍ଘ ବର୍ଷ ହେଲା ରାସ୍ତା ଖରାପ ଥିବାବେଳେ ପ୍ରଶାସନ ଆଖି ବୁଜି ଦେଇଛି। ପରିସ୍ଥିତି ଏପରି ହୋଇଛି ଯେ, ଗୋଟିଏ ଗାଁର ପାଞ୍ଚଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପେଟପାଟଣା ବନ୍ଦ ହେବା ସହ ବାହ୍ୟ ଜଗତରୁ ଏକ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ଅବସ୍ଥାରେ ଅଛନ୍ତି ଲୋକେ। ବର୍ଷା ସାଙ୍ଗକୁ କଦର୍ଯ୍ୟ ରାସ୍ତା ଯୋଗୁ ଲୋକେ କାମଧନ୍ଦା ପାଇଁ ସୁଦ୍ଧା ବାହାରକୁ ଯାଇପାରୁନାହାନ୍ତି। କାରଣ ଗାଡିମୋଟର କିମ୍ବା ବାଇକ୍ ତ ଦୂରର କଥା ଏହି ରାସ୍ତାରେ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡିଛି। ଏହିପରି ପରିସ୍ଥିତିରେ ରୋଗୀକୁ ଡାକ୍ତରଖାନାକୁ ନେବାକୁ ଆମ୍ବୁଲାନ୍ସକୁ ଖବର ଦେବାପରେ ରାସ୍ତା ଯୋଗୁ ଦେଢ କିମି ଖଟିଆରେ ବୁହାହୋଇ ରୋଗୀକୁ ହସ୍ପିଟାଲକୁ ନେବାକୁ ପଡିଛି। ଶନିବାର ଏହିପରି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମ ପଞ୍ଚାୟତ ଟେକରତୋଳା ଗାଁରେ।

**ଆମ୍ବୁଲାନ୍ସ ଯାଇପାରିଲାନି**


ଖଟିଆରେ ବୁହାହୋଇ ରୋଗୀ ଡାକ୍ତରଖାନା ଯାଉଛନ୍ତି।

ରାମଚନ୍ଦ୍ରପୁର ଦୁର୍ଗାମଣ୍ଡପ ଛକରୁ ଟେକରତୋଳା ଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା ଏତେ କଦର୍ଯ୍ୟ ହୋଇପଡିଛି। ଲୋକେ ଚାଲି ଚାଲି ଯାଆସ କରିବା ବି ଅସମ୍ଭବ ହୋଇପଡିଛି । ଏହି ପରିସ୍ଥିତିରେ ଶନିବାର ଗାଁର ଗୋପାଳ ଗଉଡ(୪୫) ନାମକ ଜଣେ ବ୍ୟକ୍ତି ହଠାତ୍ ଗୁରୁତର ହୋଇ ପଡିବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା । କିନ୍ତୁ ରାସ୍ତା ଖରାପ ଯୋଗୁ ଗାଁକୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା । ଫଳରେ ପରିବାର ଲୋକେ ଗୁରୁତର ଗୋପାଳଙ୍କୁ ଗାଁରୁ ରାମଚନ୍ଦ୍ରପୁର ଛକଯାଏଁ ଏକ ଖଟିଆରେ ବୋହି ଆଣିଥିଲେ । ଦୁର୍ଗମ ଅଞ୍ଚଳରେ ଏପରି ହେବା ନିତିଦିନିଆ ଘଟଣା ପାଲଟିଥିବାବେଳେ ଅପେକ୍ଷାକୃତ ସମତଳ ଅଞ୍ଚଳ ହୋଇଥିଲେ ହେଁ ଟେକରତୋଳା ଗାଁ ରାସ୍ତାର ଏହି ଦୃଶ୍ୟ କ୍ଷୋଭ ଓ ହତାଶା ସୃଷ୍ଟି କରିଛି। ଏପରିକି ଏ ନେଇ ପୂର୍ବରୁ ସରପଞ୍ଚ, ବିଡିଓଙ୍କଠାରେ ରାସ୍ତା ସମସ୍ୟାକୁ ନେଇ ଗୁହାରି କରିଥିଲେ ହେଁ କୌଣସି ଫଳ ମିଳି ନ ଥିବାବେଳେ ପ୍ରଶାସନ ଜାଣିଶୁଣି ଲୋକଙ୍କୁ ମରଣମୁହଁକୁ ଠେଲି ଦେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରଶାସନ ପାଖରୁ ନିରାଶ ହୋଇ ଗାଁର କିଶୋର ପୁରୋହିତଙ୍କ ନେତୃତ୍ୱରେ ଗାଁଲୋକେ ରାସ୍ତା ମରାମତି ପାଇଁ ଉଦ୍ୟମ କରିଥିଲେ । ତେବେ ଲଗାତାର ବର୍ଷା ଯୋଗୁ ଏହା ପୁଣି ଖରାପ ହୋଇଯାଇଛି। ଫଳରେ ଗାଁଲୋକେ ମରଣଠାରୁ ବଳି ଯନ୍ତ୍ରଣା ପାଉଥିବାବେଳେ ରାସ୍ତା ଠିକ୍ ଥିଲେ ଆମ୍ବୁଲାନ୍ସ ସିଧା ଗାଁକୁ ଯାଇପାରିଥାନ୍ତା। ଗୋପାଳଙ୍କ ଅବସ୍ଥା ଗୁରୁତର ହୋଇ ନ ଥାନ୍ତା ବୋଲି ଗାଁ ଲୋକେ କହିଛନ୍ତି। ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଗୋପାଳଙ୍କ ଅବସ୍ଥା ଆହୁରି ଗୁରୁତର ହୋଇପଡିଥିଲା। ଦିନମଜୁରିଆ ଭାବେ କାମ କରୁଥିବା ଗୋପାଳଙ୍କ ଗୁରୁତର ଅବସ୍ଥା ସମ୍ପର୍କରେ ଖବର ପାଇ ଯୁବ ଗୋବର୍ଦ୍ଧନପୁର ବିଜୁ ଯୁବବାହିନୀ ସଦସ୍ୟ ସୁଶୀଲ କୁମାର ବାଗ ନର୍ଲା ହସ୍ପିଟାଲ ପହଞ୍ଚି ଡାକ୍ତରଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ । ଏହାସହ ଡାକ୍ତରଙ୍କ ସହ ପରାମର୍ଶ ପରେ ତାଙ୍କୁ ଭବାନୀପାଟଣା ସ୍ଥାନାନ୍ତର ପାଇଁ ସହଯୋଗ କରିବା ସହିତ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



ଭଲ ଖାଇବା, ଭଲ ପାଣି ପିଇବା ଓ ସୁସ୍ଥ ରହିବା ପାଇଁ ପିଲାମାନେ ଶପଥ ନେଉଛନ୍ତି।

# ଭଲ ଖାଇବା, ଭଲ ପାଣି ପିଇ ସୁସ୍ଥ ରହିବା

**କର୍ଲାମୁଣ୍ଡା, ୭।୯ (ଡି.ଏନ.ଏ.)**

କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ପଞ୍ଚାୟତ ସିଲେଟପଡା ପ୍ରାଥମିକ ବିଦ୍ୟାଳୟରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଶନିବାର ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଛାତ୍ରୀଛାତ୍ରଙ୍କୁ ନେଇ ପୋଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଭଲ ଖାଇବା, ଭଲ ପାଣି ପିଇବା ଓ ସୁସ୍ଥରେ ରହିବାକୁ ଛାତ୍ରୀଛାତ୍ର ଶପଥ ନେଇଥିଲେ। ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗୌଡ ଯୋଗଦେଇ ୪ କିସମର ଖାଦ୍ୟ ବିଭାଗ ଉପରେ କହିଥିଲେ। ପନିପରିବା ଓ ଫଳ ଜାତୀୟ, କ୍ଷୀର ଜାତୀୟ ଖାଦ୍ୟ, ମାଂସ ଓ ଅଣ୍ଡା ଜାତୀୟ ଓ ଶସ୍ୟ ଜାତୀୟ ଖାଦ୍ୟ ଉପରେ ସେ ବର୍ଣ୍ଣନା କରିଥିଲେ। ପ୍ରଧାନ ଶିକ୍ଷକ କ୍ଷୀର ସାଗର ସାହୁ ଓ ଅଙ୍ଗନୱାଡି କର୍ମୀ ସରସ୍ୱତୀ ସୁନା ଯୋଗଦେଇ ସ୍ନେହସାର, ଶ୍ୱେତସାର, ପୁଷ୍ଟିସାର ଓ ତନ୍ତୁ ଜାତୀୟ ଖାଦ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ଗ୍ରାମ ବିକାଶ କମିଟି ସଭାପତି ଲଖପତି ମାଝୀ, ସଭ୍ୟ ଦ୍ରୋଣ ସାହୁ, ପ୍ରଦୀପ କୁମାର ସାହୁ, ଜଗଦୀଶ ପ୍ରସାଦ ରଣା ସହଯୋଗ କରିଥିଲେ।

# ତିହାର ହାଟରେ ମିଳିଲାନି ନୂଆ ଧାନ

**ଭବାନୀପାଟଣା, ୭।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଭବାନୀପାଟଣା, ଥୁ.ରାମପୁର, ଲାଞ୍ଜିଗଡ, ଜୟପାଟଣା ଅଞ୍ଚଳରେ ରବିବାର ନୂଆଁଖାଇ ପାଳିତ ହେବ। ଏଥିପାଇଁ କଳାହାଣ୍ଡି ଜିଲାର ପୁରପଲ୍ଲୀ ଚଳଚଞ୍ଚଳ ହୋଇ ଉଠିଛି । ଜିଲାର ବିଭିନ୍ନ ସ୍ଥାନରେ ତିହାର ହାଟରୁ ଲୋକେ ବିଭିନ୍ନ ଜିନିଷ କିଣିଛନ୍ତି। ତେବେ ଏ ବର୍ଷ ନୂଆଁ ଧାନ ତାହା ମିଳି ନଥିଲା। ଭବାନୀପାଟଣା ସହରରେ ଥିବା ଶନିବାର ସାପ୍ତାହିକ

**ଆଜି ନୂଆଁଖାଇ**

ହାଟରେ ପ୍ରବଳ ଭିଡ ହୋଇଥିଲା । ନୂଆଁଖାଇର ପୂର୍ବ ହାଟପାଳିକୁ ତିହାର ହାଟ ବୋଲି କୁହାଯାଏ। ଏଣୁ ଏଥର ତିହାର ନୂଆଁଖାଇ ପାଇଁ ବିଭିନ୍ନ ପୂଜା ସାମଗ୍ରୀଠାରୁ ଆରମ୍ଭ କରି ନୂଆଁ ଲୁଗା, ଘରୋଇ ଉପକରଣ, ପନିପରିବା, ମାଟିହାଣ୍ଡି, ଦୀପ, ବାଉଁଶରେ ତିଆରି କୁଲାଟୋପା, ସର୍ଗୀ ଓ ଶିଆଳ ପତ୍ରରେ ତିଆରି ଖଲି ଦନା ଲେକେ କିଣିଛନ୍ତି। ବେପାରୀ ମଧ୍ୟ ଲୋକଙ୍କ ଚାହିଦା ମୁତାବକ ଆବଶ୍ୟକ ଜିନିଷ ଆଣି ସେମାନଙ୍କ ପସରା ମେଳିଥିଲେ।


ଭବାନୀପାଟଣାରେ ଶନିବାର ସାପ୍ତାହିକ ହାଟ ବସିଛି।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଳ, ୭।୯ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ନେହେନା ଗ୍ରାମରେ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଏହି ଯୁବକ ଜଣକ ହେଲେ ନେହେନା ଗ୍ରାମର ତ୍ରିଲୋଚନ ନାୟକଙ୍କ ପୁଅ ଦିନେଶ ନାୟକ (୧୯) । ଘରେ କେହି ନ ଥିବା ବେଳେ ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ପ୍ରଥମେ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଖଡିଆଳ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୩୨/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ଗରିବଙ୍କୁ ଘର ପାଇଁ କାର୍ଯ୍ୟାଦେଶ ବଣ୍ଟନ

**କୋକସରା, ୭।୯ ( ଡି.ଏନ.ଏ.)**

କୋକସର ବ୍ଲକ ସଭାଗୃହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟାଦେଶ ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ଗ୍ରାମୀଣ ଆବାସର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କୋକସରା ବ୍ଲକ୍ ଅଧକ୍ଷା ସବ୍ୟରାଣୀ ବାଗ, କୋକସରା ସମିତ ସଭ୍ୟ ତ୍ରିଭୁବନ ନାଏକ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବ୍ଲକ୍ ଉପାଧକ୍ଷ ଧିରାମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରାଡଙ୍ଗା ପଞ୍ଚାୟତର ୯୪ ଜଣ, ଡାଲଗୁମାର ୮୭, ମାଝିଗୁଡାର ୫୧ଜଣ, କୋକସରାର ୫୮ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମୋନାଲିସା ସାମଲ, ଚନ୍ଦନ ସାହୁ, ବରାଡଙ୍ଗା ପିଇଓ ଗୌତମ ନାଗ, କୋକସରା ପିଇଓ ବିରଞ୍ଚି ଖର୍ସେଲ, ମାଝିଗୁଡା ପିଇଓ କୃଷ୍ଣଚନ୍ଦ୍ର ଦାଶ, ଗମ୍ଭାରୀଗୁଡା ପିଇଓ ପରମେଶ୍ୱର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମାଝିଗୁଡା ସରପଞ୍ଚ କେକୈଇ ନାଗ, ଗମ୍ଭାରୀଗୁଡ ସରପଞ୍ଚ ନନ୍ଦିତା ସାହୁ, ବରାଡଙ୍ଗା ସରପଞ୍ଚ ଗୋକୁଳ ନାଏକ, ଡାଲଗୁମା ସରପଞ୍ଚ ଯଦୁମଣି ହଂସ, ବରାଡଙ୍ଗା ସମିତି ସଭ୍ୟା ଶକୁନ୍ତଳା ଚଳାନ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଜଣେ ହିତାଧିକାରୀଙ୍କୁ ବିଧାୟକ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

# ଜୟପାଟଣା ଅଞ୍ଚଳରେ ବନ୍ୟା ପରିସ୍ଥିତି, ରାସ୍ତା ବିଚ୍ଛିନ୍ନ

**ଭବାନୀପାଟଣା, ୭।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଜୟପାଟଣା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଅଞ୍ଚଳରେ ରାସ୍ତା ଉପରେ ପାଣି ପ୍ରବାହିତ ହେବାରୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଅନେକ ସ୍ଥାନରେ କେତେକ ପୋଲ ଭାଙ୍ଗିପଡିବାରୁ ଲୋକଙ୍କ ଗମନାଗମନରେ ଅସୁବିଧା ସୃଷ୍ଟି ହୋଇଛି। ମୁଖିଗୁଡା-ମହୁଲପାଟଣା ଘାଟି ରାସ୍ତାରେ ବନ୍ୟା ପାଣି ଆସିଥିଲା ଗାଇଧାର, କମଳ ନଦୀ, ଛଞ୍ଚାଣଗାଡ, ପିପଲଯୋର ଆଦିରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୟପାଟଣା ଚିର୍କା ରାସ୍ତା ଉପରେ ୩ ଫୁଟ ପାଣି ଚାଲିବା ଦ୍ୱାରା କେତେକ ସ୍ଥାନରେ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଜୟପାଟଣାକୁ ସଂଯୋଗ କରୁଥିବା ପ୍ରଜାନାଗଫେଣୀ ମାଝୀପଡା ରାସ୍ତାର ଏକ ପୋଲ ସମ୍ପୂର୍ଣ୍ଣ ଧୋଇ ହୋଇ ଯାଇଛି। ଥୁ.ରାମପୁର ଅନ୍ତର୍ଗତ ମୁର୍କା ଗ୍ରାମର କହ୍ନାଇ ଝୋଡିଆ, ଜୟପାଟଣା ବଞ୍ଚରାପଡାସ୍ଥିତ ରଘୁନାଥ ପଟେଲ, ଗୁଣ୍ଡିଚା ବେୱା, ବାଲ ରାଉତ, ଅଲେଖ ରାଉତ ପ୍ରମୁଖଙ୍କ ଘର ଭାଙ୍ଗି ଯାଇଛି। ଭାଲୁଯୋର ନଦୀର ବନ୍ୟା ପରିସ୍ଥିତି ହୋଇଥିବାରୁ ଭାଲୁଯୋର, ବାଙ୍ଗଟିସାହାଜ, ଭାଟିପାସ, ଡଙ୍ଗରୀଗୁଡା, ତଳଡଙ୍ଗରୀଗୁଡା, ଢୁଲୁପଖାନ ଆଦି ଅଞ୍ଚଳ ପଞ୍ଚାୟତ ମହକୁମା ଧନଶୁଲି ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। କମଳନଦୀ ମଧ୍ୟ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି।

## ବନ୍ଧୁ ମିଳନ କାର୍ଯ୍ୟକ୍ରମ

**କୋମନା,୭।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ହାଇସ୍କୁଲର ୨୦୦୬ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ତିଖାଲି ଡ୍ୟାମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ତ୍ରୀଭୁବନ ଖମାରୀ, ଶୋଭାରାମ ମାଝି, ଗଜିନ୍ଦ୍ର ସୁନାନୀ, ନିଲକୁଶୁମ ଢୁଙ୍ଗଢୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# କୋକସରା ଡାକ୍ତରଖାନାରେ ରକ୍ତଦାନ ଶିବିର

**କୋକସରା, ୭।୯ ( ଡି.ଏନ.ଏ.)**

କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋସିଆଲ ଆକ୍ଟିଭିଷ୍ଟ କଳାହାଣ୍ଡି ଆୟୋଜନ କ୍ରମେ ଓ କୋକସରା ଡିଗ୍ରୀ କଲେଜ ୟୁଥ୍ ରେଡକ୍ରସ ୟୁନିଟ ଓ ଏନସିସିର ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋକସରା ମେଡିକାଲ ଇନଚାର୍ଜ ତତ୍ୱଦର୍ଶୀ ଦାସ, ଡାକ୍ତର ପ୍ରଜ୍ଞାପ୍ରିୟଦର୍ଶିନୀ ସାହୁ, ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଭାବେ ଯୋଗ ଦେଇଥିଲେ। ଏଥିରେ ୨୬ ଜଣ ରକ୍ତଦାନ କରିଥିଲେ। ନବୀନ ସା, କେଦାରେଶ୍ୱର ବେମାଲ ପ୍ରମୁଖ ପରିଚାଳନା କରିଥିଲେ। ଡାକ୍ତର ଜୟରାମ ମଙ୍ଗରାଜ, ପ୍ରକାଶ କୁମାର ପଣ୍ଡା, ଭରତ ଚନ୍ଦ୍ର କାଣ୍ଡ ଓ ସୁନୀଲ କୁମାର ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

# ଜୀବନ ନେଉଛି କିଡ୍‌ନୀ ରୋଗ

**କେସିଙ୍ଗା, ୭।୯ (ଡି.ଏନ.ଏ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ୧୦ ଜଣରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ହେଲେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନି। ଉତକେଲା ପଞ୍ଚାୟତର କନ୍ଦେମାଲ ଗ୍ରାମରେ ବର୍ଷେ ମଧ୍ୟରେ ୯ଜଣଙ୍କ ମୃତ୍ୟୁ ଘଟିଛି। ବହୁ ଲୋକ ଆକ୍ରାନ୍ତ ହୋଇଛନ୍ତି। କନ୍ଦେଇମାଲ ଗ୍ରାମରେ ୪ଟି ନଳକୂଅ ରହିଛି। ଏହି ନଳକୂଅରୁ ଲାଲ ଓ ହଳଦିଆ ରଙ୍ଗର ପାଣି ବାହାରିଥାଏ । ଏହି ଗ୍ରାମରେ ନଳକୂଅ ବ୍ୟତୀତ ଅନ୍ୟ କୌଣସି ପାନୀୟ ଜଳର ସୁବିଧା ନାହିଁ। ଉକ୍ତ ଗ୍ରାମରେ ୫ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଦୂଷିତ ପାଣି ପିଇ ୯ଜଣଙ୍କ ମୃତ୍ୟୁ ଘଟିଥିବା ପଡାବାସୀମାନେ ପ୍ରକାଶ କରିଛନ୍ତି । କିଡ୍‌ନୀ ରୋଗରେ କଳା ଜାଲ (୩୮), ଭୁଜ ମାଝୀ (୪୫), ତ୍ରିନାଥ ଜାଲ (୪୦), ସୁରଲି ଜାଲ (୩୮), ଧନେ ଜାନୀ (୫୮), ଅଜିତ ଜାନୀ (୨୫), ଗୁଲାର ଜାଲ (୫୮), ଗୌର ଜାନୀ (୫୧), ଗୋମତୀ ଜାନୀ (୫୫) ଏହି ପରି ୯ଜଣଙ୍କର ମୃତ୍ୟୁ ଘଟିଛି । ପଦ୍ମଲୋଚନ ପ୍ରଧାନ (୭୩), ମଞ୍ଜୁଲତା ପ୍ରଧାନ (୫୫), ଭବାନୀ ଜାନୀ (୫୫), ଦାମୋଦର ଜାନୀ (୪୦), ରୁଗୁଡିମାଲର କାଶି ଜାନୀ (୬୦) ବର୍ତ୍ତମାନ କିଡନୀ ରୋଗରେ ଆକ୍ରାନ୍ତ ହୋଇ ବହୁ କଷ୍ଟରେ ଜୀବନ ଯାପନ ବିତାଉଛନ୍ତି । ସେହିପରି କେସିଙ୍ଗା ଏନଏସିର ୧୦ ନମ୍ବର ସ୍ଥିତ କଲ୍ୟାଣ ମଣ୍ଡପ ନିକଟର ବସନ୍ତ କଅଁର (୨୩)ଙ୍କ ଗତବର୍ଷ ଏପ୍ରିଲ ୫ରେ ମୃତ୍ୟୁ ଘଟିଛି। ମଶାଣିମୁଣ୍ଡା ଗ୍ରାମରେ ଗତ ୫ବର୍ଷ ଭିତରେ ୬ଜଣଙ୍କ ମୃତ୍ୟୁ ଘଟିଛି। ଏଠାରେ ବର୍ତ୍ତମାନ ୧୫ରୁ ଊର୍ଦ୍ଧ୍ୱ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ତୁଣ୍ଡଲା ପଞ୍ଚାୟତର ଖଜୁରପଡାଠାରେ ୨୦୧୧ରୁ ବର୍ତ୍ତମାନ ସୁଦ୍ଧା ୫ଜଣ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏଠାରେ ସବିତା ନାଗ (୫୫), ଅନିଲ ବାଗ (୩୭), ଦ୍ୱିତୀକୃଷ୍ଣ ନାଗ (୬୧), ପଙ୍କଜିନୀ ମାଝୀ (୪୧), ପରମେଶ୍ୱର ନାଗ (୬୫) ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି । ଏ ସଂକ୍ରାନ୍ତରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ବନଲତା ଦେବୀଙ୍କୁ ପଚାରିବାରୁ ସେ ତଦନ୍ତ କରିବି ବୋଲି ପ୍ରକାଶ କରିଛନ୍ତି।

## ଚକ୍ଷୁଦାନ ମଣିଷକୁ ପୁଣ୍ୟ ଦିଏ

**ନୂଆପଡ଼ା ଅଫିସ, ୭।୯**

ମଣିଷ ସୃଷ୍ଟିର ସବୁଠାରୁ ମହାନ ଜୀବ । ସେ ନିଜେ ଜିଇଁ ଅନ୍ୟକୁ ବଞ୍ଚାଇବାର କୌଶଳ ନିଜେ ଶିଖିଛି। ଏହା ତାହାର ମହତ ପଣିଆ। ପୁଣି ବିଭିନ୍ନ ଅଙ୍ଗ ଦାନ କରି ଭିନ୍ନକ୍ଷମଙ୍କୁ ସକ୍ଷମ କରିବାରେ ସମର୍ଥ ହେଉଛି। ତେବେ ଚକ୍ଷୁଦାନ ସବୁଠାରୁ ମହତ ଦାନ ବୋଲି ଗ୍ରହଣ କରାଯାଇଥାଏ । ଏହା ମଣିଷକୁ ପୁଣ୍ୟ ଦିଏ। ଶନିବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ଜାତୀୟ ଚକ୍ଷୁଦାନ ପକ୍ଷ-୨୦୧୯ ପାଳନ ଅବସରରେ ଅତିଥିମାନେ ଯୋଗ ଦେଇ ଏହା କହିଛନ୍ତି। ସିଡିଏମଓ ପ୍ରଭାସିନି ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧକ୍ଷା ନମିତା ପ୍ରଧାନ, ବି. ବି. ଜଗତ, ପି.କେ.ବି. ପଟ୍ଟନାୟକ, ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଆର.କେ. ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରୁକ୍ମିଣୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୪୫୦ ହେକ୍ଟର ଚାଷଜମି ଜଳମଗ୍ନ

**ଜୁନାଗଡ, ୭।୯ (ଡି.ଏନ୍.ଏ.)**

୩ଦିନ ଧରି ଉପରମୁଣ୍ଡାରେ ଲଗାଣବର୍ଷା ଓ ମଙ୍ଗଳପୁର ବ୍ୟାରେଜରୁ ୪ଟି ଗେଟ୍‌ରେ ପାଣି ଛଡାଯିବା ପରେ କଳାହାଣ୍ଡି ଜିଲାରେ ପ୍ରବାହିତ ହେଉଥିବା ହାତୀନଦୀରେ ଶୁକ୍ରବାରଠାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ହାତୀନଦୀରେ ବନ୍ୟା ଆସିବା ଯୋଗୁ ଜୁନାଗଡ ବ୍ଲକର ୧୪୫୦ ହେକ୍ଟର ଚାଷଜମି ଜଳମଗ୍ନ

**ହାତୀ ନଦୀରେ ବନ୍ୟା**
- ଚିଚୈଗୁଡ଼ା ରାସ୍ତାରେ ବନ୍ୟାପାଣି ପ୍ରବାହିତ
- ଯାତାୟାତ ଠପ୍

ହୋଇଛି। ନଦୀକୂଳରେ ଥିବା ତଳମଲା, ଆଟିଗାଁ, ଚିଚୈଗୁଡା, ନାନ୍ଦୋଲ, କେନ୍ଦୁପାଟି, ଚିଙ୍ଗୁଡିସର, ଭଇଁରୀଗୁଡା, ବଳଦିଆମାଲ, ପଲାସ, ଗୌଡଛେଣ୍ଡିଆ, ମାଲିଗୁଡା, ହାବସପୁର, ଦାସିଗାଁ, ରାଜପୁର, ବଣିଜରା ପଞ୍ଚାୟତ ଓ ଜୁନାଗଡ ଏନ୍ଏସିର ପ୍ରାୟ ୧୪୫୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି। ଫଳରେ ଧାନ ଚାଷ ନଷ୍ଟ ହେବା ଆଶଙ୍କା ଦେଖା ଦେଇଛି। ଏହାକୁ ନେଇଁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ହାତୀନଦୀରେ ବନ୍ୟା ଯୋଗୁ ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ହାତୀନଦୀ-ଆଟିଗାଁ ରାସ୍ତାରେ ଥିବା ଚିଚୈଗୁଡା ନିକଟସ୍ଥ ଖଲିଆ ସର(ନାଳ)ରେ ଶୁକ୍ରବାରଠାରୁ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଜୁନାଗଡକୁ ଯାତାୟତ ଠପ୍ ହୋଇଛି। ଫଳରେ ଚିଚୈଗୁଡା, ଆଟିଗାଁ, ତଳମଲା ପଞ୍ଚାୟତର ଲୋକମାନେ ଚିଚୈଗୁଡା ଓ ବଣ୍ଡାକୁଟ୍ରା ଛକ ଦେଇ ମୁଖ୍ୟ ରାସ୍ତାରେ ବୁଲିକି ଜୁନାଗଡକୁ ଯାତାୟତ କରୁଛନ୍ତି। ସେହିପରି ଜୁନାଗଡରୁ ନାନ୍ଦୋଲ ଚିଙ୍ଗୁଡିସର, ମାକରଶୋଲା, ପାଣିଗାଁକୁ ଯାଉଥିବା ରାସ୍ତାରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁ ଜୁନାଗଡ ତହସିଲର ୫୩ଟି ଘର ଭାଙ୍ଗିଥିବା ସୂଚନା ମିଳିଛି।


ହାତୀନଦୀରେ ବନ୍ୟା ଯୋଗୁ ତଳମଲା ପଞ୍ଚାୟତର ଏକ ଚାଷ ଜମି ଜଳମଗ୍ନ ହୋଇଛି।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। - **ସ୍ୱାମୀ ଶିବାନନ୍ଦ**



## ସଂକ୍ଷେପରେ

### କଫ ସିରଫ ଜବତ, ଜଣେ ଗିରଫ

ପଦ୍ମପୁର, ୭।୯ (ଡି.ଏନ.ଏ)
ପଦ୍ମପୁର ରଜାପଡାରେ କଫ୍ ସିରଫ ବିକ୍ରି କରୁଥିଲା ବେଳେ ପୋଲିସ ଚଢାଉ କରି ମହମ୍ମଦ ସଦାମଙ୍କୁ ଗିରଫ କରିଛି । ତାଙ୍କଠାରୁ ୧୧ଟି କଫ୍ ସିରଫ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଥାନା ଅଧିକାରୀ ମାନସରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିଲା ।

### ବସ୍ ଧକ୍କାରେ ଅଧାପକଙ୍କ ମୃତ୍ୟୁ

ପାଇକମାଳ, ୭।୯ (ଡି.ଏନ.ଏ)
ପାଇକମାଳ ବ୍ଲକ କେରମେଲାବାହାଲ ଛକ ନିକଟରେ ଶନିବାର ଏକ ଯାତ୍ରୀବାହୀ ଘରୋଇ ବସ୍ ଧକ୍କାରେ ଜଣେ ଅଧାପକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖଣ୍ଡସିବାଞ୍ଜି ଗ୍ରାମର ଧବଳେଶ୍ୱର ସାହା (୩୪) । ଖବର ପାଇ ପାଇକମାଳ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ ଘଟଣାସ୍ଥଳକୁ ଯାଇ ବସ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି । ଏ ନେଇ ଏକ ମାମଲା (ନଂ.୧୬୧/୧୯) ରୁଜୁ ହୋଇଛି ।

ସୂଚନା ଅନୁସାରେ, ଧବଳେଶ୍ୱର ମାଣ୍ଡୋସିଲ କଲେଜରେ ଅଧାପକ ଥିଲେ। ସେ ପ୍ରତିଦିନ ସକାଳ ପ୍ରାୟ ୮ଟାରେ ଗୌରବ ବସ୍‌ରେ କେରମେଲାବାହାଲ ଛକରୁ ମାଣ୍ଡୋସିଲ କଲେଜକୁ ଯାଉଥିଲେ। ଶନିବାର ସବୁଦିନ ପରି ସେ ଗୌରବ ବସ୍ (ନଂ.ଓଡି୧୭/୭୬୭୬) ବସକୁ ଚଢୁଥିବା ବେଳେ ତଳେ ପଡି ଯାଇଥିଲେ ଓ ବସ୍‌ଟି ତାଙ୍କୁ ଚାପି ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଯୁବକମାନେ ତାଙ୍କୁ ପଦ୍ମପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧାପକଙ୍କ ମୃତ୍ୟୁରେ ମାଣ୍ଡୋସିଲ କଲେଜରେ ଏକ ଶୋକସଭା କରି କଲେଜକୁ ଛୁଟି ଘୋଷଣା କରାଯାଇଥିଲା।

### ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା

ପାଇକମାଳ, ୭।୯ (ଡି.ଏନ.ଏ)
ପାଇକମାଳ ବ୍ଲକ ଛେତଗାଁ ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଳ, ଲଖମରା, ପଲସଦା ଓ ମାଣ୍ଡୋସିଲ ୪ ଗୋଟି ସବଜୋନ ଅଧୀନରେ ଥିବା ହାଇସ୍କୁଲ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ ଦୁଇ ଗୋଟି ଗ୍ରୁପ୍‌ରେ ପୃଥକ ପୃଥକ ଭାବେ କବାଡି, ଫୁଟବଲ, ରିଂବଲ ଓ ବେଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ଏହି ଖେଳକୁ ହେମସାଗର ସାହୁ, ଲୋକନାଥ ସାହୁ, ନାରାୟଣ ସାହୁ, ନମିତା ସାହୁ ଓ ପ୍ରଫୁଲ୍ଲ ମେହେର ପରିଚାଳନା କରିଥିଲେ । ସଂକୀର୍ତ୍ତନ ଛତର, ପରୀକ୍ଷିତ ବୁଡେକ, ବଲ୍ଲଭ ସାହୁ, ନରସିଂହ ପ୍ରଧାନ, ସୁବୋଧ ପୁରୋହିତ ସହଯୋଗ କରିଥିଲେ । ଏ ନେଇ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଚୁଡାମଣି ବାରିକ ମୁଖ୍ୟଅତିଥି, ଚାରୁଚରଣ ମହାନ୍ତି, ସରପଞ୍ଚ ଚୈତନ୍ୟ ଭୋଇ, ସୁଦର୍ଶନ ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରଧାନଶିକ୍ଷକ ରାଜକୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଚୟନ କରାଯାଇଥିବା ପ୍ରତିଯୋଗୀ ଆସନ୍ତା ୧୧ ତାରିଖରେ ଜାରିଂ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବେ ।

# ନଈକୂଳିଆ ଗାଁକୁ ବନ୍ୟା ଭୟ

## ଅବ୍ୟବସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ




ଗଣ୍ଡତୁରୁମଠାରେ ନିର୍ମିତ ବନ୍ୟା ଆଶ୍ରୟସ୍ଥଳୀ ।

ଗଣ୍ଡତୁରୁମ, ୭।୯ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକ ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହେଉଛି । ମାତ୍ର ଏହାର ଜଳସ୍ରୋତ ସାଧାରଣତଃ ହୀରାକୁଦ ନଦୀ ବନ୍ଧ ଉପରେ ନିର୍ଭର କରେ। ଖରା ଦିନେ ଏହା ଶୁଷ୍କ ହୋଇ ପଡୁଥିବା ବେଳେ ବର୍ଷା ଋତୁରେ ହୀରାକୁଦ ବନ୍ଧର ଜଳସ୍ତର ବୃଦ୍ଧି ଯୋଗୁ ସ୍ଲୁଇସ୍ ଗେଟ ଜରିଆରେ ଜଳ ନିଷ୍କାସନ କରାଯାଇଥାଏ। ଫଳରେ ମହାନଦୀର ଜଳସ୍ତର ବୃଦ୍ଧି ଘଟି ପାଣି କୂଳ ଲଂଘନ କରିବା ସହିତ ନଈକୂଳିଆ ଗାଁ ପାଣି ଘେରରେ ରହିଯାଏ। ବନ୍ୟା ଆଶଙ୍କାରେ ଲୋକେ ଗାଈ, ଗୋରୁ, ଛେଳି, ମେଣ୍ଢା ନେଇ ଉଚ୍ଚ ସ୍ଥାନକୁ ଚାଲି ଯାଇଥାନ୍ତି । ବର୍ଷା ଋତୁ ଆସିଲେ ଏମିତି ସେମାନଙ୍କୁ ବନ୍ୟା ଆଶଙ୍କା ଘାରୁଛି । ଗତ ମଙ୍ଗଳବାର ଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ଲୋକଙ୍କ ଚିନ୍ତାର କାରଣ ପାଲଟିଛି । ଏହି ବ୍ଲକର ଡାଲବ, ଗଲିମା, ଦବକାପାଲି, ଭୂତଲୋଡ ଓ ବ୍ରାହ୍ମଣତୁରୁମ ଗ୍ରାମବାସୀ ଆସନ୍ନ ବନ୍ୟା ପାଇଁ ଆଶଙ୍କିତ ହୋଇ ପଡିଛନ୍ତି । ସରକାର ଏମାନଙ୍କ ପାଇଁ ଗଣ୍ଡତୁରୁମଠାରେ ୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି । ସମ୍ପ୍ରତି ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଜଳସ୍ତର ଫୁଲି ଉଠୁଥିବା ବେଳେ ୬ଟି ସ୍ଲୁଇସ୍ ଗେଟ ଦେଇ ଜଳ ନିଷ୍କାସନ କରାଯାଉଛି । ଯାହାକି ମହାନଦୀ ପୂର୍ଣ୍ଣଗର୍ଭା ହୋଇ କୂଳ ଲଂଘିବାକୁ ବସିଛି । ମାତ୍ର ଲୋକଙ୍କ ରହିବା ପାଇଁ ପ୍ରଶାସନ ତରଫରୁ ଏହି ବନ୍ୟା ଆଶ୍ରୟସ୍ଥଳୀରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇନାହିଁ ।

### ସେମାନେ ଯାହା କୁହନ୍ତି...

“ବର୍ଷା ଋତୁ ଆସିଲେ ଆମକୁ ବନ୍ୟା ଭୟ ମାଡିଆସେ । ଆମ ଗାଁକୁ ମହାନଦୀ ପାଣି ଚାରି ଆଡୁ ଘେରିଯାଏ। ଆମେ ଜଳବନ୍ଦୀ ହୋଇଯାଉଁ । ପ୍ରଶାସନ ଆମକୁ ଉଦ୍ଧାର କରି ଗଣ୍ଡତୁରୁମ ସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିଥାଏ । ଆମ ପାଇଁ ସରକାର ଟଙ୍କା ଖର୍ଚ୍ଚ କରି ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଇଲେ । ମାତ୍ର ତାହା ରହିବା ପାଇଁ ଉପଯୋଗୀ ହୋଇନି।
**-ସତ୍ୟନାରାୟଣ ପାଣ୍ଡେ, ଗ୍ରାମବାସୀ**

“ବର୍ଷା ଆସିଲେ ଆମର ଦୁଃଖ ଦ୍ୱିଗୁଣିତ ହୋଇଯାଏ। ଗାଁକୁ ବନ୍ୟା ଜଳ ଘେରିଗଲେ ଆମେ ଜଳମଗ୍ନ ହୋଇପଡୁ । କାଳେ କିଛି ଅଘଟଣ ଘଟିଯିବ ଭାବି ସରକାର ଆମ ପାଇଁ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି । ମାତ୍ର ତାହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ।
**-ରାଧେଶ୍ୟାମ ନାଏକ, ଗ୍ରାମବାସୀ**

“ମହାନଦୀ ଓ ଜିରା ନଦୀ ମୁହାଣରେ ଆମ୍ଭ ଗ୍ରାମ ରହିଛି । ହୀରାକୁଦ ବନ୍ଧରେ ୩୦ରୁ ଅଧିକ ଗେଟ ଖୋଲା ହେଲେ ଜିରା ନଦୀର ପାଣି ପ୍ରତିବନ୍ଧକ ହୋଇ ତାର ପଛୁଆ ପାଣିରେ ବନ୍ୟା ପରିସ୍ଥିତି ଦେଖାଦିଏ । ଗ୍ରାମବାସୀଙ୍କ ପାଇଁ ବନ୍ୟା ଆଶ୍ରୟସ୍ଥଳୀ ତିଆରି ହୋଇଛି । ସେଠାରେ ରହିବା ବ୍ୟତୀତ ଅନ୍ୟ କୌଣସି ସୁବିଧା କରାଯାଇ ନ ଥିବାରୁ ଦୁଃଖ ଲାଗୁଛି ।
**-ନାମ ମେହେର, ଗ୍ରାମବାସୀ**

“ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତୀକରଣ ତଥା ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବାକୁ ଆମେ ପ୍ରଶାସନକୁ ଜଣାଇଛୁ । ମାତ୍ର ଏପର୍ଯ୍ୟନ୍ତ ଆମ୍ଭ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି । ବର୍ତ୍ତମାନ ହୀରାକୁଦ ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ସହିତ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ଘଟୁଥିବା ଶୁଣି ଗ୍ରାମବାସୀ ବନ୍ୟା ଆଶଙ୍କାରେ ଅଛୁ । କେଉଁ ସମୟରେ ବି ଘର ଛାଡି ଅନ୍ୟତ୍ର ଆଶ୍ରୟ ନେବୁ ସେହି କଥା ହିଁ ଭାବୁଛୁ। ଏପର୍ଯ୍ୟନ୍ତ ଗଠିତ ପରିଚାଳନା କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ନାହିଁ।
**-ଗୁପ୍ତେଶ୍ୱର ପୁରୋହିତ, ଗ୍ରାମବାସୀ**

“ଗଣ୍ଡତୁରୁମ ବନ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତୀକରଣ, ରୋଷେଇ ଉପକରଣ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଆମେ ପଞ୍ଚାୟତ ତରଫରୁ ତହସିଲଦାର ଓ ବିଡିଓଙ୍କୁ ଜଣାଇଛୁ । ବର୍ତ୍ତମାନ ହୀରାକୁଦରୁ ବନ୍ୟା ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବନ୍ୟା ପରିସ୍ଥିତି ଆସିଲେ କେମିତି ମୁକାବିଲା କରାଯିବ ସେ କଥା ପ୍ରଶାସନିକ ଅଧିକାରୀମାନେ ଚିନ୍ତା କରିବା କଥା।
**-ପିଙ୍କି ବଢ଼େଇ, ମହୁଲପାଲି ସରପଞ୍ଚ**



ଭଟଲି-ଅମ୍ବାଭୋନା ମୁଖ୍ୟରାସ୍ତାରେ ଗୋରୁପଲ।

■ ମୁଖ୍ୟରାସ୍ତାରେ ଗୋରୁପଲ

# ଉପୁଜୁଛି ଟ୍ରାଫିକ ସମସ୍ୟା

ଭଟଲି, ୭।୯(ଡି.ଏନ.ଏ)

ଦିନକୁ ଦିନ ଗୋଚର ଜମି କମିବାରେ ଲାଗିଛି । ଫଳରେ ପ୍ରାଣୀମାନଙ୍କ ପାଇଁ ଘାସର ଅଭାବ ଦେଖାଦେଇଛି। ଯେଉଁ କିଛି ଗୋରୁପଲ ବାହାରକୁ ଚରିବାକୁ ଯାଉଛନ୍ତି ସେମାନେ ମଧ୍ୟ ଗୁହାଳ ଅଭାବରୁ ଘରକୁ ଫେରୁନାହାନ୍ତି ଏବଂ ଗୋପାଳକମାନେ ମଧ୍ୟ ଫେରାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହି ପ୍ରକାର ଦୁର୍ଦ୍ଦିନରେ ଗତି କରୁଥିବା ଗୋରୁପଲ ଏବେ ମୁଖ୍ୟରାସ୍ତା ମୁହାଁ ହୋଇଛନ୍ତି। ଅନ୍ୟପକ୍ଷେ ଗୋରୁପଲ ମୁଖ୍ୟରାସ୍ତା ଉପରେ ଦିନରାତି ପଡ଼ି ରହୁଛନ୍ତି। ଏଥିପାଇଁ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଉଭୟ ପ୍ରଶାସନ କିମ୍ବା ଗୋପାଳକଙ୍କ ନିଘା ନାହିଁ। ସେପଟେ ବର୍ତ୍ତମାନ ଲଗାଣ ବର୍ଷା ପାଇଁ ରାତିରେ ବିଦ୍ୟୁତ କାଟ ହେଉଥିବାବେଳେ ସେହି ରାସ୍ତା ଉପରେ ଶୋଇ ରହୁଥିବା ଗୋରୁପଲଙ୍କ ପାଇଁ ବାଇକ ଏବଂ ସାଇକେଲ ଆରୋହୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ପରିସ୍ଥିତ ଦେଖିବାକୁ ମିଳିଛି ବରଗଡ଼ ଜିଲା ଅନ୍ତର୍ଗତ ଭଟଲି-ଅମ୍ବାଭୋନା ମୁଖ୍ୟ ରାସ୍ତାରେ। ଗୋରୁପଲଙ୍କ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଥିଲେ ମଧ୍ୟ ପ୍ରତିକାର କରାଯାଉନାହିଁ । ସେହିପରି ଗୋରୁପଲଙ୍କୁ ଥଇଥାନ କରିବା ପଞ୍ଚାୟତର କାମ। ସେହେତୁ ଆମେ ପଞ୍ଚାୟତକୁ ଥାନା ପକ୍ଷରୁ ଅବଗତ କରାଇବୁ ବୋଲି ଭଟଲି ପୋଲିସ କହିଛି। ଏ ସମ୍ପର୍କରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କୁ ପଚରାଯିବାରୁ ସେ କହିଥିଲେ ଯେ, ମୁଁ ଏ ବିଷୟରେ ଅବଗତ ଓ ଏ ନେଇ ଭଟଲି ତହସିଲଦାର ଏବଂ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହିତ କଥା ହୋଇଛି । ଆଗାମୀ ଦିନରେ ପଞ୍ଚାୟତ ତରଫରୁ ସର୍ବସାଧାରଣରେ ନିଜ ନିଜ ଗୋରୁପଲଙ୍କୁ ନେଇ ନିଜ ଗୁହାଳରେ ରଖିବା ପାଇଁ ନୋଟିସ୍ କରାଯିବ। ଏହାକୁ ଲୋକେ ନ ମାନିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରପଞ୍ଚ ବେହେରା ପ୍ରକାଶ କରିଥିଲେ।

# ବିଜ୍ଞାନ ସାହିତ୍ୟ ପରିଷଦର ମାସିକ ଅଧିବେଶନ

ବଲାଙ୍ଗୀର ଅଫିସ, ୭।୯

ବିଜ୍ଞାନ ସାହିତ୍ୟ ପରିଷଦର ବିଶେଷ ମାସିକ ଅଧିବେଶନ ପରିଷଦ ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ଦିଲ୍ଲୀରେ କାର୍ଯ୍ୟରତ ଇଂ. ଶ୍ରୀକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ । ୧୯୭୭ରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବିଜ୍ଞାନ ବାର୍ତ୍ତାକୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଜନସାଧାରଣଙ୍କ ପାଖକୁ ପହଞ୍ଚାଇବାରେ ପରିଷଦର ଭୂମିକାକୁ ସେ ପ୍ରଶଂସା କରିଥିଲେ। ଷଷ୍ଠଶ୍ରେଣୀରେ ପଢ଼ିଲା ବେଳେ ସେ କିଭଳି ବିଜ୍ଞାନ ସାହିତ୍ୟ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଆକୃଷ୍ଟ ହେବା ସହ ଶିକ୍ଷାଲାଭ କରିଥିଲେ ସେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଇଂ ପାଣିଗ୍ରାହୀ ପରିଷଦକୁ ଏକ ୱାଟର ଟେଷ୍ଟିଂ କିଟ୍ ପ୍ରଦାନ କରିଥିଲେ। ପରିଷଦ କର୍ପସ ପାଣ୍ଠିକୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧିବେଶନରେ ଡ. ଅଭିମନ୍ୟୁ ମିଶ୍ର, ଡ. ଗୋଦାବରୀଶ ରଥ, ଅଚ୍ୟୁତାନନ୍ଦ ଉଦ୍‌ଗାତା, ଡ. ବି.ଏନ୍. ଶ୍ରୀକାନ୍ତ, ବାସନ୍ତୀ ସାହୁ, ସରୋଜିନୀ ନାୟକ, ଆନନ୍ଦ ବଡ଼ପଣ୍ଡା, ଶିବପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ସମ୍ପାଦକ ଚିତ୍ତରଞ୍ଜନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ବିଜ୍ଞାନ ସାହିତ୍ୟ ପରିଷଦର ବିଶେଷ ଅଧିବେଶନ୍‌ରେ ଉପସ୍ଥିତ ସଦସ୍ୟ।

# ବାଳିକା ହାଇସ୍କୁଲରେ ସଂସ୍କୃତ ଦିବସ

ପଦ୍ମପୁର, ୭।୯ (ଡି.ଏନ.ଏ)

ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ନବପ୍ରଭାତ ଗୁରୁକୁଳ ଆଶ୍ରମ ନୂଆପାଲି ଆଚାର୍ଯ୍ୟ ବୃହସ୍ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାକୁ ଆପଣେଇଲେ ଭାରତ ବିଶ୍ୱର ଶ୍ରେଷ୍ଠ ରାଷ୍ଟ୍ର ହେବ ବୋଲି ମତପ୍ରକାଶ କରିଥିଲେ । ଦହିତା ହାଇସ୍କୁଲର ସଂସ୍କୃତ ଶିକ୍ଷକ ଧୀରେନ୍ଦ୍ର ଶାସ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା ଓ ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରେମାନନ୍ଦ ବେହେରା ସଙ୍ଗୀତ ପରିଚାଳନା କରିଥିଲେ। ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜୀବନାନନ୍ଦ ସାହୁ, ଚିନ୍ତାମଣି ମଣିସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ଇତିଶ୍ରୀ ସାହୁ, ସୁଷମା ଦାଶ, ନନ୍ଦିନୀ ବାଗ, ବସନ୍ତ ବାଗ ଓ ଦୁଷ୍ମନ୍ତ ଛତର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମିନତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ସାଗରପଡ଼ା ଭାଗବତ ମଠରେ ଅନୁଷ୍ଠିତ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ।

# ପୁରାଣ ପଣ୍ଡା ଗାୟକ, ଗାୟିକା ମହାସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ବଲାଙ୍ଗୀର ଅଫିସ, ୭।୯

ପଶ୍ଚିମ ଓଡ଼ିଶା ପୁରାଣ ପଣ୍ଡା ଗାୟକ ଗାୟିକା ମହାସଂଘ ପକ୍ଷରୁ ସ୍ଥାନୀୟ ସାଗରପଡ଼ା ଭାଗବତ ମଠରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଅଧ୍ୟକ୍ଷ ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ୬ଟି ଜିଲାର ପୁରାଣ ପଣ୍ଡା ଗାୟକ, ଗାୟିକା ଯୋଗ ଦେଇଥିଲେ। ଏଠାରେ ରାମାୟଣ ଓ ଭାଗବତ୍ ଗାୟନ ସମୟରେ ଯେପରି ଶୁଦ୍ଧତା ରହିବ ଓ ସଂଘ ନିଷ୍ପତ୍ତି ଯେପରି ବ୍ୟାହତ ନ ହେବ ସେନେଇ ଆଲୋଚନା ହୋଇଥିଲା। ୨୦୨୦ ଜାନୁୟାରୀ ମାସରେ ହରିହାଟ କାର୍ଯ୍ୟକ୍ରମ କରାଯିବା ସମ୍ପର୍କରେ ଅଧ୍ୟକ୍ଷ ନାୟକ ସୂଚନା ଦେଇଥିଲେ। ଏହି ଅବସରରେ ସମସ୍ତ ପୁରାଣ ପଣ୍ଡା ଗାୟକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାସଂଘ ସଭାପତି ସୁରେନ୍ଦ୍ର କୁମାର ତ୍ରିପାଠୀ, ସମ୍ପାଦକ ସୁରେନ୍ଦ୍ର ପାଣି, କୋଷାଧ୍ୟକ୍ଷ କିଶୋର କୁମାର ମିଶ୍ର, ନିରଞ୍ଜନ ମହାପାତ୍ର, ବଲାଙ୍ଗୀର ସୁବାସିନୀ ମିଶ୍ର, ଲଳୀଳାମୟ ମିଶ୍ର, ନରସିଂହ ତ୍ରିପାଠୀ, ବୈଦ୍ୟନାଥ ମିଶ୍ର, ଆବାହକ ରାଜେନ୍ଦ୍ର ହୋତା, ବୌଦ୍ଧ ଜିଲାରୁ ଆସିଥିବା ଯଜ୍ଞେଶ୍ୱର ମିଶ୍ର, ସନ୍ତୋଷ କୁମାର ଦାସ, ବଳରାମ ଦାସ, ଦୁର୍ଯ୍ୟୋଧନ ଶତପଥୀ, ସୋନପୁରରୁ ଗଦନ ମିଶ୍ର, ସଚ୍ଚିଦାନନ୍ଦ ପଣ୍ଡା, ଗୋପାଳକୃଷ୍ଣ ମିଶ୍ର, ସବିତା ପଣ୍ଡା, ସମ୍ବଲପୁରରୁ ବିଳାସିନୀ ପାଣିଗ୍ରାହୀ, କଳାହାଣ୍ଡିରୁ କୁନି ଦାଶ, ବଟକୃଷ୍ଣ ମିଶ୍ର, ଫୁଲବାଣୀରୁ ରାମ ଦାସ, ଲଳିତ କୁମାର ମିଶ୍ର ଓ ଅନ୍ୟମାନେ ଯୋଗ ଦେଇଥିଲେ। କିଶୋର ମିଶ୍ର ଓ ପ୍ରେମାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

■ ଦାଦନ୍ ଯିବାର ବଦଳା ବେପାର ଭଲ

# ବାଢୁନ୍ ବେପାର ଦେଉଛେ ଆହାର

ବରପାଲି, ୭।୯ (ଡି.ଏନ୍.ଏ.)

କଥାରେ ଅଛେ ମେହେନତିଆ ଲୋକ୍ କେଭେ ଭୁଖେ ନାଇଁମରେ। ହଁ, ଅଭାବ ତ ଧନୀନୁ ଗରିବ୍ ସମ୍‌କର ରହିଛେ। ହେଲେ ଯେ ନିଜର ବାହାଜାଂଗଲ ମାଜି କମେଇଖାଇ ଜାନିଛେ, ପରକୁତରେ ସେ ସୁଖି ଆଏ। ଆମର ସମାଜରେ ଅନେକ ଲୋକ୍ ପେଟପାଟନାର ଲାଗି ନାନା ପରକାର ବେପାର ବନିଜ କରି ନିଜର କୁଟୁମ ପୁଷୁଛନ୍। ଏନ୍ତା ଝନେ ମେହେନତିଆ ଯୁବକ୍‌କୁଁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ବିଜେପୁର ବ୍ଲକ ଯୋଖିପାଲି ପଁଚେତ୍ ପଧାନମାଲ ଗାଁର ବିକାଶ ମହାନନ୍ଦ(୩୫) । ସେ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲାବେଲେ କୁଟୁମ ପୁଷିବାର ଲାଗି ବାଢୁନ୍ ବେପାରକେ ନିଜର ବୁରତି ହିସାବେ ଆଦ୍‌ରି ନେଇଛନ୍। ଫିଦିନ ସଖାଲୁ ସେ ନିଜର ଟିଭିଏସ୍ ଫଟ୍‌ଫଟିଥି ୮୦ରୁ ୧୦୦ ବାଢୁନ୍ ବାଁଧି ଆସର ପାସର ବଜାର, ଗାଁଗଁଡ଼ାରେ ବିକ୍‌ରି ଲାଗି ବାହାରି ପଡୁଛନ୍। ଏନ୍ତା କି ସେ ଗୁରୁବାର ଡୁଙ୍ଗୁରିପାଲି, ଶୁକୁରବାର ବରଗଡ଼ ହାଟ୍ ଆର ଆସର ପାସର ଗାଁଗଁଡ଼ାରେ ବାଢୁନ୍ ବିକୁଛନ୍। ସେ ଅନେକ ସମିଆରେ ବେପାର ଲାଗି ବରପାଲିକେ ବି ଆସୁଛନ୍। ତାହାକୁ ଇ ଦେଶୀ ବାଢୁନ୍‌ର ଚାହିଦା ଆର ଲାଭ୍ ବାବ୍‌ଦେ ପଚରାଲାରୁ ବଡ଼ ବାଢୁନ୍ ଗୁଟାକ ୪୦ ଟଁକା ଆର ଛୋଟ୍ ୩୦ ଟଁକାରେ ବିକ୍‌ରି ହେଉଛେ। ଦେଶୀ ବାଢୁନ୍‌ର ଚାହିଦା ଏଭେ ବି ରହିଛେ ସତ୍, ହେଲେ ଆଘର ଲେଖେଁ ବିକ୍‌ରିବଟା ନାଇଁ ହେବାର ବଲି ସେ କହିଥିଲେ। କେଭ୍‌ଠାନୁ ଆର କାହିଁର ଲାଗି ଇ ବେପାର କରୁଛନ୍ ବଲି ତାହାକୁ ପଚ୍‌ରାଲାରୁ ମୁଇଁ ୧୮ ବଛର୍ ବଏସୁ ଇ ବେପାର କରୁଛେଁ। ବାହାର ରାଏଜ୍‌କେ ଦଦନ୍ ଯାଇ ହଟ୍‌ହଟା ହେବାର ବଦଲା ନିଜର ବୁଧିବିବେକ, ବାହାଜାଂଗଲ ମାଜି ଦୁଇ ପଏସା କମାବାରଟା ଭଲ। ନିଜର ଅଂଚଲରେ ବେପାର କଲେ ପରିବାର ଲୁକ୍‌କୁ ବି ଦେଖି ହେଉଛେ। ମୁଇଁ ଇ ବେପାର କରି ମାଏକିନା ସମେତ ୫ ପରାନୀ କୁଟୁମ୍ ପୁଷୁଛେଁ ବଲି ସେ କହିଥିଲେ।



ବିକାଶ ବରପାଲି ସହରରେ ଦେଶୀ ବାଢୁନ୍ ବିକୁଛନ୍।

■ ବିଦ୍ୟୁତ୍ ବିଭ୍ରାଟର ପ୍ରତିବାଦ

# ଅତାବିରା ବନ୍ଦ, ରାସ୍ତାରୋକୋ

ସରଣ୍ଡା/ଅତାବିରା,୭।୯(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରାରେ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ଅସନ୍ତୋଷ ଦେଖାଯାଇଛି। ଶନିବାର ଏହା ଆନ୍ଦୋଳନ ରୂପ ନେଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ନଗର ଯୁବ କଂଗ୍ରେସ ନେତୃତ୍ୱରେ ଅତାବିରାରେ ବନ୍ଦ ପାଳନ କରାଯାଇଥିଲା। ସ୍ଥାନୀୟ ଲୋକେ ବର୍ଷା ସତ୍ତ୍ୱେ ରାସ୍ତାରୋକୋ କରିଥିଲେ। ଫଳରେ ବରଗଡ଼-ସମ୍ବଲପୁର ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଅତାବିରା ଏସଡ଼ିଓ ବିଜୟ କୁମାର ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଦ୍ୟୁତ ବିଭ୍ରାଟର ପ୍ରତିକାର ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଦିନ ପ୍ରାୟ ଦେଢ଼ଟାରେ ରାସ୍ତାରୋକୋ ହଟିଥିଲା। ସେହିପରି ଅପରାହ୍ନ ୪ଟାରେ ଦୋକାନ ବଜାର ଖୋଲିଥିଲା।

ପ୍ରକାଶ ଯେ, ଅତାବିରାରେ ବିଦ୍ୟୁତ ବିଭ୍ରାଟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଆବଶ୍ୟକ କର୍ମଚାରୀ ନ ଥିବା ଯୋଗୁ ଏଠାରେ ବିଦ୍ୟୁତ ମରାମତି ମଧ୍ୟ ବିଳମ୍ବିତ ହେଉଛି ଏବଂ ଏଥିପାଇଁ ଲୋକଙ୍କୁ ବହୁବିଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର କିଛି ସୁଫଳ ନ ମିଳିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଦୀପକ ରାୟଙ୍କ ସମେତ ଅଞ୍ଚଳର ଶତାଧିକ ଲୋକ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଘଟଣାସ୍ଥଳରେ ଏସଡ଼ିପିଓ ସୁଧାକର ସାହୁ, ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ଅତାବିରାରେ ରାସ୍ତାରୋକୋ କରାଯାଇଛି ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଉରକେଲା ଅଫିସ, ୭।୯:** ଶନିବାର ଅପରାହ୍ନରେ ରାଉରକେଲା ରେଳଷ୍ଟେଶନରେ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଆର୍‌ପିଏଫ୍ ପୋଲିସ ତାଙ୍କୁ ଉଦ୍ଧାର କରିଛି। ସଂପୃକ୍ତ ଯୁବକଙ୍କ ଘର ଝାଡ଼ଖଣ୍ଡରେ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଯୁବକ ଜଣକ ଶନିବାର ଅପରାହ୍ନରେ ଷ୍ଟେଶନର ପ୍ଲାଟଫର୍ମ-୧ର ପାଦଚଲା ଓଭରବ୍ରିଜ ଉପରେ ଛିଡ଼ା ହୋଇଥିଲେ। ଠିକ ସେହି ସମୟରେ ଆସୁଥିବା ଇସ୍ପାତ୍ ଏକ୍ସପ୍ରେସ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିଲେ । ତେବେ ପୂର୍ବରୁ ଯୁବକଙ୍କ ଉପରେ ନଜର ରଖିଥିବା ଆର୍‌ପିଏଫ୍ ପୋଲିସ ତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ଆର୍‌ଜିଏଚ୍ ଘେରିବ ଜିଲା କଂଗ୍ରେସ

ରାଉରକେଲା ଅଫିସ,୭।୯- ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ସମସ୍ୟା ନେଇ ଜିଲା କଂଗ୍ରେସ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଦଳ ସଭାପତି ରବି ରାୟଙ୍କ ନିଷ୍ପତ୍ତିକ୍ରମେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବରିଷ୍ଠ ନେତା ଯୋଗ ଦେଇ ଆରଜିଏଚ୍ କର୍ତ୍ତୃପକ୍ଷ ତଥା ସରକାରଙ୍କ ଅଣଦେଖା ମନୋଭାବକୁ ତୀବ୍ର ସମାଲୋଚନା କରିଥିଲେ। ଏପରି ଅବସ୍ଥାରେ କର୍ତ୍ତୃପକ୍ଷଙ୍କ ଅବହେଳା ପ୍ରତିବାଦରେ ଆସନ୍ତା ୧୩ରେ ଆରଜିଏଚ୍ ଚାଲ ଡାକରା ଦିଆଯାଇଛି। ଏହି ଅବସରରେ ଏକ ଗଣ ବିକ୍ଷୋଭ ଆୟୋଜନ ନେଇ ବ୍ୟାପକ ପ୍ରସ୍ତୁତି କରାଯିବ ବୋଲି ସଂଗଠନ ଘୋଷଣା କରିଛି । ସମଗ୍ର ପଶ୍ଚିମ ଓଡିଶା ସମେତ ପଡୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ ବାସିନ୍ଦାଙ୍କ ପାଇଁ ଆରଜିଏଚ୍ ଏକ ପ୍ରମୁଖ ଚିକିତ୍ସା କେନ୍ଦ୍ର। ଏହା ସତ୍ତ୍ୱେ ସରକାର ଏହାର ଉନ୍ନତି ପ୍ରତି ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏପରି ଅବହେଳାକୁ ଜିଲା କଂଗ୍ରେସ କେବେ ବରଦାସ୍ତ କରିବନି ବୋଲି ସଭାପତି ରାୟ ପ୍ରକାଶ କରିଛନ୍ତି। ଏହି ଡାକ୍ତରଖାନାରେ ଡାକ୍ତର ଅଭାବ ସାଙ୍ଗକୁ ଯନ୍ତ୍ରପାତି ଓ ଷ୍ଟାଫ୍ ଅଭାବ ଏକ ସଙ୍ଗିନ ପରିସ୍ଥିତି ସୃଷ୍ଟି କରିଛି। ଏନେଇ ବହୁବାର ଅଭିଯୋଗ ହୋଇଛି। ତଥାପି ପଦକ୍ଷେପ ନିଆଯାଉନି। ପରିସ୍ଥିତିରେ ସୁଧାର ଆଣିବାକୁ ଜିଲା କଂଗ୍ରେସ ଆନ୍ଦୋଳନ କରିବାକୁ ବାଧ୍ୟ ହେଲା ବୋଲି କହିଛନ୍ତି ସଭାପତି ରାୟ। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଉପସଭାପତି ଅଜିତ ସାମଲ, ବରିୟମ ସିଂ, ପ୍ରମୋଦ ପ୍ରଧାନ, ଇଜାଜ ଅଖତର, ଦୁଷା ନାୟକ, ସୋମନାଥ ପଣ୍ଡା, ବନମାଳୀ ବିଶୋୟୀ ଓ ଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।







ଏଆଇଡିଡବ୍ଲ୍ୟୁଏର ରାଜ୍ୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ ଓ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନେ।

### ଏଆଇଡିଡବ୍ଲ୍ୟୁଏର ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

# 'ମହିଳା ନିର୍ଯାତନା ହାର ୩୪ ପ୍ରତିଶତ ବଢ଼ିଛି'

**ରାଉରକେଲା ଅଫିସ, ୭।୯**

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ରାଉରକେଲାରେ ୨ ଦିନିଆ ଦ୍ୱାଦଶ ରାଜ୍ୟ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟ ସଭାନେତ୍ରୀ ମାଳିନୀ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଦେଶରେ ଦ୍ରୁତ ବୃଦ୍ଧି ପାଉଥିବା ହିଂସା, ଭୟ, କ୍ଷୁଧା ଓ ବେକାରି ସମସ୍ୟାକୁ ନେଇ ସେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସମାଜରେ ଅବକ୍ଷୟ ଘଟିଛି। ମହିଳା ନିର୍ଯାତନା ହାର ପ୍ରାୟ ୩୪ପ୍ରତିଶତ ବୃଦ୍ଧି ଘଟିଛି ବୋଲି ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ଦେଶରେ ଏବେ ଭୟାତୁର ପରିବେଶ ସୃଷ୍ଟି ହୋଇଛି। ଶାସକ ଭାଜପା ସଭ୍ୟମାନେ ସିଧାସଳଖ ମହିଳା ନିର୍ଯାତନା ସହ ସମ୍ପୃକ୍ତ ରହିବା ଘଟଣା ସର୍ବଜନବିଦିତ ବୋଲି ସେ କହିଥିଲେ। ମହିଳା ବିକାଶ ଯୋଜନା, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସାମାଜିକ ସେବା କ୍ଷେତ୍ର ସହ ନିର୍ଭୟା ଫଣ୍ଡରୁ ଅର୍ଥକାଟ କରାଯିବା ନେଇ ଭଟ୍ଟାଚାର୍ଯ୍ୟ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ମନୁବାଦୀ ସଂସ୍କୃତିର ପ୍ରଚାର ମଧ୍ୟରେ ମହିଳାମାନଙ୍କୁ ତାଙ୍କର ଅସଲ ସ୍ଥାନକୁ ଫେରିଯିବାକୁ ବାଧ କରାଯାଉଛି । ସଂଖ୍ୟା ଗରିଷ୍ଠତା ଥାଇ ମଧ୍ୟ ମହିଳାଙ୍କ ସଂରକ୍ଷଣ ବିଲ(୩୩%) ସଂସଦ କିମ୍ବା ବିଧାନସଭାରେ ଗୃହୀତ ହୋଇପାରିନାହିଁ। ବର୍ତ୍ତମାନ ସମୟରେ ମହିଳାମାନେ ନାଗରିକ ଭାବେ ପାଇଥିବା ସାମ୍ବିଧାନିକ ଅଧିକାର ଭୂଲୁଣ୍ଠିତ ହେବାକୁ ଯାଉଛି। ଏହା ବିରୋଧରେ ମହିଳାମାନେ ଆଗେଇ ଆସିବା ଉଚିତ ବୋଲି ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ସମ୍ମିଳନୀ ପ୍ରାରମ୍ଭରେ ସଙ୍ଗଠନର ରାଜ୍ୟ ସଭାନେତ୍ରୀ ପୁଷ୍ପା ଦାସ ପତାକା ଉତ୍ତୋଳନ କରିଥିଲେ। ଏହି ସମ୍ମିଳନୀରେ ବର୍ଷୀୟାନ ନାରୀନେତ୍ରୀ କଲ୍ୟାଣୀ ଦାସଙ୍କୁ ଭଟ୍ଟାଚାର୍ଯ୍ୟ ସମ୍ମାନିତ କରିଥିଲେ। ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ବିଶିଷ୍ଟ ଐତିହାସିକ ପ୍ରଭାତ ମଲ୍ଲିକ ଉଦ୍‌ବୋଧନ ଦେଇଥିଲେ। ସଙ୍ଗଠନର କେନ୍ଦ୍ରୀୟ ନେତ୍ରୀ ତାପସୀ ପ୍ରହରାଜ ସରକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଧାସଳଖ ଋଣ ପ୍ରଦାନ ନ କରି ମାଇକ୍ରୋ ଫାଇନାନ୍ସ ଜରିଆରେ ଚଢ଼ା ସୁଧରେ ମହିଳାମାନଙ୍କୁ ଋଣ ଦେଇ ଲୁଣ୍ଠନ କରୁଛନ୍ତି ବୋଲି କହିଥିଲେ । ଏହା ସହ ମଦ ପ୍ରସାରକୁ ପ୍ରୋତ୍ସାହିତ କରିବା ଘଟଣାକୁ ସେ ତୀବ୍ର ସମାଲୋଚନା କରିଥିଲେ। ସମ୍ମିଳନୀରେ ଓଡ଼ିଶାର ୧୮ଟି ଜିଲାରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ୨ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ମହିଳାମାନଙ୍କ ବିଭିନ୍ନ ସମସ୍ୟାର ସମ୍ପର୍କରେ ଆଲୋଚନା କରିସିଦ୍ଧାନ୍ତ ଗ୍ରହଣ କରାଯିବ ବୋଲି ରାଜ୍ୟ ସମ୍ପାଦିକା ସନ୍ଧ୍ୟା ଦାସ ମଜୁମଦାର କହିଥିଲେ ।

## ନୂଆ ବିଚାରପତିଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ

**ରାଉରକେଲା ଅଫିସ,୭।୯**

ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ଦୀର୍ଘଦିନ ଧରି ରାଉରକେଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିଲା । ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। ଶୁକ୍ରବାରଠାରୁ ସେହି ଅବସ୍ଥା ସ୍ୱାଭାବିକ ହୋଇଛି। ସମସ୍ତ ଅଦାଲତ ଖୋଲିଛି। ଇତିମଧ୍ୟରେ କେତେକ କୋର୍ଟରେ ନୂଆ ବିଚାରପତି ଯୋଗ ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କୁ ସଂଘ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦୌରାଜଜ ଦୀପକ କୁମାର, ଜୁନିୟର ସିଭିଲ ଜଜ ନେହା ଅଗ୍ରୱାଲ, ରୁରାଲ ଜେଏମ୍‌ଏଫ୍‌ସି ସିଦ୍ଧାର୍ଥ ସେନାପତି, ଜେଏମ୍‌ଏଫ୍‌ସି ଇତି ମହାପାତ୍ରଙ୍କୁ ସଂଘ ପକ୍ଷରୁ ବିପୁଳ ସ୍ୱାଗତ କରାଯାଇଛି। ସଂଘ କନ୍‌ଫରେନ୍ସ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା। ସାଧାରଣ ଲୋକେ କିପରି ନ୍ୟାୟ ବ୍ୟବସ୍ଥାରୁ ସୁଫଳ ପାଇବେ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଆଇନ ବ୍ୟବସ୍ଥା ସମସ୍ତଙ୍କ ପାଇଁ ସବୁବେଳେ ସମାନ ଆଚରଣ ପ୍ରଦର୍ଶନ କରିଆସିଛି। ଏହାର ସଦୁପଯୋଗ କରିବା ଅଧିକାର ସମସ୍ତଙ୍କର ରହିଛି। ଏ ଦିଗରେ ଉଭୟ ଆଇନଜୀବୀ ଓ ବିଚାରପତିଙ୍କ ଦାୟିତ୍ୱବୋଧକୁ ଅସ୍ୱୀକାର କରି ହେବ ନାହିଁ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଆଇନଜିବୀ ସଂଘ ସଭାପତି ରମେଶ ବଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଅକ୍ଷୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଓକିଲ ସଂଘର ସମସ୍ତ ସଦସ୍ୟ, କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଜୟୀ କର୍ମଚାରୀଙ୍କୁ ସିଇଓ ଦୀପକ ଚଟ୍ଟରାଜ ସମ୍ବର୍ଦ୍ଧିତ କରୁଛନ୍ତି।

### ଜାତୀୟ ସୁପରଭାଇଜରି ଦକ୍ଷତା ପ୍ରତିଯୋଗିତା

## ଆର୍‌ଏସ୍‌ପି ଦଳ ପ୍ରଥମ

**ରାଉରକେଲା ଅଫିସ, ୭।୯**

ରାଉରକେଲା ଇସ୍ପାତ୍ କାରଖାନାର ଏକ ୩ ଜଣିଆ କର୍ମଚାରୀ ଦଳ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ପୂର୍ବାଞ୍ଚଳ ଜୋନ ଦ୍ୱାରା କୋଲକାତାଠାରେ ଆୟୋଜିତ ୧୯ତମ ସୁପରଭାଇଜରି ଦକ୍ଷତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି। ସେମାନେ ହେଲେ ନୂତନ ପ୍ଲେଟ ମିଲ ବିଭାଗରେ ଓଟିସି ଦୀପକ ସାହୁ, ଗୋପବନ୍ଧୁ ବେହେରା ଓ ଶୀର୍ଷାନନ୍ଦ ଦାସ। ଗୋପବନ୍ଧୁ ପ୍ରେକ୍ଷାଳୟରେ ଗତ ୪ ତାରିଖ ଆୟୋଜିତ ଉତ୍ସବରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ଦଳର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଆର୍‌ଏସ୍‌ପି ଦଳ ମରାମତି ଓ ରକ୍ଷଣାବେକ୍ଷଣ ବର୍ଗରେ 'ରିହିଟିଂ ଫର୍ଣ୍ଣେସରେ ମିକ୍ସଡ ଗ୍ୟାସ ପ୍ରେସରର ନିର୍ଭରଶୀଳତା ଶୀର୍ଷକ' ଉପସ୍ଥାପନା ପ୍ରସ୍ତୁତ କରି ଏହି ପୁରସ୍କାର ଲାଭ କରିଛନ୍ତି। ଜାତୀୟ ସୁପରଭାଇଜରି ସ୍କିଲ ପ୍ରତିଯୋଗିତା ଶିଳ୍ପ କ୍ଷେତ୍ରର ସୁପରଭାଇଜରଙ୍କୁ ପ୍ରୋତ୍ସାହନ ଏବଂ ସ୍ୱୀକୃତି ପ୍ରଦାନ ତଥା ସେମାନଙ୍କ ଜ୍ଞାନ ଓ ଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ସିଆଇଆଇ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମ ଏକ ପ୍ରୟାସ ।

## ଗଙ୍ଗାଧର ଜୟନ୍ତୀ ପାଳିତ

**ରାଉରକେଲା ଅଫିସ,୭। ୯**

ରଘୁନାଥପାଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ଓ ସୁନ୍ଦରଗଡ ଲେଖକ ସାମ୍ମୁଖ୍ୟ ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଲେଖକ ଭୂପେନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଆରଏସ୍‌ପି ଅଧିକାରୀ ଅଭୟ ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ, ମଞ୍ଜୁଳା ରଥ, ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ କବି କୁଞ୍ଜ ବିହାରୀ ରାଉତ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଗଙ୍ଗାଧରଙ୍କ ସାହିତ୍ୟ ସାଧନା ଓ ଓଡିଶା ଭାଷା ସାହିତ୍ୟକୁ ତାଙ୍କ ଅବଦାନ ନେଇ ଆଲୋଚନା କରାଯାଇଥିଲା। ସ୍ୱଭାବ କବି ଗଙ୍ଗାଧରଙ୍କ ଜାତୀୟତାବୋଧ, ମାନବୀୟ ଗୁଣ ଓ ସୃଜନଶୀଳତା, ମାତୃଭାଷା ପ୍ରତି ଆଦର କେବେ ଭୁଲିବାର ନୁହେଁ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା କର, ଅପର୍ଣ୍ଣା ସାମଲ, ବାସନ୍ତୀ ସ୍ୱାଇଁ, ସୀମନ୍ତିନୀ ରାଉତ, ଅରୁଣା ନାୟକ, ଦେବେନ୍ଦ୍ର ସାହୁ, ଲୀତାଞ୍ଜଳି ସାହୁ ଓ ସାଗରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ସବିତା ବହିଆ।

## ଗୌରୀ ଲଙ୍କେଶ ସ୍ମୃତି ଦିବସ ପାଳିତ

**ରାଉରକେଲା ଅଫିସ, ୭।୯**

ଶୁକ୍ରବାର ଦାତବ୍ୟ ଟ୍ରଷ୍ଟ ତରଫରୁ ବିଶିଷ୍ଟ ସାମ୍ବାଦିକା ତଥା ସାମାଜିକ କର୍ମୀ ଗୌରୀ ଲଙ୍କେଶଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଟ୍ରଷ୍ଟି ଡ଼.ଶଶିକାନ୍ତ ଆଚାର୍ଯ୍ୟ କହିଲେ, ଗୌରୀ ଲଙ୍କେଶ ଏକାଧାରରେ ସାମ୍ବାଦିକା,ପ୍ରଗତିଶୀଳ ମହୀୟସୀ ମହିଳା ଥିଲେ। ଧର୍ମଭୀରୁମାନେ ତାଙ୍କୁ ହତ୍ୟା କରିଥିଲେ। ଜାତିପ୍ରଥା,ମହିଳା ସଶକ୍ତୀକରଣ ପାଇଁ ସେ କାମ କରୁଥିଲେ। ଆମ ସମାଜରେ ପୁରୁଷଙ୍କୁ ପ୍ରଥମ ଓ ମହିଳାଙ୍କୁ ଦ୍ୱିତୀୟ ନାଗରିକ ଭାବେ ଗଣାଯାଏ। ଏହି ଅନ୍ୟାୟ ବିରୋଧରେ ସେ ଲଢୁଥିଲେ ବୋଲି ଆଚାର୍ଯ୍ୟ କହିଥିଲେ। ଗଗନ ବିହାରୀ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୌରୀ ଲଙ୍କେଶଙ୍କୁ ଜଣେ ବିଶିଷ୍ଟ ସାମ୍ବାଦିକା ରୂପେ ବର୍ଣ୍ଣନା କରିଥିଲେ। 'ଲଙ୍କେଶ' ନାମକ ପତ୍ରିକା ତାଙ୍କ ବାପା ପ୍ରତିଷ୍ଠା କରିଥିଲେ। ଟାଇମ୍ସ ଅଫ୍ ଇଣ୍ଡିଆ ପତ୍ରିକାରେ ଚାକିରି ପାଇଥିଲେ ମଧ୍ୟ ସେ ବାପାଙ୍କ ମୃତ୍ୟୁ ପରେ ପତ୍ରିକାକୁ ଆଗକୁ ନେବା ପାଇଁ ଚାକିରି ଛାଡ଼ିଥିଲେ । ସେ କହୁଥିଲେ, ମୁଁ ଯାହା କରିପାରିବି ତାହା ନିଶ୍ଚୟ କରିବି, ଯାହା ଠିକ ମନେକରେ ତାହା ନିଶ୍ଚୟ କହିବି ବୋଲି ମୁଖ୍ୟଅତିଥି ଧଳ ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ଆର୍ତ୍ତତ୍ରାଣ ମହାପାତ୍ର ଓ ନରେନ୍ଦ୍ର ଗୋପ କହିଲେ, ଲୋକେ ନିଜର ଅନ୍ଧବିଶ୍ୱାସ ଯୋଗୁ ଡାହାଣୀ,ଗୁଣିଆ,ଭୂତପ୍ରେତ ଉପରେ ବିଶ୍ୱାସ କରିଥାନ୍ତି। ତା'ଦ୍ୱାରା ସେମାନେ ଉପକୃତ ହେବା ପରିବର୍ତ୍ତେ ଅପକାର ପାଇଥାନ୍ତି। ରୋଗ ହେଲେ ଯଦି ପ୍ରାର୍ଥନା ଦ୍ୱାରା ଲୋକେ ଭଲ ହେଉଥାନ୍ତେ ତେବେ ମଣିଷଙ୍କ ପାଇଁ ଡାକ୍ତରଙ୍କ ଆବଶ୍ୟକତା ପଡନ୍ତା ନାହିଁ ବୋଲି ଉଭୟେ ମତ ପ୍ରକାଶ କରିଥିଲେ। ସଭା ଶେଷରେ ସାମାଜିକ କର୍ମୀ ହେମନ୍ତା ତାଣ୍ଡିଆ ଧନ୍ୟବାଦ ଦେବା ସହ ନାରୀ ଶିକ୍ଷା ବିନା ସମାଜର ଅଗ୍ରଗତି ଅସମ୍ଭବ। କୌଣସି କାମକୁ ଆମେ କରିପାରିବା ନାହିଁ ବୋଲି ଭାବିବା ଉଚିତ ନୁହେଁ ବୋଲି କହିଥିଲେ। ଅନୁଷ୍ଠିତ ଏହି ଉତ୍ସବରେ ଆଶ୍ରମର ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ।



ଗୌରୀ ଲଙ୍କେଶଙ୍କ ସ୍ମୃତି ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ପଲ୍ୟୁଶନ ସାର୍ଟିଫିକେଟ ପାଇଁ ଭିଡ଼

**ରାଉରକେଲା ଅଫିସ,୭।୯**

ଗାଡି ପଲ୍ୟୁଶନ ସାର୍ଟିଫିକେଟ ନେଇ ସହରର ଏକ ପେଟ୍ରୋଲ ଟାଙ୍କିରେ ଶନିବାର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରଦୂଷଣ ନେଇ ଯାଞ୍ଚ ତ ଦୂର କଥା ପଦୁଟିଏ ସୁଦ୍ଧା ସେଠାରେ ପଚରା ଯାଉ ନ ଥିଲା। ଯାଞ୍ଚ ବି ଦରକାର ପଡୁ ନ ଥିଲା । ଆବଶ୍ୟକ ଟଙ୍କା ପ୍ରଦାନ ପରେ ଦାୟିତ୍ୱରେ ଥିବା ବ୍ୟକ୍ତି ଜଣକ ଲୋକଙ୍କ ହାତକୁ ସାର୍ଟିଫିକେଟ୍ ବଢାଇ ଦେଉଥିବା ଦେଖିବାକୁ ମିଳିଥିଲା ।



ପଲ୍ୟୁଶନ ସାର୍ଟିଫିକେଟକୁ ନେଇ ସହରର ଏକ ପେଟ୍ରୋଲ ପମ୍ପରେ ଭିଡ଼।

### ପାନପୋଷ ଭାଜପା ସଙ୍ଗଠନ ପକ୍ଷରୁ ଦାବିପତ୍ର

## ନାହାନ୍ତି ପରିବହନ ଅଧିକାରୀ

**ରାଉରକେଲା ଅଫିସ,୭।୯**

ପାନପୋଷ ସାଂଗଠନିକ ଜିଲା ଭାଜପା ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନୂଆ ପରିବହନ ନୀତି ନେଇ ରାଉରକେଲା ପରିବହନ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ଆସିଥିଲେ। ତେବେ ପରିବହନ ଅଧିକାରୀଙ୍କ ଅନୁପସ୍ଥିତି ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ତାଙ୍କ ଦାୟିତ୍ୱରେ ଥିବା ପାନପୋଷ ସବ୍‌କଲେକ୍ଟର ବିଶ୍ୱଜିତ ମହାପାତ୍ରଙ୍କ ଦେଖା ମିଳି ନ ଥିଲା। ଫଳରେ ପ୍ରତିନିଧି ମଣ୍ଡଳୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରିବହନ କାର୍ଯ୍ୟାଳୟରେ ବିଭିନ୍ନ କାଗଜ ପତ୍ର ପାଇବାକୁ ସାଧାରଣ ଜନତାଙ୍କ ଭିଡ ଲାଗି ରହିଥିଲା। ଲୋକେ ଲମ୍ବା ଲାଇନରେ ଛିଡା ହୋଇ ପାଟିତୁଣ୍ଡ କରୁଥିଲେ। ନୂଆ ନିୟମ କଡାକଡି ଲାଗୁ ପରେ ଗାଡି ଲାଇସେନ୍ସ, ଫିଟନେସ, ପରମିଟ, ଡ୍ରାଇଭିଂ ଲାଇସେନ୍ସ ଆଦି କାଗଜ ପତ୍ର ପାଇବାକୁ କାର୍ଯ୍ୟାଳୟରେ ଭିଡ ଜମାଇ ଥିଲେ। ଅନଲାଇନରେ ଆବେଦନ ପରେ ବି କାଉଣ୍ଟରରେ ଅର୍ଥ ଜମା କରିବାକୁ ଭିଡ ଜମିଥିଲା। ଏନେଇ ଆରଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଲୋକାରଣ୍ୟ ହୋଇ ପଡିଥିଲା। ରାସ୍ତା ଦୁଇ ପାର୍ଶ୍ୱରେ ବାଇକ୍ ଧାଡି ଲାଗିଥିଲା। କିନ୍ତୁ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଏହାକୁ ସୁଯୋଗ ମନେ କରି ଆରଟିଓ କାର୍ଯ୍ୟାଳୟରେ ପୂର୍ବରୁ ମଧ୍ୟସ୍ଥତା କରୁଥିବା ଦଲାଲଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥିଲା। ମଧ୍ୟସ୍ଥମାନେ ଲୋକଙ୍କ ବ୍ୟାକୁଳତା ଦେଖି ୪ରୁ ୫ଗୁଣା ଅର୍ଥ ଲୁଟିବା ଘଟଣାକୁ ପ୍ରତିନିଧି ମଣ୍ଡଳୀ ସ୍ୱଚକ୍ଷୁରେ ଦେଖିଥିଲେ। ଏପରି ଅବସ୍ଥାରେ ପ୍ରଶାସନିକ ଅଧିକାରୀଙ୍କ ନୀରବତା ପ୍ରତିନିଧି ମଣ୍ଡଳୀଙ୍କୁ ଚକିତ କରିଥିଲା। ପରେ ପ୍ରତିନିଧି ମଣ୍ଡଳୀ ଆରଟିଓ ଦାୟିତ୍ୱରେ ରହିଥିବା ପାନପୋଷ ଉପଜିଲାପାଳ ମହାପାତ୍ରଙ୍କୁ ଭେଟି ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ବିଭିନ୍ନ ଧରଣର ଗାଡି କାଗଜ ପତ୍ର ନେଇ ଅତିରିକ୍ତ କାଉଣ୍ଟର ଖୋଲିବାକୁ ଦାବି କରାଯାଇଥିଲା। ଏଥିସହ ମଧ୍ୟସ୍ଥଙ୍କ ଦାଉରୁ ଲୋକେ କିପରି ସୁରକ୍ଷିତ ରହିବେ ସେ ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ଉତ୍ତରରେ ମହାପାତ୍ର କହିଥିଲେ ପରିସ୍ଥିତି ସୁଧାର ନେଇ ଯାହା ଅବଶ୍ୟକ ପଡିବ ସେ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ। ରାଉରକେଲା ଭଳି ଏକ ବଡ ସହର ତଥା ସ୍ମାର୍ଟ ସିଟିରେ ଆରଟିଓ ଭଳି ଏକ ପୂର୍ଣ୍ଣକାଳୀନ ପଦ ଖାଲି ରହିବା ନେଇ ପ୍ରତିନିଧି ମଣ୍ଡଳୀ ପ୍ରଶ୍ନ ଉଠାଇ ଥିଲେ। କାମ ଚାପରେ ରହୁଥିବା ଉପ ଜିଲାପାଳଙ୍କ ଉପରେ ଅତିରିକ୍ତ ଦାୟିତ୍ୱ ଲଦି ଦିଆଯିବା କେତେଦୂର ସମୀଚୀନ ସେନେଇ ପ୍ରଶ୍ନ ଉଠା ଯାଇଥିଲା। ଏହାର ତର୍ଜମା କରାଯାଉ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ଭାଜପା ନେତା ତଥା ପୂର୍ବତନ ନଗରପାଳ ନୀହାର ରାୟ, ରାଜ୍ୟ ଭାଜପା ସମ୍ପାଦକ ଧୀରେନ ସେନାପତି, ତପନ ସ୍ୱାଇଁ, ଦିଲ୍ଲୀପ ଦାସ, ଭଗବାନ ରାଉତ, ଗଙ୍ଗାଧର ଦାସ, ସୁବ୍ରତ ପଟ୍ଟନାୟକ, ଶଶାଙ୍କ ଜେନା, ସରୋଜ ଦାସ, କେଦାର ମହାନ୍ତି, କୈଳାସ ରାଉତ, ଅଙ୍କୁଶ ବର୍ମା ଓ ପ୍ରବାଳ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପ୍ରତିନିଧିମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୮ ସେପ୍ଟେମ୍ବର, ୨୦୧୯



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। - ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ରାସ୍ତା ମଝିରେ ଓଲଟିଲା ଟ୍ରକ୍

ସମ୍ବଲପୁର,୭।୯(ବ୍ୟୁରୋ) ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ଗ୍ରାମ ନିକଟରେ ଶନିବାର ଭୋର୍ ସମୟରେ ଏକ କୋଇଲା ବୋଝେଇ ଟ୍ରକ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଫଳରେ ୫୫ନଂ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଧନୁପାଲି ପୋଲିସ ପହଞ୍ଚି ହାଇଡ୍ରା ଓ ଜେସିବି ସହାୟତାରେ ଟ୍ରକରୁ କୋଇଲା ଖାଲି କରିଥିଲା। ପୂର୍ବାହ୍ନ ୧୦ଟାରେ ରାସ୍ତା ଅବରୋଧ ହଟିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଓଡିଏ୫-ସି୩୮୧୨ନଂ ତାଳଚେରରୁ କୋଇଲା ନେଇ ସମ୍ବଲପୁର ଆଡ଼କୁ ଆସୁଥିବା ସମୟରେ ଭାରସାମ୍ୟ ଓଲଟି ପଡ଼ିଥିଲା। ତେବେ ଏହାର ଡ୍ରାଇଭର ଓ ହେଲପର ସୁରକ୍ଷିତ ଥିବା ପୋଲିସ କହିଛି।

### ୨୮ରେ ଜିଲା ଜୁନିୟର ଆଥଲେଟିକ ମିଟ୍

ସୁନ୍ଦରଗଡ଼, ୭।୯ (ଡି,ଏନ୍,ଏ) -ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଚଳିତ ମାସ ୨୮ ଓ ୨୯ରେ ୧୪ବର୍ଷରୁ କମ୍ ଓ ୧୬ବର୍ଷରୁ କମ୍ ଜୁନିୟର (ବାଳିକା ଓ ବାଳକ )ଙ୍କର ଆଥଲେଟିକ ମିଟ୍ ଅନୁଷ୍ଠିତ ହେବ। ଆଗ୍ରହୀ ଖେଳାଳିମାନେ ଆସନ୍ତା ୨୦ ତାରିଖ ମଧ୍ୟରେ ନିଜର ଜନ୍ମତାରିଖ ପ୍ରମାଣପତ୍ର, ଆଧାରକାର୍ଡ ଦାଖଲ କରି ନିଜର ନାମ ପଞ୍ଜିକରଣ କରି ଏହି ଆଥଲେଟିକ ମିଟରେ ଭାଗ ନେଇପାରିବେ ବୋଲି ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚିତ କରାଯାଇଛି । ୧୪ବର୍ଷରୁ କମ୍ ପ୍ରତିଯୋଗୀ ମାନଙ୍କର ଜନ୍ମ ତାରିଖ ୪।୧୨।୨୦୦୫ରୁ ୩।୧୨।୨୦୦୭ ମଧ୍ୟରେ ଓ ୧୬ବର୍ଷରୁ କମ୍ ପ୍ରତିଯୋଗୀମାନଙ୍କ ଜନ୍ମ ତାରିଖ ୪।୧୨।୨୦୦୩ ରୁ ୩।୧୨ ।୨୦୦୫ ମଧ୍ୟରେ ହେବା ଆବଶ୍ୟକ ।ଏହି ଆଥଲେଟିକ୍ ମିଟରୁ ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ଜାତୀୟ ଆନ୍ତଃ ଜିଲା ଦୌଡକୁଦ ପ୍ରତିଯୋଗିତାରେ ଭାଗ ନେବେ। ସବିଶେଷ ତଥ୍ୟ ଜାଣିବା ସକାଶେ ଖେଳାଳିମାନେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଓ ଆଥଲେଟିକ ସମ୍ପାଦକ ଅଜୟ ବହିଦାରଙ୍କ ସହିତ ଯୋଗା ଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପ୍ରଦୂଷଣ ସାର୍ଟିଫିକେଟ ପାଇଁ ବେଆଇନ ଅର୍ଥ ଅସୁଲ

- ଟେଷ୍ଟ ଏଜେନ୍ସିର ସ୍ୱୀକାର
- ଆର୍‌ଟିଓଙ୍କ ତାଗିଦ

ଝାରସୁଗୁଡା ଅଫିସ/ଲଖନପୁର, ୭।୯ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ନୂଆ ମୋଟରଯାନ ଆଇନ ଲାଗୁ ହେବା ପରେ ପୋଲିସ ପକ୍ଷରୁ ଗାଡ଼ିମଟର ଯାଞ୍ଚ କଡ଼ାକଡ଼ି କରାଯାଇଛି। ଲୋକେ ଆଇନ ଉଲ୍ଲଂଘନ କରି ଧରାପଡ଼ିଲେ ମାତ୍ରାଧିକ ଜରିମାନା ଦେବାକୁ ପଡୁଛି। ଫଳରେ ଗାଡ଼ି ଚାଳକମାନେ ବିନା କାଗଜପତ୍ରରେ ବାହାରକୁ ଗାଡ଼ି ବାହାର କରିବା ପାଇଁ ଉଚିତ ମଣୁନାହାନ୍ତି। ଏଥିପାଇଁ ଲୋକେ ଗାଡ଼ି ପଞ୍ଜୀକରଣ, ପ୍ରଦୂଷଣ ସାର୍ଟିଫିକେଟ, ଡ୍ରାଇଭିଂ ଲାଇସେନ୍ସ ଆଦି ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ତେଣୁ ଆର୍‌ଟିଓ କାର୍ଯ୍ୟାଳୟ, ପ୍ରଦୂଷଣ ଟେଷ୍ଟ ଏଜେନ୍ସି, ଇନ୍ସ୍ୟୁରାନ୍ସ ଏଜେଣ୍ଟଙ୍କ ନିକଟରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି। ଏହାର ସୁଯୋଗ ନେଇ ଆର୍‌ଟିଓ କାର୍ଯ୍ୟାଳୟରୁ ଆରମ୍ଭ କରି ବିଭିନ୍ନ ଏଜେନ୍ସି ଓ ଏଜେଣ୍ଟମାନେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ବିଶେଷକରି ପ୍ରଦୂଷଣ ଟେଷ୍ଟ ଏଜେନ୍ସିଗୁଡ଼ିକ ଲୋକଙ୍କଠାରୁ ବେଆଇନ ଭାବେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରୁ ଅଧିକ ଅର୍ଥ ସଂଗ୍ରହ କରୁଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ଜିଲାର କେତେଜଣ ଗାଡ଼ି ମାଲିକ। ଗାଡ଼ି ପ୍ରଦୂଷଣ ସାର୍ଟିଫିକେଟ ପ୍ରଦାନ ପାଇଁ ଆର୍‌ଟିଓ କାର୍ଯ୍ୟାଳୟ ସମ୍ମୁଖରେ ରଚନା ପ୍ରଦୂଷଣ ଟେଷ୍ଟ ଓ ଶ୍ରୀଗଣେଶ ପ୍ରଦୂଷଣ ଟେଷ୍ଟ ନାମକ ୨ ଘରେଇ ଏଜେନ୍ସି ରହିଛି। ବାଇକ୍ ପ୍ରଦୂଷଣ ଟେଷ୍ଟ ପାଇଁ ୪୦ ଟଙ୍କା, କାର ଭଳି ହାଲୁକା ଯାନ ପାଇଁ ୬୦ ଟଙ୍କା ଓ ବସ, ଟ୍ରକ ଆଦି ଭାରୀଯାନ ପାଇଁ ୧୦୦ ଟଙ୍କା ନେବାକୁ ସରକାରୀ ଭାବେ ନିର୍ଦ୍ଧାରଣ ହୋଇଥିବା ବେଳେ ଏଜେନ୍ସିଗୁଡ଼ିକ ଦୁଇଗୁଣରୁ ବି ଅଧିକ ନେଉଥିବା ଅଭିଯୋଗ ହେଉଛି। ବାଇକ୍ ପାଇଁ ୮୦ରୁ ଶହେ ଟଙ୍କା, ହାଲୁକା ଯାନ ପାଇଁ ଦେଢ଼ଶହରୁ ୨ଶହ ଟଙ୍କା ଓ ଭାରୀଯାନରୁ ୩ଶହରୁ ୪ଶହ ଟଙ୍କା ନେଉଥିବା ଗାଡ଼ି ମାଲିକମାନେ ଅଭିଯୋଗ କରିଛନ୍ତି। ସେହିପରି ଏଜେନ୍ସି ଦ୍ୱୟ ଗାଡ଼ିର ପ୍ରଦୂଷଣ ଟେଷ୍ଟ ନ କରି ସିଧାସଳଖ ସାର୍ଟିଫିକେଟ ପ୍ରଦାନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ଗାଡ଼ିମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଇନଜୀବୀ ନିରଞ୍ଜନ ବିଶ୍ୱାଳ ଓ ପ୍ରଶାନ୍ତ ମାଝି ପ୍ରମୁଖ ଶନିବାର ପ୍ରଦୂଷଣ ଟେଷ୍ଟ ପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟ ପଚାରିଥିଲେ। ପରେ ଜଣାପଡ଼ିଥିଲା ଯେ ବେଆଇନଭାବେ ଅଧିକ ଅର୍ଥ ନିଆଯାଉଛି। ଆଇନଜୀବୀ ବିଶ୍ୱାଳଙ୍କ ସହ କେତେଜଣ ଗାଡ଼ିମାଲିକ ଏ ସମ୍ପର୍କରେ ଆର୍‌ଟିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆର୍‌ଟିଓ ସିଦ୍ଧେଶ୍ୱର ନାୟକ ଉଭୟ ଏଜେନ୍ସି କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟାଳୟକୁ ଡକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଏହାକୁ ଉଭୟ ଏଜେନ୍ସି କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ। ସରକାରୀ ଧାର୍ଯ୍ୟ ମୂଲ୍ୟରୁ ଅଧିକ ନ ନେବା ପାଇଁ ଆର୍‌ଟିଓ ସେମାନଙ୍କୁ ତାଗିଦ କରିଥିଲେ। ସରକାରୀ ଧାର୍ଯ୍ୟ ମୂଲ୍ୟର ଏକ ତାଲିକା ନିଜ କାର୍ଯ୍ୟାଳୟରେ ଲଗାଇବା ପାଇଁ ଆର୍‌ଟିଓ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ରଚନା ପ୍ରଦୂଷଣ ଟେଷ୍ଟ ଏଜେନ୍ସି ମାଲିକ ବିଶାଳ ଜୟସ୍ୱାଲ କହିଛନ୍ତି, ତାଙ୍କୁ ଏକ କମ୍ପାନୀ ପ୍ରଦୂଷଣ ଟେଷ୍ଟ ପାଇଁ ମେଶିନ ପ୍ରଦାନ କରିଥିଲେ। ସେ ସମୟରେ କମ୍ପାନୀ କହିଥିଲା ପୂର୍ବ ସରକାରୀ ମୂଲ୍ୟର ୨ ଗୁଣ ନେବା ପାଇଁ। ସେହି ହିସାବରେ ଅଧିକ ନେଉଛୁ ବୋଲି ସେ ସ୍ୱୀକାର କରିଛନ୍ତି। ସେହିପରି ଶ୍ରୀଗଣେଶ ଏଜେନ୍ସି ମାଲିକ ରାଜେନ୍ଦ୍ର ପ୍ରସାଦ ସିଂହ କହିଛନ୍ତି, ସରକାରୀ ଧାର୍ଯ୍ୟ ମୂଲ୍ୟ ହିସାବରେ ନିଆଯାଉଛି, ଅଧିକ ନିଆଯାଉ ନାହିଁ ବୋଲି ସେ କହିଛନ୍ତି। ଆର୍‌ଟିଓ ନାୟକ କହିଛନ୍ତି ରାଜ୍ୟ ପରିବହନ ବିଭାଗ ପ୍ରଦୂଷଣ ଟେଷ୍ଟ ପାଇଁ ଅନୁମତି ଦେଇ ସରକାରୀ ଧାର୍ଯ୍ୟ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥିରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କିଛି ଭୂମିକା ନାହିଁ ବୋଲି ସେ ସଫେଇ ଦେଇଛନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଗାଡ଼ି ମାଲିକମାନେ ଦାବି କରିଛନ୍ତି।




ଶ୍ରୀଗଣେଶ ପ୍ରଦୂଷଣ ଟେଷ୍ଟିଂ ଏଜେନ୍ସିର ମୋବାଇଲ ଭ୍ୟାନ।

### ଘରେ ପଶିଲା ପାଣି, ରାସ୍ତାରେ ଖଇରାପଡ଼ାବାସୀ

ସମ୍ବଲପୁର,୭।୯(ବ୍ୟୁରୋ)

ପ୍ରବଳ ବର୍ଷାରେ ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ ଖଇରାପଡ଼ାର ପ୍ରାୟ ୮ ଘରେ ପାଣି ପଶିଛି। ଫଳରେ ସେମାନଙ୍କ ଖାଇବା ଓ ଅନ୍ୟ ସାମଗ୍ରୀ ଭାସିଯାଇଛି। ଏହାର ପ୍ରତିବାଦରେ ସେମାନେ ଜାତୀୟ ରାଜପଥକୁ ଓହ୍ଲାଇଥିଲେ। ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ସେମାନେ ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସ୍ଥାନୀୟ ବିଜେଡି ନେତା ପ୍ରଦୀପ ପରିଡ଼ା ଓ ସୁଶୀଲ ବେହେରା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ତହସିଲଦାର ସୁକାନ୍ତ ନାଏକ ଆସି ପ୍ରଭାବିତଙ୍କ ସହ ଆଲୋଚନା କରି ଖାଦ୍ୟପେୟ ଓ ରହିବା ବ୍ୟବସ୍ଥା କରିଥିଲେ। ସ୍ଥାନୀୟ ପାହାଡ଼ରୁ ପାଣି ଆସି ଲୋକଙ୍କ ଘରେ ପଶୁଛି। ଗତବର୍ଷ ମଧ୍ୟ ଏଭଳି ହୋଇଥିଲା। ପଡ଼ାରେ ପ୍ରାୟ ୨୦ ପରିବାର ଅଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଘରେ ପାଣି ପଶି ଘର ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏକମାତ୍ର ନଳକୂପ ପାଣିରେ ବୁଡ଼ି ରହିଛି। ଫଳରେ ଲୋକେ ଖାଦ୍ୟ ଓ ପାଣି ପାଇଁ ହଇରାଣ ହେଉଥିବା ଅଭିଯୋଗ ହୋଇଛି।

# ତେଜିଲା ରାଠି ଷ୍ଟିଲ୍ ଶ୍ରମିକଙ୍କ ଆନ୍ଦୋଳନ

ସମ୍ବଲପୁର,୭।୯(ବ୍ୟୁରୋ)

ଦୀର୍ଘଦିନ ବନ୍ଦ ହେବା ପରେ ଗତ କିଛିଦିନ ହେବ ସମ୍ବଲପୁର ରାଠି ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକମାନେ ପୁନଃ ନିଯୁକ୍ତି ଓ ବକେୟା ଦରମା ପାଇଁ ଦୀର୍ଘ ୨ ମାସ ହେବ ଦାବି କରି ଆସୁଛନ୍ତି। ହେଲେ କମ୍ପାନୀ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିବାଦର ସମାଧାନ ପାଇଁ କମ୍ପାନୀ, ଶ୍ରମିକ ଓ ଶ୍ରମ ଅଧିକାରୀଙ୍କୁ ନେଇ ଶନିବାର ତ୍ରିପାକ୍ଷିକ ଆଲୋଚନା ହେବାକୁ ସ୍ଥିର କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଆସି ନ ଥିଲେ। ଏହାକୁ ନେଇ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶ୍ରମିକମାନେ ଅପରାହ୍ନ ୪ଟାରୁ ହୋହାଲ୍ଲା କରିଥିଲେ। ଜିଲା ଶ୍ରମ ଆୟୁକ୍ତ ହୁଟୁଟ ଲୁଗୁନଙ୍କୁ ଘେରାଉ କରିଥିଲେ। ପରେ ଘଟଣାସ୍ଥଳରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ପହଞ୍ଚି ଆଲୋଚନା କରିଥିଲେ। ଶ୍ରମିକମାନଙ୍କ ଦାବି ପୂରଣ କରାଯାଉ ବୋଲି ଲୁଗୁନଙ୍କ ନିକଟରେ ବିଧାୟକ ଦାବି କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ ବଡ଼ କମ୍ପାନୀଗୁଡ଼ିକ ରହିଛି। ହେଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନାହିଁ। ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ଶୋଷଣ କରାଯାଉଛି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ସେ କହିଥିଲେ। ରାତି ୮ଟାରେ ଧନୁପାଲି ଥାନା ଅଧିକାରୀ କମଳଲୋଚନ ପଣ୍ଡାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚିଥିଲେ। ଶେଷରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଫୋନ ଯୋଗେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୧୮ ଅପରାହ୍ନ ସାଢ଼େ ୩ଟାରେ ବୈଠକ ହେବାକୁ ସ୍ଥିର କରାଯାଇଛି। ରାତି ୮ଟା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ବକେୟା ଦରମା ନ ଦେଇ କମ୍ପାନୀ ଚାକିରିରୁ ତଡ଼ି ଦେଇଥିଲା। ହେଲେ ପୁରୁଣା କର୍ମଚାରୀଙ୍କୁ ବାଦ୍ ଦେଇ ନୂଆ କର୍ମଚାରୀଙ୍କୁ ନିଯୁକ୍ତ କରୁଛି। ତେଣୁ ତ୍ରିପାକ୍ଷିକ ଆଲୋଚନା କରାଯାଇ ଏହାର ସମାଧାନ କରାଯାଉ ବୋଲି ଦାବି ହୋଇଛି। ଏହି ଅବସରରେ ଶ୍ରମିକ ସଂଗଠନ ସଭାପତି ସୁଶାନ୍ତ କୁମାର ବିଶୋଇ, ସାଧାରଣ ସମ୍ପାଦକ ତୁଫାନ କୁମାର ପଲେଇ, ଲଳିତେନ୍ଦୁ ମହାନ୍ତି, ବିନୋଦ କୁମାର ପ୍ରଧାନ, ରମଣୀରଞ୍ଜନ ବଡ଼େଇ, ଲବ ବଗର୍ତ୍ତି, ଧୀରେନ ନାଗ, ହିମାଂଶୁ ଶେଖର ମହାନ୍ତି, ମିଡିଆ ପ୍ରଭାରୀ ମାନସ ବକ୍ସି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଶ୍ରମ ଆୟୁକ୍ତ ଲୁଗୁନ କହିଛନ୍ତି ଯେ ରାଠି ଷ୍ଟିଲ ପୁନଃ କାର୍ଯ୍ୟକ୍ଷମ ହେବାକୁ ନେଇ ଶ୍ରମ ବିଭାଗ ପାଖରେ କୌଣସି ଖବର ନାହିଁ। କାର୍ଯ୍ୟକ୍ଷମ ହେଲେ ବିଭାଗକୁ ଜଣାଇବା ନିୟମ ରହିଛି। ଏ ଦିଗରେ ପଦକ୍ଷେପ ନିଆଯିବ। କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି। ଶ୍ରମିକମାନଙ୍କୁ ନେଇ ଏକ ବୈଠକ କରାଯିବ ବୋଲି ଶ୍ରମ ଆୟୁକ୍ତ କହିଛନ୍ତି।



ଜିଲା ଶ୍ରମ ଆୟୁକ୍ତ ଅଫିସରେ ରାଠି ଷ୍ଟିଲରେ ପୂର୍ବରୁ କାମ କରୁଥିବା ଶ୍ରମିକମାନେ ଆଲୋଚନା କରୁଛନ୍ତି।

# ବି.ଆର୍. ହାଇସ୍କୁଲରେ ଟିକାକରଣ



ଜଣେ ସ୍ୱାସ୍ଥ୍ୟକର୍ମୀ ଛାତ୍ରୀଛାତ୍ରଙ୍କୁ ଟିକା ଦେଉଛନ୍ତି।

ବେଲପାହାଡ଼,୭।୯ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବି.ଆର୍. ଉଚ୍ଚ ବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ରଙ୍କୁ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍କୁଲର ପ୍ରାୟ ୨୦୦ ଛାତ୍ରୀଛାତ୍ରଙ୍କୁ ଟିଟି ଓ ଡିପ୍‌ଥେରିଆ ରୋଗ ପ୍ରତିଷେଧକ ଟିକା ପ୍ରଦାନ କରାଯାଇଥିଲା। ଏଥିସହ ସ୍ଥାନୀୟ ଜୀବନବୀମା ଶାଖା କାର୍ଯ୍ୟାଳୟ ପକ୍ଷରୁ ଗତ ବାର୍ଷିକ ପରୀକ୍ଷାରେ ବିଭିନ୍ନ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ସ୍ମିତାରାଣୀ ଭଞ୍ଜଦେଓ, ବିବେକ ସା, ସ୍ୱାଗତିକା ସ୍ୱାଇଁ, ଜାଗୃତ ପ୍ରଧାନ ଓ ରାଜଶ୍ରୀ ସାବତଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ ଓ ଜୀବନବୀମା ନିଗମ କାର୍ଯ୍ୟାଳୟ ଶାଖା ପ୍ରବନ୍ଧକ ସନ୍ତସେବକ ସାହୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

- ଢାବାରେ ପୋଲିସ ଚଢ଼ାଉ

# ବିପୁଳ ମଦ ଜବତ, ଜଣେ ଗିରଫ

କୋଲାବିରା,୭।୯(ଡି.ଏନ୍.ଏ.)

କୋଲାବିରା ପୋଲିସ ପତ୍ରାପାଲି ଛକରେ ଥିବା ଜିତୁ ଢାବାରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଢାବାର ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ ତପନ ପ୍ରଧାନ (୪୦)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରିଛି। ଚଢ଼ାଉ ସୂଚନା ପାଇ ଢାବାରେ ଥିବା ଗ୍ରାହକ ଏବଂ ମାଲିକ ଫେରାର ହୋଇଯାଇଥିଲେ।
ଝାରସୁଗୁଡ଼ାରୁ କୋଲାବିରା ଦେଇ କୁଚିଣ୍ଡାକୁ ଯାଇଥିବା ୪୯ନଂ ଜାତୀୟ ରାଜପଥର ଉଭୟ ପଶ୍ୱରେ ଥିବା ଅଧିକାଂଶ ଢାବାରେ ଅବାଧରେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ତେବେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା। ନିଶା ସେବାନ କରି ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟୁଛି। ମାଲ ମାଲ ଟ୍ରକ ଢାବା ସାମନାରେ ଦୀର୍ଘ ସମୟ ଠିଆହୋଇ ରହିବା ଫଳରେ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବାମଦେବ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଢାବାରେ ଚଢ଼ାଉ କରିଥିଲେ। ପୋଲିସ ପକ୍ଷରୁ ନିୟମିତ ଏପରି ଚଢ଼ାଉ ଜାରି ରହିଲେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ରହିବ ଅନ୍ୟଥା ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି।

# ନୂଆ ଡିହି ଟୋଲ୍ ଗେଟ୍ ଖୋଲିଲେ ଆନ୍ଦୋଳନ

ବ୍ରଜରାଜନଗର,୭।୯(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥର ନୂଆଡିହିଠାରେ ପ୍ରସ୍ତାବିତ ଟୋଲ୍ ଆଦାୟକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଏ ନେଇ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘର ପୂର୍ବତନ ସଭାପତି ଦେବପ୍ରସାଦ ଦାଶ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ବିଧାୟକ ଓ ଏମ୍‌ପିଙ୍କୁ ମଧ୍ୟ ଜଣାଇଛନ୍ତି। ପ୍ରସ୍ତାବିତ ଟୋଲ ଗେଟ ସରକାରଙ୍କ ଗାଇଡ୍ ଲାଇନ ବାହାରେ ଯାଉଛି। ଉକ୍ତ ରାସ୍ତା ବ୍ରଜରାଜନଗର ପୌରାଞ୍ଚଳରେ ଯାଉଛି। ପୌରାଞ୍ଚଳ ଭିତରେ ଟୋଲ ଗେଟ ରହିବା କଥା ନୁହେଁ। ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହେଉଛି। ଗେଟଠାରୁ ୧ କିଲୋମିଟର ଦୂରରେ ଇବ୍ ସେତୁ ଯାହା ୫୦ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। ଏହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦ୍ୱିତୀୟ ସେତୁ ନିର୍ମାଣ ଦାବି ହୋଇ ଆସୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ହୋଇନାହିଁ। ବ୍ରଜରାଜନଗର ଅଞ୍ଚଳରେ ଏପର୍ଯ୍ୟନ୍ତ କୋଲ୍ କରିଡର ନିର୍ମାଣ ହୋଇପାରିଲା ନାହିଁ। ଟୋଲ ଗେଟ ପାଖରେ ପାଦ ଚଲା ରାସ୍ତା ମଧ୍ୟ ନାହିଁ। ଯାହାକି ପ୍ରତ୍ୟେକ ମୁହୂର୍ତ୍ତରେ ବିପଦ ସୃଷ୍ଟି କରି ଧନଜୀବନ ହାନି କରୁଛି। ଏଠାରେ ଟୋଲ ଗେଟ କାହା ସ୍ୱାର୍ଥରେ ନିର୍ମାଣ କରାଯାଉଛି। ଗାଡ଼ି ମାଲିକଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରି ଟୋଲ ଆଦାୟ କରନ୍ତୁ ନଚେତ୍ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ବ୍ରଜରାଜନଗରରୁ କୋଇଲା ଗାଡ଼ି ବାହାରିଲେ ଆନ୍ୟୁନ ୩ଟି ଟୋଲ ଗେଟ ରାଉରକେଲା ଓ ବରଗଡ଼କୁ ପଡୁଛି। ଜଣେ ଗାଡ଼ି ମାଲିକ ଭଡ଼ା ବାବଦ କେତେଟଙ୍କା ପାଇବେ ଆଉ ୩ ଟୋଲ ଗେଟରେ କେତେ ଦେବେ, ଆଉ ପରିବାର ପ୍ରତିପୋଷଣ କିପରି କରିବେ ସେ ବିଷୟରେ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ଦାଶ କହିଛନ୍ତି।

## ନୂଆ ପରିବହନ ନୀତିକୁ ନେଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ କ୍ଷୁବ୍ଧ

# ଅଘୋଷିତ କର୍ଫ୍ୟୁ ସ୍ଥିତି ସୃଷ୍ଟି କରା ନ ଯାଉ

ରାଉରକେଲା ଅଫିସ,୭।୯

କେନ୍ଦ୍ର ସରକାରଙ୍କ ଦ୍ୱାରା ନୂଆ ପରିବହନ ନୀତିକୁ ନେଇ ସହରରେ ଅଘୋଷିତ କର୍ଫ୍ୟୁ ଘୋଷଣ ପରିସ୍ଥିତି ସୃଷ୍ଟି ନ କରିବାକୁ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଦାବି କରିଛନ୍ତି। ତାଙ୍କ କହିବାନୁସାରେ ଗାଡି ଚାଳନା ଓ ଟ୍ରାଫିକ ନିୟମ କ୍ଷେତ୍ରରେ ଶୃଙ୍ଖଳା ଅଣିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏହା ଏମିତି ହେବା ଉଚିତ ନୁହେଁ ଯାହା ଲୋକଙ୍କୁ ଆଖିରୁ ନିଦ ହଜାଇ ଦେବ। ଏବେ ଦେଶରେ ପରିବହନ ଆଇନକୁ ନେଇ ଯେଉଁ ଆବସ୍ଥା ସୃଷ୍ଟି ହୋଇଛି ତାହା ପୂର୍ବରୁ କେବେ ଦେଖା ଯାଇ ନ ଥିଲା। ପ୍ରତ୍ୟକ କଥାର ଗୋଟେ ସୀମା ରହିଛି। ଉଲ୍ଲଂଘନ ହେଲେ ଏହାକୁ କେହି ଗ୍ରହଣ କରିବେ ନାହିଁ। ଅବସ୍ଥା ଏବେ ସେମିତି ହୋଇଛି। ଯାହା ଏକ ଗଣତନ୍ତ୍ର ରାଷ୍ଟ୍ର ନିମନ୍ତେ ଶୁଭଙ୍କର ନୁହେଁ ବୋଲି ମହପାତ୍ର ପ୍ରକାଶ କରିଛନ୍ତି। ମୁଣ୍ଡରେ ହେଲମେଟ ହେଉ କି ଗାଡି କାଗଜ ପତ୍ର ଏହାକୁ ଅନିବାର୍ଯ୍ୟ କରାଯାଉ। କିନ୍ତୁ ଏହି ଆଳରେ ସାଧାରଣ ଲୋକଙ୍କ ଉପରେ ଜୁଲମ କରାଯିବା କେନ୍ଦ୍ର ସରକାରଙ୍କ ଉପରେ ମହଙ୍ଗା ପଡିବ। ଗାଡି କାଗଜ ପତ୍ର ଯାଞ୍ଚ ଆଳରେ ଯେମିତି କୋକୁଆ ଭୟ ସୃଷ୍ଟ କରାଯାଉଛି ତାହା ଦେଖିଲେ କଲେଜ ଛାତ୍ରୀଛାତ୍ର ପଦାକୁ ବାହାରିବାକୁ ଭୟ କରୁଛନ୍ତି। ବ୍ୟବସ୍ଥା ଯଦି ଶୃଙ୍ଖଳିତ ହେବ ତାହାକୁ କେହି ବାଧା ଦେବେ ନାହିଁ। ଏହା ଯଦି ଅବ୍ୟବସ୍ଥାରେ ପରିବର୍ତ୍ତିତ ହୁଏ ତାହା ହେଲେ ଲୋକେ ବରଦାସ୍ତ କରିବେନି ବୋଲି ମହାପାତ୍ର ପ୍ରକାଶ କରିଛନ୍ତି। ଅନ୍ତତଃ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଯୁବ ସଂଘ ରାଜ୍ୟ ସଭାପତି ସଦାନନ୍ଦ ସାହୁ କହିଛନ୍ତି ଯେ, ସରକାର ବ୍ରିଟିଶ ଶାସନ ବ୍ୟବସ୍ଥା ଭଳି ଆଚରଣ କରୁଛନ୍ତି। ସଂଗେ ସଂଗେ ଘୋଷଣା କରି ଲାଗୁ କରିବା କେଉଁ ବୁଦ୍ଧିମତାର ପରିଚୟ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବାଇକ ଚାଳକ ପେଟ୍ରୋଲ ପକାଇବା ସମୟରେ ହେଲମେଟ ଅନିବାର୍ଯ୍ୟ ଠିକ କଥା। ସେହିଭଳି ଗାଡି କିଣିବା ସମରେ ସରକାର ଆବଶ୍ୟକୀୟ କାଗଜ ପତ୍ର ବାବାଦକୁ ଅର୍ଥ ଆଦାୟ ନ କରି ରାସ୍ତାଘାଟରେ କାହିଁକ ପ୍ରହସନ କରୁଛନ୍ତି ବୋଲି ସାହୁ ପ୍ରଶ୍ନ ଉଠାଇଛନ୍ତି। ଏଣୁ ଏହି ଆଇନ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିଭଳି ସମାଜିକ କର୍ମୀ ବିଷ୍ଣୁ ପଣ୍ଡାଙ୍କ କହିବାନୁସାରେ ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ ଜୋର ଜବରଦସ୍ତ ଆଇନକୁ ଲଦି ଦିଆଯିବା ଅନୁଚିତ। ଭିତ୍ତିଭୂମି ଓ ଶୃଙ୍ଖଳା ଭିତରେ ଆଇନ ପାଳନ କରାଯାଉ। ଦେଶର ୮୦ ପ୍ରତିଶତ ଜନତାଙ୍କ ସାଧାରଣ ସମସ୍ୟା ସମାଧାନ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ଏଭଳି ଏକ ଆଇନ ଲାଗୁ କରି ଲୋକଙ୍କ ନଜରକୁ ଅନ୍ୟ ଦିଗକୁ ନେବାକୁ ଚେଷ୍ଟା କରିଛନ୍ତି ଏହା ଜଳ ଜଳ ଦିଶୁଛି ବୋଲି ପଣ୍ଡା କହିଛନ୍ତି। ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି କହିଛନ୍ତି ଯେ, ନୂଆ ପରିବହ ଆଇନ ଦେଶରେ ଫତୁଆ ଜାରି କଲା ଭଳି ଅବସ୍ଥା ସୃଷ୍ଟି କରିଛି। ସରକାର ଲୋକଙ୍କ ସମସ୍ୟା ତଥା ଆର୍ଥିକ ଅବସ୍ଥାକୁ ବିଚାରକୁ ନ ନେଇ ଏଭଳି ବୋଝ ଦେବ ଅନୁଚିତ। ଏ ନେଇ ରାଉରକେଲା ସଚେତନ ନାଗରିକ ମଞ୍ଚର ସାଧାରଣ ସଂପାଦକ ପିପି ରାୟଙ୍କ ମତ ହେଲା ଟ୍ରାଫିକ ହେଉ ବା ପରିବହନ ହେଉ ଶୃଙ୍ଖଳା ନିହାତି ଦରକାର। ତେବେ ଅନ୍ଧକାନୁନ ଭଳି ରାତି ଅଧିଆ ଏହାକୁ ସାଧାରଣ ଲୋକଙ୍କ ଉପରେ ଲଦି ଦିଆଯିବା ଆନୁଚିତ। ସଚେତନତା କରାଯିବା ସହ ଏ ନେଇ ସମୟ ଦିଆଯିବା ଆବଶ୍ୟକ। ଏ ନେଇ ସାମାଜିକ କର୍ମୀ ମିନତୀ ଦେବତାଙ୍କ ମତ ହେଲା ପ୍ରଥମେ ସରକାର ସଚେତନତା ସୃଷ୍ଟି କରନ୍ତୁ। ଏଥିସହ ଭିତିଭୂମି ସୁଦୃଢ କରାଯାଉ। ଆଗ୍ରହୀ ଚାଳକଙ୍କୁ କାଗଜ ପତ୍ର ଯୋଗାଇ ଦେବାକୁ କାର୍ଯ୍ୟାଳୟରେ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତ କରାଯାଉ। ରାସ୍ତାରୁ ଗୋ ମଇଁଷି ହଟାଯିବା ସହ ଅନୁକୂଳ ଯାତାୟତ ବ୍ୟବସ୍ଥା କରାଯାଉ। ତାପରେ ସରକାର ଜରିମାନା ଆଦାୟ କେଲେ ଆପତ୍ତି ରହିବ ନାହିଁ ବୋଲି ଦେବତା କହିଛନ୍ତି। ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ କହିଛନ୍ତି ପ୍ରଥମେ ବିଭିନ୍ନ ଛକରେ ସୂଚନା ଫଳକ ଲଗାଯାଉ। ପ୍ରଚାର ପତ୍ର ବଣ୍ଟାଯାଉ। ବିଭାଗୀୟ କାର୍ଯ୍ୟାଳୟରେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତ କରାଯାଉ। ଗାଡି ଚାଳକଙ୍କୁ କାଗଜ ପତ୍ର ପ୍ରସ୍ତୁତ କରିବାକୁ ସୁଯୋଗ ଦିଆଯାଉ। ଅନ୍ୟଥା ଆଗକୁ ପାର୍ବଣ ଋତୁ ଆସୁଛି। ଛକ ବଜାରରେ ଚେକିଂ ବଡ ସମସ୍ୟା ସୃଷ୍ଟି କରିବ। ଏହାକୁ ନେଇ ଜନ ଅସନ୍ତୋଷ ବ୍ୟାପିବ।




ରାଉରକେଲାରେ ପରିବହନ ବିଭାଗ ଅଧିକାରୀ ଓ କର୍ମଚାରୀ ଗାଡ଼ି ମୋଟର ଚେକିଂ ପାଇଁ ରାସ୍ତାରେ ଜଗି ରହିଛନ୍ତି।